# ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୨ ଫେବୃୟାରୀ, ୨୦୨୦ | (୨୦ ପୃଷ୍ଠା + ଛୁଟିଦିନ) | Dhenkanal, Sunday, 2 February, 2020 | ★★★★★

୧୫ଶ ଭାଗ ୩୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଚର୍ଚ୍ଚାରେ ଅଲାୟା ଫର୍ନିଚରୱାଲା**

ଫିଲ୍ମ 'ଜୱାନୀ ଜାନେମନ'ରୁ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି ଅଲାୟା ଫର୍ନିଚରୱାଲା। ସେ ବି-ଟାଉନ୍‌ରେ ନିଜ ଗ୍ଲାମରସ୍ ଅବତାର ପାଇଁ ସମସ୍ତଙ୍କ ଧ୍ୟାନଆକର୍ଷଣ କରିଛନ୍ତି। ୧୭

୧୮ **କେନିନଙ୍କୁ ଗ୍ରାଣ୍ଡସ୍ଲାମ ଟାଇଟଲ**

ଆମେରିକାର ସୋଫିଆ କେନିନ ଅଷ୍ଟ୍ରେଲିଆନ ଓପନ ଟେନିସରେ ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।



# ନିର୍ମଳା କଲେ ନିରାଶ




ନୂଆଦିଲ୍ଲୀ,୧।୨

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ନରେନ୍ଦ୍ର ମୋଦି ସରକାରଙ୍କ ଏହା ହେଉଛି ଦ୍ୱିତୀୟ ବଜେଟ। ୩୦ ଲକ୍ଷ ୪୨ ହଜାର ୨୩୦ କୋଟି ଟଙ୍କାର ବଜେଟ ୩ଟି ବିନ୍ଦୁ ଯଥା-ଆକାଂକ୍ଷୀ ଭାରତ, ଅର୍ଥନୈତିକ ବିକାଶ ଏବଂ ପ୍ରଯତ୍ନଶୀଳ ସମାଜ ଉପରେ କେନ୍ଦ୍ରିତ ହୋଇଛି। ଭାରତ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏଥିରେ ସୁଧାର ଆଣିବା ଲାଗି କେନ୍ଦ୍ର ସରକାର ବଜେଟରେ କିଛି ସ୍ୱତନ୍ତ୍ର ଘୋଷଣା କରିବେ ବୋଲି ଆଶା କରାଯାଉଥିଲା। ନିଯୁକ୍ତି ସୃଷ୍ଟି, ବଜାର ବ୍ୟବସ୍ଥାରେ ସୁଧାର, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସଂସ୍କାର, ଚାହିଦା, ନିବେଶକଙ୍କୁ ଆକୃଷ୍ଟ କରିବାରେ ବଜେଟରେ ଗୁରୁତ୍ୱ ଦିଆଯିବ ବୋଲି ଯେଉଁ ଅନୁମାନ କରାଯାଉଥିଲା ତାହା ଦେଖିବାକୁ ମିଳିନାହିଁ। ଫଳରେ ଦେଶର ବିଭିନ୍ନ ବର୍ଗର ଲୋକ ନିର୍ମଳାଙ୍କ ବଜେଟରୁ ନିରାଶ ହୋଇଛନ୍ତି। ଚଳିତ ବଜେଟରେ ଯେଉଁସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ବ୍ୟୟବରାଦ କରାଯାଇଛି, ତାହା ଟ୍ରାକ୍ ବାହାରକୁ ଚାଲିଯାଇଥିବା ଅର୍ଥନୀତିକୁ ବାଟକୁ ଆଣିବା ଲାଗି ସକ୍ଷମ ହେବାର କୌଣସି ଦିଗ ଦିଶୁନାହିଁ। ବଜେଟରେ ଯେଉଁ ସବୁ ହିସାବ କରାଯାଇଛି, ତାହା ଅନ୍ୟ ଆଡ଼କୁ ରହିଥିବା ବିଶେଷଜ୍ଞମାନେ ମତ ଦେଲେଣି। ଦେଶ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଥିବା ବେଳେ ମହିଳାଙ୍କ ବିବାହ ବୟସ ସ୍ଥିର କରିବା ଲାଗି ଟାସ୍କଫୋର୍ସ ଗଠନ ସକାଶେ ସୁପାରିସ କରାଯାଇଛି। ଏଥିସହିତ ବଜେଟର ଦିଗ ଅନ୍ୟଆଡ଼େ ଥିବାର ଆଭାସ ଉପସ୍ଥାପନ ପରେ ଦେଶର ପୁଞ୍ଜିବଜାର ଉପରେ ଦେଖିବାକୁ ମିଳିଛି। ଏହା ପାଖାପାଖି ୧୦୦୦ ପଏଣ୍ଟ ହ୍ରାସ ପାଇଛି।

ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୁନେଲୀ ହଳଦିଆ ରଙ୍ଗର ଶାଢି ପିନ୍ଧି ୪୫ ପୃଷ୍ଠାର ବହିଖାତା ଲେଉଟେଇବା ଆରମ୍ଭ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଦିବଂଗତ ଅରୁଣ ଜେଟ୍‌ଲୀଙ୍କୁ ସେ ମନେ ପକାଇଥିଲେ। କହିଥିଲେ ଯେ, ଜିଏସ୍‌ଟି ଅର୍ଥନୈତିକ ସଂସ୍କାର ଆଣିବା ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପ୍ରାରମ୍ଭରେ ସୀତାରାମନ ୨୦୧୯ ସାଧାରଣ ନିର୍ବାଚନରେ ଦେଶବାସୀ ମୋଦି ସରକାରଙ୍କୁ ପୂର୍ଣ୍ଣ ବହୁମତ ଦେଇଥିବା ବିଷୟ ଉଲ୍ଲେଖ କରିଥିଲେ। ତାଙ୍କ ନେତୃତ୍ୱରେ ଦେଶବାସୀଙ୍କୁ ସେବା କରିବାର ସୁଯୋଗ ମିଳିଛି ବୋଲି ଅର୍ଥମନ୍ତ୍ରୀ କହିଥିଲେ। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଜନମଙ୍ଗଳକାରୀ ଯୋଜନାଗୁଡିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଟଙ୍କାଟିଏ ମଧ୍ୟରୁ କେବଳ ୧୫ ପଇସା ହିତାଧିକାରୀ ☞ପୃଷ୍ଠା-୪




## ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ପୁରୀ ଅଫିସ,୧।୨

ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି ହତ୍ୟା କରିବା ପରେ ପୁରୀ-ହାୱଡ଼ା ଜଗନ୍ନାଥ ଏକ୍ସପ୍ରେସରେ ତାଙ୍କ ମୃତଦେହ ପାର୍ସଲ କରି ପଠାଇଥିବା ଅଭିଯୁକ୍ତଙ୍କୁ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଶନିବାର ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୨୦୧୨ ନଭେମ୍ବର ୨୦ରେ ଗଞ୍ଜାମ ଜିଲାର ସୀମାଞ୍ଚଳ ଗୌଡ଼, ଶଙ୍କର ସାହୁ, ବିଭୂତି ସାହୁ ଓ ଶଙ୍କର ସେଠୀ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ସମୁଦ୍ରକୂଳସ୍ଥ ଏକ ହୋଟେଲରେ ରହିଥିଲେ। ଅପରାହ୍ନ ପ୍ରାୟ ୫ଟା ବେଳେ ବାଟମଙ୍ଗଳା ନିକଟସ୍ଥ ଆଳିକିଆ ଗାଁକୁ ଯାଇଥିଲେ। ସେଠାରେ ବାଟଗାଁର ଗଙ୍ଗାଧର ଭୋଳ, ରାଜକିଶୋର ଭୋଳ, ପ୍ରମୋଦ ଭୋଳ, ବୀରହରେକୃଷ୍ଣପୁର କୁମୁନି ଭୋଇ ଏବଂ ଚନ୍ଦନପୁର ଅଞ୍ଚଳର ସନ୍ତୋଷ କୁମାର ପରିଡ଼ା ଏକ ବୋଲେରୋ ଗାଡ଼ି ଯୋଗେ ସେମାନଙ୍କୁ ଅପହରଣ କରିନେଇଥିଲେ। ଏକ ଇଟାଭାଟିକୁ ନେଇ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ସୀମାଞ୍ଚଳଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନେ ସୀମାଞ୍ଚଳଙ୍କ ମୃତଦେହକୁ ପାର୍ସଲ କରି ଜଗନ୍ନାଥ ଏକ୍ସପ୍ରେସ୍‌ର ଏକ ବଗିରେ ରଖି ଦେଇଥିଲେ। ରେଲୱେ ପୋଲିସ ତାହାକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ରମେଶ ଚନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନା ପୋଲିସ ଏକ ମକଦ୍ଦମା ରୁଜୁ କରିଥିଲା। ମାମଲା ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରଦୀପ କୁମାର ଦାଶଙ୍କୁ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ କରିଥିଲେ। ଏହି ମକଦ୍ଦମାର ବିଚାର କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଶନିବାର ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି।

## ସିଏଏ ବିରୋଧୀ ବିକ୍ଷୋଭ ବେଳେ ଦିଲ୍ଲୀରେ ଗୁଳିକାଣ୍ଡ



ନୂଆଦିଲ୍ଲୀ,୧।୨

ଦିଲ୍ଲୀର ଶାହିନ୍‌ବାଗ୍‌ଠାରେ ସିଏଏକୁ ବିରୋଧ କରି ବିକ୍ଷୋଭ ଚାଲିଥିବାବେଳେ ଶନିବାର ଗୁଳିକାଣ୍ଡ ଘଟିଛି। ଗୁଳି ଫୁଟାଇଥିବା ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ କପିଲ ଗୁଜ୍ଜର(୨୫) ବୋଲି ଚିହ୍ନଟ କରାଯାଇଛି। 'ଜୟ ଶ୍ରୀରାମ' ସହ ଆମ ଦେଶରେ କେବଳ ହିନ୍ଦୁଙ୍କ ରାଜ୍ ଚାଲିବ ବୋଲି କହି ସେ ଦୁଇ-ତିନି ଥର ଗୁଳି ଚଳାଇଥିଲେ। ୩ ଦିନ ତଳେ ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ନିକଟରେ ଜଣେ ଯୁବକ ଗୁଳିମାଡ଼ କରିବାରୁ ଜଣେ ଆହତ ହୋଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

**ଆଜିର ସମ୍ପାଦକୀୟ**

ହଜିଲାଣି ବିକାଶ ଦୃଷ୍ଟିଭଙ୍ଗୀ

**ଆଜିର ମନ୍ତବ୍ୟ**

" କେନ୍ଦ୍ର ସାଧାରଣ ବଜେଟ ଦିଗହୀନ।

-ଅମିତ ମିତ୍ର, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ


Vencobb Fresh Chicken — Taste the difference!

01.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 67 | 115 | 125 |
| DKL | 69 | 118 | 128 |
| BDK | 64 | 111 | 121 |
| BLS | 66 | 114 | 124 |
| ANG | 70 | 119 | 129 |
| BHM | 67 | 115 | 125 |

*Conditions Apply

Issued in the Interest of Consumers


### ଆୟ ୧ ଟଙ୍କାରେ



(୧) ଧାର କିମ୍ବା ଅନ୍ୟ ସୂତ୍ରରୁ: ୨୦ ପଇସା
(୨) ନିଗମ ଟିକସ: ୧୮ ପଇସା
(୩) ଆୟକର ଟିକସ: ୧୭ ପଇସା
(୪) ସୀମା ଶୁଳ୍କ: ୪ ପଇସା
(୫) କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ: ୭ ପଇସା
(୬) ଦ୍ରବ୍ୟ ଓ ସେବା ଟିକସ: ୧୮ ପଇସା
(୭) ଅଣଟିକସ ରାଜସ୍ୱ: ୧୦ ପଇସା
(୮) ଅଣ ଋଣ ପୁଞ୍ଜି ଆଦାୟ: ୬ ପଇସା

### ବ୍ୟୟ ୧ ଟଙ୍କାରେ

(୧) କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା : ୯ପଇସା
(୨) କେନ୍ଦ୍ର ଯୋଜନା : ୧୩ ପଇସା
(୩) ସୁଧ ଦେୟ : ୧୮ ପଇସା
(୪) ପ୍ରତିରକ୍ଷା : ୮ ପଇସା
(୫) ଆର୍ଥିକ ସହାୟତା : ୬ ପଇସା
(୬) ଅର୍ଥ ଆୟୋଗ ଏବଂ ଅନ୍ୟ ବଦଳି : ୧୦ ପଇସା
(୭) ଟିକସ ଏବଂ ଶୁଳ୍କରେ ରାଜ୍ୟର ଅଂଶ : ୨୦ ପଇସା
(୮) ପେନ୍‌ସନ : ୬ ପଇସା
(୯) ଅନ୍ୟାନ୍ୟ ଖର୍ଚ୍ଚ : ୧୦ ପଇସା



### ବଜେଟ ମୁଖ୍ୟାଂଶ...

- ଆୟ ୨୨.୪୬ ଲକ୍ଷ କୋଟି ଟଙ୍କା
- ବ୍ୟୟ ୩୦.୪୨ ଲକ୍ଷ କୋଟି ଟଙ୍କା
- ନୋମିନାଲ ଜିଡିପି ଅଭିବୃଦ୍ଧି ୧୦%
- ବିତ୍ତୀୟ ନିଅଣ୍ଟ ୩.୫%
- ଫୋକସରେ ଆକାଂକ୍ଷୀ ଭାରତ, ଅର୍ଥନୈତିକ ବିକାଶ ଓ ପ୍ରଯତ୍ନଶୀଳ ସମାଜ
- ବ୍ୟାଙ୍କ ଜମାକାରୀଙ୍କ ବୀମାରାଶି ୫ ଲକ୍ଷକୁ ବୃଦ୍ଧି
- ନୂଆ ଆୟକର ସ୍ଲାବ ଘୋଷଣା
- କୃଷି ଲାଗି ୧୬ ସୂତ୍ରୀ ଯୋଜନା
- ଆଇଡିବିଆଇ, ଏଲ୍‌ଆଇସିରୁ ଅଂଶଧନ ବିକ୍ରି ହେବ
- ସେନ୍‌ସେକ୍ସ ଖସିଲା ୧୦୦୦ ପଏଣ୍ଟ
- ରେଳ ପାଇଁ ୭୦ ହଜାର କୋଟି
- ଖୋଲିବ ଜାତୀୟ ପୋଲିସ ୟୁନିଭର୍ସିଟି
- ଦୋହରାଇଲେ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ,
- ବଜେଟରେ ବିବେକାନନ୍ଦଙ୍କ ବାଣୀ, କାଳିଦାସଙ୍କ ରଘୁବଂଶମ୍, ତିରୁବଲ୍ଲୁବରଙ୍କ କବିତା

## 'ଅର୍ଥନୀତିକୁ ଗତିଶୀଳ କରିବ ବଜେଟ'



ନୂଆଦିଲ୍ଲୀ: ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିବା ବଜେଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚପ୍ରଶଂସା କରିଛନ୍ତି। ଦଶନ୍ଧିର ପ୍ରଥମ ବଜେଟ ପ୍ରସ୍ତୁତି ପାଇଁ ସେ ଅର୍ଥମନ୍ତ୍ରୀ ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ଦୂରଦୃଷ୍ଟି ସମ୍ପନ୍ନ ଓ କ୍ରିୟାଶୀଳ ବଜେଟ। ଏହା ଅର୍ଥନୀତିକୁ ଗତିଶୀଳ କରିବା ସହ ଜନସାଧାରଣଙ୍କ ଆର୍ଥିକ ବିକାଶରେ ସହାୟକ ହେବ। ଏଥିରେ ଘୋଷଣା କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ଦେଶରେ ନିଯୁକ୍ତି ବଢ଼ାଇବା ସହ କୃଷକଙ୍କ ଆୟ ଦ୍ୱିଗୁଣିତ କରିବ। କୃଷି, ଶିକ୍ଷା, ଭିତ୍ତିଭୂମି ବିକାଶ ଆଦିକୁ ଏଥିରେ ଗୁରୁତ୍ୱ ଦିଆଯାଇଛି। ଦଶନ୍ଧିର ଅର୍ଥନୀତି ପାଇଁ ଏହା ଦୃଢ଼ ମୂଳଦୁଆ ପକାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୃଷି କ୍ଷେତ୍ରର ଉନ୍ନତି ଲାଗି ସୀତାରାମନ ଉଭୟ ପାରମ୍ପରିକ ଓ ନୂଆ ପଦ୍ଧତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା କୃଷି କ୍ଷେତ୍ରରେ ନିଯୁକ୍ତି ବଢ଼ାଇବା ସହ ମତ୍ସ୍ୟ ପ୍ରକ୍ରିୟାକରଣ ଓ ବିପଣନ କ୍ଷେତ୍ରରେ ଯୁବତୀଯୁବକମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ପ୍ରଯୁକ୍ତି କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ଭାରତକୁ ବିଶ୍ୱର ମୂଲ୍ୟ ଶୃଙ୍ଖଳର ଅଂଶବିଶେଷ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ନିଯୁକ୍ତି, ଅନୁଦାନକୁ ଅଣଦେଖା:ମୁଖ୍ୟମନ୍ତ୍ରୀ

### କୃଷି, ରେଳ, କୃଷି ଉଡାନ, ଚାଷୀଙ୍କୁ ସୌର ପମ୍ପ ସ୍ୱାଗତଯୋଗ୍ୟ

ଭୁବନେଶ୍ୱର,୧।୨(ବ୍ୟୁରୋ)



୨୦୨୦-୨୧ ଆର୍ଥିକବର୍ଷ ପାଇଁ ଶନିବାର କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟରେ ନିଆଯାଇଥିବା କେତେକ ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିବା ବେଳେ କେନ୍ଦ୍ରୀୟ ଟିକସ ହ୍ରାସ, ପୁଞ୍ଜିନିବେଶ, ନିଯୁକ୍ତି, କେନ୍ଦ୍ରୀୟ ଅନୁଦାନ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରକୁ ଅଣଦେଖା କରାଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲୋକସେବା ଭବନଠାରେ ନିଜ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃଷି, ରେଳ ଏବଂ କୃଷି ଉଡାନ, ପିଏମ୍-କୁସୁମରେ ୨୦ ଲକ୍ଷ ଚାଷୀଙ୍କୁ ସୌରଚାଳିତ ପମ୍ପ ଯୋଗାଇବା, ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟିକସ ଉଚ୍ଛେଦ ଓ କନ୍‌ସେସନାଲ ଟିକସ ଆଦିକୁ ବଜେଟରେ ଅନ୍ତର୍ଭୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମବାୟ ସଂସ୍ଥାଗୁଡିକୁ ଟିକସ ରିହାତି ବ୍ୟବସ୍ଥାକୁ ବଢାଇବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। କେନ୍ଦ୍ର ☞ପୃଷ୍ଠା-୪

### ମହଙ୍ଗା

- ସିଗାରେଟ, ତମାଖୁ, ଆମଦାନୀ ହେଉଥିବା ଖାଇବା ତେଲ, ଫ୍ୟାନ, ଟେବୁଲ, ଫୁଟୱେର
- ଲହୁଣି ଘିଅ, ଲହୁଣି ତୈଳ, ଖାଇବା ତେଲ, ବାଦାମ ତେଲ
- ମକା, ସଂରକ୍ଷିତ ଆଳୁ, ଚୁଇଙ୍ଗ୍ ଗମ୍, ଡାଏଟେରୀ ସୋୟା ଫାଇବର, ଆଇସୋଲେଟେଡ ସୋୟା ପ୍ରୋଟିନ
- ଅଖରୁଟ, ଫୁଟୱେର, ସେଭର, ହେୟାର କ୍ଲିପର, ହେୟାର ରିମୁଭିଂ ଆପ୍ଲାଏନ୍ସ
- ଟେବୁଲୱେର, କିଚେନୱେର, ୱାଟର ଫିଲ୍‌ଟର, ଗ୍ଲାସୱେର
- ପୋର୍ସେଲିନ ଏବଂ ଚାଇନା ଭିତ୍ତିକ ଘରୋଇ ଉପକରଣ
- ରୁବିଜ୍, ସାଫାୟାର୍ସ, ରଫ୍ କଲର୍ଡ ଜେମଷ୍ଟୋନ, ଏମରାଲଡ୍ସ
- ପ୍ୟାଡଲକ୍ସ, ହ୍ୟାଣ୍ଡ ସେଭ୍‌ସ, ହ୍ୟାଣ୍ଡ ରାଇଡଲ୍ସ
- ପାନିଆ, ହେୟାରପିନ, କର୍ଲିଙ୍ଗ ପିନ୍, କର୍ଲିଙ୍ଗ ଗ୍ରିପ୍‌ସ, ହେୟାର କଲର୍ସ
- ଟେବୁଲ ଫ୍ୟାନ, ସିଲିଂ ଫ୍ୟାନ, ପେଡେଷ୍ଟାଲ ଫ୍ୟାନ
- ପୋର୍ଟେବଲ ବ୍ଲୋୟର, ୱାଟର ହିଟର, ଇମର୍ସନ ହିଟର
- ହେୟାର ଡ୍ରାୟର, ହ୍ୟାଣ୍ଡ ଡ୍ରାଇଙ୍ଗ୍ ସାମଗ୍ରୀ, ଇଲେକ୍ଟ୍ରିକ ଆଇରନ
- ଫୁଡ ଗ୍ରାଇଣ୍ଡର, ଓଭନ, କୁକର, କୁକିଂ ପ୍ଲେଟସ, ବଏଲିଂ ରିଙ୍ଗ, ଗ୍ରିଲର, ରୋଷ୍ଟର
- କଫି, ଟି ମେକର, ଟୋଷ୍ଟର
- ଇଲେକ୍ଟ୍ରୋ ଥର୍ମେଟିକ ଫ୍ଲୁଇଡ ହିଟର, ପୋକମରା ଯନ୍ତ୍ର, ଇଲେକ୍ଟ୍ରିକ ହିଟିଂ ରେଜିଷ୍ଟର୍ସ
- ଫର୍ନିଚର ଲ୍ୟାମ୍ପ ଏବଂ ଲାଇଟିଂ ଫିଟିଂ, କୃତ୍ରିମ ଫୁଲ, ବେଲ୍‌ସ, ଷ୍ଟାଚ୍ୟୁ, ଟ୍ରଫି
- ସେଲ୍ୟୁଲାର ମୋବାଇଲ ଫୋନର ପ୍ରିଣ୍ଟେଡ ସର୍କିଟ ବୋର୍ଡ ଆସେମ୍ବଲି, ଡିସପ୍ଲେ ପ୍ୟାନେଲ, ଟଚ୍ ଆସେମ୍ବଲି, ଫିଙ୍ଗରପ୍ରିଣ୍ଟ ରିଡର

### ଶସ୍ତା

- ନ୍ୟୁଜ ପ୍ରିଣ୍ଟ, ସ୍ପୋର୍ଟସ ସାମଗ୍ରୀ, ମାଇକ୍ରୋଫୋନ, ଇ-ଯାନ , ପ୍ୟୁର ବ୍ରିଡିଂ ହର୍ସେସ

## କୃଷି, ଜଳସେଚନ ଓ ଗ୍ରାମ୍ୟ ବିକାଶ



- ପିପିପି ମୋଡ୍‌ରେ ୱେରହାଉସ୍ ପ୍ରତିଷ୍ଠା ଲାଗି ପାଣ୍ଠି ପୂରଣ ପାଇଁ ପ୍ରୋତ୍ସାହନ ଦିଆଯିବ।
- ପିଏମ୍ କୁସୁମକୁ ପରିବର୍ଦ୍ଧିତ କରାଯିବ। ଏହି ଯୋଜନାରେ ସୌର ପମ୍ପ ପ୍ରତିଷ୍ଠା ପାଇଁ ୨୦ ଚାଷୀ ଓ ବିଦ୍ୟୁତ୍ ଚାଳିତ ପମ୍ପ ଲାଗି ୧୫ ଲକ୍ଷ ଚାଷୀଙ୍କୁ ସହାୟତା ମିଳିବ।
- ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ଗ୍ରାମ୍ୟ ସଂରକ୍ଷଣ ଯୋଜନା ଆରମ୍ଭ ହେବ।
- ଏନ୍‌ଡବ୍ଲ୍ୟୁଆର୍ ଏବଂ ଇ-ଏନ୍‌ଏଏମ୍‌କୁ ଯୋଡ଼ାଯିବ।
- ୨୦୨୨-୨୩ ସୁଦ୍ଧା ୨୦୦ ଲକ୍ଷ ଟନ୍ ମତ୍ସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି।
- ଏହାବାଦ ୪୫୦୦୦ ଏକର ଅଞ୍ଚଳରେ ମତ୍ସ୍ୟ ପାଳନକୁ ପ୍ରୋତ୍ସାହନ ଦିଆଯିବ।
- ୩୪୭୭ ସାଗର ମିତ୍ର ଓ ୫୦୦ ଫିଶ୍ ଏଫ୍‌ପିଓଙ୍କ ଜରିଆରେ ମତ୍ସ୍ୟ ପାଳନକୁ ପରିବର୍ଦ୍ଧିତ କରାଯିବ।
- ୨୦୨୪-୨୫ ସୁଦ୍ଧା ମତ୍ସ୍ୟ ରପ୍ତାନୀକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଯିବ।
- ରେଳ ମନ୍ତ୍ରଣାଳୟ ଦ୍ୱାରା 'କିଷାନ ରେଲ' ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ 'କିଷାନ ଉଡ଼ାନ' ଯୋଜନା ଆରମ୍ଭ କରାଯିବ। ଏହି ଦୁଇ ଯୋଜନାରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଶସ୍ତା ଓ ସହଜରେ ବଜାରରେ ପହଞ୍ଚାଇପାରିବେ।




- ୨୦୨୫ ସୁଦ୍ଧା ଗୋରୁଙ୍କଠାରେ ଏମ୍‌ଏଫ୍‌ଡି ଏବଂ ସଂକ୍ରମଣକୁ ରୋକାଯିବ। ସେହିପରି ଛେଳିମେଣ୍ଢାଙ୍କ ଶରୀରରେ ପିପିଆର୍‌କୁ ଦୂର କରାଯିବ।
- କୃତ୍ରିମ ଗର୍ଭଧାନ (ଆର୍ଟିଫିସିଆଲ ଇନ୍‌ସେମିନେଶନ)କୁ ୭୦% ପର୍ଯ୍ୟନ୍ତ ବୃଦ୍ଧି କରାଯିବ।
- ଦୁଗ୍ଧ ପ୍ରକ୍ରିୟାକରଣ କ୍ଷମତାକୁ ୨୦୨୫ ସୁଦ୍ଧା ଦ୍ୱିଗୁଣିତ କରାଯିବ।
- ୨୦୨୦-୨୦୨୧ରେ ୧୫ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯିବ।

# ଚାଷୀଙ୍କ ପାଇଁ ୧୬ ସୂତ୍ରୀ ଯୋଜନା

**ନୂଆଦିଲ୍ଲୀ,୧।୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ଲୋକ ସଭାରେ ୨୦୨୦-୨୧ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସେ ୨୦୨୨ ସୁଦ୍ଧା ଦେଶର କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ୧୬ ସୂତ୍ରୀ ଯୋଜନାର ଘୋଷଣା କରିଛନ୍ତି। ଚାଷୀଙ୍କ ଆୟ ଓ ବ୍ୟୟ କ୍ଷମତା ବୃଦ୍ଧିକରିବା ସକାଶେ ଏଥର ବଜେଟରେ ୨.୮୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ୧୫ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ବଜେଟ ଉପସ୍ଥାପନ ବେଳେ ସୀତାରାମନ୍ କହିଛନ୍ତି, କୃଷିକ୍ଷେତ୍ରର ସ୍ଥିତି ସୁଧାରିବା ପାଇଁ କୃଷି, ଗ୍ରାମ୍ୟ ଓ ଏହାର ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ସକାଶେ ୨.୮୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳ ସଙ୍କଟ ସମସ୍ୟା ଦେଇ ଗତିକରୁଥିବା କୃଷକମାନଙ୍କ ଅସୁବିଧା ଦୂରକରି ଦେଶର ସାମୁଦ୍ରିକ ମତ୍ସ୍ୟ ସମ୍ପଦରେ ଉନ୍ନତି ଅଣାଯିବ। ଏଥିସହ ୨୦୨୨ ସୁଦ୍ଧା କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ସେହିପରି ଶୁକ୍ରବାର ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୃଷିରେ ପୁଞ୍ଜିନିବେଶ, ଜଳ ସଂରକ୍ଷଣ ଏବଂ ଉତ୍ପାଦନ ଓ ଉତ୍ପାଦିତ ସାମଗ୍ରୀର ପରିବହନ ବୃଦ୍ଧିକୁ ଜରୁରିକାଳୀନ ଭିତ୍ତିରେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) କେ.ଭି ସୁବ୍ରମଣ୍ୟନ୍ ପରାମର୍ଶ ଦେଇଥିଲେ। ଅର୍ଥମନ୍ତ୍ରୀ ଏହି ବିନ୍ଦୁଗୁଡ଼ିକ ଉପରେ ଧ୍ୟାନଦେଇ କେତେକ ନୂଆ ଯୋଜନା ଘୋଷଣା କରିଛନ୍ତି। ସେ କହିଛନ୍ତି, ୧୫ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ନାବାର୍ଡ ରିଫାଇନାନ୍ସିଂ ସ୍କିମ୍‌କୁ ଅଧିକ ବିସ୍ତାର କରାଯିବ। ଭାରତୀୟ ରେଲୱେ ପକ୍ଷରୁ ସାମଗ୍ରୀ ପରିବହନ ପାଇଁ ପବ୍ଲିକ୍ ପ୍ରାଇଭେଟ ପାର୍ଟନରଶିପ୍ (ପିପିପି) ମୋଡ୍‌ରେ 'କିଷାନ ରେଳ' ପ୍ରତିଷ୍ଠା କରାଯିବ। ଏହି ଯୋଜନାରେ ଟ୍ରେନ୍‌ର ବଗିଗୁଡ଼ିକରେ ଶୀତଳଭଣ୍ଡାର ଭଳି ବ୍ୟବସ୍ଥା ରହିବ। କୃଷକମାନେ ଦୂରନ୍ତ ବଜାରକୁ କମ୍ ସମୟରେ, ଶସ୍ତାରେ ଓ ପ୍ରଭାବୀ ଢଙ୍ଗରେ ସେମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଏଥିରେ ପରିବହନ କରି ପହଞ୍ଚାଇପାରିବେ। ସେହିପରି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ ରୁଟ୍‌ରେ କୃଷି ଉଡାନ ଯୋଜନା ଆରମ୍ଭ କରାଯିବ। ଉତ୍ତର-ପୂର୍ବାଞ୍ଚଳରେ ଏବଂ ଆଦିବାସୀ ବହୁଳ ଜିଲାଗୁଡ଼ିକର ଚାଷୀମାନେ ଏଥିରେ ବିଶେଷ ଉପକୃତ ହେବେ। ପ୍ରଧାନମନ୍ତ୍ରୀ କିଷାନ ଉର୍ଜା ସୁରକ୍ଷା ଏବଂ ଉତ୍‌ଥାନ ମହାଭିଯାନ (ପିଏମ୍ କୁସୁମ)କୁ ପରିବର୍ଦ୍ଧିତ କରାଯିବ। ଏହି ଯୋଜନାରେ ସୌର ପମ୍ପ ପ୍ରତିଷ୍ଠା ପାଇଁ ୨୦ ଲକ୍ଷ ଚାଷୀ ଓ ବିଦ୍ୟୁତ୍ ଚାଳିତ ପମ୍ପ ଲାଗି ୧୫ ଲକ୍ଷ ଚାଷୀଙ୍କୁ ସହାୟତା ମିଳିବ। ଅଧିକ ବର୍ଷା ହେଉଥିବା ଅଞ୍ଚଳରେ ସମନ୍ୱିତ କୃଷି ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଆଯିବ। ସରକାର ସମସ୍ତ ଫର୍ଟିଲାଇଜରର ସନ୍ତୁଳିତ ବ୍ୟବହାରକୁ ପ୍ରୋତ୍ସାହିତ କରିବେ, ଯାହାକି ଅତ୍ୟଧିକ ରାସାୟନିକ ସାର ଉପଯୋଗକୁ ନିୟନ୍ତ୍ରଣରେ ରଖିବ। ଏହାସହ ପାରମ୍ପରିକ ଜୈବିକ ଉର୍ବରକ ବ୍ୟବହାର ମଧ୍ୟ ବୃଦ୍ଧି ପାଇବ। ଅନୁରୂପ ଭାବେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପରିଚାଳିତ ଭିଲେଜ୍ ଷ୍ଟୋରେଜ୍ ସ୍କିମ୍ ଚାଷୀଙ୍କୁ ଧାରଣ କ୍ଷମତା ପ୍ରଦାନ କରିବ। ଏପରି ହେଲେ ଗ୍ରାମାଞ୍ଚଳର ମହିଳାମାନେ ସେମାନଙ୍କ 'ଧାନ୍ୟ ଲକ୍ଷ୍ମୀ' ମର୍ଯ୍ୟାଦା ଫେରିପାଇବେ। ଦୁଗ୍ଧ ପ୍ରକ୍ରିୟାକରଣ କ୍ଷମତାକୁ ୨୦୨୫ ସୁଦ୍ଧା ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନୀଳ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଲାଗି ମତ୍ସ୍ୟ ଉତ୍ପାଦନକୁ ୨୦୨୨-୨୩ ସୁଦ୍ଧା ୨୦୦ ଲକ୍ଷ ଟନ୍ ପର୍ଯ୍ୟନ୍ତ ବୃଦ୍ଧିକରିବା ପାଇଁ ବଜେଟରେ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ମଡେଲ ଆଗ୍ରିକଲ୍‌ଚରାଲ ଲ୍ୟାଣ୍ଡ ଲିଜିଂ ଆକ୍ଟ ୨୦୧୬, ମଡେଲ ଆଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ଆଣ୍ଡ ଲାଇଭ୍‌ଷ୍ଟକ୍ ମାର୍କେଟିଂ ଆକ୍ଟ ୨୦୧୭, ମଡେଲ ଆଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ଆଣ୍ଡ ଲାଇଭ୍‌ଷ୍ଟକ୍ କଣ୍ଟ୍ରାକ୍ଟ ଫାର୍ମିଂ ଆଣ୍ଡ ପ୍ରମୋଶନ ଆଣ୍ଡ ଫାସିଲିଟେଶନ ଆକ୍ଟ ୨୦୧୮ ଭଳି ଆଇନଗୁଡ଼ିକୁ କାର୍ଯ୍ୟକାରୀ କରୁଥିବା ରାଜ୍ୟ ସରକାରଗୁଡ଼ିକୁ ପ୍ରୋତ୍ସାହନ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।



**୨୦୨୨ ସୁଦ୍ଧା ଆୟ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ**

**୨.୮୩ ଲକ୍ଷ କୋଟିର କୃଷି ବଜେଟ**

## ପିଏମ୍ କିଷାନରେ ୨୭.୫% କାଟ୍

**ନୂଆଦିଲ୍ଲୀ,୧।୨:** ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନା ଲାଗି ପୂର୍ବରୁ ୭୫,୦୦୦ କୋଟି ଟଙ୍କା ବ୍ୟୟବରାଦର ଲକ୍ଷ୍ୟ ରଖାଯାଇଥିଲା। ତେବେ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟରେ ପରିଚାଳନାଗତ ଅସୁବିଧା ଯୋଗୁ ଏଥିରେ ୨୭.୫% ହ୍ରାସ କରାଯାଇ ୫୪,୩୭୦.୧୫ କୋଟି ଟଙ୍କାରେ ସୀମିତ ରଖାଯାଇଛି। ପିଏମ୍-କିଷାନ ଯୋଜନାରେ ଚାଷୀଙ୍କୁ ବାର୍ଷିକ ୬,୦୦୦ ଟଙ୍କା ୩ କିସ୍ତିରେ ଦେବା ପାଇଁ ବ୍ୟବସ୍ଥା ରହିଛି। ଏହି ଯୋଜନା କାର୍ଯ୍ୟକାରୀ କରିବାରେ କେତେକ ଅସୁବିଧା ହେଉଥିବା ସତ୍ତ୍ୱେ ଆସନ୍ତା ଆର୍ଥିକ ବର୍ଷ ପାଇଁ ୭୫,୦୦୦ କୋଟି ଟଙ୍କା ଆବଣ୍ଟନ ପାଇଁ ଆକଳନ କରାଯାଇଥିଲା। ହେଲେ କେନ୍ଦ୍ର ସରକାର ୮ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଅଦ୍ୟାବଧି ୪୩,୦୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।



## ୧୫ ଲକ୍ଷ କୋଟିର କୃଷି ଋଣ

**ନୂଆଦିଲ୍ଲୀ,୧।୨**

କେନ୍ଦ୍ର ସରକାର ୨୦୨୦-୨୧ ଆର୍ଥିକ ବର୍ଷରେ ୧୫ ଲକ୍ଷ କୋଟି ଟଙ୍କାର କୃଷି ଋଣ ଦେବା ପାଇଁ ଯୋଜନା କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହା ୧୩.୫ ଲକ୍ଷ କୋଟି ଟଙ୍କା ଥିବାବେଳେ ଏଥିରେ ୧୧% ବୃଦ୍ଧି କରାଯାଇଛି। ଚାଷୀମାନଙ୍କୁ ସାଧାରଣତଃ ୯% ହାରରେ କୃଷିଋଣ ଦିଆଯାଇଥାଏ। କିନ୍ତୁ ସରକାର ଏଥିରେ ୨% ସବ୍‌ସିଡି ଦେଉଛନ୍ତି। ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ କୃଷିଋଣକୁ ସୁନିଶ୍ଚିତ କରିବା ଲାଗି ଋଣ ଉପରେ ବାର୍ଷିକ ଆକର୍ଷଣୀୟ ୭% ସୁଧ କଷାଯାଉଛି। ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ(ଏନ୍‌ଏଫ୍‌ଏସ୍‌ସି) ଏବଂ ସମବାୟଗୁଡ଼ିକ କୃଷିଋଣ ପ୍ରଦାନ କ୍ଷେତ୍ରରେ ସକ୍ରିୟ ଥିବାରୁ ନାବାର୍ଡ ପୁନଃ ଋଣ ପ୍ରଦାନ ଯୋଜନାକୁ ଆହୁରି ବିସ୍ତୃତ କରାଯିବ। ଏଥିଲାଗି ନେଗୋସିଏବୁଲ ୱେରହାଉସିଂ ରିସିପ୍ଟସ (ଇ-ଏନ୍‌ଡବ୍ଲ୍ୟୁଆର୍) ୬ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ଅତିକ୍ରମ କରିଛି। ଏହାକୁ ଇଲେକ୍ଟ୍ରୋନିକ ନ୍ୟାଶନାଲ ଏଗ୍ରିକଲ୍‌ଚର ମାର୍କେଟ (ଇଏନ୍‌ଏଏମ୍) ସହ ଯୋଡ଼ାଯିବ। ସରକାରଙ୍କ ଅଧୀନ ଭାରତର ଖାଦ୍ୟ ନିଗମ (ଏଫ୍‌ସିଆଇ) ଏବଂ କେନ୍ଦ୍ରୀୟ ପଣ୍ୟାଗାର ନିଗମ (ସିଡବ୍ଲ୍ୟୁସି) ନିଜ ଜମିରେ ଏପରି ପଣ୍ୟାଗାରଗୁଡ଼ିକୁ ନିର୍ମାଣ କରିବେ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଭାରତରେ ପ୍ରାୟ ୧୬୨ ନିୟୁତ ମେଟ୍ରିକ୍ ଟନ୍ ଧାରଣ କ୍ଷମତାର ଏଗ୍ରି-ୱେର୍‌ହାଉସିଂ, କୋଲ୍ଡ ଷ୍ଟୋରେଜ, ରିଫର ଭ୍ୟାନ୍ ଫାସିଲିଟି ରହିଛି। ନାବାର୍ଡ ସେଗୁଡ଼ିକୁ ମ୍ୟାପିଂ ଓ ଜିଓ-ଟ୍ୟାଗ୍ କରିବା ପାଇଁ ପଦକ୍ଷେପ ନେବ।

## ସୁଦୃଢ଼ ହେବ ଗ୍ରାମ୍ୟ ଅର୍ଥନୀତି: ୱାଲ୍‌ମାର୍ଟ




**ବେଙ୍ଗାଲୁରୁ, ୧।୨:** କେନ୍ଦ୍ରୀୟ ବଜେଟରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିବାରୁ ଏହା ଭାରତର ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଗ୍ଲୋବାଲ ରିଟେଲ ଜାଏଣ୍ଟ ୱାଲ୍‌ମାର୍ଟ ପକ୍ଷରୁ କୁହାଯାଇଛି। ଏହାର ଭାରତ ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ରିଶ୍ ଆୟର କହିଛନ୍ତି, ଏହି ବଜେଟ ଏକ ନୂଆ ଆକାଂକ୍ଷୀ ଭାରତ ନିର୍ମାଣରେ ସହାୟକ ହେବ। ବଜେଟରେ କୃଷି ଭିତ୍ତିଭୂମି ନିର୍ମାଣ ପାଇଁ ଉଦ୍ୟମ ହୋଇଥିବାରୁ ଏହା ତୃଣମୂଳ ସ୍ତରରୁ ଅର୍ଥନୀତିକୁ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୪-୨୫ ସୁଦ୍ଧା ୫ ଟ୍ରିଲିୟନ ଅର୍ଥନୀତିର ଦୂରଦୃଷ୍ଟି ପାଇଁ ଏହି ବଜେଟ ଏକ ରୋଡ୍‌ମ୍ୟାପକୁ ଉନ୍ମୋଚନ କରିଥିବା ସେ ମତ ଦେଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏରେ ୯,୫୦୦ କୋଟି ହ୍ରାସ

**ନୂଆଦିଲ୍ଲୀ,୧।୨:** ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ୧.୨୨ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷଲାଗି ଏହି ପରିମାଣକୁ ୧.୨୦ ଲକ୍ଷ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ମହାତ୍ମା ଗାନ୍ଧୀ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆ (ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଜନାରେ ମଧ୍ୟ ଏଥର ୯,୫୦୦ କୋଟି ଟଙ୍କା ହ୍ରାସ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏକୁ ୨୦୧୯-୨୦ରେ ୭୧,୦୦୧.୮୧ କୋଟି ଦିଆଯାଇଥିବାବେଳେ ଏବେ ଏଥିରେ ୧୩% ହ୍ରାସ କରାଯାଇ ୬୧,୫୦୦ କୋଟି ଟଙ୍କାରେ ସୀମିତ ରଖାଯାଇଛି। ତେବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଭଳି ରାସ୍ତା ଓ ଗୃହ ନିର୍ମାଣ ଯୋଜନାକୁ ପୂର୍ବାପେକ୍ଷା ଅଧିକ ପାଣ୍ଠି ଯୋଗାଇ ଦିଆଯାଇଛି। ଦାରିଦ୍ର୍ୟ ଦୂରୀକରଣ ଲାଗି ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନାରେ ୫୮ ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ କ୍ରିୟାଶୀଳ କରାଯାଇଛି ବୋଲି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗକୁ ୨୦୧୯-୨୦ରେ ୫୦୦ କୋଟି ଟଙ୍କା ଦିଆଯାଇଥିବାବେଳେ ଏଥର ପ୍ରାୟ ଦୁଇଗୁଣା ଅର୍ଥାତ୍ ୯୦୦.୯୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।




**ଗ୍ରାମ୍ୟ ଉନ୍ନୟନ ପାଇଁ ୧.୨୦ ଲକ୍ଷ କୋଟି**

## କଲ୍ୟାଣ, ଜଳ ଓ ପରିମଳ


- ପିଏମ୍ ଜନ ଆରୋଗ୍ୟ ଯୋଜନା ଅଧୀନରେ ୨୦,୦୦୦ରୁ ଊର୍ଦ୍ଧ୍ୱ ତାଲିକାଭୁକ୍ତ ହସ୍ପିଟାଲ
- ଏନ୍‌ସିଡିଗୁଡ଼ିକର ମୁକାବିଲା ପାଇଁ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଆରମ୍ଭ କରାଯାଇଛି।
- ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ 'ଟିବି ହାରେଗା ଦେଶ ଜିତେଗା' ଅଭିଯାନ ଆରମ୍ଭ କରାଯାଇଛି।
- ପିପିପି ମୋଡ୍‌ରେ ହସ୍ପିଟାଲ ପ୍ରତିଷ୍ଠା ପାଇଁ ପାଣ୍ଠି ପୂରଣକୁ ପ୍ରୋତ୍ସାହନ।
- ୨୦୨୪ ସୁଦ୍ଧା ସମସ୍ତ ଜିଲାରେ ଜନ ଔଷଧି କେନ୍ଦ୍ର ଯୋଜନାକୁ ବିସ୍ତାର କରାଯିବ।


**ନିକ୍ଷୟ ପୋଷଣ ଯୋଜନା ଅଧୀନରେ (ଲକ୍ଷ ଟଙ୍କା)**




- ବାହ୍ୟ ମଳ ମୁକ୍ତ ପାଇଁ ଓଡିଏଫ୍ ପ୍ଲସ୍।
- ତରଳ ଓ ଧୂସର ଜଳ ପରିଚାଳନା ସହ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ।





## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: ୬ରୁ ମିଳିବ ଆଡ୍‌ମିଟ୍ କାର୍ଡ

**କଟକ ଅଫିସ,୧।୨:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଆସନ୍ତା ୧୯ରୁ ଆରମ୍ଭ ହେବ। ଏଥି ନିମନ୍ତେ ଆଡ୍‌ମିଟ କାର୍ଡ ଆସନ୍ତା ୬ ତାରିଖରୁ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍‌ରେ ସ୍କୁଲ କର୍ତ୍ତୃପକ୍ଷ ୟୁଜର ଆଇଡି ଓ ପାସ୍‌ୱାର୍ଡ ଦେଇ ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ଉପରୋକ୍ତ ତିନୋଟି ପରୀକ୍ଷା ଗୋଟିଏ ଦିନରେ ଆରମ୍ଭ ହେବ। ଏ ନେଇ ବୋର୍ଡ ସଭାପତି ରାମାଶିଷ ହାଜରା କୁହନ୍ତି, ଆସନ୍ତା ୬ କିମ୍ବା ୭ ତାରିଖରେ ଆଡ୍‌ମିଟ୍ କାର୍ଡ ମିଳିବ। ଏ ନେଇ ୱେବ୍‌ସାଇଟରେ ଆଡ୍‌ମିଟ୍ କାର୍ଡ ଅପଲୋଡ ଚାଲିଛି। ୫ ଲକ୍ଷ ୬୦ହଜାର ପରୀକ୍ଷାର୍ଥୀ ଚଳିତବର୍ଷ ବୋର୍ଡ ପରୀକ୍ଷା ଦେବେ ବୋଲି ସଭାପତି ହାଜରା କହିଛନ୍ତି।

### କମିଲା ବସ୍ ଭଡ଼ା

■ କିଲୋମିଟର ପିଛା ୧ ଓ ୨ ପଇସା

ଭୁବନେଶ୍ୱର,୧।୨(ବ୍ୟୁରୋ): ତୈଳ ଦର ହ୍ରାସ ପାଇବା ଯୋଗୁ ରାଜ୍ୟରେ ବସ୍ ଭଡା କମିଛି। ଏ ନେଇ ଶନିବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତୈଳ ଦର ହ୍ରାସ ପାଇଥିବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଶନ ସିଷ୍ଟମ୍) ଅନୁଯାୟୀ ରାଜ୍ୟରେ ବସ୍ ଭଡା ହ୍ରାସ ପାଇଛି। କିଲୋମିଟରକୁ ଯଥାକ୍ରମେ ୧ ଓ ୨ ପଇସା କମିଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡା କିଲୋମିଟର ପିଛା ୧ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ କିଲୋମିଟରକୁ ୨ ପଇସା ହ୍ରାସ ପାଇଛି। ଏଥିଯୋଗୁ ସାଧାରଣ ବସ୍ ଭଡା କିଲୋମିଟର ପିଛା ୭୦ ପଇସାରୁ ୬୯ ପଇସାକୁ ହ୍ରାସ ହୋଇଥିବା ବେଳେ ଏକ୍ସପ୍ରେସ ୭୩ରୁ ୭୨, ଡିଲକ୍ସ ବସ କିଲୋମିଟର ପିଛା ୧ଟଙ୍କା ୧ ପଇସାରୁ ୯୯ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ଟଙ୍କା ୨୩ ପଇସାରୁ ୧ ଟଙ୍କା ୨୧ ପଇସାକୁ ହ୍ରାସ ପାଇଛି।
ଏଠାରେ ସୂଚନାଯୋଗ୍ୟ ଯେ ବସ୍ ଭଡା ବୃଦ୍ଧି ଓ ହ୍ରାସ ପାଇଁ ରାଜ୍ୟ ସରକାର ଅଟୋମେଶନ ବା ସ୍ୱୟଂକ୍ରିୟ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଡିଜେଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି ହେଲେ କିଲୋମିଟରକୁ ଭଡା ୧ ଓ ୨ ପଇସା ବଢ଼ିବ। ସେହି ଆଧାରରେ ବସ୍ ଭଡା ବୃଦ୍ଧି ଓ ହ୍ରାସ ହୋଇ ଆସୁଛି। ବସ୍ ଭଡା କମିଥିବାରୁ ଯାତ୍ରୀମାନେ ଆଶ୍ୱସ୍ତ ହୋଇଛନ୍ତି।

### ଟ୍ରାକ୍‌ରୁ ଖସିଲା କୋଇଲା ବୋଝେଇ ଟ୍ରେନ୍

ସମ୍ବଲପୁର,୧।୨(ବ୍ୟୁରୋ): ତାଳଚେରରୁ ବିଳାସପୁର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନ୍ ସମ୍ବଲପୁର ସିଟି ଷ୍ଟେଶନ-ସର୍ଲା ଷ୍ଟେଶନ ମଝିରେ ଶନିବାର ପୂର୍ବାହ୍ନ ୧୧ଟାରେ ଲାଇନଚ୍ୟୁତ ହୋଇଛି। ରେଳ ଧାରଣାରେ ଫାଟ ଥିବାରୁ ଏଭଳି



ଘଟିଥିଲା। ଟ୍ରେନ ପଛପଟୁ ତୃତୀୟ ବଗି ଲାଇନଚ୍ୟୁତ ହୋଇଥିଲା । ଖବର ପାଇ ରେଳ ବିଭାଗ ବିଶେଷଜ୍ଞ ଟିମ୍, ଯାନ୍ତ୍ରିକ ବିଭାଗ ଅଧିକାରୀ ପହଞ୍ଚି ଥିଲେ। ଟ୍ରାକ୍ ମରାମତି କାମ କରିବା ପରେ ପୁଣି ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏଥିଯୋଗୁ ଉକ୍ତ ଲାଇନର କୌଣସି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇ ନ ଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦ୍ର ବଜେଟ: ଓଡ଼ିଶାକୁ ଅଣଦେଖା

ଭୁବନେଶ୍ୱର,୧।୨(ବ୍ୟୁରୋ)

ସବୁ ସମୟରେ ଓଡିଶା କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବର ଶିକାର ହୋଇ ଆସୁଛି। ଶନିବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ୨୦୨୦-୨୧ ଆର୍ଥିକବର୍ଷର ବଜେଟରେ ମଧ୍ୟ ଏହାର ଝଲକ ଦେଖିବାକୁ ମିଳିଛି। କେବଳ କେନ୍ଦ୍ରୀୟ ଅନୁଦାନ ନୁହେଁ, ସଂସ୍କୃତି ଓ ପର୍ଯ୍ୟଟନ, ପାନୀୟ ଜଳ ଯୋଗାଣ, ଆଦିବାସୀଙ୍କ ବିକାଶ ଭଳି କ୍ଷେତ୍ରକୁ ମଧ୍ୟ ଅବହେଳା କରାଯାଉଛି। ରାଜ୍ୟରେ ବହୁ ପୁରାତନ ପ୍ରତ୍ନତତ୍ତ୍ୱ ସ୍ଥଳ ରହିଥିବା ବେଳେ କେନ୍ଦ୍ର ସରକାରଙ୍କ ଆଇକନିକ ପ୍ରତ୍ନତତ୍ତ୍ୱ ସାଇଟରେ ଓଡିଶା ସ୍ଥାନ ପାଇନାହିଁ। ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଅଭିଭାଷଣ ରଖିବା ବେଳେ ଦେଶରେ ନୂତନ ୫ଟି ପ୍ରତ୍ନତତ୍ତ୍ୱ ସ୍ଥଳକୁ ଆଇକନିକ ସାଇଟ୍ ଭାବେ ବିକାଶ କରିବାକୁ ଘୋଷଣା କରିଛନ୍ତି। ସେହି ସ୍ଥାନଗୁଡିକ ହେଲା ହରିୟାଣାର ରାଖିଗରହି, ଉତ୍ତର ପ୍ରଦେଶର ହସ୍ତିନାପୁର, ଆସାମର ଶିଭାଗଡ, ଗୁଜରାଟର ଢୋଲଭିରା ଏବଂ ତାମିଲନାଡୁର ଆଦିଚାନାଲୁର। ଓଡିଶାର ରତ୍ନଗିରି, ଲଳିତଗିରି, ଧଉଳିଗିରି, ଉଦୟଗିରି ଭଳି ପ୍ରତ୍ନତତ୍ତ୍ୱ ସ୍ଥଳ ଥିବା ବେଳେ କେନ୍ଦ୍ର ବଜେଟରେ ଏହାକୁ ସ୍ଥାନିତ କରାଯାଇ ନାହିଁ। କେବଳ ସେତିକି ନୁହେଁ, ଆଦିବାସୀ ବହୁଳ ଓଡିଶାକୁ ମଧ୍ୟ କେନ୍ଦ୍ର ସରକାର ଅଣଦେଖା କରିଛନ୍ତି। ଝାଡଖଣ୍ଡଠାରେ ଏକ ଆଦିବାସୀ ମ୍ୟୁଜିୟମ କରିବାକୁ ବଜେଟରେ ବ୍ୟୟ ବରାଦ କରାଯାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଚାଲୁ ରହିଥିବା ବିଭିନ୍ନ ସ୍କିମ୍‌ରେ ଏହି ବଜେଟରେ ସେପରି କୌଣସି ଆଖିଦୃଶିଆ ବ୍ୟୟ ବରାଦ ହୋଇନାହିଁ। କେନ୍ଦ୍ରୀୟ ଯୋଜନାରେ ଅଂଶଧନ କାଟ କରିବା ଏବଂ ୮ଟି ଯୋଜନାକୁ ବନ୍ଦ କରିବା ଯୋଗୁ ରାଜ୍ୟ ଉପରେ ଆର୍ଥିକ ଚାପ ବଢି ଚାଲିଛି। ତେବେ ଏହି ନୂତନ ବଜେଟରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡିକ ପାଇଁ ବ୍ୟୟ ବରାଦ ହୋଇ ନାହିଁ। ଏହାଛଡା ରାଜ୍ୟଗୁଡିକର ଅଂଶଧନ କେନ୍ଦ୍ରୀୟ ଟିକସକୁ ପ୍ରାୟ ୫୯ ହଜାର କୋଟି ଟଙ୍କାକୁ ହ୍ରାସ କରାଯାଇଥିବାରୁ ଓଡିଶା ଏ ବାବଦରେ ପ୍ରାୟ ୩ ହଜାର କୋଟି ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ପାନୀୟ ଜଳ ଯୋଗାଣ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏଥିପାଇଁ ପ୍ରସ୍ତାବିତ ୩.୬ ଲକ୍ଷ କୋଟି ବ୍ୟୟ ବରାଦ କରାଯିବା ପରିବର୍ତ୍ତେ ମାତ୍ର ୧୧,୫୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଓଡିଶା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ୩୬୦୦ କୋଟି ଟଙ୍କା ଖର୍ଚ୍ଚ କରି ସାରିଲାଣି। ବଜେଟରେ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ବରାଦ କରାଯାଇ ନ ଥିବାରୁ ରାଜ୍ୟ ଉପରେ ଚାପ ବଢିବା ସମ୍ଭାବନା ରହିଛି।

## ଏଥର ଆକାଂକ୍ଷାର ୫ ବର୍ଷ: ସମୀର

ଭୁବନେଶ୍ୱର,୧।୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ବଜେଟ ଆମ ଦେଶର ଆର୍ଥିକ ପ୍ରଗତିକୁ ଆଗେଇ ନେବ । ପାର୍ଲାମେଣ୍ଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆଣିଥିବା ବଜେଟ ସବୁ ବର୍ଗକୁ ସୁହାଇଲା ଭଳି କରାଯାଇଛି । ମୋଦିଙ୍କ ନୂଆ ଭାରତର ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହା ସଫଳ ହେବ। ଦେଶର ଯୁବ ବର୍ଗଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହି ବଜେଟ ଆଗାମୀ ଦିନରେ ଏକ ବଡ଼ ଭୂମିକା ନେବାକୁ ଯାଉଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।
ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସମୀର ଆହୁରି କହିଛନ୍ତି ଯେ, ମଧ୍ୟମ ବର୍ଗର ଲୋକଙ୍କ ପାଇଁ ଆୟକର ସୀମାକୁ କମାଇବା ଏହି ବଜେଟର ଏକ ବଡ଼ ଉପଲବ୍ଧି । ବର୍ଷକୁ ୫ ଲକ୍ଷରୁ ୧୫ ଲକ୍ଷ ରୋଜଗାର କରୁଥିବା ଲୋକଙ୍କ ଆୟକରର ବିଭିନ୍ନ ସ୍ଲାବରେ ୧୦% ରିହାତି ଦିଆଯାଇଛି । ସେହିପରି ପ୍ରତି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠାର ଘୋଷଣା ଓଡ଼ିଶା ଭଳି ସ୍ୱାସ୍ଥ୍ୟସେବାରେ ପଛୁଆ ରାଜ୍ୟକୁ ବଡ଼ ଲାଭ ଦେବ। ୧୫୦ ଡିଗ୍ରୀ-ଡିପ୍ଲୋମା ଇଞ୍ଜିନିୟରିଂ କଲେଜ ଦେଶରେ ପ୍ରତିଷ୍ଠା ହେବ । ଓଡ଼ିଶାର ଗ୍ରାମାଞ୍ଚଳରେ ମାତ୍ର ୫% ପରିବାର ପାଇପ ଯୋଗେ ପିଇବା ପାଣି ପାଉଛନ୍ତି, ଏହି ବଜେଟ ସେମାନଙ୍କ



ସମୀର ମହାନ୍ତି

ପାଇଁ ବରଦାନ ଭଳି ହେବ । ମାଛ ଚାଷର ବିକାଶ ପାଇଁ ଏହି ବଜେଟରେ ବ୍ୟାପକ ଧ୍ୟାନ ଦିଆଯାଇଛି। ଓଡ଼ିଶାର ବିଶାଳ ଜଳସମ୍ପଦ ଥିବା ଯୋଗୁ ଏହାର ଏକ ବଡ଼ ଲାଭାର୍ଥୀ ରାଜ୍ୟ ହୋଇପାରିବ। ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ପାଳିର ସରକାର ଦେଶର ଗରିବ, ବଞ୍ଚିତ, ଦଳିତ ଓ ପଛୁଆ ବର୍ଗର ଲୋକଙ୍କ ସର୍ବନିମ୍ନ ମୌଳିକ ଆବଶ୍ୟକତାକୁ ପୂରଣ କରିଥିଲା ।

## ଆଜିର ବଜେଟ ଚାଷୀଙ୍କ ଲାଗି ଆଶାଶୂନ୍ୟ: ସୋଲାଙ୍କୀ

ଭୁବନେଶ୍ୱର,୧।୨(ବ୍ୟୁରୋ)

■ କିଷାନ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଅନୁଷ୍ଠିତ
■ ୧୫ରୁ ପ୍ରତ୍ୟେକ ଜିଲାରେ ସଚେତନତା କାର୍ଯ୍ୟକ୍ରମ
■ ରାଜ୍ୟରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ କ୍ରିୟାଶୀଳ କରାଯିବ

ପ୍ରଦେଶ କିଷାନ କଂଗ୍ରେସର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅମୀୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କିଷାନ କଂଗ୍ରେସ ଉପାଧ୍ୟକ୍ଷ ସୁରେନ୍ଦ୍ର ସୋଲାଙ୍କି ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାରର ଚାଷୀମାରଣ ନୀତି ବିରୋଧରେ ବର୍ଷିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ସୋଲାଙ୍କି କହିଛନ୍ତି ଯେ, ଆଜିର କେନ୍ଦ୍ର ବଜେଟ ଚାଷୀଙ୍କ ପାଇଁ ଆଶାଶୂନ୍ୟ। ଏଭଳି ସଙ୍ଗିନ୍ ପରିସ୍ଥିତିରେ ଚାଷୀ ବେସାହାରା। ଚାଷୀର ଆୟ ବୃଦ୍ଧି କଥାରେ ନୁହେଁ କାମରେ ହେବା ଦରକାର। କେବଳ ପ୍ରଚାର ଓ ପ୍ରସାରରେ ଏହି ଉଭୟ ସରକାରର ସର୍ବସ୍ୱ ହୋଇଛି। ଚଳିତ ଫେବୃୟାରୀ ୧୫ରୁ ପର୍ଯ୍ୟାୟକ୍ରମେ ପ୍ରତି ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବ୍ୟାପକ ଜନସଚେତନତା ଓ କିଷାନ କର୍ମଶାଳା ଆୟୋଜନ କରାଯିବ। ରାଜ୍ୟଠାରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଙ୍ଗଠନକୁ କ୍ରିୟାଶୀଳ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬ ବର୍ଷ ଶାସନକାଳରେ ଦେଶରେ ଚାଷୀଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟ ବୃଦ୍ଧି ନ ଘଟିବା, ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀଙ୍କ ବିକାଶ ପରିବର୍ତ୍ତେ କମ୍ପାନୀ ପ୍ରୀତିରେ ଚାଲିଥିବାବେଳେ ଚାଷ ପାଇଁ ଜଳସେଚନ କ୍ଷେତ୍ରରେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀ ଅଭାବୀ ବିକ୍ରିର ଶିକାର ଓ ଋଣ ଭାରରେ ବୁଡି ରହିଥିବାବେଳେ ଶିଳ୍ପପତିମାନଙ୍କୁ ମୋଦି ସରକାର ଋଣ ଛାଡ଼ କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି।

## ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୭୬%


ଭୁବନେଶ୍ୱର,୧।୨(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ନଭେମ୍ବରରେ ୩୨୮ ପଏଣ୍ଟ ଥିଲା। ଡିସେମ୍ବରରେ ଏଥିରେ ୨ ପଏଣ୍ଟ ବଢି ଏହା ୩୩୦ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୪୬ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ରାଉରକେଲାରେ ଏହା ୩୩୭ ପଏଣ୍ଟ ଥିବା ବେଳେ ଏଥିରେ ୫ ପଏଣ୍ଟ ବୃଦ୍ଧି ଘଟିଛି। ଗତ ୨ ଦିନ ଧରି ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରୁଛନ୍ତି ସେମାନେ ବର୍ତ୍ତମାନ ୭୧.୮% ମହଙ୍ଗା ଭତ୍ତା ପାଉଥିଲେ। ଏଥିରେ ୪.୨% ବୃଦ୍ଧି ଘଟି ୭୬% ହୋଇଛି। ଏହା ଫେବୃୟାରୀ ପହିଲାରୁ କାର୍ଯ୍ୟକାରୀ ହୋଇଛି। ବୀମା କର୍ମଚାରୀମାନେ ବର୍ତ୍ତମାନ ୬୫.୧% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୪.୨% ବୃଦ୍ଧି ଘଟି ୬୯.୩ % ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ।
ଓଡ଼ିଶା ବ୍ୟତୀତ ସାରା ଦେଶର ଅବସରପ୍ରାପ୍ତ ଓ କାର୍ଯ୍ୟରତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗାଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୪% ବୃଦ୍ଧି ଘଟି ୨୧% ହୋଇଛି। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାର ୮ ଲକ୍ଷ ଅବସର ପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀ ବର୍ତ୍ତମାନ ୧୨% ମହଙ୍ଗାଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୯% ବଢିଛି। ଏମାନେ ପିଛିଲା ଭାବେ ୫% ଗତ ଜୁଲାଇ ପହିଲାରୁ ଏବଂ ଅବଶିଷ୍ଟ ୪%, ୨୦୨୦ ଜାନୁୟାରୀ ପହିଲାରୁ ପାଇବେ।
ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଲବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତା ୪% ବଢିଛି। ସେମାନେ ୨୧% ମହଙ୍ଗା ଭତ୍ତା ଜାନୁୟାରୀ ପହିଲାରୁ ପାଇବେ। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୭.୩% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୯୨% ବୃଦ୍ଧି ଘଟି ୧୬୧.୨୨% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଏପ୍ରିଲ ପହିଲାରୁ ପାଇବେ। ସୋମବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ସୂଚନାଯୋଗ୍ୟ, ଚଳିତ ଥର ପ୍ରାୟ ସମସ୍ତ କର୍ମଚାରୀଙ୍କ ଡିଏ ହାରାହାରି ପ୍ରାୟ ୪% ବୃଦ୍ଧି ଘଟିଛି।

## ଟ୍ରକ୍ ଧକ୍କାରେ ମା'ପୁଅ ମୃତ

ନୂଆପଡ଼ା ଅଫିସ/ଖଡ଼ିଆଳ,୧।୨

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ୩୫୩ ନମ୍ବର ଜାତୀୟ ରାଜପଥର ଦେଓବାହାଲ ଗ୍ରାମ ନିକଟରେ ଶନିବାର ଟ୍ରକ ଧକ୍କାରେ ମା' ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନୂଆପଡା ଦମାପଲାର ଗୀତା ବିଶି(୨୫) ଓ ତାଙ୍କ ୩ବର୍ଷର ପୁଅ। ଗୀତାଙ୍କ ସ୍ୱାମୀ ଗଣେଶ ଦଣ୍ଡସେନା(୩୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ବାଇକରେ ଯାଉଥିବା ବେଳେ ଏହି ଦୁଘଟଣା ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।






କଟକ ସହରର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

## କଟକର ସୌନ୍ଦର୍ଯ୍ୟକରଣ ଅତ୍ୟାଧୁନିକ ପଦ୍ଧତିରେ କର: ମନ୍ତ୍ରୀ

ଭୁବନେଶ୍ୱର,୧।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ କିଛି ଦିନ ତଳେ କଟକ ଗସ୍ତ କରି ସହରର ସୌନ୍ଦର୍ଯ୍ୟକରଣ ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସବୁଠାରୁ ପୁରୁଣା ସହର କଟକର ବିଭିନ୍ନ ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ଉପରେ ଧ୍ୟାନ ଦେବାକୁ କହିଥିଲେ। ଏହାପରେ ଏନେଇ ତତ୍ପରତା ପ୍ରକାଶ ପାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଶନିବାର କଟକ ସହରର ଅଧିକ ସୌନ୍ଦର୍ଯ୍ୟକରଣ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କଟକ ମୁଖ୍ୟ ରାସ୍ତା ତଥା ମଧୁପାଟଣାଠାରୁ ବାଦାମବାଡ଼ି, କଟକ ରେଲ୍‌ୱେ ଷ୍ଟେଶନ୍‌ଠାରୁ ରେଭେନ୍ସା କଲେଜ, ମଙ୍ଗଳାବାଗ, ଯୋବ୍ରା ଓ ସତୀଚଉରା ରୋଡ୍‌ଗୁଡ଼ିକର ପ୍ରଶସ୍ତୀକରଣ ଏବଂ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏହିସବୁ ରାସ୍ତା କଡ଼ରେ ବୃକ୍ଷରୋପଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଆଦି କାର୍ଯ୍ୟକୁ ଅତ୍ୟାଧୁନିକ ପଦ୍ଧତିରେ କରାଯାଇ ସହରକୁ ସ୍ମାର୍ଟସିଟି କରିବା ଉପରେ ମନ୍ତ୍ରୀ ଜେନା ଗୁରୁତ୍ୱାରୋପ କରିଛନ୍ତି । ଏହାସହିତ କଟକରେ ସପିଙ୍ଗ୍ ପ୍ଲାଜା, ବିବାହ ମଣ୍ଡପ ଇତ୍ୟାଦି ନିର୍ମାଣ ସମ୍ପର୍କରେ ମଧ୍ୟ ମନ୍ତ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ନିର୍ବାହୀ ଅଧିକାରୀ ରମେଶ କୁମାର ମହାନ୍ତି, ସିଡିଏ ଆଇନ ଅଧିକାରୀ ଜ୍ଞାନଚନ୍ଦ୍ର ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।


## ଶୁଚିସ୍ମିତା ମନ୍ତ୍ରୀ ହେଲେ ସାହିତ୍ୟ ଏକାଡେମୀ ସଚିବ



ସଚିବ ଭାବେ ଶୁଚିସ୍ମିତା ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏକାଡେମୀ ପକ୍ଷରୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର,୧।୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଚିବ ଭାବେ ଦାୟିତ୍ୱ ନେଇଛନ୍ତି ଶୁଚିସ୍ମିତା ମନ୍ତ୍ରୀ। ପୂର୍ବତନ ସଚିବ ଡ. ଜୟନ୍ତୀ ରଥଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାବେଳେ ଶନିବାର ନୂତନ ସଚିବଭାବେ ମନ୍ତ୍ରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବାହ୍ନରେ ସଂସ୍କୃତି ଭବନସ୍ଥିତ ସାହିତ୍ୟ ଏକାଡେମୀ କାର୍ଯ୍ୟାଳୟରେ ତାଙ୍କୁ ଏକାଡେମୀ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶୁଚିସ୍ମିତା ମନ୍ତ୍ରୀ ପୂର୍ବରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ଅଭିଲେଖାଗାରରେ ତାଙ୍କ କାର୍ଯ୍ୟକାଳ ଶେଷହେବା ପରେ ବିଭାଗ ପକ୍ଷରୁ ତାଙ୍କୁ ସାହିତ୍ୟ ଏକାଡେମୀ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ୨୦୧୮ ଜାନୁୟାରୀ ୨୯ରେ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ରଙ୍କ କାର୍ଯ୍ୟକାଳ ଶେଷହେବା ପରେ ଡ. ଜୟନ୍ତୀ ରଥଙ୍କୁ ଭାରପ୍ରାପ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଥିଲା। ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ସହ ସେ ଏହି ଦାୟିତ୍ୱରେ ରହିଥିଲେ। ଜାନୁୟାରୀ ୩୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଫେବୃୟାରୀ ୧ରୁ ମନ୍ତ୍ରୀଙ୍କୁ ନୂତନ ସଚିବ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଏକାଡେମୀର ଉପସଭାପତି ପଦବୀ ଏବେ ବି ଖାଲିପଡ଼ିଛି। ଦୀର୍ଘଦିନ ହେଲା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଏହାକୁ ପୂରଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିଭଳି ବର୍ତ୍ତମାନ ଏକାଡେମୀର ସଭାପତି ଥିବା ସାହିତ୍ୟିକ ହରିହର ମିଶ୍ରଙ୍କ କାର୍ଯ୍ୟକାଳ ମଧ୍ୟ ୨୦୧୯ ମେ ୫ରୁ ଶେଷ ହେଲାଣି। ହେଲେ କେହି ନ ଥିବାରୁ ନୂତନ ନିଯୁକ୍ତି ଦିଆଯିବା ପର୍ଯ୍ୟନ୍ତ ତାଙ୍କୁ ଦାୟିତ୍ୱରେ ରଖାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:.................................
ଜନ୍ମ ତାରିଖ: ............................


ସୁମନ
ପରିବାରବର୍ଗ


ଡୁଡୁଲ୍
ପରିବାରବର୍ଗ


ପ୍ରଭାଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଲକାନଗିରିରେ ମାଓବାଦୀ ସ୍ଥିତି ସମୀକ୍ଷା କଲେ ଡିଜିପି


ଡିଜିପି ଅଭୟ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ।

- ବିଏସ୍‌ଏଫ୍ ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା
- ଗୁରୁପ୍ରିୟା ସେତୁର ସୁରକ୍ଷା ଅନୁଧ୍ୟାନ କଲେ
- ଗଞ୍ଜେଇ ଚାଷ, ଅସ୍ତ୍ରଶସ୍ତ୍ର ଚାଲାଣ ରୋକିବାକୁ ନିର୍ଦ୍ଦେଶ
- ପଡୋଶୀ ରାଜ୍ୟ ସହ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ

**ମାଲକାନଗିରି (ଡି.ଏନ୍.ଏ)/ ଭୁବନେଶ୍ୱର,୧।୨(ବ୍ୟୁରୋ)**

ସିଆର୍‌ପିଏଫ୍ ଡିଜି ଏ.ପି.ମାହେଶ୍ୱରୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ମାଲକାନଗିରି ଓ କନ୍ଧମାଳର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ବୁଲିଥିଲେ। ସେ ଫେରିଯିବା ପରେ ଶନିବାର ପୋଲିସ ଡିଜି ଅଭୟ ମାଲକାନଗିରି ସହ ସ୍ୱାଭିମାନ ଅଞ୍ଚଳ ବୁଲି ମାଓବାଦୀ ସ୍ଥିତି ଓ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଡିଜିପି ଅଭୟ ବଡ଼ପଦର, ଜାନବାଇ, ଜନତାପଇ, ଗୁରୁପ୍ରିୟା ସେତୁ ଓ ଅନ୍ୟ କେତେକ ମାଓବାଦୀ ଉପଦ୍ରୁତ ଅଞ୍ଚଳକୁ ଯାଇ ମୁତୟନ ହୋଇଥିବା ବିଏସ୍‌ଏଫ୍ ଯବାନଙ୍କ ସହ ଆଲୋଚନା କରିବା ସହ ଉତ୍ସାହିତ କରିଥିଲେ। ବିଶେଷ କରି ସ୍ୱାଭିମାନ ଅଞ୍ଚଳକୁ ବିକାଶ ସହ ଯୋଡିବାରେ ସହାୟକ ହେଉଥିବା ଗୁରୁପ୍ରିୟା ସେତୁକୁ ମାଓବାଦୀମାନେ ଟାର୍ଗେଟ କରିପାରନ୍ତି। ତେଣୁ ସେତୁଟିର ପୂରା ସୁରକ୍ଷା ବ୍ୟବସ୍ଥା କିପରି ରହିଛି ତାହା ଅନୁଧ୍ୟାନ କରିଥିଲେ। ନିୟମିତ ଭାବେ ଡ୍ରୋନ କ୍ୟାମେରା ଗୁରୁପ୍ରିୟା ସେତୁ ଉପରେ ପଇଁତରା ମାରୁଛି। ଏହାସହ ଯବାନମାନେ ମଧ୍ୟ ସେତୁ ଉପରେ ଓ ଦୁଇ ପାର୍ଶ୍ୱରେ କଡ଼ାକଡ଼ି ପାଟ୍ରୋଲିଂ କରୁଛନ୍ତି ବୋଲି ଡିଜିପିଙ୍କୁ ଅବଗତ କରାଯାଇଥିଲା। ତେବେ ସେତୁଟିର ସୁରକ୍ଷାକୁ କିଭଳି ଅଧିକ ବଢ଼ାଯାଇପାରିବ ସେନେଇ ଡିଜିପି ଅଭୟ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ମାଓବାଦୀଙ୍କ ନିକଟରେ ଏକେ-୪୭ ଓ ଅନ୍ୟ ଅତ୍ୟାଧୁନିକ ମାରଣାସ୍ତ୍ର ରହୁଛି। ବିଗତ ଦିନଗୁଡ଼ିକରେ ମାଓବାଦୀଙ୍କ କ୍ୟାମ୍ପରୁ ଏସବୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ମିଳିଛି। ଏହା କିପରି ମାଓବାଦୀଙ୍କ ନିକଟକୁ ଯାଉଛି, ତାହାକୁ ଠାବ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ଅଭୟ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଯବାନମାନେ ଜଙ୍ଗଲରେ କମ୍ବିଂ ଅପରେଶନ କଲେ ମାଓବାଦୀମାନେ ଓଡ଼ିଶା ସୀମା ଡେଇଁ ପଡୋଶୀ ରାଜ୍ୟର ଜଙ୍ଗଲକୁ ଚାଲିଯାଉଛନ୍ତି। ଫଳରେ ସେମାନଙ୍କୁ ଧରିବା କଷ୍ଟକର ହୋଇପଡୁଛି। ତେଣୁ ପଡୋଶୀ ରାଜ୍ୟ ସହ ସମନ୍ୱୟ ରକ୍ଷା କରି କମ୍ବିଂ ଅପରେଶନ କରିବା ଉପରେ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପଡୋଶୀ ରାଜ୍ୟ ସହ ଗୋଇନ୍ଦା ଖବର ଆଦାନପ୍ରଦାନ ଓ ମୁକାବିଲା କ୍ଷେତ୍ରରେ ମଧ୍ୟ ସମନ୍ୱୟ ରଖି କମ୍ବିଂ ଜାରି ରଖିବାକୁ ଡିଜିପି କହିଛନ୍ତି।

ମାଓବାଦୀଙ୍କର ବଡ଼ ଆୟ ବେଆଇନ ଗଞ୍ଜେଇ ଚାଷରୁ ଆସୁଛି। ସେଥିରେ ସେମାନେ ଅସ୍ତ୍ରଶସ୍ତ୍ର କିଣିବା ସହ ସେମାନଙ୍କ ସଂଗଠନକୁ ଦୃଢ଼ କରୁଛନ୍ତି। ତେଣୁ ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇଲେ ମାଓବାଦୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ଓ ସେମାନଙ୍କ ସଂଗଠନ ଆପେ ଦୁର୍ବଳ ହୋଇପଡିବ ବୋଲି ଡିଜିପି କହିଛନ୍ତି। ଏଭଳି ଅନେକ ରଣକୌଶଳ ଉପରେ ଡିଜିପି ଅଭୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ଗୋଇନ୍ଦା ଡିଜି ସତ୍ୟଜିତ ମହାନ୍ତି, ଏଡିଜିପି (ମୁଖ୍ୟାଳୟ) ଭି.ଟି. ମିଶ୍ର, ଅତିରିକ୍ତ ଗୋଇନ୍ଦା ନିର୍ଦ୍ଦେଶକ ଆର.କେ. ଶର୍ମା, ଆଇଜିପି ରେଖା ଲୋହାନୀ, ଆଇଜି(ଅପରେଶନ) ଅମିତାଭ ଠାକୁରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠୁ ପ୍ରତି ରବିବାର ପାର୍କ ଉତ୍ସବ

**ଭୁବନେଶ୍ୱର, ୧।୨ (ବ୍ୟୁରୋ)**




ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କଗୁଡ଼ିକ ଏଣିକି ଉଛୁଳି ଉଠିବ। ନାଚଗୀତଠାରୁ ଆରମ୍ଭ କରି କଳାନୈପୁଣ୍ୟ ସବୁକିଛିରେ ଭରିଯିବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କିଛିଦିନ ହେବ ହାତକୁ ନେଇଥିବା ଯୋଜନା ଏବେ ଜୀବନ୍ତ ରୂପ ନେବାକୁ ଯାଉଛି। ୨ ତାରିଖରୁ ପ୍ରତି ରବିବାର ହେବ ପାର୍କ ଉତ୍ସବ। ସହରର ବଡ଼ ବଡ଼ ପାର୍କରେ ସକାଳ ୭ଟାରୁ ୯ଟା ଯାଏ ଏହି ଉତ୍ସବ କରାଯିବ। ତେବେ ପୂର୍ବରୁ ଜନପଥରେ ପ୍ରତି ରବିବାର ହେଉଥିବା ପଥ ଉତ୍ସବକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ପଥ ଉତ୍ସବ ଯୋଗୁ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଏହା ବଦଳରେ ପାର୍କରେ ଉତ୍ସବ କରିବାକୁ ନିଷ୍ପତ୍ତି ହୋଇଥିଲା। ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଶନିବାର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପ୍ରତି ରବିବାର ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ଉତ୍ସବର ଆୟୋଜନ ହେବ। ଏଥିସହ ମହିଳା, ପିଲା ଓ ବୃଦ୍ଧଙ୍କ ପାଇଁ ଗୋଟିଏ ଗୋଟିଏ ରବିବାରକୁ ଉତ୍ସର୍ଗ କରାଯିବ ବୋଲି ସୂଚନା ଦିଆଯାଇଛି।

ଉତ୍ସବ ପାଇଁ ପାର୍କର ପାଚେରିକୁ ଚିତ୍ରିତ କରାଯିବ। ଏଥିସହ ଉତ୍ସବରେ ଚିତ୍ରକଳା, କାହାଣୀ କହିବା, ଯୋଗ, ମାଟି କାରୁକାର୍ଯ୍ୟ ନିର୍ମାଣ, ଆମୋଦପ୍ରମୋଦ, ସଚେତନତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସାମିଲ ହେବ। କାର୍ଯ୍ୟକ୍ରମ ସମୟରେ ୧୦ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ। ସେମାନେ ଲୋକଙ୍କ ସୁରକ୍ଷା ଓ ପାର୍କର ବିଭିନ୍ନ ସାମଗ୍ରୀ ଯେପରି ନଷ୍ଟ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବେ। ଏଥିସହିତ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପାର୍କିଂ ସୁବିଧା କରାଯିବା ସହ ଉତ୍ସବ ସରିବା ପରେ ପାର୍କ ସଫେଇ କରାଯିବ।

- ପାର୍କରେ ପ୍ରଦର୍ଶିତ ହେବ କଳା, ସଂସ୍କୃତି ଓ ପରମ୍ପରା
- ମାର୍ଚ୍ଚ ୧୫ ଯାଏ କାର୍ଯ୍ୟସୂଚୀ ପ୍ରକାଶ ପାଇଲା
- ଆଉ ହେବନି ପଥୋତ୍ସବ

**ପ୍ରଥମ ପର୍ଯ୍ୟାୟରେ ୭ ପାର୍କ ସାମିଲ**

ସହରର ମୋଟ ୭ ପାର୍କରେ ପାର୍କ ଉତ୍ସବ କରିବାକୁ ବିଡିଏ ସ୍ଥିର କରିଥିବାବେଳେ ମାର୍ଚ୍ଚ ୧୫ ଯାଏ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରଥମ ଦିନ ୨ତାରିଖରେ ଇନ୍ଦିରା ଗାନ୍ଧୀ ପାର୍କ ଓ ମଧୁସୂଦନ ଦାସ ପାର୍କ, ୯ ତାରିଖରେ ବିଜୁ ପଟ୍ଟନାୟକ ପାର୍କ ଓ ବୁଦ୍ଧ ଜୟନ୍ତୀ ପାର୍କ, ୧୬ ତାରିଖରେ ମାହାତ୍ମା ଗାନ୍ଧୀ ପାର୍କ ଓ ଖାରବେଳ ପାର୍କ, ୨୩ ତାରିଖରେ ନିକୋ ପାର୍କ ଓ ମଧୁସୂଦନ ଦାସ ପାର୍କ, ମାର୍ଚ୍ଚ ୧ରେ ଇନ୍ଦିରା ଗାନ୍ଧୀ ପାର୍କ ଓ ବୁଦ୍ଧ ଜୟନ୍ତୀ ପାର୍କ, ୮ ତାରିଖରେ ବିଜୁ ପଟ୍ଟନାୟକ ପାର୍କ ଓ ଖାରବେଳ ପାର୍କ ଏବଂ ୧୫ତାରିଖରେ ନିକୋ ପାର୍କ ଓ ମଧୁସୂଦନ ଦାସ ପାର୍କରେ ପାର୍କ ଉତ୍ସବର ଆୟୋଜନ କରାଯିବ। ଏନେଇ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ସହରୀ ଜୀବନକୁ ସରସସୁନ୍ଦର କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପଥଉତ୍ସବ ପରି ଏହା ମଧ୍ୟ ବେଶ୍ ସଫଳତା ସାଉଣ୍ଟିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ନିର୍ମଳା...

ପାଇପାରିଥାନ୍ତି। କିନ୍ତୁ ବର୍ତ୍ତମାନର ସରକାର 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ଚିନ୍ତାଧାରା ନେଇ ଗତି କରୁଥିବାରୁ ଲୋକେ ଯୋଜନାଗୁଡିକର ସୁଫଳ ସିଧାସଳଖ ପାଇ ପାରୁଛନ୍ତି। ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ଆକାଂକ୍ଷୀ ଭାରତରେ କୃଷି, ଜଳସେଚନ, ଗ୍ରାମୀଣ ଭାରତ, ଜଳ ଓ ପରିମଳ, ଶିକ୍ଷା ଓ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଥିବା କହିଥିଲେ। ସେହିପରି ଶିଳ୍ପ, ବାଣିଜ୍ୟ ଓ ପୁଞ୍ଜିନିବେଶ, ଭିତ୍ତିଭୂମି, ନୂଆ ଅର୍ଥନୀତିକୁ ଅର୍ଥନୈତିକ ବିକାଶ ପର୍ଯ୍ୟାୟରେ ରଖାଯାଇଥିବା ବେଳେ ପ୍ରଯତ୍ନଶୀଳ ସମାଜ ମଧ୍ୟରେ ମହିଳା ଓ ଶିଶୁ ବିକାଶ, ସାମାଜିକ ମଙ୍ଗଳ, ସଂସ୍କୃତି ଓ ପର୍ଯ୍ୟଟନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଆଦି ବିଷୟକୁ ଗୁରୁତ୍ୱ ଦେଇଛନ୍ତି। ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ଦୁଇଟି ପସନ୍ଦ ମଧ୍ୟରୁ ଗୋଟିଏକୁ ଚୟନ କରିବାକୁ ପଡ଼ିବ ବୋଲି କୁହାଯାଇଛି। ବର୍ତ୍ତମାନ ପ୍ରଚଳିତ ଆୟକର ପ୍ରଣାଳୀ କିମ୍ବା ନୂତନ ଆୟକର ପଦ୍ଧତି କେଉଁଟିକୁ ଗ୍ରହଣ କରିବେ ତାହା ସାଧାରଣ କରଦାତାଙ୍କ ଉପରେ ଛାଡି ଦିଆଯାଇଛି। କାରଣ ନୂତନ ପ୍ରଣାଳୀ ଆପଣାଇବାକୁ ଚାହୁଁଥିବା ଟିକସଦାତା ଆୟକର ରିହାତି ନେଇପାରିବେ ନାହିଁ ବୋଲି ବଜେଟରେ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନର ନୂଆ ଆୟକର ଟିକସ ହାର ମୁତାବକ ୨.୫ ଲକ୍ଷରୁ ୫ ଲକ୍ଷ ଆୟ ଉପରେ ୫%, ୫ରୁ ୭.୫ ଲକ୍ଷ ଯାଏ ୧୦% ଟିକସ, ୭.୫ ରୁ ୧୦ ଲକ୍ଷ ୧୫%, ୧୦ରୁ ୧୨.୫ ଲକ୍ଷ ଯାଏ ୨୫% ଏବଂ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆୟରେ ୩୦% ଟିକସ ଦେବାକୁ ଦେବାକୁ ପଡିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ସୀତାରାମନ ବଜେଟରେ ସ୍ୱାସ୍ଥ୍ୟ ସେବାର ବିକାଶ ଲାଗି ମୋଟ ୬୯ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି, ଯାହାକି ଗତ ଥର ଅପେକ୍ଷା ୮% ଅଧିକ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗି ବଜେଟରେ ୬,୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଶିକ୍ଷା କ୍ଷେତ୍ର ଲାଗି ୯୯,୩୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଖୁବ୍ ଶୀଘ୍ର ନୂଆ ଶିକ୍ଷା ନୀତି ଆସିବ ବୋଲି ସୀତାରାମନ କହିଛନ୍ତି।

ଅର୍ଥମନ୍ତ୍ରୀ ୨୦୨୦-୨୧ ଆର୍ଥିକ ବର୍ଷରେ କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ଲାଗି ୧୬ ସୂତ୍ରୀ ଯୋଜନା ଘୋଷଣା କରିଛନ୍ତି। ଚାଷୀଙ୍କ ଲାଗି ୨.୮୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ୧୫ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରିବା ଲାଗି ବ୍ୟବସ୍ଥା ହୋଇଛି। ନାବାର୍ଡ ରିଫାଇନାନ୍ସିଂ ସ୍କିମକୁ ବିସ୍ତାର କରାଯିବ। ଭାରତୀୟ ରେଲୱେ ପକ୍ଷରୁ ସାମଗ୍ରୀ ପରିବହନ ପାଇଁ ପିପିପି ମୋଡ୍‌ରେ 'କିଷାନ ରେଳ' ପ୍ରତିଷ୍ଠା କରାଯିବ। ଅନୁରୂପ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ 'ଭିଲେଜ ଷ୍ଟୋରେଜ ସ୍କିମ' ଚାଷୀଙ୍କୁ ବିଶେଷ ଭାବେ ସାହାଯ୍ୟ କରିବ। ଏପରି ହେଲେ ଗ୍ରାମାଞ୍ଚଳ ମହିଳାମାନେ ସେମାନଙ୍କ 'ଧାନ୍ୟ ଲକ୍ଷ୍ମୀ' ମର୍ଯ୍ୟାଦା ଫେରି ପାଇବେ ବୋଲି ସୀତାରାମନ କହିଛନ୍ତି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଲାଗି ୧.୨୩ ଲକ୍ଷ କୋଟି ଟଙ୍କା ରଖାଯାଇଛି। ୨୦୨୪-୨୫ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କାର ମତ୍ସ୍ୟ ରପ୍ତାନି ଲକ୍ଷ୍ୟ ରଖାଯାଇଛି। ମତ୍ସ୍ୟସମ୍ପଦ ସମ୍ପ୍ରସାରଣ କ୍ଷେତ୍ରରେ ୩,୪୭୭ ସାଗର ମିତ୍ର ଓ ୫୦୦ ମତ୍ସ୍ୟ ଚାଷୀ ଉତ୍ପାଦକ ସଂଘକୁ ଏଥିରେ ସାମିଲ କରାଯିବା ନେଇ ପ୍ରସ୍ତାବ ରହିଛି।

ଶିଳ୍ପ ଏବଂ ବାଣିଜ୍ୟ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି ୨୭,୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରପ୍ତାନି ପ୍ରୋତ୍ସାହନ ଲାଗି 'ନିର୍ଭୀକ' ସ୍କିମ ଶୁଭାରମ୍ଭ କରାଯିବ। ଜାତୀୟ ଲଜିଷ୍ଟିକ ନୀତି ଖୁବଶୀଘ୍ର ଆସିବ। ପରିବହନ ଭିତ୍ତିଭୂମି ଉନ୍ନୟନ ଲାଗି ୧.୭ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରେଳ ଧାରଣା କଡରେ ସୋଲାର କ୍ଷମତା ସ୍ଥାପନ, ପିପିପି ମୋଡ୍‌ରେ ୪ ଷ୍ଟେଶନ ପୁନଃ ବିକାଶ ଏବଂ ୧୫୦ ଘରୋଇ ଟ୍ରେନ ଚଳାଚଳ କରାଯିବ। ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ଯୋଡିବା ଲାଗି ତେଜସ ଭଳି ଅଧିକ ଟ୍ରେନ ଚାଲିବ। ଦେଶର ଗୋଟିଏ ପ୍ରମୁଖ ବନ୍ଦରକୁ ନିଗମୀକରଣ କରାଯାଇ ପୁଞ୍ଜିବଜାରରେ ତାଲିକାଭୁକ୍ତ କରାଯିବ। ଉଡାନ୍ ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି ୨୦୨୪ ସୁଦ୍ଧା ୧୦୦ଟି ଅଧିକ ବିମାନବନ୍ଦରକୁ ବିକଶିତ କରାଯିବ।

୨୦୨୦-୨୧ରେ ଶକ୍ତି ଓ ନବୀକରଣ ଶକ୍ତି କ୍ଷେତ୍ରରେ ୨୨ ହଜାର କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ଜାତୀୟ ଗ୍ୟାସ ଗ୍ରୀଡ୍‌କୁ ବର୍ତ୍ତମାନ ୧୬,୨୦୦ କିମିରୁ ବୃଦ୍ଧି କରାଯାଇ ୨୭ ହଜାର କିମି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଲାଗି ପ୍ରସ୍ତାବ ରହିଛି। ଭିତ୍ତିଭୂମିର ବିକାଶ ଲାଗି ଆଗାମୀ ପାଞ୍ଚ

ପ୍ରଥମ ପୃଷ୍ଠାରୁ...

ବର୍ଷରେ ୧୦୦ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବ। ଆଇଡିବିଆଇ ଏବଂ ଏଲ୍‌ଆଇସିରେ ଅଂଶଧନ ବିକ୍ରି କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଆର୍ଥିକ ପରିଚାଳନା ପାଇଁ ଆଇପିଓ ମାଧ୍ୟମରେ ଏଲ୍‌ଆଇସିର କିଛି ଅଂଶ ବିକ୍ରି କରିବା ଲାଗି ବଜେଟରେ ପ୍ରସ୍ତାବ ଦିଆଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମରେ ବ୍ୟାଙ୍କ ଜମାକାରୀଙ୍କ ବୀମା ପରିମାଣ ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ କ୍ୱାଣ୍ଟମ ଟେକ୍ନୋଲୋଜି କ୍ଷେତ୍ରରେ ଆଗାମୀ ୫ ବର୍ଷରେ ୮ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବଜେଟ ଅଭିଭାଷଣରେ ସୀତାରାମନ କହିଛନ୍ତି।

**ନୂତନ ଅର୍ଥ ବ୍ୟବସ୍ଥା:** ଘରୋଇ କ୍ଷେତ୍ର ଦ୍ୱାରା ଦେଶରେ ଡାଟା ସେଣ୍ଟର ପାର୍କ ନିର୍ମାଣ କରିବା ଲାଗି ଖୁବ ଶୀଘ୍ର ନୀତି ପ୍ରଣୟନ କରାଯିବ। ଭାରତନେଟ୍ ମାଧ୍ୟମରେ ଚଳିତ ବର୍ଷ ୧ ଲକ୍ଷ ଗ୍ରାମ ପଞ୍ଚାୟତକୁ 'ଫାଇବର ଟୁ ଦ ହୋମ' ମାଧ୍ୟମରେ ଯୋଡାଯିବ। ୨୦୨୦-୨୧ରେ ଭାରତ ନେଟୱର୍କ କାର୍ଯ୍ୟକ୍ରମ ଲାଗି ୬ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି।

**ସାମାଜିକ କଲ୍ୟାଣ:** ୨୦୨୦-୨୧ ଆର୍ଥିକ ବର୍ଷ ରାଷ୍ଟ୍ରୀୟ ପୋଷଣ ମିଶନ ନିମନ୍ତେ ୩୫,୬୦୦ କୋଟି ଟଙ୍କାର ବ୍ୟୟବରାଦ ବ୍ୟବସ୍ଥା କରାଯାଇଛି।

**ଟିକସ ସରଳ କରିବାର ଉପାୟ**

ଆଧାର ଜରିଆରେ ତୁରନ୍ତ ପାନ୍ ଅନ୍‌ଲାଇନ ଆବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରତ୍ୟକ୍ଷ ଟିକସ ସହ ଜଡିତ ମାମଲାକୁ କମ୍ କରିବା ଲାଗି ୩୦ ଜୁନ ୨୦୨୦ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇ 'ବିବାଦରୁ ବିଶ୍ୱାସ' ଯୋଜନା କରାଯାଇଛି।

**ପରୋକ୍ଷ ଟିକସ :ଜିଏସ୍‌ଟି**

୧ ଏପ୍ରିଲ ୨୦୨୦ ପରଠାରୁ ପରୀକ୍ଷାମୂଳକ ଭାବେ ସରଳୀକୃତ ଟିକସ ଫାଇଲିଂ ବ୍ୟବସ୍ଥା ଆସିବ। ପରିବର୍ତ୍ତିତ ଟିକସ ଢାଞ୍ଚାର ମୁକାବିଲା ଲାଗି ଜିଏସ୍‌ଟି ଦର ଢାଞ୍ଚାକୁ ଯୁକ୍ତିସଙ୍ଗତ କରାଯିବ। **ସୀମା ଶୁଳ୍କ:** ସୀମା ଶୁଳ୍କକୁ ଜୋତା ଉପରେ ୨୫% ବୃଦ୍ଧି କରାଯାଇ ୩୫% ଏବଂ ଫର୍ନିଚର ସାମଗ୍ରୀ ଉପରେ ୨୦%ରୁ ବୃଦ୍ଧି କରାଯାଇ ୨୫% କରାଯିବାର ବ୍ୟବସ୍ଥା ରହିଛି। ନ୍ୟୁଜ୍ ପ୍ରିଣ୍ଟ ଏବଂ ହାଲୁକା ପୋର୍ଟେଡ୍ କାଗଜ ଆମଦାନୀ ଉପରେ ମୂଳ ଆମଦାନୀ ଶୁଳ୍କକୁ କମ୍ କରି ୫% କରାଯାଇଛି।

ଅର୍ଥମନ୍ତ୍ରୀ ସୀତାରାମନ ବଜେଟ ଉପସ୍ଥାପନ କରିବା ବେଳେ କାଳିଦାସଙ୍କ ରଘୁବଂଶମ, କବି ତରୁବଲ୍ଲୁବର, ପିସିରଛୋୟାରଙ୍କ କବିତା ଓ ଭଗବାନ ବାସବେଶ୍ୱରଙ୍କ ଶିକ୍ଷାନୀତିର ଉଦାହରଣ ଦେବା ସହ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ତେବେ ବଜେଟ ୪୫ ପୃଷ୍ଠାରୁ ୪୩ ପୃଷ୍ଠା ପଢିବା ପରେ ଅର୍ଥମନ୍ତ୍ରୀ କ୍ଲାନ୍ତ ହୋଇ ପଡିଥିଲେ। ଦୀର୍ଘ ୨ ଘଣ୍ଟା ୪୩ ମିନିଟ ବଜେଟ ଉପସ୍ଥାପନ ପରେ ସେ ଅସ୍ୱସ୍ତିବୋଧ କରିବାରୁ ବାଚସ୍ପତି ଓମ୍ ବିର୍ଲାଙ୍କଠାରୁ ଅନୁମତି ନେଇ ବଜେଟ ଉପସ୍ଥାପନକୁ ସମାପନ କରିଥିଲେ।

## ନିଯୁକ୍ତି...

ବଜେଟରେ ବ୍ୟାଙ୍କଗୁଡିକରେ ଜମାପୁଞ୍ଜି ବୀମା ବ୍ୟବସ୍ଥାକୁ ୧ ଲକ୍ଷ ଟଙ୍କାରୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଏଥିସହିତ ନୂତନ ଶିକ୍ଷାନୀତି ଓ ଶିକ୍ଷା କ୍ଷେତ୍ରରେ ବିଦେଶୀ ପୁଞ୍ଜିବିନିଯୋଗକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଏହି ବଜେଟରେ କୌଣସି ଆଖିଦୃଶିଆ ବ୍ୟୟ ବରାଦ ନ କରି ସ୍ଥାଣୁ କରାଯାଇ ଥିବାରୁ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ଅଂଶଧନ କେନ୍ଦ୍ରୀୟ ଟିକସକୁ ପ୍ରାୟ ୫୯ ହଜାର କୋଟି ଟଙ୍କାକୁ ହ୍ରାସ କରାଯାଇଥିବାରୁ ଓଡିଶା ଏ ବାବଦରେ ପ୍ରାୟ ୩ ହଜାର କୋଟି ହରାଇବ ବୋଲି ମୁଖ୍ୟମନ୍ତ୍ରୀ ଅନୁମାନ କରିଛନ୍ତି। ଆଇକନିକ ସାଇଟରେ ଓଡିଶାର କୌଣସି ପ୍ରତ୍ନତତ୍ତ୍ୱ ସ୍ଥଳକୁ ସାମିଲ କରାଯାଇ ନାହିଁ। ଓଡିଶା ଆଦିବାସୀ ବହୁଳ ରାଜ୍ୟ ହୋଇଥିଲେ ମଧ୍ୟ ଏଠାରେ ଜାତୀୟ ଆଦିବାସୀ ମ୍ୟୁଜିୟମ ନ କରିବା ପ୍ରସ୍ତାବକୁ ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାନୀୟ ଜଳ ଯୋଗାଣ ଏକ ଜାତୀୟ ଗୁରୁତ୍ୱ। ୩.୬ ଲକ୍ଷ କୋଟି ବ୍ୟୟ ବରାଦ ଜାଗାରେ ହୋଇଛି ମାତ୍ର ୧୧,୫୦୦ କୋଟି। ଓଡିଶା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ୩୬୦୦ କୋଟି ଟଙ୍କା ଖର୍ଚ୍ଚ କରି ସାରିଲାଣି। ଦେଶର ସେନ୍‌ସେକ୍ସ ୧ ହଜାର ପଏଣ୍ଟ ତଳକୁ ଖସିବା ଅର୍ଥ ଏହି ବଜେଟ ନୈରାଶ୍ୟଜନକ ଅବସ୍ଥାକୁ ସୂଚାଉଛି। ନୂତନ ପୁଞ୍ଜିନିବେଶ ପାଇଁ ପୁଞ୍ଜିନିବେଶକାରୀଙ୍କ ବିଶ୍ୱାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଧିମା ଅଭିବୃଦ୍ଧି ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଆମ ଯୁବବର୍ଗଙ୍କର ଜୀବିକା ବାଛିବା କ୍ଷେତ୍ରରେ ଏକ ବଡ ପ୍ରଭାବ ପକାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରବି ଚତୁର୍ଥାଧିପତିଙ୍କ ନକ୍ଷତ୍ରରେ ରହିଥିବାରୁ ପରିବାରର ସମ୍ମତିକ୍ରମେ ନୂତନ କାର୍ଯ୍ୟାରମ୍ଭ ପାଇଁ ସଜବାଜ ହୋଇପାରନ୍ତି। ସରଳ ଭାବରେ ଅନ୍ୟକୁ ବିଶ୍ୱାସ କରି ହଇରାଣ ସହ ବିରକ୍ତିବୋଧ ଓ ଅନୁତାପ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଯାତ୍ରାରେ ଆଶା ପୂରଣ ହୋଇ ପାରିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଆର୍ଥିକ ଦିଗଟି ମନ୍ଦ ହେବନି।

**ବୃଷ** ଶୁକ୍ର ପାପପ୍ରଭାବ ଯୁକ୍ତ ଅଷ୍ଟମାଧିପ ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ହେତୁ ଆପଣଙ୍କ ଯୋଜନା ବାଧାପ୍ରାପ୍ତ ହୋଇପାରେ। ସାଧାରଣ କଥାରେ ସହକର୍ମୀଙ୍କ ସହ କଳହ ଲାଗିପାରେ। ଅର୍ଥ ସମ୍ପର୍କୀୟ ବୁଝାମଣାରେ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। କର୍ମଭାବସ୍ଥ ବୁଧ ଓ ଶୁକ୍ର ମୃଗଶିରା ନକ୍ଷତ୍ର ପାଇଁ ରାଜଯୋଗ ସ୍ୱରୂପ ସୁଫଳ ପ୍ରଦାନ କରିବେ।

**ମିଥୁନ** ଭାଗ୍ୟାଧିପ ଉପଚୟ ସ୍ଥାନରେ ଦୁଃସ୍ଥାନରେ ଥିବାରୁ ନିଜ ଲୋକମାନଙ୍କ ବିରୁଦ୍ଧାତ୍ମକ କାର୍ଯ୍ୟ ସମସ୍ୟା ସୃଷ୍ଟି କରିବ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ କିନ୍ତୁ କେତେକ ବିବାଦୀୟ କଥା ମନକୁ ଆକ୍ରାନ୍ତ କରିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ** ଷଷ୍ଠସ୍ଥାନରେ ଭାଗ୍ୟାଧିପ କେତୁଯୁକ୍ତ ଯୋଗୁ ଆପଣଙ୍କ ଉଦ୍ୟମରେ ପ୍ରତିବନ୍ଧକ ସୃଷ୍ଟିର ଆଶଙ୍କା ରହିଛି। ଅବଶ୍ୟ ମିତ୍ର କ୍ଷେତ୍ରସ୍ଥ ଶୁକ୍ରଜନିତ ଦୀର୍ଘଦିନରୁ ରହି ଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। କଳା, କାରିଗରି, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ସିଂହ** ସ୍ୱଗୃହୀ ମଙ୍ଗଳ ପ୍ରଭାବରୁ ସୁସ୍ଥ ପରିବାର, ପାଖ ପଡୋଶୀଙ୍କ ଆଦର, ଗୃହଭୂମି କ୍ରୟବିକ୍ରୟ ଓ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆତ୍ମୀୟସ୍ୱଜନଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ଗୃହ ନିର୍ମାଣାଦି କାର୍ଯ୍ୟ ତ୍ୱରାନ୍ୱିତ ହେବ କିମ୍ବା ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**କନ୍ୟା** ତୃତୀୟସ୍ଥ ଭୌମ ଭାଇ, ବନ୍ଧୁ, ପଡୋଶୀ କିମ୍ବା ସହକର୍ମୀଙ୍କ ସହ ବିତର୍କଜନିତ ସମ୍ପର୍କ ନଷ୍ଟ କରିପାରେ। ପରିସ୍ଥିତିରେ ପଡି ଅନନ୍ୟୋପାୟ ପୂର୍ବକ ଗୁରୁଜନଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ଶ୍ରେୟ ମନେକରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ ଏବଂ ହାତକୁ ନେଇଥିବା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ତୁଳା** କର୍ମାଧିପ ସପ୍ତମସ୍ଥ ରହିଥିବାରୁ ସରକାରୀ କାମରେ ବାହାରକୁ ଯିବାକୁ ପଡିପାରେ। ଚିତ୍ରା ନକ୍ଷତ୍ରର ଦୀର୍ଘଦିନର ଆଶା ପୂରଣ ହେବାରୁ ସୁସ୍ଥ ମନ ନେଇ କାମ କରିବେ। ପରିବାରର ସହମତି, ହିତୈଷୀଙ୍କ ଦିଗ୍‌ଦର୍ଶନ ଆପଣଙ୍କ କାମରେ ଆସିବ। ବିବାଦୀୟ ସ୍ଥିତି ଲାଗି ରହିଲେ ମଧ୍ୟ ଆପଣଙ୍କ ବ୍ୟବସାୟ, ପ୍ରଶାସନିକ ଆଲୋଚନା ବାଧାପ୍ରାପ୍ତ ହେବନାହିଁ।

**ବିଛା** ଆପଣଙ୍କ ପ୍ରକାଶଭଙ୍ଗୀ ଓ କଥନଶୈଳୀର କୌଣସି ବ୍ୟତିକ୍ରମ ସଫଳତାରେ ବାଧକ ସାଜିପାରେ। ପାରିବାରିକ ଅସୁସ୍ଥତାଜନିତ ଖର୍ଚ୍ଚାନ୍ତ, ବିଶେଷ ଭ୍ରମଣ ମାନସିକ ଅସୁସ୍ଥତାକୁ ବଢ଼ାଇ ଦେଇପାରେ। ଆଜିର ଯାତ୍ରା, ଆଲୋଚନା, ସାମୂହିକ କାର୍ଯ୍ୟରେ ନୀଚମନା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଭାଗ୍ୟାଧିପତି ନିଜ ଭାବରୁ ଷଷ୍ଠସ୍ଥ ହୋଇଥିବାରୁ ଆପଣଙ୍କ କାର୍ଯ୍ୟପଦ୍ଧତି ବିବାଦୀୟ ହୋଇପାରେ। କୋଣସ୍ଥାନରେ ଅଷ୍ଟମାଧିପତି ଯୋଗୁ ଆପଣଙ୍କ ଉଦ୍ଦେଶ୍ୟ ପୂରଣ ହେବାରେ କୌଣସି ବ୍ୟକ୍ତିଙ୍କ ହସ୍ତକ୍ଷେପ ସମସ୍ୟା ସୃଷ୍ଟି କରିବ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**ମକର** ରାଶିରେ ପାପଗ୍ରହ ଓ ଅନ୍ୟାନ୍ୟ ଗ୍ରହଙ୍କ ଶୁଭ ସଂସ୍ଥାନରୁ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଅଜେୟ ରହିବେ। ଷଷ୍ଠାଧିପ ଧନଭାବସ୍ଥ ଯୋଗୁ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ପଡିପାରେ। ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି । ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କୁମ୍ଭ** କାର୍ଯ୍ୟସିଦ୍ଧିର ଆଶା ଉଜ୍ଜ୍ୱଳତର ହେତୁ ବନ୍ଧୁମାନଙ୍କ ସାଧୁବାଦ ଓ ପ୍ରଶଂସାରେ ମସ୍‌ଗୁଲ୍ ରହିପାରନ୍ତି। କୌଣସି ଏକ ସାଧାରଣ କଥାକୁ କେନ୍ଦ୍ରକରି ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଦ୍ୱାଦଶଭାବସ୍ଥ ରାଶ୍ୟାଧିପତି ଆପଣଙ୍କୁ ଭ୍ରମଣଜନିତ ଶ୍ରମକ୍ଳାନ୍ତି ଓ ଅନିଦ୍ରାଜନିତ ଶାରୀରିକ ପୀଡାରେ କଷ୍ଟ ଦେଇପାରନ୍ତି।

**ମୀନ** ଭୁଲ୍ ବୁଝାମଣା ଓ ପାରସ୍ପରିକ ମତଭେଦ କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ରର ସତ୍‌ସଙ୍ଗ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ପ୍ରଶାସନିକ ସ୍ତରରେ ଓ ସଭାସମିତିରେ ଏବଂ ରାଜନୀତିରେ ପ୍ରଶଂସିତ ହେବାର ସୁଯୋଗ ପାଇବେ। ମାଳିମକନ୍ଧମାରେ ସ୍ଥିତି ଅନୁକୂଳ ରହିବ।

ଆଜି ମାଘ ଶୁକ୍ଳପକ୍ଷର ଭୀଷ୍ମାଷ୍ଟମୀ ରବିବାର,ଭୀଷ୍ମତର୍ପଣ ଓ ପିଣ୍ଡଦାନ, ଫେବୃୟାରୀ ୨ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷରାଶିର ଘାତବାର ଓ ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୦୯ମି. ଗତେ ଘ.୧୦।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ.୧।୦୭ମି. ଗତେ ଘ.୧।୫୫ମି. ମଧ୍ୟେ ମାହେନ୍ଦ୍ରବେଳା । ଅପରାହ୍ଣ ଘ.୪।୧୧ମି. ଗତେ ଘ.୫।୩୪ମି. ମଧ୍ୟରେ ରାହୁ କାଳ।

# ଲଘୁଖଣିଜ ପଦାର୍ଥ ପାଇଁ ଆସିବ ନୂଆ ନିୟମ

## ୪ ରାଜ୍ୟ ଅନୁଧ୍ୟାନ କଲେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର, ୧।୨(ବ୍ୟୁରୋ)

ରାଜ୍ୟର ବାଲି, ମୋରମ, ମାଟି, ଚିପ୍ସ ଭଳି ଲଘୁଖଣିଜ ସମ୍ପଦ ଆଉ ମନଇଚ୍ଛା ନିଲାମ ହେବ ନାହିଁ। ଏଥିପାଇଁ ରାଜ୍ୟ ସରକାର ଏକ ନୂତନ ରୁଲ୍ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏ ନେଇ ଅନ୍ୟ ରାଜ୍ୟରେ ଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରାଯାଉଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ୱତନ୍ତ୍ର ସଚିବ ଆର.ଏନ. ପଲେଇଙ୍କ ନେତୃତ୍ୱରେ ଏକ ଟିମ୍ ପଞ୍ଜାବ, ରାଜସ୍ଥାନ, ତେଲେଙ୍ଗାନା ଏବଂ କର୍ଣ୍ଣାଟକ ଗସ୍ତ କରି ସେଠାକାର ଲଘୁଖଣିଜ ପଦାର୍ଥଗୁଡିକୁ କିପରି ବ୍ୟବସ୍ଥିତ କରାଯାଇଛି ସେ ନେଇ ଅନୁଧ୍ୟାନ କରିଛନ୍ତି। ପଲେଇ ଏବଂ ଅତିରିକ୍ତ ସଚିବ ଅଭୟ ନାୟକ ୨୦୧୯ ଡିସେମ୍ବର ୧୬ ରୁ ୨୧ ତାରିଖ ଯାଏ ପଞ୍ଜାବ ଓ ରାଜସ୍ଥାନ ଗସ୍ତ କରିଥିବା ବେଳେ ସ୍ୱତନ୍ତ୍ର ସଚିବ ଶଶଧର ନାୟକ ଡିସେମ୍ବର ୧୮ ଓ ୨୨ ତାରିଖରେ ତେଲେଙ୍ଗାନା ଓ କର୍ଣ୍ଣାଟକ ଗସ୍ତ କରିଥିଲେ। ଏହି ଟିମ୍ ସେହି ସବୁ ରାଜ୍ୟରେ ନିଲାମ ପ୍ରକ୍ରିୟା, ଖୋଳା, ମୂଲ୍ୟ ନିର୍ଦ୍ଧାରଣ, ଯୋଗାଣ ପଦ୍ଧତି କ'ଣ, ଏଗୁଡିକ କିପରି ବ୍ୟବହାର ହେଉଛି ସେ ସମସ୍ତ ବିଷୟକୁ ଅନୁଧ୍ୟାନ କରି ରିପୋର୍ଟ ଦେଇଛନ୍ତି। ଏହାକୁ ତର୍ଜମା କରିବା ପରେ ରାଜ୍ୟର ଲଘୁଖଣିଜ ପଦାର୍ଥ ପାଇଁ ସ୍ୱତନ୍ତ୍ର ଗାଇଡ ଲାଇନ ପ୍ରସ୍ତୁତ କରାଯିବ।

ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଲଘୁଖଣିଜ ପଦାର୍ଥ କିପରି ସାଧାରଣ ଲୋକ, ଘରୋଇ ବ୍ୟବହାର ଏବଂ ଶିଳ୍ପ ସଂସ୍ଥାକୁ ଯୋଗାଇ ଦିଆଯିବ, ଖଣିଜ ପଦାର୍ଥ ପାଇଁ ରାଜ୍ୟରେ କିପରି ଏକ ଉତ୍ତମ ନୀତି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଲଘୁ ଖଣିଜ ପଦାର୍ଥ ପାଇଁ ରାଜ୍ୟରେ ଏକ ନିର୍ଦ୍ଦେଶାଳୟ ଗଠନ କରାଯାଇଛି। ପୁରୁଣା ବ୍ୟବସ୍ଥା ଅନୁଯାୟୀ ତହସିଲଦାରମାନେ ଲଘୁଖଣିଜ ପଦାର୍ଥଗୁଡିକୁ ନିଲାମ କରୁଛନ୍ତି। ରାଜସ୍ୱ ବିଭାଗର ଏକ ଟିମ୍ ବିଭିନ୍ନ ରାଜ୍ୟ ଗସ୍ତ କରି ଅନୁଧ୍ୟାନ କରିଛନ୍ତି। ସେସବୁକୁ ତର୍ଜମା କରିବା ପରେ ରାଜ୍ୟ ପାଇଁ ଏକ ସମୟୋପଯୋଗୀ ପଲିସି ପ୍ରସ୍ତୁତ କରାଯିବ। ଏହି ବୈଠକରେ ଖଣି ଓ ଇସ୍ପାତ ସଚିବ ରାଜକୁମାର ଶର୍ମା, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଓ ବିଭାଗୀୟ ଅଧିକାରୀମାନେ।

## ସଂକ୍ଷେପରେ

### ଦୁଇ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧।୨(ବ୍ୟୁରୋ): ଝାଡଖଣ୍ଡ ଏବଂ ଓଡିଶା ଉପରେ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨ ଦିନ ରାଜ୍ୟର ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲା, କଳାହାଣ୍ଡି, ଗଜପତି, ରାୟଗଡା, କୋରାପୁଟ, ବଲାଙ୍ଗୀର, ନୟାଗଡ, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ ଜିଲାର ଅଳ୍ପ କେତେକ ସ୍ଥାନରେ ଏବଂ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ସୋମବାର ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ରାୟଗଡା, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଆଦି ଜିଲାର କେତେକ ସ୍ଥାନରେ ମଧ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଆଦି ଜିଲାର କେତେକ ସ୍ଥାନରେ ଘନ କୁହୁଡି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ଆକାଶ ମେଘୁଆ ରହିଥିବାରୁ ସର୍ବନିମ୍ନ ତାପମାତ୍ରା ୧୦ରୁ ୨୦ ଡିଗ୍ରୀ ସେଲସିୟସ ମଧରେ ରହିଛି। ସର୍ବୋଚ୍ଚ ତାପମାତ୍ରା ବଢୁ ନ ଥିଲେ ମଧ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟୁଛି।

### ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗ

କାଳିମେଳା,୧।୨(ଡି.ଏନ.ଏ.): ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ଆବାସିକ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ଓ ୨ ଜଣ ପିଅନ ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟାଳୟରୁ ୧୦ ବସ୍ତା ଚାଉଳ ଚୋରି କରୁଥିବାବେଳେ ଧରାପଡିଛନ୍ତି। ଏହି ଚାଉଳ ଚୋରିକୁ ଛାତ୍ରମାନେ ଧରିଛନ୍ତି। ଖବର ନେବାରୁ ଜଣାପଡିଛି ଏହି ବିଦ୍ୟାଳୟରେ ମୋଟ ୪୦୪ ଜଣ ଛାତ୍ର ପଢନ୍ତି। ମାତ୍ର ବିଦ୍ୟାଳୟରେ ପିଲାଙ୍କୁ ଭଲ ଖାଇବାକୁ ମିଳୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ଜଣେ ଶିକ୍ଷକ ଓ ୨ଜଣ ପିଅନ ରାତି ପ୍ରାୟ ଗୋଟାଏରେ ବିଦ୍ୟାଳୟର ରୋଷେଇ ଘରୁ ୧୦ ବସ୍ତା ଚାଉଳ ଚୋରି କରି ଅନ୍ୟ ଏକ ଘର ଭିତରେ ରଖିଥିଲେ। ଏହି ସମୟରେ ବିଦ୍ୟାଳୟର କେତେକ ଛାତ୍ର ଦେଖିଥିଲେ। ଶନିବାର ସକାଳେ ବିଦ୍ୟାଳୟରେ ଏହି ଘଟଣା ଜଣାପଡିବା ପରେ ପ୍ରଧାନଶିକ୍ଷକ ଏହି ଚାଉଳ ବସ୍ତାଗୁଡ଼ିକୁ ନେଇ ପୁନର୍ବାର ବିଦ୍ୟାଳୟ ରୋଷେଇ ଘରେ ରଖିଦେଇଥିବା ଜଣାପଡିଛି। କେବଳ ଏବେ ନୁହେଁ ପୂର୍ବରୁ ମଧ ଏହି ବିଦ୍ୟାଳୟରୁ ଚାଉଳ ଚୋରି ହୋଇଥିବା ଛାତ୍ର ସିନା ମାଡି, ମାଧବ ମାଢ଼ି, ଶ୍ରୀନୁ ମାଡକାମି, ଦେବେନ୍ଦ୍ର ମାଡକାମି, ବୀରେନ୍ଦ୍ର ମାଡକାମି, ବାନୁ ସାନ୍ଧି ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କଲେ କିମ୍ବା ବାହାରେ ପ୍ରକାଶ କଲେ ପରୀକ୍ଷାରେ ଫେଲ କରିଦେବି ବୋଲି ଶିକ୍ଷକ ଜଣକ କହୁଛନ୍ତି। ଏ ବିଷୟରେ ପ୍ରଧାନଶିକ୍ଷକ ଅବଗତ ଥାଇ ମଧ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପଟେଲଙ୍କୁ ପଚାରିବାରୁ ସେ ଚାଉଳ ଚୋରି ଘଟଣା ସତ୍ୟ ବୋଲି ପ୍ରକାଶ କରିଛନ୍ତି। ସେ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ସେ, ଏହା ମୋ ବିରୋଧରେ ଏକ ଚକ୍ରାନ୍ତ ବୋଲି କହି ଚାଉଳ ଚୋରି ବିଷୟରେ କିଛି କହି ନ ଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭରତ ଗୁରୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୋ ପାଖକୁ ସେପରି ଅଭିଯୋଗ ଆସିଲେ ଏହାର ତଦନ୍ତ କରି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସିଏଏ, ଏନ୍ଆର୍ସି, ଏନ୍ପିଆର ବିରୋଧରେ ସଚେତନ କରାଇବ ସିପିଏମ୍

ଭୁବନେଶ୍ୱର,୧।୨(ବ୍ୟୁରୋ): ସାରା ଦେଶରେ ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍ପିଆର) ଆଧାରରେ ଜାତୀୟ ନାଗରିକ ପଞ୍ଜିକା(ଏନ୍ଆରସି) ପ୍ରସ୍ତୁତ କରାଯିବ। ଏହା ଦେଶକୁ ଧର୍ମଭିତ୍ତିରେ ପୁନର୍ବାର ଭାଗ କରିବା ପାଇଁ ଏକ ଚକ୍ରାନ୍ତ ବୋଲି ସିପିଏମ୍ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି। ଏହିପରି ପଦ୍ଧତିକୁ ଦଳ ସମ୍ପୂର୍ଣ୍ଣ ଭାବେ ବିରୋଧ କରିବା ସହ କାର୍ଯ୍ୟକାରିଣୀରେ ଏହା ବିରୋଧରେ ପ୍ରସ୍ତାବ ଗୃହୀତ କରାଇଛନ୍ତି। ଗତ ଜାନୁୟାରୀ ୩୧ ତାରିଖରେ ଦଳର କାର୍ଯ୍ୟକାରିଣୀରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଶାସନ କରୁଥିବା ବିଜେଡିର ବଦଳୁଥିବା ଆଭିମୁଖ୍ୟକୁ ନେଇ ମଧ ସମାଲୋଚନା କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, ବିଜେଡି ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ସମର୍ଥନ କରିସାରିଛି। ଏହା ପରେ ଏନ୍ଆରସିକୁ ବିରୋଧ ନେଇ ମଧ ଘୋଷଣା କରିସାରିଛି। ହେଲେ ଏହା ପରେ ଏନ୍ପିଆର ପ୍ରକ୍ରିୟାକୁ ମଧ ସମର୍ଥନ କରିଛି। ତେଣୁ ବିଜେଡି ଜନଗଣଙ୍କ ସହ ଛଳନା କରୁଥିବା ସିପିଏମ୍ କହିଛି। ଓଡ଼ିଶାରେ ୨୨ ପ୍ରତିଶତ ଆଦିବାସୀ ଏବଂ ୧୬ ପ୍ରତିଶତରୁ ଅଧିକ ଦଳିତ ରହିଛନ୍ତି। ସେମାନେ ବର୍ଷ ବର୍ଷ ଧରି ପ୍ରକୃତି କୋଳରେ ରହିଆସିଛନ୍ତି, କାଗଜପତ୍ର ସେମାନେ କେଉଁଠାରୁ ଆଣିବେ। କେନ୍ଦ୍ର ସରକାରଙ୍କ ଏହି ସବୁ ନୀତି ଦ୍ୱାରା ରାଜ୍ୟର ଅବହେଳିତ ବର୍ଗ ବହୁଳଭାବେ ପ୍ରଭାବିତ ହେବେ। ବିଜେଡି କେନ୍ଦ୍ର ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ସମସ୍ତ କାର୍ଯ୍ୟ କରୁଛି। ସିପିଏମ୍ ନେତା ଅଳି କିଶୋର ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶା ସମେତ ୧୩ ରାଜ୍ୟ ଏନ୍ଆରସିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ୪ଟି ରାଜ୍ୟ ସିଏଏ–ଏନ୍ଆରସି–ଏନ୍ପିଆର ବିରୋଧରେ ପ୍ରସ୍ତାବ ଆଣିବା ସହ ଗୃହୀତ କରାଇଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କଠାରୁ କିଛି ଶିକ୍ଷା ଗ୍ରହଣ କରନ୍ତୁ ବୋଲି ଅଳି କିଶୋର କହିଛନ୍ତି। ସିପିଏମ୍ ଦ୍ୱାରା ଏ ସମ୍ପର୍କରେ ବ୍ୟାପକ ଜନସଚେତନତା କରାଯିବ। ଆସନ୍ତା ୧୩ରେ ଦଳ ପକ୍ଷରୁ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହେବ। ଏଥିରେ ସୀତାରାମ ୟେଚୁରୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୫ରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ ମାର୍ଚ୍ଚ ୨୯ ଯାଏ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡିଛି।

# ସୂଚନା ଅଧିକାର କର୍ମୀଙ୍କ ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହ**


ରଞ୍ଜନ କୁମାର ଦାସ

ମାର୍ଶାଘାଇ,୧।୨ (ଡି.ଏନ୍.ଏ.)

ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ (୩୮)ଙ୍କ ମୃତଦେହ ମାର୍ଶାଘାଇ ଥାନା ଭଗବାନପୁର–ବେରୁହାଁ ରାସ୍ତା କଡରୁ ଶନିବାର ସକାଳେ ଉଦ୍ଧାର କରାଯାଇଛି। ତାଙ୍କ ଘର କେନ୍ଦ୍ରାପଡା ଜିଲା ପାଟକୁରା ଥାନା ମାଣିକପୁର ଗ୍ରାମରେ ବୋଲି ଜଣାପଡିଛି। ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସେ ଜଣେ ସୂଚନା ଅଧିକାର କର୍ମୀ ହୋଇଥିବାରୁ ବିଭିନ୍ନ ଦୁର୍ନୀତିକୁ ସୂଚନା ଅଧିକାର ଆଇନ ବଳରେ ଲୋକଲୋଚନକୁ ଆଣୁଥିଲେ। ଅନେକ ସମୟରେ ତାଙ୍କୁ ଚିଙ୍ଗୁଡି ବ୍ୟବସାୟୀ, ମଦ ବ୍ୟବସାୟୀ ଓ ଠିକାଦାରଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଥିବାବେଳେ ହତ୍ୟା ଧମକ ମଧ ମିଳୁଥିଲା। ଶୁକ୍ରବାର ରାତିରେ ତାଙ୍କୁ କେହି ମାରି ଦେଇଥିବା ନେଇ ରଞ୍ଜନଙ୍କ ଭିଣୋଇ ବଳରାମ ଦାସ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଭଗବାନପୁର–ବେରୁହାଁ ରାସ୍ତା କଡରେ ଜଣେ ଯୁବକ ତଳମୁହାଁ ହୋଇ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଯୁବକଙ୍କ ଉପରେ ଏକ ବଜାଜ୍ ଡିସ୍କଭର ମୋଟର ସାଇକେଲ (ନଂ ଓଆର–୦୪ ଜି–୧୩୦୪) ରଖାଯାଇଥିବାବେଳେ ପାଖରେ ଏକ ବ୍ୟାଗ୍, ହେଲମେଟ, ମୋବାଇଲ ପଡିଥିବା ଦେଖିବାକୁ ମିଳିଥିଲା। ଏହା ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। ପରେ ମୃତଦେହ ସୂଚନା ଅଧିକାର କର୍ମୀ ରଞ୍ଜନଙ୍କ ବୋଲି ତାଙ୍କ ପରିବାର ଓ ସମ୍ପର୍କୀୟ ଚିହ୍ନଟ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲା। ଏସପି ନୀତିଶେଖର, ଏସଡିପିଓ ରାଜୀବ ଲୋଚନ ପଣ୍ଡା, ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା, ସ୍ପେଶାଲ ସ୍କ୍ୱାଡ୍ ସବ୍ ଇନ୍ସପେକ୍ଟର ପି. କେ. କାନୁନଗୋ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରପକ୍ଷରେ ରଞ୍ଜନଙ୍କ ପରିବାର ଲୋକେ ଓ ସମ୍ପର୍କୀୟମାନେ ନ୍ୟାୟ ଦାବି କରି ଚଣ୍ଡିଖୋଲ–ପାରାଦୀପ ୫(କ) ଜାତୀୟ ରାଜପଥର ହଳଦିଆଗୋଡାଠାରେ ଧାରଣାରେ ବସିଥିଲେ। ଏସପି ନୀତିଶେଖର ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ରାଜ୍ୟ ତଥା ବିଭିନ୍ନ ଜିଲାର ସୂଚନା ଅଧିକାର କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାରୀଙ୍କୁ ତୁରନ୍ତ ଧରିବା ସହ ପରିବାରକୁ ନ୍ୟାୟ ପ୍ରଦାନ ଲାଗି ଦାବି କରିଛନ୍ତି। ଏ ନେଇ ମାର୍ଶାଘାଇ ଥାନାରେ ଆଇପିସିର ଧାରା ୩୦୨,୩୪ ରେ ମାମଲା ରୁଜୁ କରାଯାଇଛି। ଏହାର କେସ ନଂ ୨୪/୨୦୨୦। ରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନା ପଠାଯାଇଛି। ସୂଚନାଯୋଗ୍ୟ ଯେ, ରଞ୍ଜନ ଓଡିଶା ସୂଚନା ଅଧିକାର ଅଭିଯାନ କେନ୍ଦ୍ରାପଡ଼ା ଜିଲା ଆବାହକ ଥିଲେ।

# ଏସ୍ସିବି ମେଡିକାଲରେ ପ୍ରଥମ କରୋନା ସନ୍ଦିଗ୍ଧ

କଟକ ଅଫିସ,୧।୨

ଚାଇନାର ସିଚୁଆନ ସ୍ଥିତ ସାଉଥ ୱେଷ୍ଟ ମେଡିକାଲ ବିଶ୍ୱବିଦ୍ୟାଳୟରେ ଏମ୍ବିବିଏସ ପଢୁଥିବା ଫୁଲବାଣୀର ଜଣେ ଡାକ୍ତରୀ ଛାତ୍ର କରୋନା ଭାଇରସ୍ରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଚିକିତ୍ସାଲାଗି ତାଙ୍କୁ ଏସ୍ସିବି ମେଡିକାଲର ସ୍ୱତନ୍ତ୍ର ଆଇସୋଲେଶନ୍ ୱାର୍ଡରେ ଭର୍ତ୍ତି କରାଯାଇଛି। ଡାକ୍ତରୀ ଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପୁଣେସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜିକୁ ପଠାଯିବ। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏସ୍ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ତେବେ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଏହି ଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନଜର ରଖିବ।

ସୂଚନାଯୋଗ୍ୟ, କରୋନା ଭୂତାଣୁ ସଂକ୍ରମଣ ସନ୍ଦେହରେ ସମ୍ପୃକ୍ତ ଛାତ୍ର ଗତ ଶୁକ୍ରବାର କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେ ଗତ ଜାନୁୟାରୀ ୧୧ ତାରିଖରେ ଚାଇନାରୁ ଫୁଲବାଣୀ ଫେରିଥିଲେ। ପ୍ରାୟ ଏକ ସପ୍ତାହ ହେଲା ତାଙ୍କୁ କାଶ ଓ ଥଣ୍ଡା ଲାଗି ରହିଥିଲା। ଚାଇନାରୁ ଫେରିଥିବାରୁ ତାଙ୍କୁ କରୋନା ଭାଇରସ ଆକ୍ରାନ୍ତ ହୋଇଥିବା ସନ୍ଦେହ ହୋଇଥିଲା। ଏ ନେଇ ସେ କନ୍ଧମାଳ ସିଡିଏମ୍ଓଙ୍କୁ ଚିଠି ଲେଖି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସ୍ୱତନ୍ତ୍ର ଭାବେ କରାଯିବାକୁ ନିବେଦନ କରିଥିଲେ। ତେବେ ସେଠାରେ କୌଣସି ସ୍ୱତନ୍ତ୍ର ସୁବିଧା ନ ଥିବାରୁ ତାଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଏସ୍ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ଏସ୍ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ରେ ନୋଡାଲ ଅଫିସର ଭାବେ ପଲ୍ମୁମନାରି ବିଭାଗର ମୁଖ୍ୟ ପ୍ରଫେସର ମନୋରଞ୍ଜନ ପଟ୍ଟନାୟକ ଦାୟିତ୍ୱରେ ରହିବେ। ଟିମ୍ରେ ସଦସ୍ୟ ଭାବେ ଭେଷଜ ବିଭାଗ, ନିଶ୍ଚେତକ ବିଭାଗ, କମ୍ୟୁନିଟି ଭେଷଜ ବିଭାଗ, ମାଇକ୍ରୋବାୟୋଲୋଜି ବିଭାଗ, ଇଏନ୍ଟି ବିଭାଗର ମୁଖ୍ୟଙ୍କ ସହ ମେଡିକାଲର ଜରୁରିକାଳୀନ ଅଧିକାରୀ ଏବଂ ଷ୍ଟୋର ଅଫିସର ରହିଛନ୍ତି।






## ଜିଲା ଚିଠି
### ବାଲେଶ୍ୱର



# ଶିଶୁ ସୁରକ୍ଷା ଯୋଜନା

ପଞ୍ଚାୟତସ୍ତରରେ ପିଲାମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ଅନ୍ୟତମ। ଅସୁରକ୍ଷିତ ପିଲାଙ୍କୁ ଉଦ୍ଧାର କରି ଜିଲା ଶିଶୁ କମିଟି ମାଧ୍ୟମରେ ଥଇଥାନ କରାଯିବା ଉଦ୍ଦେଶ୍ୟରେ ଜିଲାର ସବୁ ପଞ୍ଚାୟତରେ ଉକ୍ତ କମିଟି ଗଠନ କରାଯାଇଛି। ବାସ୍ତବରେ ଜିଲାର ଅଧିକାଂଶ ପଞ୍ଚାୟତରେ ଏହି କମିଟି ଗଠନ ହୋଇ ନ ଥିବାବେଳେ ଯେଉଁଠାରେ ଗଠନ ହୋଇଛି ସେଠାରେ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇ କେବଳ କାଗଜକଲମରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କାମ ଚଳାଇ ଚାଲିଥିବା ଓଏସିଆର୍ (ଓଡ଼ିଶା ଆଲିଆନ୍ସ ଫର୍ ଚାଇଲ୍ଡ ରାଇଟ୍ସ) ପକ୍ଷରୁ ହୋଇଥିବା ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ନିୟମ ଅନୁଯାୟୀ, ଜିଲାରେ ସବୁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ କରାଯିବ। ଉକ୍ତ କମିଟିରେ ସଭାପତି ଭାବେ ସରପଞ୍ଚ, ସମ୍ପାଦକ ଭାବେ ଅଙ୍ଗନୱାଡ଼ିର ସୁପରଭାଇଜର, ସଦସ୍ୟ ଭାବେ ଜଣେ ଏଏନ୍ଏମ୍, ଅଙ୍ଗନୱାଡ଼ିର ଜଣେ କର୍ମୀ, ଦୁଇଜଣ ପିଲା, କ୍ଲବ କି ଏନ୍ଜିଓ ସଂସ୍ଥାରୁ ଜଣେ ସଦସ୍ୟ ଏବଂ ଉକ୍ତ ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କୁ ଏଥିରେ ସଦସ୍ୟ ଭାବେ ଗ୍ରହଣ କରାଯିବାର ସ୍ଥିର ହୋଇଛି। ନିକଟରେ ବାଲେଶ୍ୱର ଜିଲା ରେମୁଣା ବ୍ଲକର ୩ଟି ପଞ୍ଚାୟତକୁ ନେଇ ଓଏସିଆର୍ ପକ୍ଷରୁ ଏକ ସର୍ଭେ କରାଯାଇ ନିରୁତ୍ସାହଜନକ ତଥ୍ୟ ସାମ୍ନାକୁ ଆସିଛି। ଶିଶୁଙ୍କ ସୁରକ୍ଷା ପାଇଁ ଏହି ଯୋଜନା କରାଯାଇଥିଲେ ମଧ ଜନସାଧାରଣଙ୍କ ସମେତ ଖୋଦ୍ ପଞ୍ଚାୟତର ସରପଞ୍ଚଙ୍କୁ ମଧ କମିଟି ସମ୍ପର୍କରେ ଜଣାନାହିଁ। ଆହୁରି ରୋଚକର କଥା ହେଲା, ଏହି କମିଟିଗୁଡ଼ିକରେ ଶିଶୁ ପ୍ରତିନିଧିଙ୍କ ନାମ ନ ଥିବା ଦେଖିବାକୁ ମିଳିଛି। ଜିଲାର ସମସ୍ତ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା କମିଟି ଗଠନ ହୋଇ ନ ଥିବାବେଳେ ଯେଉଁଗୁଡ଼ିକରେ ହୋଇଛି ଉକ୍ତ କମିଟିର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସରକାରଙ୍କ ଅନ୍ୟ ଯୋଜନା ପରି ଏହି ଯୋଜନା କେତେଦୂର ସଫଳ ହେଉଛି ତାହା ଏଥିରୁ ସ୍ପଷ୍ଟ ବୁଝାପଡୁଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଜ୍ଞାତରେ ଜିଲାର ସମସ୍ତ ପଞ୍ଚାୟତରେ ଉକ୍ତ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ଅନ୍ୟ କେଉଁଠି ନୂତନ ଭାବରେ ତିଆରି କରାଯାଇଥିବା ପଞ୍ଚାୟତଗୁଡ଼ିକରେ ଟ୍ରେନିଂ ଦିଆଯାଇ ନ ଥିବା କାରଣରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ସଚେତନତା ଅଭାବରୁ ଉକ୍ତ ଯୋଜନାର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ପଛରେ ପଡ଼ିଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ସରକାରଙ୍କ କୋଟି କୋଟି ଟଙ୍କା ଏ ଦିଗରେ ଖର୍ଚ୍ଚ ହେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହାକୁ ହାଲୁକା ଭାବେ ଗ୍ରହଣ କରିବା ଦୁଃଖର ବିଷୟ ହୋଇଛି। – ମାନସ ବିଶ୍ୱାଳ



ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍‌ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। -ଶ୍ରୀମା

# ହଜିଲାଣି ବିକାଶ ଦୃଷ୍ଟିଭଙ୍ଗୀ



ଆକାର ପଟେଲ

ସରକାରଙ୍କ ଗୁଜରାଟ ମଡେଲ ନିର୍ଦ୍ଦିଷ୍ଟ କଥନିକା (ନ୍ୟାରେଟିଭ୍) ଉପରେ ଆଧାରିତ ଥିଲା। ନରେନ୍ଦ୍ର ମୋଦିଙ୍କ ଅଧୀନରେ ଯେପରି ଭାବେ ରାଜ୍ୟ ସରକାର ପରିଚାଳିତ ହେଉଥିଲା ଭାରତରେ ଅନ୍ୟ କେଉଁଠି ସେପରି ହେଉ ନ ଥିଲା। ସରକାରକୁ ପୂର୍ବାପେକ୍ଷା ଅଧିକ ଦକ୍ଷ ଓ ଦୁର୍ନୀତିମୁକ୍ତ କରାଯାଇଥିଲା। ଏହାର ଫଳାଫଳ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଦୃଶ୍ୟମାନ ହେଲା। ତେଣୁ ନରେନ୍ଦ୍ର ମୋଦି ବିଶ୍ୱ ତଥା ଭାରତର ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଲେ। ତେବେ ମୋଦିଙ୍କ ମୁଖ୍ୟମନ୍ତ୍ରିତ୍ୱ ଅମଳରେ ଗୁଜରାଟରେ ଅର୍ଥନୈତିକ ଅଭିବୃଦ୍ଧି କିପରି ଥିଲା, ସେ ନେଇ ଭିନ୍ନମତ ରହିଛି। କିନ୍ତୁ ଅର୍ଥନୀତିକୁ ଆଗକୁ ନେବା ପାଇଁ ତାଙ୍କର ଯେ ଏକ ପ୍ରତିବଦ୍ଧତା ରହିଥିଲା, ଏଥିରେ ଦ୍ୱିମତ ନାହିଁ।

ସେ ସମୟରେ ମୁଁ ଯେତେବେଳେ ମୋଦିଙ୍କୁ ଭେଟିଥିଲି ସେ ମୋତେ କହିଥିଲେ ଯେ ସେ ଚାହାନ୍ତି, ଗୁଜରାଟ ବାର୍ଷିକ ୧୫% ହାରରେ ଅଭିବୃଦ୍ଧି କରୁ, ଯାହାଫଳରେ ଭାରତ ୧୦ ପ୍ରତିଶତ ହାରରେ ଅଭିବୃଦ୍ଧି କରିପାରିବ। ସେ ତାହା ଥଟାମଜାରେ କହି ନ ଥିଲେ ଏବଂ ସେ ଏଥିପାଇଁ ଦୃଢ଼ପ୍ରତିଜ୍ଞ ଥିଲେ। ସେ ସମୟରେ ରାଜ୍ୟ ଶାସନ ଓ ନ୍ୟାୟ ବ୍ୟବସ୍ଥାରେ ଯେ ତ୍ରୁଟିବିଚ୍ୟୁତି ରହିଥିଲା ଏଥିରେ ବି ଦ୍ୱିମତ ନାହିଁ। ୨୦୦୨ ହିଂସାକାଣ୍ଡକୁ କେବେହେଲେ ଅଣଦେଖା କରାଯାଇ ନ ପାରେ ଏବଂ ମୋଦି ହେଉଛନ୍ତି ଭାରତ ଇତିହାସରେ ଏକମାତ୍ର ନେତା ଯିଏ ଏକ ମହାଦଙ୍ଗା ପୂର୍ବରୁ ଶାସନ କ୍ଷମତାରେ ଥିଲେ ଏବଂ ତା' ପରେ ବି କ୍ଷମତାରେ ରହିଲେ। ଏସବୁ ସତ୍ତ୍ୱେ ସେ ଚାହିଁଥିଲେ ସମସ୍ତ ପାଞ୍ଚକୋଟି ଗୁଜରାଟୀଙ୍କ ପାଇଁ ଏକ ଶକ୍ତିଶାଳୀ ଅର୍ଥନୈତିକ ଅଭିବୃଦ୍ଧି। ମୋର ମନେହୁଏ ମୋଦି ଏବେ ସେ ବିକାଶ ଦୃଷ୍ଟିଭଙ୍ଗୀ ହଜାଇସାରିଲେଣି।

ମୁଁ ଆଶା କରୁଛି ଯେ ମୋର ଅନୁମାନ ଭୁଲ୍ ହୋଇଥାଉ କିନ୍ତୁ ତାହା ଏବେ କେଉଁଠି ହେଲେ ଦେଖିବାକୁ ବା ପଢ଼ିବାକୁ ମିଳୁନାହିଁ। ବର୍ତ୍ତମାନ ସରକାର ଯାହା ଉପରେ ଗୁରୁତ୍ୱ ଦେଉଛନ୍ତି, ସେଥିପାଇଁ କେହି ଦାବି କରି ନ ଥିଲେ ଏବଂ ତାହାଦ୍ୱାରା ଦେଶର କୌଣସି ଲାଭ ହେବ ନାହିଁ। ମୁଁ ଏନ୍‌ଡିଏ ସରକାର ଦେଶରେ ଲାଗୁ କରିବାକୁ ଜିଦି ଧରି ବସିଥିବା ତିନୋଟି ଆଇନ କଥା ହିଁ କହୁଛି– ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)।

ୟୁରୋପୀୟ ପାର୍ଲାମେଣ୍ଟରେ ସିଏଏ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ଅଣାଯାଇଥିବା ନେଇ ଆମ ବହିର୍ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଏକ ଅନୁକ୍ତ ସତ୍ୟ ହେଉଛି ଯେ ପ୍ରଥମ ଥର ପାଇଁ ଭାରତର ଆଭ୍ୟନ୍ତରୀଣ ନୀତିକୁ ବାହାର ଦେଶରେ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ସମୀକ୍ଷା କରି ନିନ୍ଦା କରାଯାଇଛି। କିନ୍ତୁ ନିନ୍ଦାରୁ ଦେଶକୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କିଛି କରାଯାଇ ନାହିଁ। ଏହା ଚିନ୍ତାଜନକ କାରଣ ଆମ ଦେଶକୁ ବାହାର ଦେଶଗୁଡ଼ିକ ଯଦି ଭଲ ଦୃଷ୍ଟିରେ ଦେଖିବେ ତେବେ ଭାରତକୁ ଅଧିକ ପୁଞ୍ଜି ଆସିପାରିବ। ଯଦି ଗୋଟିଏ ଦେଶର ନାଗରିକମାନେ ପରସ୍ପର ସହ ଯୁଦ୍ଧରତ ରହିବେ ଏବଂ ଅନ୍ୟମାନେ ଏହାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ, ତେବେ ସେ ଦେଶର କେବେ ବି ଆର୍ଥିକ ଉନ୍ନତି ହୋଇପାରିବ ନାହିଁ।

ଶନିବାର ପାର୍ଲାମେଣ୍ଟରେ ଉପସ୍ଥାପିତ ବଜେଟରେ ଆମ ଅର୍ଥନୀତିରେ କିଛି ସମସ୍ୟା ଅଛି ବୋଲି ସ୍ୱୀକାର କରାଯାଇ ନାହିଁ। ଯେଉଁମାନେ ଉକ୍ତ ସମସ୍ୟାଗୁଡ଼ିକ ଦୂର କରିବା ପାଇଁ କିଛି ପଦକ୍ଷେପ ନିଆଯାଉ ବୋଲି ଚାହୁଁଥିଲେ, ସେମାନେ ହତାଶ ହୋଇଛନ୍ତି। ସମସ୍ୟା ଅଛି ବୋଲି ସ୍ୱୀକାର କରିଥିଲେ ହିଁ ସରକାର ତା'ର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରିଥାନ୍ତେ। ଗତ ଦଶନ୍ଧି ଭିତରେ ଭାରତ ସବୁଠୁ ନିମ୍ନ ହାରରେ ଅଭିବୃଦ୍ଧି କରୁଛି। ଯଦି ସେହିପରି ଚାଲେ ତେବେ ସରକାର ନିର୍ବାଚନ ବେଳେ ଯେଉଁ ନିଯୁକ୍ତି ଓ ବିକାଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ପୂରଣ ହୋଇପାରିବ ନାହିଁ।

ଏହା ସ୍ପଷ୍ଟ ହୋଇଯାଇଛି ଯେ, ମୋଦି ଭାଜପାର ଆଦର୍ଶଗତ କାର୍ଯ୍ୟସୂଚୀକୁ ହିଁ ଆଗେଇ ନେବାକୁ ଚାହୁଁଛନ୍ତି ଏବଂ ସେଥି ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ସଫଳତା ପାଇସାରିଲେଣି। ଯେଉଁ ତିନୋଟି ପ୍ରସଙ୍ଗକୁ ନେଇ ଭାଜପା ଗଠିତ ହୋଇଥିଲା ସେଗୁଡ଼ିକ ହେଉଛି ଅଯୋଧ୍ୟା, କଶ୍ମୀର ଓ ସିଭିଲ କୋଡ୍। ସେଥିମଧ୍ୟରୁ ଅଯୋଧ୍ୟାକୁ ତ ସୁପ୍ରିମ୍‌କୋର୍ଟ ଉପହାର ସ୍ୱରୂପ ଦେଇଦେଲେ ଏବଂ କଶ୍ମୀର ପ୍ରସଙ୍ଗରେ କୋର୍ଟ ତରଫରୁ କୌଣସି ପ୍ରତିରୋଧ ଆସିଲା ନାହିଁ। ତିନି ତଲାକକୁ ଅପରାଧ ଘୋଷଣା କରାଗଲା। ତା'ପରେ ବହୁବିବାହଟା ଉଠେଇ ଦେଲେ ଭାଜପାର ପୂର୍ଣ୍ଣ ବିଜୟ ଘଟିବ। ଏସବୁ ପରେ ମୋଦି ସରକାର ସଂଖ୍ୟାଗୁରୁବାଦକୁ ଚଳେଇ ରଖିବା ଆଉ କି ଦରକାର ? ସବୁଲକ୍ଷ୍ୟ ପୂରଣ କରିବା ପରେ ସିଏଏ, ଏନ୍‌ଆର୍‌ସି ଭଳି ନୂଆ ଆଭିମୁଖ୍ୟ ଗ୍ରହଣ କରିବାର କି ଆବଶ୍ୟକତା ଥିଲା ? ମୋଦି ସରକାର ଏବେ ତାଙ୍କ ଆଦର୍ଶଗତ କାର୍ଯ୍ୟସୂଚୀକୁ ଛାଡ଼ି ଦେଶର ଅର୍ଥନୀତି କିପରି ସୁଧୁରିବ ତାହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ, ଯାହାର ସୂଚନା ଶନିବାରର ବଜେଟରେ ଦେଖିବାକୁ ମିଳିନାହିଁ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨ ଫେବୃୟାରୀ ୧୯୯୫

- ନାଟୋ ସହିତ ଉନ୍ନତ ସଂପର୍କ ସ୍ଥାପନ ପାଇଁ ଅଷ୍ଟ୍ରିଆ ଶାନ୍ତି କାର୍ଯ୍ୟକ୍ରମରେ ଅଂଶୀଦାର ହେବ ବୋଲି ଚାନସେଲର ଫ୍ରାନଜ ଭ୍ରାନିଟଜ୍‌କି ଘୋଷଣା କରିଛନ୍ତି।
- କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ସସପେଣ୍ଡ ହୋଇଥିବା ନେତା ଅର୍ଜୁନ ସିଂଙ୍କ ସମର୍ଥକ ଓ ଅନୁଗାମୀମାନେ ମଧ୍ୟପ୍ରଦେଶରେ ଏକ ସମାନ୍ତରାଳ 'ନଗର ଯୁବକଂଗ୍ରେସ' ଗଠନ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | 7 | | 3 | | | | | C | 5 | | | E |
| 1 | | 6 | | | | | | | 4 | | D | 8 | 3 | |
| 3 | | A | | | | | | | E | | | | 4 | C |
| | | 4 | 1 | D | | | E | | | 9 | | | | 0 |
| 8 | C | | | | 5 | | 3 | | | | 1 | | | |
| | | | | | | | | | | | 7 | E | | |
| | | 3 | 5 | | | 4 | | | | A | | | 7 | 9 |
| 2 | | 7 | 6 | | | | 0 | | | 1 | 9 | 5 | B | D |
| | A | D | | | | | | | B | | 6 | | | 3 |
| | | | | | | | 8 | | | | | 4 | C | 6 |
| 4 | | | | 3 | | | 1 | 6 | | | | 0 | | 5 |
| | | | B | 2 | A | | 4 | | C | 7 | | | | |
| | 9 | | D | 1 | C | | B | | | 0 | 4 | | 6 | |
| | 2 | | | | 0 | E | | | | | | | | |
| | 0 | | E | 9 | | | | C | | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | E | B | C | 0 | 1 | 3 | D | 5 | 7 | A | 4 | 9 | 8 | 2 |
| 4 | A | C | 7 | 8 | 5 | 1 | 2 | 9 | 0 | D | 6 | B | E | 3 |
| 3 | 2 | 8 | B | D | E | 0 | 6 | 4 | 9 | 5 | C | 7 | 1 | A |
| 1 | D | 9 | 6 | 4 | 2 | 8 | 7 | A | 3 | B | E | 5 | C | 0 |
| 7 | 0 | 5 | 9 | 3 | A | E | C | B | 1 | 8 | 2 | D | 4 | 6 |
| D | 8 | 0 | 2 | E | 6 | 7 | 9 | 3 | B | C | A | 4 | 5 | 1 |
| E | 6 | 3 | 5 | 9 | 4 | C | B | D | 8 | 0 | 1 | 2 | A | 7 |
| 5 | B | 4 | 1 | 7 | 8 | 6 | A | 0 | 2 | 9 | D | E | 3 | C |
| 9 | 7 | 1 | A | C | D | 2 | 4 | 8 | E | 3 | 5 | 6 | 0 | B |
| A | C | 2 | 0 | B | 3 | 5 | E | 1 | 4 | 6 | 7 | 8 | 9 | D |
| 2 | 9 | D | 8 | 1 | 7 | A | 5 | C | 6 | 4 | 3 | 0 | B | E |
| 8 | 4 | 7 | 3 | 6 | 0 | 9 | 1 | E | A | 2 | B | C | D | 5 |
| B | 5 | E | 4 | 2 | 9 | D | 3 | 7 | C | 1 | 0 | A | 6 | 8 |
| C | 1 | A | E | 5 | B | 4 | 0 | 6 | D | 7 | 8 | 3 | 2 | 9 |
| 0 | 3 | 6 | D | A | C | B | 8 | 2 | 5 | E | 9 | 1 | 7 | 4 |

ଗତକାଲିର ଉତ୍ତର

# ଇଲେକ୍ଟୋରାଲ ବଣ୍ଡ୍: ଦେୟ ଭରୁଛନ୍ତି ଜନତା



ନୀତିନ୍ ସେଠୀ

ବେନାମୀ କୋଟିପତିମାନେ ଇଲେକ୍ଟୋରାଲ ବଣ୍ଡ୍ ଆକାରରେ ଈପ୍ସିତ ରାଜନୈତିକ ଦଳଗୁଡ଼ିକୁ ହଜାର ହଜାର କୋଟି ଟଙ୍କା ଦାନ କରୁଥିବା ବେଳେ ଭାରତୀୟ ଟିକସଦାତାମାନେ ବ୍ୟାଙ୍କିଙ୍ଗ୍ ଫି, କମିଶନ୍, ଛପା ଓ ଆନୁଷଙ୍ଗିକ ଖର୍ଚ୍ଚ ଆଦି ବହନ କରୁଛନ୍ତି ବୋଲି ହଫ୍‌ପୋଷ୍ଟ ଇଣ୍ଡିଆ ଦ୍ୱାରା ପ୍ରାପ୍ତ ଓ ସମୀକ୍ଷିତ ତଥ୍ୟରୁ ଜଣାପଡ଼ିଛି। ରାଜନୈତିକ ପାଣ୍ଠି ଯୋଗାଣକୁ ସୁଗମ କରିବା ଲାଗି ଆବଶ୍ୟକ ବ୍ୟାଙ୍କିଙ୍ଗ୍ ଚାନେଲର ସୁରକ୍ଷିତ ଭିତ୍ତିଭୂମି, ଆକାଉଣ୍ଟ ଓ ମୁଦ୍ରଣ ଆଦି ପାଇଁ ଯେଉଁ ଖର୍ଚ୍ଚ ହେଉଛି ସେଥିଲାଗି ସମ୍ପୃକ୍ତ କୋଟିପତି ଦାତା ବା ଗ୍ରହୀତା ରାଜନୈତିକ ଦଳ ଟଙ୍କାଟିଏ ବି ଦେଉନାହାନ୍ତି। ତା' ବଦଳରେ ଏହି ଟଙ୍କା କନ୍‌ସଲିଡେଟେଡ୍ ଫଣ୍ଡ୍ ଅଫ୍ ଇଣ୍ଡିଆ ବା ଭାରତ ସରକାରଙ୍କ ଆକାଉଣ୍ଟରୁ ଖର୍ଚ୍ଚ ହେଉଛି, ଯେଉଁ ଆକାଉଣ୍ଟରେ ସରକାରଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଅର୍ଥ ଜମା ହେଉଛି। ଯେକୌଣସି ବ୍ୟାଙ୍କିଙ୍ଗ୍ କାରବାର ପାଇଁ ସାଧାରଣ ଲୋକଙ୍କଠାରୁ ଫି, କମିଶନ ଇତ୍ୟାଦି ନିଆଯାଉଥିବା ବେଳେ ହଜାର ହଜାର କୋଟି ଟଙ୍କାର ରାଜନୈତିକ ଦାନ କ୍ଷେତ୍ରରେ ତାହା କରା ନ ଯିବା କେତେଦୂର ସ୍ପୃହଣୀୟ ?

ଭାରତୀୟ ଟିକସଦାତାଙ୍କ ଜବରଦସ୍ତ ବଦାନ୍ୟତାର ସବୁଠାରୁ ବେଶି ଲାଭ ଉଠାଇଛି ଭାରତୀୟ ଜନତା ପାର୍ଟି (ଭାଜପା)। ଏ ଯୋଜନା ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଭାଜପା ସବୁଠାରୁ ଅଧିକ ଟଙ୍କା ପାଇଛି। ଚଳିତ ମାସର ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୮–୧୯ରେ ଭାଜପା ଦାନ ମାଧ୍ୟମରେ ଯେତେ ଟଙ୍କା ପାଇଛି, ତା'ର ୬୦ ପ୍ରତିଶତ ବା ୧,୪୫୦ କୋଟି ଟଙ୍କା ପାଇଛି କେବଳ ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ।

ସବୁଠାରୁ ଖରାପ କଥା ହେଲା ରାଜନୈତିକ ଦାନଗୁଡ଼ିକୁ ଦାତାଙ୍କ ପାଇଁ ଟିକସମୁକ୍ତ କରାଯାଇଛି। ତେଣୁ ଯେତେବେଳେ କମ୍ପାନୀଗୁଡ଼ିକ ବା ଧନୀ ବ୍ୟକ୍ତିମାନେ ନିଜ ପସନ୍ଦର ଦଳକୁ ଦାନ ଦେଉଛନ୍ତି, ସେତେବେଳେ ରାଜକୋଷକୁ କମ୍ ଟିକସ ଆସୁଛି। ଅର୍ଥ ମନ୍ତ୍ରଣାଳୟର ଫାଇଲ ନୋଟିଂ, ଚିଠିର ଆଦାନପ୍ରଦାନ, ଆଭ୍ୟନ୍ତରୀଣ ନୋଟ୍ ଓ ମେମୋ ଆଦି ସମୀକ୍ଷା କରି ହଫ୍‌ପୋଷ୍ଟ ଇଣ୍ଡିଆ ଜାଣିପାରିଛି ଯେ, ରାଜନୈତିକ ପାଣ୍ଠି ଯୋଗାଣକୁ ସୁଗମ କରିବା ପାଇଁ ସର୍ବସାଧାରଣଙ୍କ ପାଣ୍ଠିର ଉପଯୋଗ କରିବା ଲାଗି ଆରମ୍ଭରୁ ହିଁ ନିଷ୍ପତ୍ତି ନିଆଯାଇଥିଲା। ଦାନ ବିବରଣୀ ସର୍ବସାଧାରଣଙ୍କ ଦୃଷ୍ଟିରୁ ଲୁଚାଇ ରଖିବା ପାଇଁ ବ୍ୟବସ୍ଥା ହେବା ସହ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)କୁ ଦାୟିତ୍ୱ ଦିଆଗଲା। ଅଥଚ ୨୦୧୮ ମାର୍ଚ୍ଚରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ମୋଟ ୧୪ଟି ପର୍ଯ୍ୟାୟରେ କେତେ ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ କ୍ରୟ, ବିକ୍ରୟ ଓ ଭଙ୍ଗାଣ ହୋଇଛି ତାହାର ତାରିଖଭିତ୍ତିକ ବିବରଣୀ ଦେବାକୁ ବ୍ୟାଙ୍କ ମନା କରିଦେଇଛି। କିନ୍ତୁ ଲୋକେଶ ବାତ୍ରାଙ୍କ ଆର୍‌ଟିଆଇ ଆବେଦନରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଜଣାପଡ଼ିଛି ଯେ, ମାର୍ଚ୍ଚ ୨୦୧୮ରୁ ମେ ୨୦୧୯ ଭିତରେ ୧୦ଟି ପର୍ଯ୍ୟାୟରେ ବିକ୍ରି, ଖର୍ଦ୍ଦି ଓ ଭଙ୍ଗାଣ ହୋଇଥିବା ମୋଟ ୫,୮୩୨ କୋଟି ଟଙ୍କାର କାରବାର ପାଇଁ ଏସ୍‌ବିଆଇ ଅର୍ଥ ମନ୍ତ୍ରଣାଳୟକୁ ୩.୨୪ କୋଟି ଟଙ୍କା ମାଗିଛି। ଏସ୍‌ବିଆଇ ପ୍ରତି ୧୦୦୦ ଟଙ୍କା ମୂଲ୍ୟର ଇଲେକ୍ଟୋରଲ ବଣ୍ଡ୍ ପାଇଁ ଟ୫.୫୦ର ଦେୟ ଦାବି କରିଛି। ଡିଜିଟାଲ ବଣ୍ଡ ପାଇଁ ଏହା ସରକାରଙ୍କଠାରୁ ପ୍ରତି କାରବାର ଲାଗି ଅତିରିକ୍ତ ୧୨ ଟଙ୍କା ଦାବି କରିଥିବା ବେଳେ ପ୍ରତି କାଗଜ ବଣ୍ଡ୍ ପାଇଁ ୫୦ ଟଙ୍କା ଦାବି କରିଛି। ତେଣେ ନାସିକଠାରେ ଥିବା ଭାରତୀୟ ସିକ୍ୟୁରିଟି ପ୍ରେସ୍ ପ୍ରତି ଇଲେକ୍ଟୋରାଲ ବଣ୍ଡ୍ ଛାପିବା ପାଇଁ ୨୫ ଟଙ୍କା ଚାର୍ଜ କରୁଛି। ଏହି ମୂଲ୍ୟ ସାମାନ୍ୟ ହୋଇପାରେ ମାତ୍ର ଏହା ପଚରାଯିବା ଉଚିତ ଯେ, କାହିଁକି ଏହା କୋଟିପତି ଦାତା ବା ଗ୍ରହୀତା ରାଜନୈତିକ ଦଳଗୁଡ଼ିକଠାରୁ ଆଦାୟ କରାଯାଉ ନାହିଁ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୧୭ ଜାନୁୟାରୀରେ ଏ ଇଲେକ୍ଟୋରାଲ ବଣ୍ଡ୍‌କୁ ବିରୋଧ କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କ ପଚାରିଥିଲା ଇଲେକ୍ଟୋରାଲ ବଣ୍ଡ୍ ଇସ୍ୟୁ ବାବଦକୁ ବ୍ୟାଙ୍କ ବା ଆର୍‌ବିଆଇକୁ କେତେ କମିଶନ ମିଳିବ। ସେତେବେଳେ ଅର୍ଥ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିଲା ଯେ ଏହି ଦେୟ ଓ କମିଶନ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଦେଇପାରିବ। ଦାତାମାନେ ଏହା ଦେବେ ନାହିଁ। ଆର୍‌ବିଆଇ ଏ ପ୍ରସ୍ତାବରେ ରାଜି ହେଲା ନାହିଁ। ତା'ପରେ ଅର୍ଥ ମନ୍ତ୍ରଣାଳୟ ଏସ୍‌ବିଆଇ ଯେ କୌଣସି ପ୍ରକାରେ ସ୍କିମ୍ ଚଳାଇବାକୁ ଆଦେଶ ଦେଲା। ଅକ୍ଟୋବର ୨୮, ୨୦୧୭ରେ ଅର୍ଥ ବିଭାଗର ଯୁଗ୍ମ ସଚିବ (ବଜେଟ) ପ୍ରଶାନ୍ତ ଗୋୟେଲ ଏକ ଆଭ୍ୟନ୍ତରୀଣ ନୋଟ୍ ଲେଖିଲେ ଯେ, ଛପା ଖର୍ଚ୍ଚ ଆଦାୟ କରାଯିବା ନେଇ ସମସ୍ୟା ରହୁଥିବାରୁ କେବଳ ଉଚ୍ଚ ପରିମାଣର ଯଥା ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଇଲେକ୍ଟୋରାଲ ବଣ୍ଡ୍ ପାଇଁ ଅନୁମତି ଦିଆଯାଉ। କିନ୍ତୁ ଏ ପ୍ରସ୍ତାବକୁ ଗ୍ରହଣ କରାଗଲା ନାହିଁ। ଶେଷରେ ସ୍ଥିର ହେଲା କେନ୍ଦ୍ର ସରକାର ଏ ଖର୍ଚ୍ଚ ବହନ କରିବେ। ଅନ୍ୟ ଭାଷାରେ କହିଲେ ଏ ଖର୍ଚ୍ଚ ସାଧାରଣ ଜନତା ହିଁ ବହନ କରିବେ। କିନ୍ତୁ ଡିସେମ୍ବର ୧୯, ୨୦୧୭ରେ ଅର୍ଥ ମନ୍ତ୍ରଣାଳୟ ଏବଂ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ବାବୁମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ସ୍ଥିର ହେଲା ଯେ ଏ କଥା ଅର୍ଥାତ୍ ସରକାର ଏ ଖର୍ଚ୍ଚ ବହନ କରିବେ ବୋଲି ଇଲେକ୍ଟୋରାଲ ବଣ୍ଡର ପ୍ରକାଶିତ ନିୟମାବଳୀରୁ ବାଦ୍ ଦିଆଯିବ। ତା' ବଦଳରେ ଏ ସମ୍ପର୍କୀୟ ସୂଚନା ପ୍ରଶାସନିକ ଆଦେଶନାମା ଭିତରେ ରହିବ, ଯାହାକୁ ସାଧାରଣ ଲୋକମାନେ ଦେଖିବା ବା ଯାଞ୍ଚ କରିବାର ସୁଯୋଗ ପାଆନ୍ତି ନାହିଁ। ପ୍ରକାଶିତ ନିୟମାବଳୀରେ ଲେଖାଗଲା ଯେ ଦାତା କୌଣସି କମିଶନ ବା ଦେୟ ଦେବେ ନାହିଁ। କିନ୍ତୁ କିଏ ଦେବ ତାହା ଏଥିରେ ଉଲ୍ଲେଖ ରହିଲା ନାହିଁ। ତେବେ ସରକାର ଦେୟ ଦେବେ ବୋଲି ନିୟମାବଳୀରେ ଉଲ୍ଲେଖ ରହୁ ବୋଲି ଏସ୍‌ବିଆଇ ଚାହୁଁଥିଲା। ତା' ନ ହେଲେ ବିକଳ୍ପ ଭାବେ ପାଣ୍ଠି ଗ୍ରହଣକାରୀ ରାଜନୈତିକ ଦଳଗୁଡ଼ିକ ଏହି ଖର୍ଚ୍ଚ ବହନ କରିବା କଥା ନିୟମାବଳୀରେ ରହିବା ପାଇଁ ବ୍ୟାଙ୍କ ପ୍ରସ୍ତାବ ଦେଇଥିଲା। ଏସ୍‌ବିଆଇର ଗ୍ରୁପି ମାର୍କେଟ୍‌ସ ଡିଭିଜନର ମୁଖ୍ୟ ମହାପ୍ରବନ୍ଧକ ଜି. ରବୀନ୍ଦ୍ରନାଥ ଲେଖିଥିବା ଚିଠିରୁ ଏହା ଜଣାପଡ଼ିଛି। କିନ୍ତୁ ଏସ୍‌ବିଆଇର ପ୍ରସ୍ତାବ ଗ୍ରହଣ କରାଗଲା ନାହିଁ। ଇଲେକ୍ଟୋରାଲ ବଣ୍ଡର ଅନ୍ତିମ ନିୟମାବଳୀରେ ଉଲ୍ଲେଖ ରହିଲା ଯେ, ଦାତା କିମ୍ବା ଗ୍ରହୀତାଙ୍କୁ କିଛି ଦେୟ ଦେବାକୁ ପଡ଼ିବ ନାହିଁ। କିନ୍ତୁ ଏହାକୁ ସରକାର ରାଜକୋଷରୁ ଭରଣା କରିବେ ବୋଲି ସେଥିରେ ଉଲ୍ଲେଖ ରହିଲା ନାହିଁ।

ସିକ୍ୟୁରିଟି ମୁଦ୍ରଣ ପ୍ରେସ୍ ଇଲେକ୍ଟୋରାଲ ବଣ୍ଡର ମୁଦ୍ରଣ ପାଇଁ ୨୦୧୮ ଅକ୍ଟୋବର ସୁଦ୍ଧା ୧.୬୭ କୋଟି ଟଙ୍କାର ବିଲ୍ ଅର୍ଥ ମନ୍ତ୍ରଣାଳୟକୁ ପଠାଇଛି, ଯାହାକୁ ମନ୍ତ୍ରଣାଳୟ ଅନିଚ୍ଛା ସତ୍ତ୍ୱେ ପ୍ରଦାନ କରିଛି। ମୋଟ ୧୨ଟି ପର୍ଯ୍ୟାୟରୁ ୧୦ଟି ପର୍ଯ୍ୟାୟ ଶେଷ ସୁଦ୍ଧା ଏସ୍‌ବିଆଇ ସରକାରଙ୍କ ପାଖକୁ ୩.୨୪ କୋଟି ଟଙ୍କାର ବିଲ୍ ପଠାଇଛି। ଏହିସବୁ ଅର୍ଥ ସାଧାରଣ ଜନତାଙ୍କ ଅଗୋଚରରେ ତାଙ୍କ ପ୍ରଦତ୍ତ ରାଜକୋଷରୁ ହିଁ ପଇଠ କରାଯାଉଛି।

moruoak00@gmail.com

# ଆନ୍ଦୋଳନର ଆଚାର ସଂହିତା ଓ ଅରାଜକତା



ଅରୁଣ କୁମାର ପଣ୍ଡା

ଆନ୍ଦୋଳନ, ଧର୍ମଘଟ, ଧାରଣା ଦାୟିତ୍ୱହୀନ ରାଜନୈତିକ ଖେଳ ନୁହେଁ, ବରଂ ଏହା ଜୀବନ୍ତ ଗଣତନ୍ତ୍ରର ପ୍ରାଣଶକ୍ତି। ନିଜର ବିଚାର କିମ୍ବା ଯୁକ୍ତି ସପକ୍ଷରେ ଜନମତ ପ୍ରଭାବିତ କରିବା ସହିତ ଶାସନର ସ୍ୱେଚ୍ଛାଚାର ବିରୋଧରେ ଜାଗରଣ ସୃଷ୍ଟି କରିବା ହେଉଛି ଆନ୍ଦୋଳନର ଲକ୍ଷ୍ୟ। ସଚ୍ଚା ଆନ୍ଦୋଳନକାରୀ ସମ୍ବିଧାନ ଓ ବିଧିବ୍ୟବସ୍ଥାର ଗଣ୍ଡି ଭିତରେ ରହି ନ୍ୟାୟପୂର୍ଣ୍ଣ ଭାବେ ଶାସନ ଉପରେ ଚାପ ସୃଷ୍ଟି କରନ୍ତି। ପରନ୍ତୁ ଆନ୍ଦୋଳନ ନାଁରେ ଦେଶର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ହେଲା ଲକ୍ଷ ଲକ୍ଷ କୋଟି ଟଙ୍କାର ସମ୍ପତ୍ତିକୁ ଭାଙ୍ଗିରୁଜି, ଜାଳିପୋଡି ଯେଉଁଭଳି ଭାବରେ ନଷ୍ଟ କରାଯାଉଛି ତାହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଠିକ୍ ଏବଂ ନ୍ୟାୟପୂର୍ଣ୍ଣ ଆନ୍ଦୋଳନ ଶାସନ ଓ ସମାଜକୁ ଦିଶା ନିର୍ଦ୍ଦେଶ କରିଥାଏ, କିନ୍ତୁ ଅରାଜକତା ଆନ୍ଦୋଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରଭାବଶୂନ୍ୟ କରିଥାଏ। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ସମ୍ପ୍ରତି ଦେଶର ବିଭିନ୍ନ ସ୍ଥାନରେ ଯେଉଁ ହିଂସାତ୍ମକ ଆନ୍ଦୋଳନ ହେଲା ସେଥିରେ କେବଳ ଭାରତୀୟ ରେଳବାଇର ପାଖାପାଖି ୯୫ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହିଂସାତ୍ମକ ବିରୋଧ ପ୍ରଦର୍ଶନ ବେଳେ ୨୦ରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ବହୁସଂଖ୍ୟକ ପୋଲିସ ଓ ସାଧାରଣ ଲୋକ ମଧ୍ୟ ଆହତ ହୋଇଛନ୍ତି। କୋଟି କୋଟି ଟଙ୍କା ମୂଲ୍ୟର ସରକାରୀ ଓ ବେସରକାରୀ ଗାଡ଼ିରେ ନିଆଁ ଲଗାଇ ଦିଆଗଲା। ସାଧାରଣ ଲୋକଙ୍କ ଘର ଓ ଦୋକାନକୁ ମଧ୍ୟ ଜଳାଇଦିଆଗଲା।

ସମ୍ବିଧାନର ଅନୁଚ୍ଛେଦ ୫୧–ଏ/ବି'ରେ କୁହାଯାଇଛି ଯେ, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା ଏବଂ ହିଂସାଠାରୁ ଦୂରେଇ ରହିବା ଆମର ସାମ୍ବିଧାନିକ କର୍ତ୍ତବ୍ୟ। ସ୍ୱାଧୀନତା ଆନ୍ଦୋଳନ ସମୟରେ ବିଦେଶୀ ଶାସନ କବଳରୁ ମୁକ୍ତି ପାଇଁ ହୋଇଥିବା ସଂଗ୍ରାମରେ ଆଦର୍ଶ ଜୀବନମୂଲ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ମର୍ଯ୍ୟାଦାର ଲକ୍ଷ୍ମଣରେଖା ଭିତରେ ହିଁ ଆନ୍ଦୋଳନ ଚାଲିଥିଲା।

ସେହିପରି ୨୦୧୬ ଫେବୃୟାରୀ ମାସରେ ହରିୟାଣାରେ ଜାଠ ଆନ୍ଦୋଳନ ବେଳେ ବ୍ୟାପକ ହିଂସା, ଲୁଟପାଟ ଏବଂ ସରକାରୀ ସମ୍ପତ୍ତିରେ ବ୍ୟାପକ ଜଳାପୋଡା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ଏକ ଜନହିତ ମାମଲାର ଶୁଣାଣି କରି ନିଜର ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ, ବିରୋଧ ପ୍ରଦର୍ଶନ ନାଁରେ କାହାକୁ ମଧ୍ୟ ସରକାରୀ ସମ୍ପତ୍ତି ନଷ୍ଟ କରିବା ପାଇଁ ଅଧିକାର ଦିଆଯାଇନାହିଁ। କୌଣସି ସଂଗଠନ, କୌଣସି ରାଜନୈତିକ ଦଳ କିମ୍ବା କୌଣସି ବ୍ୟକ୍ତିଙ୍କୁ ଅଧିକାର ଦିଆଯାଇ ନାହିଁ ଯେ ସେମାନେ ରାଷ୍ଟ୍ରର ସମ୍ପତ୍ତିକୁ ନଷ୍ଟ କରିବେ। ବିରୋଧ ପ୍ରଦର୍ଶନର ଏହି ଢଙ୍ଗ ଆଦୌ ଗ୍ରହଣୀୟ ନୁହେଁ। ପୂରା ତନ୍ତ୍ରକୁ ଠପ୍ କରିବାର ଅଧିକାର କାହାର ନାହିଁ। ଯେଉଁମାନେ ସରକାରୀ ସମ୍ପତ୍ତି ବା ଜନସାଧାରଣଙ୍କ ସମ୍ପତ୍ତି ନଷ୍ଟ କରୁଛନ୍ତି ଦଣ୍ଡସ୍ୱରୂପ ସେମାନଙ୍କୁ ଏହାର ପୂର୍ଣ୍ଣ କ୍ଷତିପୂରଣ ଦେବାକୁ ହେବ। ସରକାର ଏ ନେଇ ଏକ ଗାଇଡଲାଇନ ଜାରି କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉ କି ହାର୍ଦ୍ଦିକ ପଟେଲଙ୍କ ନେତୃତ୍ୱରେ ଆନ୍ଦୋଳନ ସମୟରେ ଗୁଜରାଟରେ ଅହମଦାବାଦ, ବଡ଼ୋଦରା, ସୁରତରେ ଆନ୍ଦୋଳନକାରୀମାନେ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରିଥିଲେ। ଶିଳ୍ପ ସଂଗଠନ ଆସୋଚାମ୍‌ର ହିସାବ ଅନୁଯାୟୀ ହରିୟାଣା ଜାଠ ଆନ୍ଦୋଳନ ବେଳେ ପ୍ରାୟ ୩୪ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରାଯାଇଥିଲା। ହରିୟାଣା ରୋଡ୍‌ୱେଜର ୩୬ଟି ବସ୍ ଏବଂ ରାଜ୍ୟର ୧୮ଟି ଥାନାରେ ନିଆଁ ଲଗାଇ ପୋଡି ଦିଆଯାଇଥିଲା।

ମହାତ୍ମା ଗାନ୍ଧୀ ଏବଂ ଆନ୍ନା ହାଜାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ପଥ ପ୍ରଦର୍ଶନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ବେଳେ ଚୌରୀଚଉଁରାରେ ବ୍ୟାପକ ହିଂସାକାଣ୍ଡ ହେବାରୁ ଗାନ୍ଧିଜୀ ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇଥିଲେ। ମ୍ୟାନ୍‌ମାରରେ ଅଙ୍ଗ୍ ସାନ୍ ସୁ୍ୟକୀ ଏବଂ ଦକ୍ଷିଣ ଆଫ୍ରିକାରେ ନେଲସନ ମାଣ୍ଡେଲା ମଧ୍ୟ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ଏକଥା ମନେରଖିବାକୁ ହେବ ଯେ ହିଂସା କୌଣସି ସମସ୍ୟାର ସମାଧାନ ନୁହେଁ।

ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ର ଓ ଗତିଶୀଳ କରିବା ପାଇଁ ଗାନ୍ଧିଜୀ ସବିନୟ ଅବଜ୍ଞା (ଆଇନ ଅମାନ୍ୟ) ଆନ୍ଦୋଳନ ପାଇଁ ଘୋଷଣା କଲେ ସିନା ଆନ୍ଦୋଳନ ପ୍ରାରମ୍ଭ ପାଇଁ ବିଳମ୍ବ ହେବାରୁ ୧୯୪୦ରେ ତାଙ୍କୁ ଆନ୍ଦୋଳନ କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ କରାଗଲା। କଂଗ୍ରେସର କାର୍ଯ୍ୟକାରୀ ସମିତି ବୈଠକରେ ଏ ନେଇ ଆଲୋଚନା ବେଳେ ଗାନ୍ଧିଜୀ କହିଲେ– ଛୋଟ ହେଲେ ବି ଅନୁଶାସନବଦ୍ଧ କଂଗ୍ରେସକୁ ନେଇ ମୁଁ ବିଶ୍ୱ ସହିତ ଲଢେଇ କରିପାରିବି। ପରନ୍ତୁ ଦେଶ ଏବେ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ପ୍ରସ୍ତୁତ ନୁହେଁ। ସବିନୟ ଅବଜ୍ଞା ଆନ୍ଦୋଳନ ଏବେ ଆରମ୍ଭ ହେଲେ 'ଅବଜ୍ଞା' ହିଁ ରହିବ 'ସବିନୟ' ଲୁପ୍ତ ହୋଇଯିବ। ଗାନ୍ଧିଜୀ ଅହିଂସାକୁ ଯେତିକି ମହତ୍ତ୍ୱ ଦେଉଥିଲେ ସବିନୟକୁ ମଧ୍ୟ ତତୋଽଧିକ ମହତ୍ତ୍ୱ ଦେଉଥିଲେ। ସବିନୟର ଅର୍ଥ ହେଲା ଶାନ୍ତିପୂର୍ଣ୍ଣ। ଏବେ କଂଗ୍ରେସ ଭିତରେ ଅନୁଶାସନହୀନତା ଏବଂ ହିଂସା ଭରି ହୋଇ ରହିଛି। ଏଭଳି ପରିସ୍ଥିତିରେ ସବିନୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେବା ଆତ୍ମହତ୍ୟା ସହ ସମାନ।

ଆନ୍ଦୋଳନର ପ୍ରଚଣ୍ଡ, ଓଜସ୍ୱୀ, ତେଜସ୍ୱୀ ନେତା ରାମମନୋହର ଲୋହିଆ ଅନେକ ସାମାଜିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ଅନେକବାର ଆନ୍ଦୋଳନର ଆହ୍ୱାନ ଦେଇଛନ୍ତି, ବ୍ୟକ୍ତିଗତ ସତ୍ୟାଗ୍ରହ ମଧ୍ୟ କରିଛନ୍ତି। ପରନ୍ତୁ କୌଣସି କ୍ଷେତ୍ରରେ ହିଂସାକୁ ପ୍ରୋତ୍ସାହିତ କରିନାହାନ୍ତି। ଆନ୍ଦୋଳନ ହେଉଛି ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ପାଇଁ ଏକ ମଜଭୁତ ଅସ୍ତ୍ର। ସେହିପରି ଲୋକନାୟକ ଜୟପ୍ରକାଶଙ୍କ ନେତୃତ୍ୱରେ ଏକଛତ୍ରବାଦ ବିରୋଧରେ ଦେଶବ୍ୟାପୀ ଯେଉଁ ଅଭୂତପୂର୍ବ ଜନଜାଗରଣ ଓ ଆନ୍ଦୋଳନ ହେଲା ସେଥିରେ ହିଂସାର ସ୍ଥାନ ନ ଥିଲା। ହଜାର ହଜାର ଆନ୍ଦୋଳନକାରୀଙ୍କ ସମେତ ସହସ୍ରାଧିକ ଆଗଧାଡିର ନେତାଙ୍କୁ ଜେଲରେ ଭର୍ତ୍ତି କରି ଦିଆଗଲା। ଜରୁରୀ ପରିସ୍ଥିତି ଜାରି କରାଯାଇ ଦମନଲୀଳା ଚାଲିବା ସତ୍ତ୍ୱେ ଲୋକେ ବିଶେଷକରି ଯୁବଶକ୍ତି ନିଜ ସଂଯମର ପରିସୀମା ଭିତରେ ହିଁ ରହିଥିଲେ। ସେହିପରି ସାମାଜିକ ଅସମାନତା ବିରୋଧରେ ସଂଗ୍ରାମ କରିଥିବା ସଂବିଧାନ ନିର୍ମାତା ଡ. ଭୀମରାଓ ଆମ୍ବେଦକର ୧୯୪୯, ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ସଭାରେ ନିଜର ଅନ୍ତିମ ଅଭିଭାଷଣରେ କହିଥିଲେ, ଯଦି ଆମେ ଲୋକତନ୍ତ୍ରକୁ ଯଥାର୍ଥ ରୂପରେ ବଞ୍ଚାଇ ରଖିବା ପାଇଁ ଚାହୁଁଛନ୍ତି ଅସାଂବିଧାନିକ ନୀତି ବା କାର୍ଯ୍ୟରୁ ନିବୃତ୍ତ ରହିବାକୁ ପଡିବ। ଏହିସବୁ ରୀତି ଅନୀତି ପର୍ଯ୍ୟାୟଭୁକ୍ତ। ଏହା ହିଁ ଅରାଜକତା। ପ୍ରତ୍ୟେକ ଆନ୍ଦୋଳନର ଆଚାର ସଂହିତା ରହିଛି। କେନ୍ଦ୍ର ସରକାର ଯଦି ଏକଛତ୍ରବାଦୀ ଆଚରଣ କଲେ ତେବେ ଏହା ବିରୋଧରେ ଆନ୍ଦୋଳନର ଢଙ୍ଗ ଜୟପ୍ରକାଶଜୀଙ୍କ ଢାଞ୍ଚାରେ ହେବା ଆବଶ୍ୟକ। ମନେରଖିବାକୁ ହେବ ଜାତୀୟ ସମ୍ପତ୍ତି ନଷ୍ଟ ଅର୍ଥ ଆମ ନିଜ ସମ୍ପତ୍ତିର ବିନାଶ।

୧୩୪୮/୪–ସି, ସେକ୍ଟର–୬, ସିଡିଏ, କଟକ,
ମୋ–୯୪୩୭୨୭୦୬୦୫

## ଏଇ ଭାରତରେ

ଏମିତି ସ୍କୁଲ୍ ଅଛି ଯେଉଁଠି ପିଲା ପଢୁଛନ୍ତି, ତା' ସହ ଚାଷ ବି କରୁଛନ୍ତି। ମାତାପିତା ବି ପରୀକ୍ଷା ଦେଉଛନ୍ତି। କେରଳର ଆଲାପୁଝା ଜିଲା ଅନ୍ତର୍ଗତ ମୁହମ୍ମାସ୍ଥିତ ସିଏମ୍‌ଏସ୍ ଲୋୟର ପ୍ରାଇମେରୀ ସ୍କୁଲ୍‌ରେ ଚାଲିଛି ଏମିତିକା ବ୍ୟବସ୍ଥା। ୧୫ ବର୍ଷ ତଳେ ଏହି ଅଞ୍ଚଳରେ ଘରୋଇ ସ୍କୁଲ୍‌ଗୁଡିକ ଗଢିଉଠିବାରୁ ସ୍କୁଲକୁ ବନ୍ଦ କରି ସରକାରୀ କାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ସ୍ଥିର କରାଯାଇଥିଲା। କିନ୍ତୁ କେତେଜଣ ଅଭିଭାବକ ଆଗେଇ ଆସି ସ୍କୁଲରେ ଏକ ଫାର୍ମ ଆରମ୍ଭ କରିଥିଲେ। ସେତେବେଳେ ସ୍କୁଲ୍‌ରେ ୧୯୭ ଜଣ ପିଲା ପଢୁଥିଲେ। ସେହି ସମୟରେ ସ୍କୁଲ୍‌ରେ ଶିକ୍ଷକ ଜଲି ଟମାସ୍‌ଙ୍କ ନେତୃତ୍ୱରେ ଫାର୍ମ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଏବେ ସ୍କୁଲ୍ ଫାର୍ମରେ ପନିପରିବା, ଫୁଲ, ଫଳ, ଧାନ ଆଦି ଚାଷ କରାଯାଉଛି। ସ୍ଥାନୀୟ ରୋଟାରୀ କ୍ଲବ୍ ଓ କୃଷି ଭବନ ଏଥିପାଇଁ ସହଯୋଗ କରୁଛି। ସ୍କୁଲ୍ ପିଲାଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି ଓ ପ୍ରତ୍ୟେକ ଗ୍ରୁପ୍‌କୁ ଗାଇଡ୍ କରିବା ଲାଗି ଜଣେ ଶିକ୍ଷକ ରହିଛନ୍ତି। ଛୁଟି ହେବା ପରେ ପିଲାମାନେ ଘରକୁ ନ ଯାଇ ସ୍କୁଲ୍ ଫାର୍ମରେ କାମରେ ଲାଗିଯାଉଛନ୍ତି। ତାଙ୍କ ସହ ଶିକ୍ଷକ ଓ ଅଭିଭାବକମାନେ ମଧ୍ୟ କାମ କରୁଛନ୍ତି। ଫାର୍ମରୁ ଉତ୍ପାଦିତ ଶସ୍ୟ ଓ ପରିବା ପିଲାଙ୍କ ମଧ୍ୟାହ୍ନଭୋଜନରେ ବ୍ୟବହାର ହେଉଛି। ଏହାବାଦ୍ ବଳକା ପରିବା ବା ଶସ୍ୟକୁ ବଜାରରେ ବିକ୍ରି କରାଯାଇ ସ୍କୁଲ୍‌ର ବିକାଶରେ ବ୍ୟୟ କରାଯାଉଛି। ପିଲାମାନଙ୍କ ପାଠ୍ୟକ୍ରମ ସମ୍ପର୍କରେ ଅବଗତ ହେବା ପାଇଁ 'ଓପନ ଏକ୍‌ଜାମିନେଶନ' ବ୍ୟବସ୍ଥାରେ ଅଭିଭାବକମାନେ ପରୀକ୍ଷା ଦେଉଛନ୍ତି। ଏହା ବ୍ୟତୀତ ପଢ଼ା ବିଷୟରେ ଜାଣିବା ଲାଗି ମା'ମାନେ ବି ପିଲାଙ୍କ ସହ ଗୋଟିଏ କ୍ଲାସ୍‌ରେ ଉପସ୍ଥିତ ରହିବାର ବ୍ୟବସ୍ଥା କରାଯାଇଛି। ଏହି ସ୍କୁଲ୍‌ରେ ଇୟର ବୁକ୍ ପ୍ରକାଶ କରାଯାଉଛି। ଏଥିରେ ପିଲାମାନଙ୍କ ସହ ଅଭିଭାବକଙ୍କ ଗଳ୍ପ, ପ୍ରବନ୍ଧ ଓ ଛବି ସବୁ ପ୍ରକାଶ ପାଉଛି। ଏହି ସ୍କୁଲରେ ଏବେ ୭୦୦ ପିଲା ପଢୁଛନ୍ତି।

## ଚିରନ୍ତନୀ

ସେ ଆଖି କାଳିମାର ଉପମା ନାହିଁ
ପ୍ରଳୟ ବ୍ୟଥା ସମ ରହେ ସେ ଚାହିଁ
ତନୁର ତନ୍ମୟେ ସକଳ ନାଶି
ଅସୀମ ତମସାରେ ଉଠଇ ଭାସି
ଜୀବନେ ଯେତେ ମୋର କାଳିମା
ସହଜେ ପାରିହୁଏ ତା' ସୀମା
ସେ ଲାଗି ବେଦନାରୁ ବଳି ସେ ପ୍ରିୟ ଅତି
ଅସୀମ ତମସାରେ ଆସଇ ମୋର କତି
ନିବିଡ଼ତର କରି ମରମେ ଯାଏ ଡାକି
ଦୁଇଟି ଆଖି ସେ ତ ଦୁଇଟି କଳା ଆଖି !
(ଦୁଇଟି କଳା ଆଖି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଧାନ ପରିଷଦର ଅନାବଶ୍ୟକତା

ମହାଶୟ,

ଷୋଡ଼ଶ ବିଧାନସଭାର ଶୀତକାଳୀନ ଅଧିବେଶନକୁ ରାଜ୍ୟ ସରକାର ଅବଧିର ୧୭ କାର୍ଯ୍ୟଦିବସ ପୂର୍ବରୁ ବନ୍ଦ କରିଦେଇଥିଲେ। ବିଧାନସଭାରେ ଆଉ କିଛି ସରକାରୀ କାର୍ଯ୍ୟ ସମ୍ପାଦିତ ହେବାକୁ ନ ଥିବାରୁ ଅଧିବେଶନକୁ ଶେଷ କରାଗଲା ବୋଲି ସରକାର ଯୁକ୍ତି ରଖିଥିଲେ। ଅତୀତରେ ଏହିପରି ଅନେକଥର ଅଧିବେଶନକୁ ଯଥେଷ୍ଟ ପୂର୍ବରୁ ବନ୍ଦ କରାଯାଇଛି। ଆବଶ୍ୟକ କାର୍ଯ୍ୟ ନ ଥିବାରୁ ବାରମ୍ବାର ଅବଧି ପୂର୍ବରୁ ଅଧିବେଶନକୁ ବନ୍ଦ କରାଯାଉଥିବା ସରକାରଙ୍କ ଯୁକ୍ତିକୁ ଯଦି ଯଥାର୍ଥ ବୋଲି ଧରିନିଆଯାଏ ତେବେ ପ୍ରସ୍ତାବିତ ବିଧାନ ପରିଷଦରେ କେଉଁ କାର୍ଯ୍ୟ ସମ୍ପାଦିତ ହେବ ? ଏହାଦ୍ୱାରା ବିଧାନ ପରିଷଦ ଗଠନର ଅନାବଶ୍ୟକତା ପ୍ରମାଣିତ ହେଉ ନାହିଁ କି ?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ସାତକୋଶିଆର ଶୋଭା

ସାତକୋଶିଆ ଅଭୟାରଣ୍ୟରେ ପ୍ରାକୃତିକ ପରିବେଶରେ ବନ୍ୟଜନ୍ତୁଙ୍କ ଚଳପ୍ରଚଳକୁ ସ୍ୱଚକ୍ଷୁରେ ଦେଖି ଉପଭୋଗ କରିବା ପାଇଁ ପର୍ଯ୍ୟଟକମାନଙ୍କୁ ପ୍ରଶିକ୍ଷିତ ବନ କର୍ମଚାରୀ ଯୋଗାଇ ଦିଆଯିବାର ଖବର ପ୍ରକାଶ ପାଇଛି। ସାତକୋଶିଆର ଶୋଭା ଅବର୍ଣ୍ଣନୀୟ। ମହାନଦୀର ଧାରା ସାତକୋଶ ବ୍ୟାପୀ ଉଭୟ ପାର୍ଶ୍ୱରେ ବିଦ୍ୟମାନ ସୁଉଚ୍ଚ ପାହାଡ ମଧ୍ୟ ଦେଇ ଟିକରପଡାରୁ ବଡମୂଳ ପର୍ଯ୍ୟନ୍ତ ଏକ ଶୃଙ୍ଖଳିତ ସୈନିକ ପରି ପ୍ରବାହିତ ହେବା ପ୍ରକୃତିର ଏକ ବିରଳ ଅବଦାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାସ୍ତବରେ ଘଡିଆଳ, ଗୋମୁହାଁ କୁମ୍ଭୀର ସହ ରୋହି, ଭାକୁର, ମିରିକାଳି ଆଦି ବଡ ବଡ ମାଛ ନିର୍ଭୟରେ ବର୍ଷ ବର୍ଷ ଧରି ରହି ଆସୁଛନ୍ତି। ସେହିପରି ଜଙ୍ଗଲରେ ବାଘ, କଲରାପତରିଆ, ହାତୀ, ହରିଣ, କୁଟୁରା, ମୟୂର, ପାହାଡି ଲାଲ ମୂଷା ଆଦିର ଚଳପ୍ରଚଳ ଦର୍ଶକମାନଙ୍କୁ ଉଲ୍ଲସିତ କରିପାରେ। ପର୍ଯ୍ୟଟକମାନଙ୍କୁ ସାତକୋଶିଆ ଗଣ୍ଡର ପ୍ରାକୃତିକ ଶୋଭା ଉପଭୋଗ କରିବାକୁ ବୋଟ ଯୋଗାଇବାକୁ ବ୍ୟବସ୍ଥା ହେଉଥିବା ବେଳେ ଜଙ୍ଗଲରେ ସେମାନଙ୍କୁ ସାଇକେଲ ଯୋଗାଇବାର ପ୍ରସ୍ତାବ ଗ୍ରହଣୀୟ ନୁହେଁ। ସୁରକ୍ଷା ନିମନ୍ତେ ଗାଇଡ ଦେଲେ ହେଁ କଲରାପତରିଆ ଓ ହାତୀ ହାବୁଡରେ ପଡିଲେ ନିସ୍ତାର ପାଇବା ସହଜ ନୁହେଁ। ତେଣୁ ନିରାପତ୍ତା ଦୃଷ୍ଟିରୁ ଯନ୍ତ୍ରଚାଳିତ ଯାନ ଯୋଗାଇବା ସମୀଚୀନ ମନେହୁଏ।

ହରମୋହନ ମହାନ୍ତି, ପୂର୍ବତନ ବିଡିଓ, ଗଣିଆ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଫେବୃୟାରୀ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୧।୨- ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଫେବୃୟାରୀ ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଫେବୃୟାରୀ ୩ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ବଣ୍ଡରପାଳ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୧୭ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ ଓ ୨୪ ତାରିଖ ପୂର୍ବାହ୍ନ ୧୦ ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ୧୭ ତାରିଖ ଅପରାହ୍ନ ୩ ଟାରେ ପାଲଲହଡ଼ା ବ୍ଲକ ଡିମିରିଆ ପଞ୍ଚାୟତଠାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ନାବାଳକଙ୍କ ଆତ୍ମହତ୍ୟା

ବଣ୍ଡରପାଳ, ୧।୨(ଡି.ଏନ.ଏ.)- ନାଲ୍‌କୋ ଥାନା କୁଲାଡ ଗ୍ରାମର ଲକ୍ଷ୍ମୀକାନ୍ତ ଦେହୁରୀ(୧୬) ଘରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ରାତିରେ ସେ ଘରେ ଶୋଇଥିବାବେଳେ ସକାଳ ୧୦ଟା ସୁଦ୍ଧା ଉଠି ନ ଥିଲେ। କବାଟ ଭାଙ୍ଗିବା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ନାଲ୍‌କୋ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବେଲ୍ ପିଟିଶନ ରଦ୍ଦ ପାଇଁ ଆବେଦନ

ଅନୁଗୋଳ ଅଫିସ୍, ୧।୨

ଅନୁଗୋଳ ଥାନା ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ୍ ପ୍ରଧାନ(୩୩)ଙ୍କୁ ଗିରଫର ମାତ୍ର ୩୦ ମିନିଟ୍ ମଧ୍ୟରେ କୋର୍ଟରୁ ବେଲ୍ ମିଳିବା ଘଟଣାକୁ ନେଇ ଚର୍ଚ୍ଚା ଥମୁନାହିଁ। ଶନିବାର ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବେଲ୍ ଆବେଦନ ଖାରଜ ପାଇଁ ଆବେଦନ ହୋଇଥିବା ବେଳେ କୋର୍ଟ ରୁମ୍ ବାହାରେ ଉଠାଯାଇଥିବା ଏକ ଫଟୋ ଭାଇରାଲ ହେବାରେ ଲାଗିଛି। ଏପରି କି ଫଟୋରେ ଥିବା ବ୍ୟକ୍ତିଙ୍କ ବାପିଙ୍କ ସହ କି ସମ୍ପର୍କ ରହିଛି ତାହାର ଅନୁଧ୍ୟାନ କରାଯିବ ବୋଲି ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବେଆଇନ୍ ଭାବେ ୩ ବନ୍ଧୁକ ସହ ୯ ଗୁଳି ରଖିଥିବା ଅଭିଯୋଗରେ ବାପିଙ୍କୁ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଗତ ରବିବାର ତାମ୍ରିତ୍ କଲୋନୀର କାଳୀମନ୍ଦିର ନିକଟ ଘରୁ ଉଠାଇ ନେଇଥିଲା। ଏହାପରେ ଥାନାରେ ୩ ଦିନ ଅଟକ ରଖି ପଚରାଉଚରା କରିବା ପରେ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ କୋର୍ଟଚାଲାଣ ହେବାର ମାତ୍ର ୩୦ ମିନିଟ୍ ମଧ୍ୟରେ ବାପିଙ୍କୁ ବେଲ୍ ମିଳିବା ଅନୁଗୋଳ ପୋଲିସର କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବେଲ୍ ମିଳିବା ପରେ ବାପିଙ୍କ ଏକ ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। କେତେଜଣ ଯୁବକଙ୍କ ସହ ବାପିଙ୍କ ଉକ୍ତ ଫଟୋ ପୋଷ୍ଟ କରାଯାଇ ଦୋସ୍ତ ରିଟର୍ନ୍ ବୋଲି ଲେଖାଯାଇଛି। ଉକ୍ତ ଫଟୋରେ ଥିବା ଜଣେ ଯୁବକଙ୍କ ନାମରେ ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ପୃଥକ ପୃଥକ ମାମଲା ରହିଛି। ଏ ନେଇ ଅନୁଗୋଳ ଏସ୍‌ପି କହିଛନ୍ତି, ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯିବ। ଏପରି କି ସମ୍ପୃକ୍ତ ଯୁବକଙ୍କ ସହ ବାପିଙ୍କ କିପରି ସମ୍ପର୍କ ରହିଛି ଓ କୋର୍ଟରେ ଅନ୍ୟ କେଉଁମାନେ ଉପସ୍ଥିତ ଥିଲେ ତାହାର ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ବାପିଙ୍କ ବେଲ୍ ପିଟିଶନ୍ ଖାରଜ ପାଇଁ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ସରକାରୀ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ଆବେଦନ କରିଥିବା ସୂଚନା ଦେଇଛନ୍ତି। ଦାସ କହିଛନ୍ତି, ବାପିଙ୍କ ପାଖକୁ କୋର୍ଟରୁ ଏକ ନୋଟିସ୍ ଜାରି କରାଯିବ। ଏହାପରେ ବାପି କିମ୍ବା ତାଙ୍କ ଓକିଲ କୋର୍ଟରେ ହାଜିର ହେବା ପରେ ବେଲ୍ ପିଟିଶନ୍ ଖାରଜ ସମ୍ପର୍କରେ ଆଲୋଚନା ହେବ ବୋଲି ସରକାରୀ ପିପି ଦାସ ସୂଚନା ଦେଇଛନ୍ତି।


ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିବା ଫଟୋରେ ବାପିଙ୍କ ସହ ଅନ୍ୟମାନେ।

- ୩୦ ମିନିଟରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବା ଘଟଣା
- ବେଲ୍ ପରେ କୋର୍ଟରେ ଉଠାଯାଇଥିବା ଫଟୋ ଭାଇରାଲ
- ଫଟୋରେ ଥିବା ବ୍ୟକ୍ତିଙ୍କ ସହ ସମ୍ପର୍କ ନେଇ ହେବ ଖୋଳତାଡ଼

# ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅନୁଗୋଳ ସହର, ୧।୨

ଅନୁଗୋଳ ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁଙ୍କୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ଠାରେ ଶନିବାର କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ପ୍ରସନ୍ନ କୁମାର ସାମଲଙ୍କ ନେତୃତ୍ୱରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସଂଘ ସମ୍ପାଦକ ଟୁଟୁ ମାଝିଙ୍କ ସମେତ ଉପେନ୍ଦ୍ର ସାମଲ, ଆଲୋକ ସାମଲ, ରଞ୍ଜନ ନାଏକ, ଦିଲୀପ ସ୍ୱାଇଁ, ଲକ୍ଷ୍ମଣ ସାହୁ ଓ ୮ଟି ବ୍ଲକର ସଭାପତି ଉପସ୍ଥିତ ଥିଲେ। ବର୍ତ୍ତମାନ ନିରଞ୍ଜନ ସାହୁ ପୁରୀ ଜିଲା ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ଜିଲା ଶିକ୍ଷା ବିଭାଗରେ ଅନେକ କାର୍ଯ୍ୟ ହୋଇଥିବା ଉପସ୍ଥିତ କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ।

**ODISHA CONSTRUCTION CORPORATION LTD.**
(A Government of Odisha Undertaking)
Regd. Office: Unit – VIII, Gopabandhunagar Bhubaneswar – 751012 (Odisha)
E-mail: theoccltd@odishaconstruction.com, Website: www.odishaconstruction.com

**ADVERTISEMENT FOR THE POST OF DEPUTY FINANCIAL ADVISER**

Odisha Construction Corporation Limited, a state PSU invites applications from eligible applicants for filling up the post of **Deputy Financial Adviser – 1 No.** in the regular establishment of the Corporation.

1) **Scale of Pay:** ₹67,700 – 2,08,700/- in Level – 13 of the Pay Matrix of ORSP Rules, 2017.
2) **Eligibility:**
**Qualification & Experience:** The applicant should be a Chartered Accountant / Cost Accountant with minimum of 10 years of post qualification experience.
**Age limit:** Not exceeding 45 years as on 01.01.2020.
3) **General Conditions:**
a) Age limit is relaxable as per ORV Act and Rules.
b) Applicant belonging to SC, ST & SEBC should submit a self attested copy of the caste certificate issued by the competent authority along with his application.
c) Applicant employed in Government / Semi Government / PSUs should route his application through proper channel and also produce "No Objection Certificate" at the time of interview.
d) Application along with detailed C.V. with full contact address / permanent address, telephone number, self attested copies of qualification and experience certificate & recent passport size photograph etc. should be submitted on or before 3.00 PM of 20.02.2020 by Registered / Speed Post only to the **Managing Director, Odisha Construction Corporation Ltd., Unit – VIII, Gopabandhunagar, Bhubaneswar – 751012.** The Corporation shall not be responsible for any postal delay and non-delivery of application before scheduled time and date.
e) The Management reserves the right to reject any or all applications without assigning any reason thereof.

Sd/-
Managing Director

नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**OPEN TENDER NOTICE FOR INVITATION OF BIDS ( DOMESTIC COMPETITIVE BIDDING)**

**ONLINE TENDER REFERENCE NO. CPP/MMP/319/3000006272 dtd. 16.01.2020 AND TENDER ID NO. 2020_NALCO_536627_2 OF CENTRAL PUBLIC PROCUREMENT PORTAL (CPPP)** Online bids in two-parts are invited for **'Design, Engineering, Manufacture, supply, dismantling, erection & commissioning, PG test etc. of complete renovation & modernization spare for 8 nos. (4 sets) Air pre- heaters of unit-2 to 5 for Captive Power Plant (CPP) of National Aluminium Company Ltd. (NALCO) at Angul, Odisha'**. The tender document can be downloaded from websites **www.nalcoindia.com**, or **http://eprocure.gov.in/eprocure/app**. The due date for bid submission and opening the tenders are **dt.14.02.2020** at **10:00 AM** and **dt. 19.02.2020** at **10:00 AM** respectively. For any addendum / corrigendum, bidders are requested to visit these websites regularly.

**GM (Materials) I/C,CPP**

# ୨୦ ବର୍ଷ ପୂରଣ କଲା ପାର୍ବତୀ ମୋଟର୍ସ

**ଅନୁଗୋଳ ଅଫିସ, ୧।୨:** ଦୁଇଚକିଆ ଗାଡ଼ିର ଡିଲରଶିପ୍ ବ୍ୟବସାୟ କ୍ଷେତ୍ରରେ ଅନୁଗୋଳର ପାର୍ବତୀ ମୋଟର୍ସ ୨୦ ବର୍ଷ ପୂରଣ କରିଛି। ଏହି ଦୁଇ ଦଶନ୍ଧିର ବ୍ୟବସାୟ ଯାତ୍ରାରେ ପାର୍ବତୀ ମୋଟର୍ସ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ହିରୋ ଗାଡ଼ି ଯୋଗାଇବା ସହ ୪ ଲକ୍ଷରୁ ଅଧିକ ଗାଡ଼ିର ସର୍ଭିସିଂ କରିଛି। ଏହି ଅବସରରେ ଭାରତର ସର୍ବବୃହତ ହିରୋ ଡିଲରଶିପ୍‌ରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରାଯାଇଛି। ହିରୋ ଡେଷ୍ଟିନ୍, ହିରୋ ମାଷ୍ଟ୍ରୋ ଓ ହିରୋ ଗ୍ଲାମର କ୍ରୟ ଉପରେ ୩ ହଜାର ୧ ଟଙ୍କାର ଛାଡ଼ ପାର୍ବତୀ ମୋଟର୍ସ ପକ୍ଷରୁ କରାଯାଇଛି। ଏଥିସହ ଆକର୍ଷଣୀୟ ଫାଇନାନ୍ସ, ଏକ୍ସଚେଞ୍ଜ ସୁବିଧା ମଧ୍ୟ ରହିଛି। ଏହି ଅଫରଗୁଡ଼ିକ ଫେବୃୟାରୀ ୨ରୁ ୫ ତାରିଖ ପର୍ଯ୍ୟନ୍ତ ରହିବ। ଆଗକୁ ମଧ୍ୟ ଗ୍ରାହକ ସେବା ଜାରି ରହିବ ବୋଲି ପାର୍ବତୀ ହିରୋର ସ୍ୱତ୍ୱାଧିକାରୀ ଅଶୋକ ମାଣ୍ଡୋଠିଆ ପ୍ରକାଶ କରିବା ସହ ସମସ୍ତ ଗ୍ରାହକଙ୍କୁ ଧନ୍ୟବାଦ ଦେଇଥିଲେ।

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, CUTTACK**
**Advertisement No.1567 / CDM&PHO, Cuttack, Dated: 01.02.2020**

Interested candidates may appear the Walk-in-interview on dated-07.02.2020 at 11 A.M to 1 P.M in the office of the undersigned for engagement in the post of **Contractual Medical Officer** under NHM in Cuttack having MBBS or equivalent degree from institution recognized by Medical Council of India. The candidate must have completed compulsory rotator internship, with maximum age limit of 68 years by 01.02.2020. No.of vacancy will be Five (05 appx). The applicant has to come with the documents i.e. all Educational qualification, Valid Medical Council Registration Certificate.

**Sd./- Chief District Medical & Public Health Officer, Cuttack**

# ନିଖୋଜ ଯୁବତୀଙ୍କୁ ହତ୍ୟା ସନ୍ଦେହ

ଅନୁଗୋଳ ଅଫିସ, ୧।୨


ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ନିଖୋଜ ଯୁବତୀଙ୍କ ପରିବାର ଲୋକେ।

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳର ନିଖୋଜ ଥିବା ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରି ଏ ନେଇ ଶନିବାର ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯୁବତୀଙ୍କ ବାପା କୁମର ସାହୁ ଅଭିଯୋଗ କରିଛନ୍ତି ଯେ କିଶୋରନଗର ଥାନା ମାନଜୋର ଜଙ୍ଗଲରୁ ଉଦ୍ଧାର ହୋଇଥିବା ଗଳିତ ଶବ ତାଙ୍କ ଝିଅଙ୍କର ବୋଲି ସେ ସନ୍ଦେହ କରୁଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣା ଉପରୁ ପରଦା ଉଠାଇବାକୁ ସେ ଦାବି କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ୨୦୧୯ ଡିସେମ୍ବର ୨୩ରେ ଘରେ କେହି ନ ଥିବା ବେଳେ ସମ୍ପୃକ୍ତା ଯୁବତୀ କେଉଁଆଡ଼େ ଚାଲିଯାଇଥିଲେ। ନିକଟରେ ଥିବା ହରଡ଼ ବିଲରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ଜଣେ ରାଜମିସ୍ତ୍ରିଙ୍କ ସହ ଫେରାର ହୋଇଯାଇଥିବା ଜାଣି ଠାକୁରଗଡ଼ ଥାନାରେ ଅଭିଯୋଗ କରାଯାଇଥିଲା। ସମ୍ପୃକ୍ତ ରାଜମିସ୍ତ୍ରିଙ୍କୁ ଠାକୁରଗଡ଼ ଥାନାକୁ ଡକାଯାଇ ପଚରା ଉଚରା ବେଳେ ସେ ଯୁବତୀଙ୍କ ସହ ଫୋନ୍‌ରେ କଥା ହେଉଥିବା କଥା ସ୍ୱୀକାର କରିଥିଲେ। କିନ୍ତୁ ପରେ କିଛି ଜାଣି ନ ଥିବା ପୋଲିସକୁ କହିଥିଲେ। ଏହାପରେ ପୋଲିସ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଛାଡ଼ିଦେଇଥିବା ପରିବାର ଲୋକ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ଗଳିତ ମୃତଦେହ ନିକଟରୁ ମିଳିଥିବା ଚୁଡ଼ିକୁ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ସନ୍ଦେହ କରୁଥିବା ଅଭିଯୋଗ କରିଛନ୍ତି।

**ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ପରିବାର ଲୋକେ**

# ଶିକାରୀଙ୍କ ମୃତ୍ୟୁ ଘଟଣା, ଜଣେ ଗିରଫ

ବନ୍ତଳା, ୧।୨

ବନ୍ତଳା ଥାନା ବଡ଼କନ୍ତକୁଳ ପଞ୍ଚାୟତ କଞ୍ଜା ଗ୍ରାମରେ ଗତ ମଙ୍ଗଳବାର ଭୋର ସମୟରେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିବା ବେଳେ ଶିକାରୀ ମହେଶ୍ୱର ବିଶ୍ୱାଳ ଓରଫ୍ ଲୁଲୁ(୨୨)ଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସେଠାରୁ କିଛି ଦୂରରୁ ଗ୍ରାମର କବୀନ୍ଦ୍ର ଗଡ଼ନାୟକ ଓରଫ୍ କାଳିଆ(୪୦)ଙ୍କ ମୃତଦେହ ଉଦ୍ଧାର ହୋଇଥିଲେ ବି ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ତାଙ୍କ ମୃତ୍ୟୁ କିପରି ହୋଇଛି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଉକ୍ତ ଘଟଣାରେ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ହେଲେ ବନ୍ତଳା ବିଦ୍ୟୁତ ଷ୍ଟ୍ରକଚର୍‌ର କନିଷ୍ଠ ଯନ୍ତ୍ରୀ ନିର୍ମଳ କୁମାର ମହନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ମହେଶ୍ୱରଙ୍କ ମୃତ୍ୟୁ ମାମଲା ନଂ.୫/୧୯କୁ ପରିବର୍ତ୍ତନ କରି ନଂ.୧୯/୨୦ କରିବା ସହ ଗ୍ରାମର ମିଟୁ ବିଶ୍ୱାଳଙ୍କୁ ଗତ ୨୯ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏଥିରେ ଆଉ କେତେଜଣ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାରେ ବିଳମ୍ୱ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବନ୍ତଳା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ସୌରବ ଓତା କୁହନ୍ତି, ସେସୁ ଜେଇଙ୍କ ଅଭିଯୋଗ କ୍ରମେ ଜଣଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି।




# ୪ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା


ଜିଲା କାର୍ଯ୍ୟାଳୟ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

ଅନୁଗୋଳ ଅଫିସ, ୧।୨

ଅନୁଗୋଳ ଜିଲା କାର୍ଯ୍ୟାଳୟର ୪ ଜଣ କର୍ମଚାରୀ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ନିଜାରତ ବିଭାଗର ସେକ୍ସନ ଅଫିସର ଦମୟନ୍ତୀ ରଥ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସେକ୍ସନ ଅଫିସର ବିଷ୍ଣୁ ଚରଣ ସାହୁ, ଜିଲା କାର୍ଯ୍ୟାଳୟର ଅମିନ ସୁଗ୍ରୀବ ସାହୁ ଓ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ପିଅନ ମହେଶ୍ୱର ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଶନିବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡେପୁଟି କଲେକ୍ଟର ବଇତୁରା ଦୀପ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଡେପୁଟି କଲେକ୍ଟର ଜାନକୀରଥ ମିଶ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ଲମ୍ବୋଦର ମାରାଣ୍ଡି, ନିଜାରତ ଅଧିକାରୀ ରଞ୍ଜନ କୁମାର ମହାନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା, ଇଶାନୀ ପଣ୍ଡା ଓ ମଧୁସ୍ମିତା ବିଶି ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀମାନଙ୍କର କାର୍ଯ୍ୟ ନିପୁଣତା ଓ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଶନିବାର ଏହି ୪ ଜଣଙ୍କୁ ଅବସରକାଳୀନ ସମସ୍ତ ସହାୟତା ଓ ପେନସନ୍ ପ୍ରଦାନ କରାଯାଇଛି।

ଧରିତ୍ରୀ
DHARITRI


## ସଂକ୍ଷେପରେ

### ପଥରକଟା ମେଶିନ ଜବତ



**ଢେଙ୍କାନାଳ ଅଫିସ, ୧।୨:** ଢେଙ୍କାନାଳ ସଦର ତହସିଲ କାଙ୍କଡ଼ପାଳ ରାଜସ୍ୱ ସର୍କଲ ଅଧୀନ ସରଖିଆ ଗ୍ରାମରେ ଶନିବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଏକ ବେଆଇନ ପଥରକଟା ମେଶିନ ଜବତ କରାଯାଇଛି। ଚଢ଼ାଉରେ ସଦର ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଲକ୍ଷ୍ମଣ ଦଲେଇ, କାଙ୍କଡ଼ପାଳ ରାଜସ୍ୱ ସର୍କଲର କର୍ମଚାରୀମାନେ ସାମିଲ ଥିଲେ।

### ୩୧ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୧।୨:** ମହିମା ମହୋତ୍ସବ କମିଟି ଏବଂ ଜିଲା ବ୍ଲଡ୍ ବ୍ୟାଙ୍କର ମିଳିତ ସହଯୋଗରେ ଶୁକ୍ରବାର ଯୋରନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଜୟନାରାୟଣ ପାଢ଼ୀ, ଡା. ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ଷ୍ଟାଫନର୍ସ ମାଳତୀଲତା ନାୟକ, କର୍ମଚାରୀ ବରୁଣ ସାହୁ, ତପନ ଜେନା, ଅଜୟ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ମହିମା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ରାଉତ, ରଞ୍ଜନ ନାୟକ, ସନ୍ତୋଷ ରାଉତ, ନିମାଇଁ ନାୟକ, ସୁଦାମ ପ୍ରଧାନ, ବରୁଣ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

**ଢେଙ୍କାନାଳ ଅଫିସ, ୧।୨:** ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ବାରିକ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ରଘୁପତି ରାଘବ ରାଜାରାମ ଗାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ନମିତାପ୍ରଭା ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ନୀତିରେ ପରଜଙ୍ଗ ବ୍ଲକ ଜିଲାରେ ପ୍ରଥମ

**ପରଜଙ୍ଗ,୧।୨(ଡି.ଏନ.ଏ.)**

■ଭାଜପା କର୍ମକର୍ତ୍ତା ଆଣିଲେ ଅଭିଯୋଗ
■ଖବରଦାତା ସମ୍ମିଳନୀରେ ବର୍ଷିଲେ ନେତୃବୃନ୍ଦ
■ବ୍ଲକ ଘେରାଉ କରିବାକୁ ଚେତାବନୀ

ଢେଙ୍କାନାଳ ଜିଲାର ପରଜଙ୍ଗ ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ଆଣିଛି ଭାଜପା। ଏହାର ପ୍ରତିବାଦରେ ଆଗାମୀ ଦିନରେ ବ୍ଲକ ଘେରାଉ କରାଯିବ ବୋଲି ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶନିବାର ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମଣ୍ଡଳସ୍ତରୀୟ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଦଳୀୟ ନେତୃବୃନ୍ଦ।

ଦୁର୍ନୀତିମୂଳକ କାର୍ଯ୍ୟକଳାପକୁ ସମୀକ୍ଷା କଲେ ପରଜଙ୍ଗ ଜିଲାରେ ପ୍ରଥମ ହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଯୋଗ୍ୟ ହିତାଧିକାରୀଙ୍କ ପରିବର୍ତ୍ତେ ଆର୍ଥିକ ସ୍ୱଚ୍ଛଳ ପରିବାରକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଜିଆର୍‌ଏସ୍‌ମାନେ ଅଣଶ୍ରମିକଙ୍କୁ ଶ୍ରମଜୀବୀ ଦର୍ଶାଇ ବ୍ୟାପକ ଅର୍ଥ ହେର୍‌ଫେର କରୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟୁତ୍ ସେବା ପ୍ରଦାନରେ ପ୍ରଶାସନ ବିଫଳ ହୋଇଛି। କନ୍ତରୁ ପଞ୍ଚାୟତରେ ଅବିବାହିତାଙ୍କୁ ବିବାହିତା ଦର୍ଶାଇ ରାଶନ କାର୍ଡ ଦିଆଯାଇଛି। ଧାନକିଣା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। କୁଆଲୋ, କଲଦା, ପିଡିରି, କଙ୍କଡାସୋଡ଼ା, ଆମ୍ବପଳାସ ଗ୍ରାମରେ ଉଠାଜଳସେଚନ ପ୍ରକଳ୍ପ ପାଣିର ଗାର ପାଲଟିଛି। ରେଙ୍ଗାଳି ବାମ କେନାଲରେ ନିର୍ମିତ ବୃହତ ଉଠା ଜଳସେଚନ ପଏଣ୍ଟ ଅଚଳ ହୋଇପଡ଼ିଛି। ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ଏ ନେଇ ଅଭିଯୋଗ କରିବା ସତ୍ତ୍ୱେ ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଭାଜପା ନେତାମାନେ କହିଛନ୍ତି। ଏହାର ପ୍ରତିବାଦରେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି କୁଆଲୋ-ବଡ଼ଝରା କେନାଲ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, ପ୍ରସ୍ତାବିତ ପରଜଙ୍ଗ ଏନ୍‌ଏସିରେ ମୁଣ୍ଡେଇଲା ପଞ୍ଚାୟତକୁ ସାମିଲ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ବିଭୂତି ପ୍ରଧାନ, ଦୁର୍ଗାପ୍ରସାଦ ସାହୁ, ଦୟାନିଧି ସାହୁ, ରମେଶ ସାହୁ, ଲକ୍ଷ୍ମୀଧର ସାହୁ, ଦୁର୍ଗାଚରଣ ନାୟକ, ରବିନାରାୟଣ ଜେନା, ଜଗନ୍ନାଥ ଗଡ଼ନାୟକ, କମଳଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ।

# ସ୍ୱାସ୍ଥ୍ୟ ବିଭାଗକୁ 'କରୋନା' ଚିନ୍ତା

**ଢେଙ୍କାନାଳ ଅଫିସ, ୧।୨**

■ଡକାଗଲା ଜରୁରୀ ବୈଠକ
■ସତର୍କ ରହିବାକୁ ପରାମର୍ଶ
■ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି 'କରୋନା' ଭାଇରସ୍। ଚାଇନାରୁ ଆରମ୍ଭ ହୋଇଥିବା ଏହି ସଂକ୍ରାମକ ରୋଗ ଦିନକୁ ଦିନ ନିଜର କାୟା ବିସ୍ତାର କରିଚାଲିଛି। ଭାରତରେ ମଧ୍ୟ ଏହାର ପଦଧ୍ୱନି ଶୁଣିବାକୁ ମିଳିଲାଣି। ଏବେସୁଦ୍ଧା ଏହାର ପ୍ରତିଷେଧକ ବାହାରି ନ ଥିବାରୁ ସତର୍କତା ହିଁ ସଂକ୍ରମଣରୁ ବର୍ତ୍ତିବାର ଏକମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏପରି ସ୍ଥଳେ 'କରୋନା'କୁ ନେଇ ଚିନ୍ତାରେ ପଡ଼ିଛି ଢେଙ୍କାନାଳ ସ୍ୱାସ୍ଥ୍ୟ ବିଭାଗ। ଏ ନେଇ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର ଯୋଗଦେଇ କରୋନା ଭାଇରସ୍‌ର ଲକ୍ଷଣ ଏବଂ ଏଥିରୁ ସତର୍କ ରହିବାର ଉପାୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଚାଇନାର ବୁହାନ ସହରରୁ ସୃଷ୍ଟି ହୋଇଥିବା ଏହି ଭୂତାଣୁ ଏବେ ସାରା ବିଶ୍ୱକୁ କବଳିତ କରିବାରେ ଲାଗିଛି। ସାମୁଦ୍ରିକ ଖାଦ୍ୟରୁ ଏହା ମଣିଷ ଶରୀରକୁ ସଂକ୍ରମିତ ହେଉଥିବା ଜଣାପଡ଼ିଛି। ସଂକ୍ରମଣର ଶିକାର ରୋଗୀଙ୍କ ପାଖରେ କାଶିବା, ଛିଙ୍କିବା, ନାକରୁ ପାଣି ବାହାରିବା, ମୁଣ୍ଡବ୍ୟଥା, ଜ୍ୱର ଭଳି ଲକ୍ଷଣ ଦେଖାଦିଏ। ଏହା ସହଜରେ ଅନ୍ୟ ଶରୀରକୁ ବ୍ୟାପିବାରେ ସକ୍ଷମ। ରୋଗକୁ ଚିହ୍ନିବା କଷ୍ଟକର। ଏହାର ପ୍ରତିକାର ପାଇଁ ଇଞ୍ଜେକ୍ସନ ବାହାରି ନ ଥିବାରୁ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସାବଧାନତା ଅତ୍ୟନ୍ତ ଜରୁରୀ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାଥମିକ ପଦକ୍ଷେପ ସ୍ୱରୂପ ସମସ୍ତ ସରକାରୀ ଡାକ୍ତରଖାନାରେ ଆଇସୋଲେଶନ ୱାର୍ଡ ଗଠନ କରାଗଲେ ସମ୍ଭାବ୍ୟ ବିପଦକୁ ଟାଳିଦେଇ ହେବ। ଯଦିଓ ଭାରତରେ ସଂକ୍ରମଣର ଗୁରୁତର ପ୍ରଭାବ ନାହିଁ, ତେବେ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ଜିଲାପାଳ କହିଥିଲେ।

'କରୋନା' ଲକ୍ଷଣ ଦେଖାଯାଉଥିବା ରୋଗୀଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ଚିକିତ୍ସା କରାଯିବ। ଏଥିଲାଗି ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜନସାଧାରଣ ଟୋଲ ଫ୍ରି ନମ୍ବର-୨୨୬୮୧୮ରେ ସମ୍ପର୍କ କରି ଏ ନେଇ ତଥ୍ୟ ଜାଣିପାରିବେ। ରୋଗକୁ ନେଇ ଭୟଭୀତ କିମ୍ବା ବିଭ୍ରାନ୍ତକାରୀ ଖବରକୁ ବିଶ୍ୱାସ ନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମକର୍ତ୍ତା, ନର୍ସ, ସ୍ୱାସ୍ଥ୍ୟ ସହାୟକମାନେ ଉପସ୍ଥିତ ଥିଲେ।

## କାର୍ଯ୍ୟରତ ଠିକା ଶ୍ରମିକ ମୃତ

**ଓଡ଼ାପଡ଼ା, ୧।୨(ଡି.ଏନ.ଏ)**

କଣ୍ଟାବଣିଆସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ୍ କମ୍ପାନୀ ରେ କାର୍ଯ୍ୟରତ ଠିକା ଶ୍ରମିକ ପ୍ରଫୁଲ୍ଲ ଭୋଇ (୪୫)ଙ୍କ ଶନିବାର ମୃତ୍ୟୁ ହୋଇଛି। ତାଙ୍କ ଘର ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରେ। ପ୍ରଫୁଲ୍ଲ ସନ୍‌ଟେକ୍ ଇଞ୍ଜିନିୟରିଂ ସର୍ଭିସେସ୍ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ଶନିବାର ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ କମ୍ପାନୀର ପ୍ରାଥମିକ ଚିକିତ୍ସାକେନ୍ଦ୍ର ଏବଂ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ପରିବାର ଲୋକେ କ୍ଷତିପୂରଣ ଦାବିରେ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ବସି ରହିଥିଲେ। ଠିକାସଂସ୍ଥା ଓ କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ନଗଦ ୧ଲକ୍ଷ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରିବାରର ଜଣଙ୍କୁ ଠିକାସଂସ୍ଥା ଅଧୀନରେ ନିଯୁକ୍ତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ସରକାରୀ ନିୟମ ଅନୁଯାୟୀ ଅନ୍ୟାନ୍ୟ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପରିବାର ଲୋକେ ମୃତଦେହ ନେଇ ଘରକୁ ଫେରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୃଢ଼େ ତରନ୍ତି ମୂଢ଼େ ତରନ୍ତି**
**ମଝି-ମଝିକିଆ ବୁଡ଼ି ମରନ୍ତି ।**

ଦୃଢ଼ମନା ଏବଂ ମୂର୍ଖ ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିପାରିଥାନ୍ତି। ମଝି ମଝିକିଆ ଯେହେତୁ ମୂର୍ଖ ବା ଦୃଢ଼ ନୁହନ୍ତି ନିଜକୁ କୌଣସି ପରିସ୍ଥିତିରେ ଖାପ ଖୁଆଇ ପାରି ନ ଥାନ୍ତି। ତେଣୁ ସେମାନେ ବେଶି ଦୂର ଅଗ୍ରଗତି କରିବାରେ ଅକ୍ଷମ ଅଟନ୍ତି। ମଧ୍ୟବିତ୍ତର ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାରୀ, କୁକୁର, ନାହାକ, ବୁଢ଼ା,**
**ନୁହନ୍ତି କେଭେଁ ଯୋଡ଼ା ଯୋଡ଼ା ।**
**ଯେବେ ହୁଅନ୍ତି ଯୋଡ଼ା ଯୋଡ଼ା,**
**ଦେଖ ତାଙ୍କର ତଡ଼ା କାମୁଡ଼ା ।**

ପ୍ରକୃତରେ ଦେଖିବାକୁ ଗଲେ ଦାରୀ, କୁକୁର, ନାହାକ ଓ ବୁଢ଼ା ଏଇ ଜାତିର ଜୀବନ ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଧବଳଗିରିକୁ ହରାଇ ଢେଙ୍କାନାଳ ଫାଇନାଲରେ



**ଭୁବନ, ୧।୨(ଡି.ଏନ.ଏ.)**

ଭୁବନ ବ୍ଲକ କିଙ୍ଗୋଳ ଅସୁରବନ୍ଧ ଖେଳପଡ଼ିଆରେ ଚାଲିଥିବା ଅଭିମନ୍ୟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୋରିଂ ମ୍ୟାଚ୍‌ରେ ଧବଳଗିରିକୁ ହରାଇ ଢେଙ୍କାନାଳ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଧବଳଗିରି ଦଳ ନିର୍ଦ୍ଧାରିତ ୨୧ ଓଭରରେ ୬ ଉଇକେଟ ହରାଇ ୨୫୪ ରନ ସଂଗ୍ରହ କରିଥିଲା। ଅରବିନ୍ଦ ମହାପାତ୍ର ୫୪ ବଲ୍‌ରୁ ୧୩୦ ଏବଂ ଦିଗ୍‌ବିଜୟ ମହାପାତ୍ର ୩୩ ବଲ୍‌ରୁ ୭୨ ରନ୍ କରିଥିଲେ। ଜବାବରେ ଢେଙ୍କାନାଳ ୧୮.୫ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ବିଜୟୀ ଦଳର ବିକାଶ ରାଉତ ୩୪ ବଲ୍‌ରୁ ଧୂଆଁଧାର ୧୦୧ ରନ୍ କରି ବିଜୟର ପ୍ରମୁଖ କର୍ଣ୍ଣଧାର ସାଜିଥିଲେ। ସୁନୀଲ ସାହୁ ୭୭ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ବୁଲୁ ପଟ୍ଟନାୟକ, ବିପିନବିହାରୀ ସେଠୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଯଶୋବନ୍ତ ଧୀର, ସତ୍ୟପ୍ରିୟ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଭୁବନ ଏବଂ ଢେଙ୍କାନାଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ବା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ଭୁବନେଶ୍ୱର
9773820765

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
7664091295

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଆଡଭାନ୍ସ ନେଉନ୍ତୁ ଧୋକା ଦେଉନ୍ତୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ପଚିଶ ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣରୁ କଟିବ
ALL INDIA FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
094682-97482
ADDRESS: T-51, GAUTAMPURI, DELHI

REAL ESTATE
GHARABARI
PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.:
9178500350

# ବାଣିଜ୍ୟ–ଉଦ୍ୟୋଗ ପାଇଁ ୨୭,୩୦୦ କୋଟି

## ଏପ୍ରିଲରୁ ସହଜ ଜିଏସ୍‌ଟି ରିଟର୍ନ ଦାଖଲ

ବାଣିଜ୍ୟ ଓ ଉଦ୍ୟୋଗର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଚଳିତ ବଜେଟ୍‌ରେ ୨୭ ହଜାର ୩୦୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଏଥିରେ କ୍ଷୁଦ୍ର ଓ ଅଣୁ ଉଦ୍ୟୋଗ ପାଇଁ ସହାୟକ ଋଣ ବ୍ୟବସ୍ଥା ପାଇଁ ନୂଆ ଯୋଜନା ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ କର୍ମଯୋଗୀ ମାନଧନ ଯୋଜନାରେ ୧.୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ପେନସନ ଲାଭ ମିଳିବ। ଏପ୍ରିଲ ୨୦୨୦ରୁ ଜିଏସ୍‌ଟି ରିଟର୍ନ ଦାଖଲ କରିବା ପାଇଁ ସହଜ ପ୍ରକ୍ରିୟା ଆରମ୍ଭ କରାଯିବ।



୫ଟି ନୂଆ ସ୍ମାର୍ଟସିଟି କରାଯିବା ପ୍ରସ୍ତାବ ରହିଛି, ଯାହା ପିପିପି (ପବ୍ଲିକ ପ୍ରାଇଭେଟ୍ ପାର୍ଟନରଶିପ୍)ରେ କରାଯିବ। ଏହା ଏଭଳି ସହର ହେବ ଯେଉଁଠି ନିବେଶକୁ ଅଧିକ ସୁଯୋଗ ଓ ଗୁରୁତ୍ୱ ମିଳିବ। ରପ୍ତାନି କାରବାରରେ ନୂଆ କରି ଏକ ଯୋଜନା ନିର୍ଭୀକ ବୀମା ବ୍ୟବସ୍ଥା ହେବ, ଯେଉଁଥିରେ କମ୍ ପ୍ରିମିୟମ୍‌ରେ ଅଧିକ ସୁବିଧା ଓ ନିରାପତ୍ତା ମିଳିପାରିବ। ରପ୍ତାନି କ୍ଷେତ୍ରରେ ଡିଜିଟାଲ ରିଫଣ୍ଡ ସୁବିଧା ମିଳିବ। ବିଜୁଳି ବିଲ୍, ପରିବହନ ଖର୍ଚ୍ଚରେ ରିହାତି ଦେବାର ଯୋଜନା ଏଥର ଲାଗୁହେବ। ପ୍ରତି ଜିଲାରେ ଏକ୍ସପୋର୍ଟ ହବ୍ ପ୍ରତିଷ୍ଠା କରାଯିବାର ମଧ୍ୟ ପ୍ରସ୍ତାବ ରହିଛି। ପ୍ରଧାନମନ୍ତ୍ରୀ ଜିରୋ ଡିଫେକ୍ଟ ପଲିସି ବା ଶୂନ୍ୟ ପ୍ରଭାବ ନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସବୁ ମନ୍ତ୍ରଣାଳୟ ଚଳିତ ବର୍ଷ କ୍ୱାଲିଟି ଷ୍ଟାଣ୍ଡାର୍ଡ ଅର୍ଡର ଜାରି କରିବେ। ସେହିପରି ଇନଭେଷ୍ଟମେଣ୍ଟ କ୍ଲିୟରାନ୍ସ ସେଲ୍‌ର ପରିକଳ୍ପନା କରାଯାଇଛି, ଯେଉଁଥିରେ ନିବେଶ ସମ୍ପର୍କିତ ପରାମର୍ଶ ଓ ଲ୍ୟାଣ୍ଡ ବ୍ୟାଙ୍କ ସମ୍ପର୍କରେ ସୂଚନା ମିଳିପାରିବ। ଏହି ସେଲ୍‌ରେ ୫ଟି ନୂତନ ଇକୋନୋମିକ କରିଡର, ମ୍ୟାନୁଫାକ୍ଚରିଂ ୟୁନିଟ୍‌ସର ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ରହିବ। ସେହିପରି ବ୍ୟବସାୟୀଙ୍କ ସୁବିଧା ପାଇଁ ଟିକସଦାତା ଚାର୍ଟର ଘୋଷଣା ହେବ। ମୋଦି ସରକାର ଟିକସଦାତାଙ୍କୁ ଯେକୌଣସି ପ୍ରକାର ଚିନ୍ତାରୁ ମୁକ୍ତ କରିବା ପାଇଁ ପ୍ରତିବଦ୍ଧ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କମ୍ପାନିଗୁଡ଼ିକୁ ଆଶ୍ୱସ୍ତ କରିବା ପାଇଁ ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସକୁ ସମାପ୍ତ କରିବା ପାଇଁ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ।

## ଭାରତରେ ଉତ୍ପାଦନକୁ ଗୁରୁତ୍ୱ

### ସ୍ଥାପନ ହେବ ନ୍ୟାସନାଲ ଟେକ୍ନିକାଲ ଟେକ୍ସଟାଇଲ ମିଶନ



ଭାରତରେ ଘରୋଇ ନିର୍ମାଣର ଆବଶ୍ୟକତା ଥିବାବେଳେ ଇଲେକ୍ଟ୍ରୋନିକ ମାନୁଫାକ୍ଚରିଂ କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହନ ଦିଆଯିବାର ଆବଶ୍ୟକତା ରହିଛି। ତେଣୁ ଭାରତରେ ଯଥେଷ୍ଟ ମେଡିକାଲ ଉପକରଣ ପ୍ରସ୍ତୁତି ଉପରେ ସରକାର ଗୁରୁତ୍ୱ ଦେବେ। ଏଥିପାଇଁ ଯୋଜନା ଶୀଘ୍ର ଘୋଷଣା କରାଯିବ। ଇଲେକ୍ଟ୍ରୋନିକ୍ସ ମ୍ୟାନୁଫାକ୍ଚରିଂ ଇଣ୍ଡଷ୍ଟ୍ରି ବା ବୈଦ୍ୟୁତିକ ଉପକରଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦିଆଯିବ। ମୋବାଇଲ ଫୋନ୍, ବୈଦ୍ୟୁତିକ ଉପକରଣ ଏବଂ ସେମିକଣ୍ଡକ୍ଟର ପ୍ୟାକେଜିଂର ଉତ୍ପାଦନ ବଢ଼ାଇବା ଭଳି ଯୋଜନାର ଘୋଷଣା ହେବ। ଆଗାମୀ ୪ ବର୍ଷରେ ଆମଦାନୀ କମାଇବା ପାଇଁ ନ୍ୟାସନାଲ ଟେକନିକାଲ ଟେକ୍ସଟାଇଲ ମିଶନ ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି, ଯେଉଁଥିରେ ୧୪୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## କର୍ପୋରେଟ୍ ଟାକ୍ସ କୋହଳ

ଭାରତରେ ନିବେଶ ପାଇଁ ନିବେଶକଙ୍କୁ ଆକର୍ଷିତ କରିବାକୁ କର୍ପୋରେଟ୍ ଟାକ୍ସ କୋହଳ କରାଯିବ। ନୂଆ କମ୍ପାନିଗୁଡ଼ିକ ପାଇଁ କର୍ପୋରେଟ୍ ଟାକ୍ସକୁ ହ୍ରାସ କରାଯାଇ ୧୫ ପ୍ରତିଶତ କରାଯାଇଛି। ଚାଲୁ ରହିଥିବା କମ୍ପାନିଗୁଡ଼ିକ ପାଇଁ ଏହି ଟାକ୍ସ କମାଯାଇ ୨୨ ପ୍ରତିଶତ କରାଯାଇଛି।

## ଷ୍ଟାର୍ଟଅପ୍‌କୁ ଗୁରୁତ୍ୱ, ବଢ଼ିଲା ଟର୍ନଓଭର ଲିମିଟ୍

ଚଳିତ ବଜେଟ୍‌ରେ ଷ୍ଟାର୍ଟଅପ୍‌କୁ ଗୁରୁତ୍ୱ ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି- ଷ୍ଟାର୍ଟଅପ୍ ହେଉଛି ବିକାଶର ଇଞ୍ଜିନ। ଷ୍ଟାର୍ଟଅପ୍ ପାଇଁ ରହିଥିବା ଟର୍ନଓଭର ଲିମିଟ୍‌କୁ ୨୫ କୋଟିରୁ ବୃଦ୍ଧି କରାଯାଇ ୧୦୦ କୋଟି କରାଯିବାର ପ୍ରସ୍ତାବ ରହିଛି। ସେହିପରି ୫ ବର୍ଷ ପାଇଁ ଷ୍ଟାର୍ଟଅପ୍‌ର ଶୁଳ୍କ ପଇଠରେ ମହଲତ ଦିଆଯିବ। ଷ୍ଟାର୍ଟଅପ୍ ପାଇଁ ବିକଶିତ ହେବ ଡିଜିଟାଲ ପ୍ଲାଟଫର୍ମ। ଦେଶବ୍ୟାପୀ ଡାଟା ସେଣ୍ଟର ପାର୍କ କରାଯିବ।

## ସ୍କିଲ୍ ଇଣ୍ଡିଆ ପାଇଁ ୩ ହଜାର କୋଟି

ଦେଶର ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ଦକ୍ଷତା ତାଲିମ ଦେବା ପାଇଁ 'ସ୍କିଲ ଇଣ୍ଡିଆ' ଯୋଜନାରେ ୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ସରକାର। ବିଦେଶରେ ଶିକ୍ଷକ, ପାରାମେଡିକାଲ କର୍ମଚାରୀ, ସେବିକାଙ୍କ ବିପୁଳ ଚାହିଦା ରହିଛି। କିନ୍ତୁ ସେମାନଙ୍କ ଦକ୍ଷତା ନିଯୁକ୍ତିଦାତାଙ୍କ ଚାହିଦା ମୁତାବକ ହୋଇପାରୁ ନାହିଁ। ତେଣୁ ସରକାର ସେମାନଙ୍କର ଦକ୍ଷତା ବିକାଶ ପାଇଁ ୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ରଖିଛନ୍ତି।

Skill India
कौशल भारत - कुशल भारत

# ବଜେଟ ପ୍ରସ୍ତୁତି ପ୍ରକ୍ରିୟା

**ମଞ୍ଜୁରୀ ପାଇଁ ହେଉଥିବା କ୍ୟାବିନେଟ ବୈଠକକୁ ପ୍ରଧାନମନ୍ତ୍ରୀ ବି ନିଅନ୍ତି ନାହିଁ ଫୋନ**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ୨୦୨୦-୨୧ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟ ପ୍ରସ୍ତୁତିର ପ୍ରକ୍ରିୟା ବହୁତ ଲମ୍ବା ହୋଇଥାଏ। ସଂସଦରେ ବଜେଟ ଉପସ୍ଥାପନ ହେବା ପୂର୍ବରୁ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଥାଏ। ଯେପରି ବଜେଟ ସମ୍ପର୍କିତ କୌଣସି ତଥ୍ୟ ଲିକ୍ ନ ହୁଏ ସେଥିପାଇଁ ବଜେଟ ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ ଥିବା ପ୍ରତ୍ୟେକ କର୍ମଚାରୀଙ୍କ ଉପରେ କଡ଼ା ନଜର ରଖାଯାଇଥାଏ। ବଜେଟ ପ୍ରସ୍ତୁତି ଓ ଏହାର ମୁଦ୍ରଣ ଶେଷ ନ ହେବା ପର୍ଯ୍ୟନ୍ତ ଏଥିରେ ନିୟୋଜିତ କର୍ମଚାରୀ କାର୍ଯ୍ୟାଳୟରେ ରହି କାର୍ଯ୍ୟ କରିଥାନ୍ତି। ବଜେଟର ଗୋପନୀୟତାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କର୍ମଚାରୀଙ୍କୁ ବାହାରକୁ ଯିବା ପାଇଁ ଅନୁମତି ନ ଥିବାବେଳେ ସେମାନଙ୍କୁ ସେମାନଙ୍କ ପରିବାର ଲୋକଙ୍କ ସହିତ କଥା ହେବାକୁ ମଧ୍ୟ ଅନୁମତି ନ ଥାଏ। ଏପରିକି ବଜେଟ ମଞ୍ଜୁରୀ ପାଇଁ ଅନୁଷ୍ଠିତ ହେଉଥିବା କ୍ୟାବିନେଟ ବୈଠକରେ ଯୋଗଦେବା ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସମେତ ଯୋଗ ଦେଇଥିବା ଅନ୍ୟ ସମସ୍ତ ମନ୍ତ୍ରୀଙ୍କୁ ମୋବାଇଲ ଫୋନ ବାହାରେ ରଖି ଆସିବାକୁ ପଡ଼ିଥାଏ।

# କୃଷି ସଙ୍କଟର ସମାଧାନ ସୁଯୋଗ ହାତଛଡ଼ା



ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ର ବଜେଟ ୨୦୨୦-୨୧ ଦେଶର ସାଧାରଣ ଜନତା ବିଶେଷକରି କୃଷକ, ଶ୍ରମିକ ଏବଂ ଯୁବକମାନଙ୍କୁ ଏକଦମ୍ ନିରାଶ କରିଛି। ଦେଶର ଆର୍ଥିକ ମାନ୍ଦାବସ୍ଥା ତଥା ଭୟଙ୍କର କୃଷି ସଙ୍କଟ ପରିପ୍ରେକ୍ଷୀରେ ତା'ର ସମାଧାନ ଦିଗରେ ପଦକ୍ଷେପ ନେବାର ଯେଉଁ ସୁଯୋଗ ଥିଲା ସରକାର ତାକୁ ହାତଛଡ଼ା କରିଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଏବଂ ଆର୍ଥିକ ମାନ୍ଦାବସ୍ଥା ନାଁରେ କର୍ପୋରେଟ୍‌ମାନଙ୍କୁ ନିକଟ ଅତୀତରେ ବିପୁଳ ଟିକସ ଓ ସରଚାର୍ଜରେ ଯେଉଁ ଛାଡ଼ କରିଛନ୍ତି ତା'ର ଫଳସ୍ୱରୂପ ଚଳିତ ବଜେଟ ନିଅଣ୍ଟ ପୂର୍ବାପେକ୍ଷା ବୃଦ୍ଧିପାଇଛି। ତେବେ ଏହି ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ଗୋଟିଏ ପଟେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଖର୍ଚ୍ଚକାଟ କରିବା ସହିତ ଏଲ୍‌ଆଇସି ଭଳି ରାଷ୍ଟ୍ରାୟତ୍ତ ସଂସ୍ଥା ଓ ଶିଳ୍ପରେ ବିନିବେଶ କରିବାକୁ ଘୋଷଣା କରିଛନ୍ତି। ବଜେଟରେ ଘୋଷିତ ଅନେକ ଯୋଜନାକୁ ପିପିପି ମୋଡ଼ରେ କରିବାକୁ କହି ସରକାର ନିଜ ଘୋଷିତ ଯୋଜନା ପାଇଁ ବି ପାଣ୍ଠି ନ ଥିବା କଥାକୁ ସ୍ୱୀକାର କରିଛନ୍ତି।

ଦେଶରେ ବର୍ଦ୍ଧିତ କୃଷି ସଙ୍କଟ ପରିପ୍ରେକ୍ଷୀରେ ସରକାର ଚଳିତ ବଜେଟରେ କୃଷି ଓ ଗ୍ରାମ୍ୟ ଉନ୍ନୟନ ବାବଦରେ ବିପୁଳ ବ୍ୟୟବରାଦ କରି ଲୋକଙ୍କ ଆୟବୃଦ୍ଧି ସହିତ ଚାହିଦା ସୃଷ୍ଟି କରିବେ ବୋଲି ଯାହା ଆଶା କରାଯାଉଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। ଏ ବାବଦରେ ଗତବର୍ଷର ୨.୬୩ ଲକ୍ଷ କୋଟି ତୁଳନାରେ ଚଳିତ ବର୍ଷ ନାମକୁମାତ୍ର ବୃଦ୍ଧିକରି ୨.୮ ଲକ୍ଷ କୋଟି କରିଛନ୍ତି। ବ୍ୟୟବରାଦରେ ମାତ୍ର ୫.୬%ର ବୃଦ୍ଧି ବଜାରର ଦରବୃଦ୍ଧି ହିସାବରେ କମ୍। ସରକାରଙ୍କ ବହୁ ପ୍ରଚାରିତ ପିଏମ୍ କିଷାନ୍ ଯୋଜନାରେ କୌଣସି ପରିବର୍ତ୍ତନ କିମ୍ବା ଅଧିକ ବ୍ୟୟବରାଦ କରାଯାଇନି। ଏହା ଅନ୍ତର୍ଗତ ଗତବର୍ଷ ୨୦୦୦ ଟଙ୍କା ହିସାବରେ ତିନି କିସ୍ତିର ଲାଭ ମୋଟ ୧୪.୫ କୋଟି କୃଷକଙ୍କ ମଧ୍ୟରୁ ମାତ୍ର ୨୬.୬%ଙ୍କୁ ହିଁ ମିଳିପାରିଛି। ୪୮% କୃଷକଙ୍କୁ ଗୋଟିଏ ବି କିସ୍ତି ମିଳିନି। ଫସଲର ଉତ୍ପାଦନ ଖର୍ଚ୍ଚ ଗତ ୫ ବର୍ଷ ମଧ୍ୟରେ ୩୩ରୁ ୧୦୦ ପ୍ରତିଶତ ଯାଏ ବୃଦ୍ଧି ପାଇଥିବା ବେଳେ ସରକାରଙ୍କ ଏହି ନାମକୁମାତ୍ର ସହାୟତା ସେମାନଙ୍କ ପ୍ରତି ପରିହାସ ବୋଲି ହିଁ କୁହାଯାଇପାରେ।

ପୂର୍ବ ବର୍ଷ ଭଳି ଚଳିତ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ୨୦୨୨ ସୁଦ୍ଧା କୃଷକଙ୍କ ଆୟକୁ ଦୁଇଗୁଣ କରିବାକୁ ବାରମ୍ବାର ଘୋଷଣା କରିଥିଲେ ବି ସେଥିପାଇଁ ସରକାରଙ୍କ କୌଣସି ଠୋସ୍ ଯୋଜନା ବା ପଦକ୍ଷେପ ନ ଥିବା ସ୍ପଷ୍ଟ ହୋଇଯାଇଛି। କୃଷି ଓ କୃଷକଙ୍କ ସଙ୍କଟ ଦୂର କରିବା ପାଇଁ ଦାବି ହେଉଥିବା କୃଷିଋଣ ଛାଡ଼, ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ମୁତାବକ ଫସଲର ସହାୟକ ଦରରେ ବୃଦ୍ଧି ଏବଂ କୃଷିର ଉତ୍ପାଦନ ଖର୍ଚ୍ଚକୁ ହ୍ରାସ କରିବା ଭଳି କୌଣସି ଘୋଷଣା ବଜେଟରେ ଦେଖିବାକୁ ମିଳିନି। ବରଂ ସରକାର ସାର ଓ କୀଟନାଶକ ବାବଦରେ ଦିଆଯାଉଥିବା ସବ୍‌ସିଡିକୁ କମାଇବାର ସଙ୍କେତ ଦେଇଛନ୍ତି। କୃଷିର ବିକାଶ ନାଁରେ କୃଷି ଲଗୁଡି, ଫସଲର ଭଣ୍ଡାରଣ, ବିକ୍ରି ଏବଂ ପ୍ରକ୍ରିୟାକରଣରେ ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାର ସରକାରଙ୍କ ଉଦ୍ୟମ ବଜେଟ ଭାଷଣରୁ ସ୍ପଷ୍ଟ ହୋଇଯାଇଛି। ଏଥିରୁ ଦେଶର କୃଷି ସଙ୍କଟକୁ ମୁକାବିଲା କରିବା ତଥା ବଜାରରେ ଚାହିଦା ସୃଷ୍ଟି ପାଇଁ ଲୋକଙ୍କ ଆୟରେ ବୃଦ୍ଧି କରିବା ନେଇ ସରକାରଙ୍କ ଗମ୍ଭୀରତାର ପ୍ରମାଣ ମିଳୁଛି।

ଲୋକଙ୍କ କ୍ରୟ କ୍ଷମତାକୁ ବଢ଼ାଇବା ଲାଗି ସରକାର ଚଳିତ ବଜେଟରେ କୌଣସି ନୂତନ ରୋଜଗାର ସୃଷ୍ଟି ପାଇଁ ପଦକ୍ଷେପ ନେଇଛନ୍ତି ନା କେନ୍ଦ୍ର ସରକାରଙ୍କ ଅଧୀନରେ ଖାଲି ପଡ଼ିଥିବା କୋଟିଏରୁ ଅଧିକ ପଦବୀକୁ ପୂରଣ କରିବାକୁ କୌଣସି ଘୋଷଣା କରିଛନ୍ତି। ବଜେଟରେ ସରକାରୀ ଅବହେଳାର ଅନ୍ୟତମ ଶିକାର ହୋଇଛି, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଏବଂ ସାମାଜିକ ସୁରକ୍ଷା ପରି ଜରୁରୀ କ୍ଷେତ୍ର। ସବୁଠାରୁ ପରିତାପର କଥା ହେଲା ଦେଶର କୋଟି କୋଟି ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମମାନଙ୍କ ସାମାଜିକ ସୁରକ୍ଷା ପାଇଁ ରହିଥିବା ପେନ୍‌ସନ୍ ୨୦୦୬ ମସିହାରୁ ଏଯାଏ ମାତ୍ର ୨୦୦ ଟଙ୍କାରେ ସୀମିତ ରହିଥିବା ବେଳେ ସରକାର ତାକୁ ନ ବଢ଼େଇ ନିଜର ସମ୍ବେଦନହୀନତାର ପରିଚୟ ଦେଇଛନ୍ତି।

ମୋ– ୯୪୩୭୧୬୬୩୯୧

# ସ୍ୱାସ୍ଥ୍ୟସେବାକୁ ହାତପାଆନ୍ତିଆ କରିଦେବ



ସହଦେବ ସାହୁ

ଜଳବାୟୁ ସଂକଟ ମୁଣ୍ଡ ଉପରେ ଏକ ଝୁଲାଖଣ୍ଡା ଭଳି ରହିଲାଣି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଭାରତ ତାହାର ଭୂମିକା ତୁଲାଉ ବୋଲି ଅନ୍ତର୍ଜାତୀୟ ଚାପ ଆସୁଛି। ଏଭଳିସ୍ଥଳେ ନିର୍ମଳା ସୀତାରାମନଙ୍କ ବଜେଟରେ ରେଳଲାଇନ କଡ଼ରେ ସୌରରଶ୍ମିଚାଳିତ ବିଜୁଳି ଏବଂ କୃଷକମାନଙ୍କୁ ସୌରରଶ୍ମିଚାଳିତ ପମ୍ପ ଯୋଗାଇବା ପ୍ରସ୍ତାବ ରହିଛି, ଯାହା ଗୋଟିଏ ଭଲ କଥା। ପ୍ରତି ଜିଲା ସଦର ହସ୍ପିଟାଲରେ ଗୋଟିଏ ଗୋଟିଏ ମେଡିକାଲ୍ କଲେଜ ସାଙ୍ଗରେ ରହିବା ପ୍ରସ୍ତାବ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ହାତପାଆନ୍ତିଆ କରିଦେବ। ରୋଗୀ ପରିବହନ ଯଥେଷ୍ଟ ହ୍ରାସ ପାଇବ।

ଆମ ଅର୍ଥନୀତିକୁ ବୃଦ୍ଧି କରିପାରେ କର୍ମ ଯୋଗାଣ, ରପ୍ତାନି, ମାନୁଫାକ୍ଚରିଂ ଶିଳ୍ପ, କୃଷି ଏବଂ ନିର୍ମାଣ ଆଦି କ୍ଷେତ୍ର। ଏହି ସବୁ ବିଷୟରେ ଅର୍ଥମନ୍ତ୍ରୀ କିଛି କିଛି କରିଛନ୍ତି। ବାଉଁଶରାଣୀ ଖେଳ ଭଳି ସୀତାରାମନଙ୍କ ବଜେଟ ଦୋଷ କାଢ଼ିଲେ ବହୁତ ବାହାରିବ। ଆମ ଅର୍ଥନୀତିର ଦ୍ରୁତବୃଦ୍ଧିର ୨ଟି ଇଞ୍ଜିନ୍। ଗୋଟିଏ କଞ୍ଜମ୍ପସନ୍ ବା ଲୋକଙ୍କ ଖର୍ଚ୍ଚ ଆଉ ଅନ୍ୟଟି ବେସରକାରୀ ପୁଞ୍ଜିନିବେଶ। ଆମ ଦେଶର ୧୪୦ କୋଟି ଲୋକଙ୍କ ଭିତରୁ ଗାଁଗହଳିରେ ୧୧୫ କୋଟିଙ୍କ ହାତରେ ପଇସା ଦେବାକୁ ପଡ଼ିବ। ଯେଉଁ ଅଣବ୍ୟାଙ୍କିଙ୍ଗ୍ ଅର୍ଥନୀତି ଗାଁଗହଳରେ ପଇସା ଭର୍ତ୍ତି କରୁଥିଲା, ତାହା ଶୁଖିଯାଇଛି। ସାମାଜିକ ନୈତିକତା ଓ ଅର୍ଥନୈତିକ ଅଣନୈତିକତା ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଅଛି ତାକୁ କମାଇବା ଜରୁରୀ। ଏଥିପାଇଁ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ଉପରେ ଏବଂ ସମବାୟ ବ୍ୟାଙ୍କଗୁଡ଼ିକରେ ରାଜନେତାମାନଙ୍କ ପ୍ରଭାବ ହ୍ରାସ ଆବଶ୍ୟକ। ଏଥିପାଇଁ ସେସବୁ ବ୍ୟାଙ୍କିଙ୍ଗ୍ ରେଗୁଲେଶନ୍ ଭିତରକୁ ଆଣିବା, ଆର୍‌ବିଆଇର ତଦାରଖ ବ୍ୟବସ୍ଥା କଡ଼ାକଡ଼ି କରିବା, ମୁଖ୍ୟ ନିର୍ବାହୀ ଅଧିକାରୀ ବା ମ୍ୟାନେଜିଂ ଡାଇରେକ୍ଟର ଜଣେ ବୃତ୍ତିଗତ ଡିଗ୍ରୀଧାରୀ ହେବା ପ୍ରସ୍ତାବ ସୀତାରାମନ ରଖିଛନ୍ତି। ବ୍ୟାଙ୍କରେ ଲୋକଙ୍କ ଜମା ସୁରକ୍ଷିତ କରିବା ପାଇଁ ବୀମା ପରିମାଣ ୧ ଲକ୍ଷରୁ ୫ ଲକ୍ଷ ଯାଏ ବଢ଼ାଇଛନ୍ତି।

ଶିକ୍ଷା କ୍ଷେତ୍ରରେ ଟେକ୍ନୋଲୋଜିର ଭୂମିକା କେତେ ଜରୁରୀ ତା' ଅନୁଭବ କରି ଏବେ ଅନ୍‌ଲାଇନ୍ ଶିକ୍ଷା ପ୍ରସ୍ତାବ ରଖିଛନ୍ତି ଏବଂ ଏଥିଲାଗି ଦରକାର ବ୍ରଡ୍‌ବ୍ୟାଣ୍ଡ ହାଇଫିଡେଲିଟି ବେତାର ଯୋଗାଇବା ପ୍ରସ୍ତାବ ରଖିଛନ୍ତି। ଭାରତର ୭୫,୦୦୦ ଗାଁକୁ ବ୍ରଡ୍‌ବ୍ୟାଣ୍ଡ ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆଗର ପ୍ରତିଶ୍ରୁତିକୁ ଏବେ ଏ ବଜେଟରେ କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ରହିଛି। ଆଧୁନିକ ବିକାଶର ଭିତ୍ତିଭୂମି ଯେଉଁ ଟେକ୍ନୋଲୋଜି, ତାହାର ଭିତ୍ତିଭୂମିକୁ ଦୃଢ଼ କରିବାର ଏ ଉଦ୍ୟମ ସ୍ୱାଗତଯୋଗ୍ୟ।

ଇ–ମେଲ୍: sahadevas@yahoo.com

# ଓଡ଼ିଶାର କୃଷକ ଲାଭବାନ୍ ହେବ ତ



ନଟବର ଖୁଣ୍ଟିଆ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ପାର୍ଲାମେଣ୍ଟରେ ୨୦୨୦–୨୧ ଆର୍ଥିକବର୍ଷ ପାଇଁ ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି, ତାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କୃଷି, ଗ୍ରାମାଞ୍ଚଳ ବିକାଶ, ଜଳସେଚନ, କୃଷିଜାତ ଦ୍ରବ୍ୟର ବିପଣନ ନିମନ୍ତେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ଯେ, ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା କରିବାକୁ, ପୁନଶ୍ଚ ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ତାହା ଦୋହରାଇଛନ୍ତି। ଏହି ଲକ୍ଷ୍ୟ ହାସଲ କରିବାକୁ ଚାଷୀର ଆୟ ବୃଦ୍ଧି କରିବା ଲାଗି ଅନେକ କୃଷି ବିକାଶ ଯୋଜନା ଲାଗି ବ୍ୟୟବରାଦ କରିଛନ୍ତି। ସେସବୁ ମଧ୍ୟରୁ କୃଷିର ବିକାଶ ସହିତ କୃଷି ଆନୁଷଙ୍ଗିକ ବୃତ୍ତି– ପଶୁପାଳନ, ମତ୍ସ୍ୟଚାଷ, ଜଳସେଚନ, ସୌରଶକ୍ତି ଚାଳିତ ପମ୍ପର ବ୍ୟବହାର, ୧୦୦ଟି ମରୁଡ଼ିପ୍ରବଣ ଜିଲାରେ କିପରି କୃଷି ଉତ୍ପାଦନ ବୃଦ୍ଧି ପାଇବ ସେଥିପାଇଁ ସ୍ୱତନ୍ତ୍ର ଯୋଜନା କରାଯିବ। ଏହାଛଡ଼ା ଅଞ୍ଚଳଭିତ୍ତିରେ ଉଦ୍ୟାନ କୃଷିର ସମନ୍ୱିତ ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଖାଦ୍ୟଶସ୍ୟ ସାଇତି ରଖିବା ପାଇଁ ବ୍ଲକ ସ୍ତରରେ ଗୋଦାମ ଘର ନିର୍ମାଣ, ଯାହାକି ପଣ୍ୟାଗାରର ମର୍ଯ୍ୟାଦା ପାଇବ। ଫଳରେ ଚାଷୀ ଖାଦ୍ୟଶସ୍ୟ ପଣ୍ୟାଗାରରେ ରଖି ବ୍ୟାଙ୍କରୁ ଋଣ ନେଇପାରିବ। ପଚିଶଢ଼ି ଯାଇଥିବା କୃଷିଜାତ ଫଳ ପନିପରିବାକୁ ଚାହିଦା ଥିବା ଅଞ୍ଚଳକୁ ତ୍ୱରିତ ପଠାଇବା ପାଇଁ 'କିଷାନ ରେଳ' ବ୍ୟବସ୍ଥା ସହିତ ବିମାନ ଦ୍ୱାରା 'କୃଷି ଉଡାନ୍' ଯୋଜନା କାର୍ଯ୍ୟକାରୀ କରିବେ ବୋଲି ଘୋଷଣା କରିଛନ୍ତି। ୨୦୦୦ କିଲୋମିଟର ବେଳାଭୂମିରେ ସଡ଼କ ନିର୍ମାଣର ଘୋଷଣା କରିଛନ୍ତି। ଏହାଦ୍ୱାରା ଉପକୂଳ ଅଞ୍ଚଳର ମତ୍ସ୍ୟଜୀବୀମାନେ ଉପକୃତ ହେବା ସହିତ ଚାଷୀମାନେ ତ୍ୱରିତ ସେମାନଙ୍କ କୃଷିଜାତ ଦ୍ରବ୍ୟ ପରିବହନ କରିପାରିବେ। କିନ୍ତୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ୨୦୧୫ରୁ କେନ୍ଦ୍ର ସରକାର ଯେଉଁ ଭାଗଚାଷୀ ଆଇନ ପ୍ରଣୟନ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଠିକାଚାଷ ପାଇଁ ଆଇନ ପ୍ରଣୟନ ଲାଗି ପ୍ରସ୍ତାବ ଦେଇଥିଲେ, ସେହି ଆଇନ ଯେଉଁ ରାଜ୍ୟ ଶୀଘ୍ର ପାରିତ କରିବ ସେ ରାଜ୍ୟ ତ୍ୱରିତ ଏହିସବୁ ସ୍ୱତନ୍ତ୍ର ଯୋଜନା ଦ୍ୱାରା ଉପକୃତ ହେବ।

ଉପରୋକ୍ତ ପରିପ୍ରେକ୍ଷୀରେ ଓଡ଼ିଶା ସରକାର କେନ୍ଦ୍ର ବଜେଟରୁ କୃଷିର ବିକାଶ ପାଇଁ ଲାଭ ଉଠାଇବାର ଅନେକ ସୁଯୋଗ ଅଛି। ଓଡ଼ିଶାରେ ମରୁଡ଼ିପ୍ରବଣ ଜିଲା, ଜଳସଂକଟ ଥିବା ଜିଲା କମ୍ ନାହିଁ। ଉଦ୍ୟାନ କୃଷିକୁ ଅଞ୍ଚଳ ଭିତ୍ତିରେ କରିବା ପାଇଁ ଅପର୍ଯ୍ୟାପ୍ତ ସୁଯୋଗ ଅଛି। ଆଦିବାସୀବହୁଳ ମାଳ ଅଞ୍ଚଳରେ ଏହି ସୁଯୋଗ ଅଧିକ ଅଛି। ରାଜ୍ୟରେ ଅଧିକ ସୂର୍ଯ୍ୟାଲୋକ ମିଳୁଥିବାରୁ ସୌରଶକ୍ତି ସାହାଯ୍ୟରେ ଜଳସେଚନ ପମ୍ପ ବ୍ୟବହାରର ଅସୀମ ସୁଯୋଗ ଅଛି। ସୁତରାଂ କେନ୍ଦ୍ର ବଜେଟରୁ ଅଧିକ ଲାଭ ଉଠାଇ ଓଡ଼ିଶା ସରକାର ଚାଷୀର ଆୟ ବୃଦ୍ଧି କରିବାକୁ ହେଲେ ରାଜ୍ୟରେ ଏକ ସ୍ୱତନ୍ତ୍ର 'କୃଷି ବିକାଶ ସେଲ୍' ଗଠନ କରି ସେହି ସେଲ୍ କିପରି କେନ୍ଦ୍ର ବଜେଟରୁ ଅଧିକ ଆଣିପାରିବ ସେଥିପାଇଁ ଉଦ୍ୟମ କରୁ।

– କୃଷି ବିଶେଷଜ୍ଞ ଓ ସ୍ତମ୍ଭକାର

# ବଜେଟକୁ ନେଇ ଖାସ୍ କଥା

- ୨୦୨୦–୨୧ ଆର୍ଥିକ ବର୍ଷର ବଜେଟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥାପନ କରିଛନ୍ତି। ଏଥର ବଜେଟ ପ୍ରସ୍ତୁତି ପ୍ରକ୍ରିୟାରେ ଅର୍ଥ ମନ୍ତ୍ରଣାଳୟ ପ୍ରେସ୍‌ର ଡେପୁଟି ମ୍ୟାନେଜର କୁଲଦୀପ କୁମାର ଶର୍ମାଙ୍କ ପିତାଙ୍କ ଦେହାନ୍ତ ୨୬ ଜାନୁୟାରୀରେ ହୋଇଥିଲେ ବି ସେ ଘରକୁ ଯାଇପାରି ନ ଥିଲେ। ଯେ ପର୍ଯ୍ୟନ୍ତ ବଜେଟ ଉପସ୍ଥାପିତ ନ ହେବ ସେ ପର୍ଯ୍ୟନ୍ତ ମନ୍ତ୍ରଣାଳୟର କୌଣସି ଅଧିକାରୀ ବା କର୍ମଚାରୀଙ୍କୁ ମନ୍ତ୍ରଣାଳୟ ବାହାରକୁ ଯିବା ଲାଗି ଅନୁମତି ନ ଥିବାରୁ ସେ ଯାଇପାରିନଥିଲେ।
- ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ରହିଥିବା ବ୍ୟକ୍ତିଙ୍କୁ 'ବଜେଟ କୋର୍‌ଗ୍ରୁପ' କୁହାଯାଏ। ଏଥିରେ ସବୁ ବିଭାଗର ସଚିବ ଓ ମୁଖ୍ୟ ଅର୍ଥ ପରାମର୍ଶଦାତା ରହିଥାନ୍ତି। ଏହି ଗ୍ରୁପ ଅଧୀନରେ ୫୦ ଜଣ ରହିଥାନ୍ତି। ଏହାର ନେତୃତ୍ୱ ନେଇଥାନ୍ତି ରାଜସ୍ୱ ସଚିବ। ତାଙ୍କ ଅଧୀନରେ ଦୁଇଜଣ ଜଏଣ୍ଟ ସେକ୍ରେଟାରୀ ଓ ତାଙ୍କ ପରକୁ ତିନି ରୁ ଚାରିଜଣ ଡେପୁଟି ସେକ୍ରେଟାରୀ ଓ ୪/୫ ଜଣ ଅଣ୍ଡର୍ ସେକ୍ରେଟାରୀ ରହିଥାନ୍ତି। ଏମାନଙ୍କବାଦ୍ ପ୍ରିଣ୍ଟିଂପ୍ରେସର ଅଧିକାରୀମାନେ ରହିଥାନ୍ତି।
- ଇନ୍ଦିରା ଗାନ୍ଧୀ ୧୯୭୦ରେ ପ୍ରଥମ ମହିଳା ଭାବେ ବଜେଟ ଉପସ୍ଥାପନ କରିଥିଲେ। ତାଙ୍କ ପରେ ନିର୍ମଳା ସୀତାରାମନ ଚଳିତଥରକୁ ନେଇ ଦୁଇଥର ବଜେଟ ଉପସ୍ଥାପନ କରିଛନ୍ତି।
- ବଜେଟ ଛପା ପ୍ରକ୍ରିୟା ହାଲୁଆ ଉତ୍ସବରୁ ଆରମ୍ଭ ହୋଇଥାଏ। ଏହି ଉତ୍ସବରେ ଅର୍ଥମନ୍ତ୍ରୀ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ହାଲୁଆ ବାଣ୍ଟିଥାନ୍ତି। ଏହି ଉତ୍ସବ ପରେ ମନ୍ତ୍ରଣାଳୟର ଅଧିକାରୀ ବା କର୍ମଚାରୀଙ୍କୁ ଅଲଗା ରଖାଯାଇଥାଏ ଓ ଅର୍ଥ ମନ୍ତ୍ରଣାଳୟ ବାହାରକୁ ଯିବା ଲାଗି ଅନୁମତି ଦିଆଯାଇନଥାଏ। ୨୦୨୦–୨୧ ବଜେଟ ପାଇଁ ଏହି ଉତ୍ସବ ଜାନୁୟାରୀ ୨୦ରେ ଆରମ୍ଭ କରାଯାଇଥିଲା।
- ବଜେଟ ଉପସ୍ଥାପନ ହେବାର ଦୁଇଦିନ ପୂର୍ବରୁ ମନ୍ତ୍ରଣାଳୟକୁ ପୂରା ବନ୍ଦ କରିଦିଆଯାଏ। ବଜେଟ ଉପସ୍ଥାପନ ହେବା ପରେ ବଜେଟ ପ୍ରକ୍ରିୟା ସହ ଜଡିତ ସମସ୍ତ ଅଧିକାରୀ ଓ କର୍ମଚାରୀ ବାହାରକୁ ଆସିଥାନ୍ତି।
- ଅର୍ଥମନ୍ତ୍ରଣାଳୟର ପ୍ରିଣ୍ଟିଂ ପ୍ରେସ୍‌ରେ ବଜେଟ ଛପା କାର୍ଯ୍ୟରେ ୨୦–୩୦ ଜଣ ବ୍ୟକ୍ତି କଡ଼ା ସୁରକ୍ଷା ମଧ୍ୟରେ ରହିଥାନ୍ତି।
- ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଖୁବ୍ ଗୋପନରେ କରାଯାଇଥାଏ। ଏହାକୁ ଉପସ୍ଥାପନ କରାଯିବା ଯାଏ ମନ୍ତ୍ରଣାଳୟର ଶୀର୍ଷ ଅଧିକାରୀଙ୍କଠାରୁ ଆରମ୍ଭ କରି ଅଧଃସ୍ତନ କର୍ମଚାରୀ, ଷ୍ଟେନୋଗ୍ରାଫର, ଟାଇପ୍‌ରାଇଟର୍ସ, ପ୍ରିଣ୍ଟିଂପ୍ରେସ କର୍ମଚାରୀ କାର୍ଯ୍ୟାଳୟ ମଧ୍ୟରେ ରହି କାମ କରିଥାନ୍ତି। ଗୋପନୀୟ ରଖିବା ଲାଗି ସେମାନଙ୍କୁ ପରିବାର ସହ କଥା ହେବା ପାଇଁ ବି ସୁଯୋଗ ଦିଆଯାଇନଥାଏ।
- ଭାରତ ସାଧାରଣତନ୍ତ୍ର ରାଷ୍ଟ୍ର ହେବା ପରେ ୧୯୫୦ରେ ପ୍ରଥମ ବଜେଟ ରାଷ୍ଟ୍ରପତି ଭବନରେ ଛପା ଯାଇଥିଲା। କିନ୍ତୁ ବଜେଟ ଲିକ୍ ହୋଇଯାଇଥିଲା। ଏହାକୁ ଇଂଲଣ୍ଡର ଜଣେ ସାମ୍ବାଦିକ ଲିକ୍ କରିଥିଲେ। ଏହାପରେ ବଜେଟକୁ ଦିଲ୍ଲୀର ମିଣ୍ଟୋ ରୋଡସ୍ଥିତ ସିକ୍ୟୁରିଟି ପ୍ରେସ୍‌ରେ ୩୦ ବର୍ଷ ଧରି ଛପାଯାଇଥିଲା। ଏହାପରେ ୧୯୮୦ରେ ନର୍ଥବ୍ଲକ୍‌ସ୍ଥିତ ଅର୍ଥ ମନ୍ତ୍ରଣାଳୟରେ ଛପା ଯାଇଥିଲା ଓ ୪୦ ବର୍ଷ ହେବ ସେଠାରେ ଏହା ଛପାଯାଉଛି।
- ବଜେଟ ପ୍ରଥମେ ଇଂଲିଶରେ ଛପା ଯାଉଥିଲା। ୧୯୫୫–୫୬ରେ ଏହାକୁ ହିନ୍ଦୀରେ ଛପା ଆରମ୍ଭ ଯାଇଥିଲା।
- ୧୬୦ ବର୍ଷ ପୂର୍ବେ ୧୮୬୦ରେ ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ ବ୍ରିଟିଶ ସରକାରଙ୍କ ଅର୍ଥମନ୍ତ୍ରୀ ଜେମ୍ସ ୱିଲ୍‌ସନ।
- ଭାରତ ସ୍ୱାଧୀନତା ହେବାପରେ ଦେଶର ପ୍ରଥମ ଅର୍ଥମନ୍ତ୍ରୀ ଆର.କେ. ଷଣ୍ମୁଖମ ଚେଟ୍ଟି ୧୯୪୭ରେ ଉପସ୍ଥାପନ କରିଥିଲେ। ଗଣତନ୍ତ୍ର ସ୍ଥାପନ ପରେ ପ୍ରଥମ ବଜେଟ ୨୮ ଫେବୃୟାରୀ ୧୯୫୦ରେ ଜନ୍ ମଥାଇ ଉପସ୍ଥାପନ କରିଥିଲା। ଏହି ବଜେଟରେ ଯୋଜନା ଆୟୋଗ ସ୍ଥାପନର ବର୍ଣ୍ଣନା ରହିଥିଲା।
- ମୋରାରଜି ଭାଇ ଦେଶାଇ ସବୁଠୁ ବେଶୀ ୧୦ ଥର ବଜେଟ ଉପସ୍ଥାପନ କରିଛନ୍ତି।





ଧରିତ୍ରୀ
DHARITRI

# ସାଧାରଣ ବଜେଟ ୨୦୨୦-୨୧



ରବିବାର, ୨ ଫେବୃୟାରୀ, ୨୦୨୦

## ପ୍ରତିକ୍ରିୟା



"ବଜେଟରେ ଆର୍ଥିକ ବିକାଶ ଲାଗି କିଛି ବ୍ୟବସ୍ଥା କରାଯାଇନାହିଁ କିନ୍ତୁ ଆସନ୍ତା ଆର୍ଥିକ ବର୍ଷରେ ୬.୫ ପ୍ରତିଶତ ପର୍ଯ୍ୟନ୍ତ ଅଭିବୃଦ୍ଧିର ସ୍ୱପ୍ନ ଦେଖାଯାଇଛି। ଏହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ ଦାୟିତ୍ୱହୀନତା ମଧ୍ୟ।

**- ପି. ଚିଦାମ୍ବରମ୍, ପୂର୍ବତନ ଅର୍ଥମନ୍ତ୍ରୀ**



"ଭିତ୍ତିଭୂମି ବିକାଶ, କର ସଂସ୍କାର, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୁଧାର ସହ ବଜେଟରେ କୃଷକ, ପଛୁଆବର୍ଗ ଓ ଗରିବଙ୍କ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଭାରତକୁ ୫ ଟ୍ରିଲିୟନ ଅର୍ଥନୀତି ବନାଇବା ଲାଗି ଏଥିରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

**- ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**



"ବଜେଟରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ପ୍ରତି ପାତରଅନ୍ତର ନୀତି ଗ୍ରହଣ କରିଛନ୍ତି। ମୁମ୍ବାଇର ବିକାଶ ଓ ଜାରି ରହିଥିବା ମେଟ୍ରୋ ରେଳ କାର୍ଯ୍ୟ ଲାଗି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଆର୍ଥିକ ସୁଧାର ସହ ନିଯୁକ୍ତିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ ଦିଆଯିବା ଉଚିତ ଥିଲା।

**- ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



"କେନ୍ଦ୍ର ବଜେଟରେ ସେଭଳି କିଛି ନୂତନତ୍ୱ ନାହିଁ। ସରକାରୀ ଅନୁଷ୍ଠାନ ଉପରେ କବ୍‌ଜା କରିବା ସହ ଐତିହ୍ୟକୁ ଆଘାତ ପହଞ୍ଚାଇବା ଛଡ଼ା ଏଥିରେ ଆଉକିଛି ନାହିଁ। ଏଥିରେ ମୁଁ ବିସ୍ମିତ। ଏକ ଯୁଗର ଅନ୍ତ ଘଟାଇବା ସହ ଏହା ସମାନ।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ଦେଶର ଆର୍ଥିକ ସୁଧାର ଓ ବେକାରି ଦୂରୀକରଣ ଲାଗି ବଜେଟରେ ସେଭଳି କିଛି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅଢ଼େଇ ଘଣ୍ଟାର ବଜେଟ ଭାଷଣରେ ସେଭଳି ବିକାଶର କୌଣସି ଚିତ୍ର ନାହିଁ।

**- ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



"କେନ୍ଦ୍ର ବଜେଟରେ ଦିଲ୍ଲୀକୁ ଗୁରୁତ୍ୱ ଦିଆଯାଇ ନାହିଁ। ନିର୍ବାଚନ ପୂର୍ବରୁ ଦିଲ୍ଲୀବାସୀ ନିରାଶ ହୋଇଛନ୍ତି। ଏଏପି ସରକାର ଅଧିକ ପାଣ୍ଠି ଆଶା କରିଥିବାବେଳେ ନିରାଶ ହେବାକୁ ପଡ଼ିଛି। ବଜେଟରେ ସେଭଳି କିଛି ବ୍ୟବସ୍ଥା ଥିବାଭଳି ମନେହେଉନାହିଁ।

**- ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



"ବଜେଟରେ ଆର୍ଥିକ ପୁନରୁଦ୍ଧାର, ବେକାରଙ୍କୁ ନିଯୁକ୍ତି, କୃଷକଙ୍କ ଦୁଃଖ ଲାଘବ କଲା ଭଳି କିଛି ନାହିଁ। ଏମିତିକି ପ୍ରତିରକ୍ଷା ଲାଗି ମଧ୍ୟ ସେଭଳି ବ୍ୟୟବରାଦ କରାଯାଇନାହିଁ। ଭାଜପାର ବିଭାଜନ ଏଜେଣ୍ଡା ଛଡ଼ା ଆଉ ଏଥିରେ କିଛି ନାହିଁ।

**- ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ**



"ରାଜସ୍ୱ ଓ ନିଯୁକ୍ତି ନେଇ ସରକାରଙ୍କ ଅପାରଗତା ବଜେଟ ପରେ ପଦାରେ ପଡ଼ିଛି। ଏଥିରେ ସ୍ୱତନ୍ତ୍ର ପ୍ୟାକେଜ୍ ନାହିଁ କି ବିହାର ଲାଗି କୌଣସି କିଛି ନୂଆ ପ୍ରକଳ୍ପ ନାହିଁ। ଡବଲ ଇଞ୍ଜିନ ସରକାର ଲାଗି ବିହାରକୁ ଅଧିକ କିଛି ମିଳିବାର ଆଶା ଥିଲା। ବଜେଟ ପରେ ମୋଦି ସରକାରଙ୍କ ଭେଦଭାବ ମନୋଭାବ ପୁଣି ପଦାରେ ପଡ଼ିଛି।

**- ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**




# ବ୍ୟକ୍ତିଗତ ଆୟକାରୀଙ୍କ ଉପରେ କ'ଣ ପ୍ରଭାବ ରହିବ ?

**ବଜେଟ-୨୦୨୦ ପ୍ରସ୍ତୁତ ସମୟରେ ୩ଟି ବିଷୟବସ୍ତୁ: ଉଚ୍ଚଶିକ୍ଷା ଭାରତ, ଅର୍ଥନୈତିକ ବିକାଶ ଓ ସେବା ମନୋଭାବ ଭାରତ ଯାହାକି ଏକ ସନ୍ତୁଳିତ ପ୍ରୟୋଗ। ନୂତନ ଆୟକର ସ୍ତରକୁ ନୂଆ ଭାବେ ପ୍ରସ୍ତୁତ କରାଯାଇଛି, ଯାହାକି ବ୍ୟକ୍ତିଗତ ସମୁଦାୟ ଆୟକର ଦେୟକୁ ହ୍ରାସ କରାଯାଇଛି। ନୂତନ ଆୟକର ଅନୁଯାୟୀ ୭୦ ପ୍ରକାରର ଆୟକର ଛାଡ଼ ଅବ୍ୟାହତି ଦିଆଯାଇଛି।**

### ମୁଖ୍ୟ ଅଂଶ

- ଆୟକର ପଇଠ ସମୟରେ ବ୍ୟକ୍ତିଗତ ଆୟକର ପ୍ରଦାନକାରୀ ୨ଟି ପସନ୍ଦ ମଧ୍ୟରୁ ଚୟନ କରିବାକୁ ପଡିବ ବର୍ତ୍ତମାନ ପ୍ରଚଳିତ ଆୟକର ପ୍ରଣାଳୀ କିମ୍ବା ନୂତନ ଆୟକର ପ୍ରଣାଳୀ ୨୦୨୦।
- ନୂତନ ଆୟକର ପ୍ରଣାଳୀ ଆୟକର ହାର ଓ ଆୟକର ସ୍ତରକୁ କମ୍ କରିଦିଆଯାଇଛି କିନ୍ତୁ କିଛି ବି ଆୟକର ଛାଡ ଦାବି କରିପାରିବେ ନାହିଁ।
- କେଉଁ ଆୟକର ପ୍ରଣାଳୀ ବହୁତ ସୁବିଧା ପ୍ରଦାନ କରିବ? ପ୍ରତ୍ୟେକ ବ୍ୟକ୍ତିକୁ ଏହାର ଫଳାଫଳ ମିଳିବ ବା ସବୁଠୁ କମ୍ ଆୟକର ପ୍ରଦାନ କରିବାକୁ ପଡିବ ଯାହାକି ବ୍ୟକ୍ତିଗତ ଆୟକାରୀଙ୍କ ବାର୍ଷିକ ଆୟର ସଂରଚନା ବା ସଂଗଠନ ଓ ବିଭିନ୍ନ ନିବେଶ ସ୍କିମ ଉପରେ ନିର୍ଭର କରିବ। ପ୍ରତ୍ୟେକ ଆୟକାରୀ ନିଜର ଆୟକର ହିସାବ କରି ଦେଖିବାକୁ ପଡିବ କେଉଁ ଆୟକର ପ୍ରଣାଳୀ ଅଧିକ ସୁବିଧା ପ୍ରଦାନ କରିବ।
- ଲାଭାଂଶ (ଡିଭିଡେଣ୍ଡ) ଗ୍ରହଣ କରୁଥିବା ବ୍ୟକ୍ତି ଲାଭାଂଶ ରାଶି ଉପରେ ଆୟକର ପଇଠ କରିବାକୁ ପଡିବ। ଡିଡିଟି(ଲାଭାଂଶ ବଣ୍ଟନ ଟିକସ) ହଟାଇ ଦିଆଯିବା ଯୋଗୁଁ ଲାଭାଂଶ ରାଶି ଆୟକର ଅନ୍ତର୍ଭୁକ୍ତ ଓ ବ୍ୟକ୍ତିଗତ କରଯୋଗ୍ୟ ଆୟ ବଢ଼ିଯିବ।
- ଏସବୁର ପରିବର୍ତ୍ତନ ସୁବିଧା ଯେଉଁମାନେ କିଛି ଆୟକର ଛାଡ଼ ଦାବି କରିବେ ନାହିଁ ସେମାନଙ୍କୁ କିଛି ସୁବିଧା ମିଳିବ। ଯାହାକି ବହୁତ କମ୍ ହେବ।
- ବଜେଟ-୨୦୨୦-୨୧ ପୁଞ୍ଜିବଜାର ନିବେଶକାରୀଙ୍କୁ ଖୁସି କରିପାରିନାହିଁ। ସେନ୍‌ସେକ୍ସ ୯୮୭ ପଏଣ୍ଟ ତଳକୁ ଖସି ୪୦,୦୦୦ ତଳକୁ (୩୯,୭୩୫) ସ୍ତରକୁ ଖସି ଆସିଛି। ଏହା ପାଖାପାଖି ୨.୪୩% ତଳକୁ ଖସିଛି। ନିଫ୍ଟି ୩୦୦ ପଏଣ୍ଟ ଖସି ୧୧,୬୧୧ ରହିଛି।
- ବ୍ୟକ୍ତିଗତ ଆୟକର ହାର ଓ ଆୟକର ହିସାବ ବହୁତ ଜଟିଳ ହୋଇଯିବ। ପ୍ରତ୍ୟେକ ବ୍ୟକ୍ତି ଏହାର ପ୍ରଭାବକୁ ସମୀକ୍ଷା କରିବା ନିହାତି ଜରୁରୀ।

### ନୂତନ ଆୟକର ସ୍ତର

| | | |
|---|---|---|
| ୦-୨.୫ ଲକ୍ଷ | ଆୟକର ମୁକ୍ତ | |
| ୨.୫ ଲକ୍ଷ- ୫ଲକ୍ଷ | ୫% | |
| ୫.୦୦-୭.୫ ଲକ୍ଷ | ୧୦% | (ପୂର୍ବ ୨୦%ଥିଲା) |
| ୭.୫ ଲକ୍ଷ-୧୦ ଲକ୍ଷ | ୧୫% | (ପୂର୍ବ ୨୦%ଥିଲା) |
| ୧୦ଲକ୍ଷ- ୧୨.୫ଲକ୍ଷ | ୨୦% | (ପୂର୍ବ ୩୦%ଥିଲା) |
| ୧୨.୫ଲକ୍ଷ-୧୫ଲକ୍ଷ | ୨୫% | (ପୂର୍ବ ୩୦% ଥିଲା) |
| ୧୫ଲକ୍ଷ-ତଦୁର୍ଦ୍ଧ୍ୱ | ୩୦% | |





## କର ଦେବାରେ ହିଁ କରଦାତାଙ୍କ ଉନ୍ନତି


ଭାରତୀୟ ଅର୍ଥ ବ୍ୟବସ୍ଥା ମଜଭୁତ ପାଇଁ ସରକାର କିପରି ପ୍ରତିଶ୍ରୁତିବଦ୍ଧ ତାହା ଅର୍ଥମନ୍ତ୍ରୀ ସୀତାରାମନ ମହାକବି କାଳୀଦାସଙ୍କ ମହାକାବ୍ୟ 'ରଘୁବଂଶମ୍'ର ପ୍ରଥମ ସର୍ଗର ୧୮ତମ ଶ୍ଳୋକକୁ ଉଦାହରଣ ଦେଇ ବୁଝାଇଥିଲେ। ଶ୍ଳୋକର ବାଖ୍ୟାକରି ଅର୍ଥମନ୍ତ୍ରୀ କହିଥିଲେ, ବର୍ଷା ରୂପରେ ହଜାରେ ଗୁଣା ପାଣି ଫେରାଇବା ପାଇଁ ସୂର୍ଯ୍ୟ ଯେମିତି ପୃଥିବୀପୃଷ୍ଠର ଛୋଟ ଛୋଟ ଜଳକଣିକାରୁ ଖୁବ୍ କମ୍ ଜଳୀୟବାଷ୍ପ ସଂଗ୍ରହ କରି ଏକାଠି କରେ, ସେହିପରି ରଘୁବଂଶୀ ରାଜାମାନେ ମଧ୍ୟ ପ୍ରଜାମାନଙ୍କ ହିତ ପାଇଁ ସେମାନଙ୍କ ଠାରୁ ଖୁବ୍ କମ୍ ପରିମାଣର କର ଆଦାୟ କରୁଥିଲେ। ଉଭୟେ ସୂର୍ଯ୍ୟ ଓ ରାଜାଙ୍କ ଏପରି କାର୍ଯ୍ୟ ପଛରେ ଜନସାଧାରଣଙ୍କ ମଙ୍ଗଳ ହିଁ ନିହିତ ଥିବା ଭଳି ଭାରତ ସରକାର ମଧ୍ୟ ଅର୍ଥନୀତିକୁ ଦୃଢ଼ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ନିବେଶ ପାଇଁ ଭାରତ ଏବେ ସର୍ବୋତ୍କୃଷ୍ଟ ସ୍ଥାନ ପାଲଟିଛି। ଅନେକ ନିବେଶକ ନିବେଶ ପାଇଁ ଆକର୍ଷିତ ହେଉଛନ୍ତି। ଏହାକୁ ନଜରରେ ରଖି କର୍ପୋରେଟ ଟେକ୍ସ କମାଇବା ଭଳି ଐତିହାସିକ ପଦକ୍ଷେପ ନିଆଯାଉଛି। ଏହା କମ୍ପାନୀଗୁଡ଼ିକର ବ୍ୟବସାୟକୁ ଅଧିକ ଦୃଢ଼ କରିବ। ଯଦିଓ ଏହାଦ୍ୱାରା ଦେଶ ରାଜସ୍ୱ ହରାଇବ, ତଥାପି ଅର୍ଥବ୍ୟବସ୍ଥାରେ ଦ୍ରୁତ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଥିବା ଅର୍ଥମନ୍ତ୍ରୀ ସୀତାରାମନ ପ୍ରକାଶ କରିଥିଲେ।



### ରାଜସ୍ୱ ଖର୍ଚ୍ଚ (କୋଟିରେ)




### ରାଜସ୍ୱ ଆଦାୟ (କୋଟିରେ)




### କେଉଁ କ୍ଷେତ୍ରକୁ କେତେ ଟଙ୍କା

| | |
|---|---|
| ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ | ୧ ଲକ୍ଷ ୨୩ହଜାର କୋଟି |
| ସ୍ୱଚ୍ଛ ଭାରତ ମିଶନ | ୧୨ ହଜାର ୩୦୦କୋଟି |
| କୃଷି କ୍ଷେତ୍ର | ୨ ଲକ୍ଷ ୮୩ ହଜାର କୋଟି |
| ପାଇପ ଯୋଗେ ଜଳଯୋଗାଣ | ୧୧ ହଜାର ୫୦୦ କୋଟି |
| ଶିକ୍ଷା କ୍ଷେତ୍ର | ୯୯ ହଜାର ୩୦୦ କୋଟି |
| ଜଳ ଜୀବନ ମିଶନ | ୩ ଲକ୍ଷ ୬୦ ହଜାର କୋଟି |
| ସ୍ୱାସ୍ଥ୍ୟସେବା କ୍ଷେତ୍ର | ୬୯ ହଜାର କୋଟି |
| ବାୟୁ ପ୍ରଦୂଷଣ ରୋକିବାକୁ | ୪୪୦୦ କୋଟି |
| ଉଦ୍ୟୋଗ ଓ ବାଣିଜ୍ୟ କ୍ଷେତ୍ର | ୨୭ ହଜାର ୩୦୦ କୋଟି |
| ପୋଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ | ୩୫ ହଜାର ୬୦୦ କୋଟି |
| ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ | ୮୫ ହଜାର କୋଟି |
| ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ କଲ୍ୟାଣ | ୯୫୦୦ କୋଟି |
| ସଂସ୍କୃତି ଓ ପର୍ଯ୍ୟଟନ | ୫୬୫୦ କୋଟି |
| ପବ୍ଲିକ ସେକ୍ଟର ବ୍ୟାଙ୍କ | ୩ ଲକ୍ଷ ୫୪ ହଜାର କୋଟି |
| ଦକ୍ଷତା ବିକାଶ | ୩ ହଜାର କୋଟି |
| ସଡ଼କ ଓ ପରିବହନ | ୧ ଲକ୍ଷ ୭୦ ହଜାର କୋଟି |
| ଲଦାଖର ବିକାଶ ପାଇଁ | ୫୯୫୮ କୋଟି |

## ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ




କେନ୍ଦ୍ର ସରକାର ଭିତ୍ତିଭୂମି ବିକାଶ ଉପରେ ବଜେଟରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉଡ଼ାନ୍ ଯୋଜନାରେ ଦେଶରେ ଅଧିକ ୧୦୦ ବିମାନବନ୍ଦରର ବିକାଶ ୨୦୨୪ ସୁଦ୍ଧା କରାଯିବ ବୋଲି କହିଛନ୍ତି। ଆସନ୍ତା ଆର୍ଥିକବର୍ଷରେ ପରିବହନ ଭିତ୍ତିଭୂମିର ବିକାଶ ଲାଗି ୧.୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେଜସ୍ ଭଳି ଅଧିକ ଟ୍ରେନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଚଳାଚଳ କରିବ। ୨୦୨୩ ସୁଦ୍ଧା ରାଜପଥଗୁଡ଼ିକର ବିକାଶ, ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେର ନବୀକରଣ ସହ ଅନ୍ୟ ୨ଟି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବ ବୋଲି ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିଭଳି ସିଙ୍ଗଲ ୱିଣ୍ଡୋ ଇ- ଲଜିଷ୍ଟିକ୍ ମାର୍କେଟ ଲାଗି ଖୁବ୍‌ଶୀଘ୍ର ନ୍ୟାଶନାଲ ଲଜିଷ୍ଟିକ୍ସ ପଲିସି ଅଣାଯିବ। ଭାରତ ନେଟ୍ ଲାଗି ୬ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧ ଲକ୍ଷ ଗ୍ରାମପଞ୍ଚାୟତର ବିକାଶ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଘରୋଇ ସେକ୍ଟରରେ ଡାଟା ସେଣ୍ଟର ନିର୍ମାଣ ଲାଗି ଆଇନ ଅଣାଯିବାର ବ୍ୟବସ୍ଥା କରାଯାଉଥିବା ଘୋଷଣା କରାଯାଇଛି। ନ୍ୟାଶନାଲ ଗ୍ୟାସ୍ ଗ୍ରୀଡ୍ ୧୬,୨୦୦ କି.ମି.ରୁ ପରିବର୍ଦ୍ଧିତ କରାଯାଇ ୨୭ ହଜାର କି.ମି. କରାଯିବ ବୋଲି ବଜେଟରେ ଘୋଷଣା କରାଯାଇଛି।

## ୨ଘଣ୍ଟା ୪୩ମିନିଟର ଦୀର୍ଘତମ ଅଭିଭାଷଣ


ନୂଆଦିଲ୍ଲୀ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଅଭିଭାଷଣ ରେକର୍ଡ ଭାଙ୍ଗିଛନ୍ତି। ସେ ଶନିବାର ଲୋକ ସଭାରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୨ଘଣ୍ଟା ୪୩ମିନିଟର ଦୀର୍ଘ ଅଭିଭାଷଣ ଜରିଆରେ ବଜେଟ ଉପସ୍ଥାପନ କରିଛନ୍ତି, ଯାହାକୁ ସ୍ୱାଧୀନ ଭାରତ ଇତିହାସରେ ସବୁଠାରୁ ଦୀର୍ଘକାଳୀନ ବଜେଟ ଭାଷଣ କୁହାଯାଉଛି। ବଜେଟ ଭାଷଣର ଶେଷ ଆଡକୁ ଗଳା ଖରାପ ହେବାରୁ ଅର୍ଥମନ୍ତ୍ରୀ ଶେଷ ଦୁଇ-ତିନି ପୃଷ୍ଠା ପଢ଼ିପାରି ନ ଥିଲେ। ଉକ୍ତ ୨ ପୃଷ୍ଠାକୁ ନ ପଢ଼ି ବାଚସ୍ପତିଙ୍କ ଅନୁମତି ନେଇ ସଦନରେ ରଖିଥିଲେ। ୨୦୧୯ରେ ସେ ୨ଘଣ୍ଟା ୧୭ମିନିଟ ସମୟ ନେଇ ବଜେଟ ଉପସ୍ଥାପନ କରିଥିଲେ। ତେବେ ଏହା ପୂର୍ବରୁ ୨୦୦୩ରେ ଯଶୱନ୍ତ ସିଂହ ୨ଘଣ୍ଟା ୧୫ମିନିଟରେ ନିଜର ବଜେଟ ଭାଷଣ ପଢ଼ିଥିଲେ।



### ପୁଞ୍ଜି ଖର୍ଚ୍ଚ (କୋଟିରେ)




### ପୁଞ୍ଜି ଆଦାୟ (କୋଟିରେ)




## ଭାଷଣରେ ଚତୁରତା

### କବିତାରୁ କୂଟନୀତି

ସଂସଦରେ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବେଶ୍ ବିଜ୍ଞତାର ସହ ସିନ୍ଧୁ-ସରସ୍ୱତୀ ସଭ୍ୟତାଠାରୁ ଆରମ୍ଭ କରି ରାଜନୀତି, କୂଟନୀତି, ଅର୍ଥନୀତି ଏବଂ ଉତ୍ତମ ରାଷ୍ଟ୍ରଗଠନ ନେଇ ଗୋଟିଏ ପରେ ଗୋଟିଏ ଉଦାହରଣ କବିତା ଓ ଶ୍ଳୋକ ମାଧ୍ୟମରେ ରଖିଥିଲେ। ଅର୍ଥମନ୍ତ୍ରୀ ପ୍ରଥମେ ଶୁଣାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଖ୍ୟାତିସମ୍ପନ୍ନ କବି ପଣ୍ଡିତ ଦୀନାନାଥ କୌଲଙ୍କ କଶ୍ମୀର କବିତାର ହିନ୍ଦୀ ଭାବାନୁବାଦ। 'ହମାରା ୱତନ ଖିଲତେ ହୁଏ ଶାଲିମାର ବାଗ୍ ଜୈସା... ହମରା ୱତନ ଡାଲ ଝିଲ୍ ମେଁ ଖିଲତା କମଲ ଜୈସା... ନୌଯବାନୋଁକେ ଗରମ ଖୁନ୍ ଜୈସା... ମେରା ୱତନ... ତେରା ୱତନ... ହମାରା ୱତନ... ଦୁନିଆକା ସବ୍‌ସେ ପ୍ୟାରା ୱତନ'। ଏହା ପରେ ଅର୍ଥମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମେ ଭାରତକୁ ସବୁଠାରୁ ଉତ୍ତମ ରାଷ୍ଟ୍ର ଭାବେ ଗଢ଼ିବାର ପ୍ରୟାସ କରୁଛୁ।

### ଗୋଟିଏ ଡେଣାରେ ଉଡ଼ିବା ଅସମ୍ଭବ

ସଂକ୍ଷିପ୍ତରେ ହେଲେ ମଧ୍ୟ ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ମନେପକାଇଥିଲେ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଓ ଆଦର୍ଶକୁ। ପାଶ୍ଚାତ୍ୟ ରାଷ୍ଟ୍ରରେ ମଳିନ ପଡିଥିବା ଭାରତର ଛବିକୁ କିପରି ମାତ୍ର ଗୋଟିଏ ଭାଷଣରେ ସ୍ୱାମିଜୀ ବଦଳାଇ ଦେଇଥିଲେ ତାହା ସେ ସ୍ମରଣ କରାଇଦେଇଥିଲେ। ମହିଳା ସଶକ୍ତୀକରଣ ଉପରେ ମତରଖି ସୀତାରମଣ କହିଥିଲେ, ସ୍ୱାମୀ ବିବେକାନନ୍ଦ ଗୁରୁ ରାମକୃଷ୍ଣ ପରମହଂସଙ୍କ ପାଖକୁ ଏକ ପତ୍ର ଲେଖିଥିଲେ। ସେଥିରେ ଉଲ୍ଲେଖଥିଲା, ମହିଳାଙ୍କ ସ୍ଥିତିରେ ସୁଧାର ନ ଆସିବା ଯାଏ ଦୁନିଆଁର ବିକାଶରେ କୌଣସି ସୁଯୋଗ ନାହିଁ। ଗୋଟିଏ ଡେଣାରେ ପକ୍ଷୀ ଉଡ଼ିବା ଅସମ୍ଭବ। ଅଧିକରୁ ଅଧିକ ମହିଳାଙ୍କ ଭାଗୀଦାରି ହେଲେ ପ୍ରଗତି ସମ୍ଭବ ବୋଲି ସ୍ୱାମିଜୀ କହିଥିବା ଅର୍ଥମନ୍ତ୍ରୀ ନିଜ ଅଭିଭାଷଣରେ ସୂଚାଇଥିଲେ।

### ସ୍ମରଣ କରାଇଲେ ତିରୁବଲ୍ଲୁବରଙ୍କ ରାଷ୍ଟ୍ରଗଠନ ନୀତି

ନିଜ ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ପ୍ରଖ୍ୟାତ ତାମିଲ କବି ତିରୁବଲ୍ଲୁବରଙ୍କ ରାଷ୍ଟ୍ରଗଠନ ନୀତି ସମ୍ପର୍କରେ ସ୍ମରଣ କରାଇ ଦେଇଥିଲେ। ଏକ ଉତ୍ତମ ରାଷ୍ଟ୍ର ଗଠନ ପାଇଁ କବି ତିରୁବଲ୍ଲୁବର ତାଙ୍କ ତାମିଲ କବିତାରେ ଯେଉଁ ୫ଟି ଉପାଦାନ- ରୋଗମୁକ୍ତ ଦେଶ, ସନ୍ତୁଳିତ ଅର୍ଥ କାରବାର, ଭଲ ଫସଲ ଉତ୍ପାଦନ, ସୁଖୀ ଜୀବନ ଏବଂ ସୁରକ୍ଷା ସମ୍ପର୍କରେ ଉଲ୍ଲେଖ କରିଥିଲେ, ତାହା ମୋଦି ସରକାରଙ୍କ ଶାସନ ସମୟରେ ମଧ୍ୟ ପ୍ରତିଫଳିତ ହେଉଛି ବୋଲି ଅର୍ଥମନ୍ତ୍ରୀ ସୂଚନା ରଖିଥିଲେ। ସେ କହିଥିଲେ ଦେଶବାସୀଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହୋଇଛି। ସମ୍ପଦ ସୃଷ୍ଟିକାରୀ (ୱେଲ୍‌ଥ କ୍ରିଏଟର)ଙ୍କ ପାଇଁ ଦେଶର ସମ୍ମାନ ବଢ଼ିଛି। କୃଷକଙ୍କ କଲ୍ୟାଣ ନିମନ୍ତେ କିଷାନ ସମ୍ମାନ ନିଧି ସମେତ ଅନେକ ଯୋଜନା ପ୍ରଚଳନ କରାଯାଇଛି। ଇଜ୍ ଅଫ୍ ଲିଭିଂ ଖୁସି ଆଣିଛି। ସବୁଠାରୁ ବଡ଼ କଥା ସୁରକ୍ଷାକୁ ମୋଦି ସରକାର ସର୍ବଦା ଅଗ୍ରାଧିକାର ଦେଇ ଆସିଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଥିଲେ।

### ଶାସନରେ ପ୍ରଚଳିତ ପ୍ରଭୁ ବାସବେଶ୍ୱରଙ୍କ ନୀତି

ଭଗବାନ ବାସବେଶ୍ୱରଙ୍କ ଶିକ୍ଷାନୀତିର ଉଦାହରଣ ଦେଇ ଅର୍ଥମନ୍ତ୍ରୀ କହିଥିଲେ, ଏହାକୁ ଅନୁପାଳନ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ଯଥାସାଧ୍ୟ ଉଦ୍ୟମ କରାଯାଉଛି। ବିଶେଷ କରି 'କାୟାକ' (କାମରୁ ରୋଜଗାର), 'ଦଶୋହା' (ସମାଜକୁ ଫେରାଇବା) ସିଦ୍ଧାନ୍ତ ଉପରେ ଶାସନ ପର୍ଯ୍ୟବସିତ। 'କାୟକେବ କୈଲାସା' (କାର୍ଯ୍ୟ ହିଁ ପୂଜା) ଭଳି ମହାନ୍ ନୀତିକୁ ଲାଗୁ କରିବାକୁ ଯାଇ ସରକାର ୧୦ ମିଲିୟନ ଯୁବବର୍ଗଙ୍କୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ପ୍ରଶିକ୍ଷଣ ଦେଇଛନ୍ତି। ଏହା ଉଚ୍ଚମାନର କୁଶଳୀ ଜନଶକ୍ତିର ସେତୁ ହେବାକୁ ଯାଉଛି। ଏଲ୍‌ପିଜି ସବ୍‌ସିଡି ଛାଡ଼ିବା ପଛରେ ମଧ୍ୟ ପ୍ରଭୁ ବାସବେଶ୍ୱରଙ୍କ ନୀତି ପ୍ରତିଫଳିତ ହୋଇଥିବା ସୀତାରାମନ୍ ପ୍ରକାଶ କରିଥିଲେ।






# ସାଧାରଣ ବଜେଟ ୨୦୨୦ - ୨୧



## “ କାଳ୍ପନିକ, ସ୍ୱପ୍ନ ଦେଖାଇବା ଭଳି



ବ୍ୟକ୍ତିଗତ ଭାବେ ଦେଖିଲେ ବଜେଟ୍‌ଟି ନୈରାଶ୍ୟଜନକ ହୋଇଛି। ୫ ଟ୍ରିଲିୟନ ଡଲାର ଅର୍ଥନୀତି କଥା କୁହାଯାଉଛି। ହେଲେ ଅଢେଇ ଲକ୍ଷ ଲେଖାଏ ଆୟ କର ଉପରେ ବଜେଟ୍ ଏବଂ ସ୍ଲାବ୍ ପ୍ରସ୍ତୁତ କରାଯାଉଛି। ଏହା ସଂକୀର୍ଣ୍ଣ , ଦୂରଦୃଷ୍ଟିସମ୍ପନ୍ନ ନୁହେଁ। ଅତି ଲମ୍ବା ଭାଷଣ ଥିଲା, ହେଲେ ତଥ୍ୟ କମ୍ ରହିଥିଲା। କେବଳ କାଳ୍ପନିକ ଏବଂ ଅନେକ ସ୍ୱପ୍ନ ଦେଖାଇବା ଭଳି ବଜେଟ ଥିଲା।

- ପିନାକୀ ମିଶ୍ର, ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା)

## “ ରୋଜଗାର ନାହିଁ



କେନ୍ଦ୍ର ବଜେଟ୍‌ରେ କୌଣସି ନୂତନତ୍ୱ ନାହିଁ। ଦେଶର ଯୁବବର୍ଗ ବେକାର, ରୋଜଗାର ନାହିଁ। ଏହାକୁ ଆଖି ଆଗରେ ରଖି କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇନାହିଁ। ବଜେଟ୍‌କୁ ଅଧିକ ଲମ୍ବା କରାଯାଇଛି, ଏହା କରାଯିବାର କୌଣସି ଆବଶ୍ୟକତା ନ ଥିଲା। ଏଲ୍ଆଇସିରୁ ପୁଞ୍ଜି ପ୍ରତ୍ୟାହର ନିଷ୍ପତ୍ତିର କୌଣସି ଯଥାର୍ଥତା ନାହିଁ।

- ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ


## “ ପ୍ରଚାର, ପ୍ରତିଶ୍ରୁତିର ବଜେଟ



ବଜେଟରେ କିଛି ନାହିଁ, ଏହା ସମସ୍ତଙ୍କୁ ନିରାଶ କରିଛି। ଦେଶର ଆର୍ଥିକ ପରିସ୍ଥିତି ଯେଉଁ ଅବସ୍ଥାରେ ରହିଛି ତାକୁ ମୁକାବିଲା କରିବା ପାଇଁ ଏ ବଜେଟ ନୁହେଁ। ଏଲଆଇସିରୁ କେନ୍ଦ୍ର ସରକାର ନିଜ ଅଂଶଧନ ବିକ୍ରି କରିବାକୁ ନେଇଥିବା ନିଷ୍ପତ୍ତି ଶୁଭଙ୍କର ନୁହେଁ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା କରିବେ ବୋଲି କହୁଛନ୍ତି। ଏହା ପୁରୁଣା ପ୍ରତିଶ୍ରୁତି। ଯୁବ ବର୍ଗଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ ବୋଲି କହିଛନ୍ତି। ୬ ବର୍ଷ ପୂର୍ବରୁ ବର୍ଷକୁ ୨କୋଟି ବେକାର ଯୁବତୀଯୁବକଙ୍କୁ ଚାକିରି ଦେବେ ବୋଲି କହିଥିଲେ। ଏହା କେବଳ ପ୍ରଚାର ଓ ପ୍ରତିଶ୍ରୁତିର ବଜେଟ।

- ନିରଞ୍ଜନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି


## “ ସାଧାରଣ ଜନତାଙ୍କ ବଜେଟ



ଏହି ବଜେଟ୍ ଆଶା, ଆଶ୍ୱାସନାରେ ଭରପୂର ରହିଛି। ଏଥର ବଜେଟରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ରହିଛି। ମତ୍ସ୍ୟ ଚାଷ ପ୍ରତି ଶିକ୍ଷିତ ଯୁବକମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରାଯାଇଛି। ମାଛ ଚାଷରେ କ୍ରାନ୍ତିକାରୀ ପରିବର୍ତ୍ତନ କରିବା ଏବଂ ସେମାନଙ୍କ ରୁଚି ବଦଳାଇବାକୁ ମଧ ଚେଷ୍ଟା କରାଯାଇଛି। ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ କ୍ଷେତ୍ରରେ ମଧ ବିଶେଷ ଧ୍ୟାନ ଦିଆଯାଇଛି। ବହୁ ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର ସାହସିକତାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥରର ବଜେଟ ଅତ୍ୟନ୍ତ କ୍ରାନ୍ତିକାରୀ ଏବଂ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ।

- ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ

## “ ଲୋକଙ୍କ ଉପରେ ଆର୍ଥିକ ବୋଝ



ବଜେଟ୍ ଅତ୍ୟନ୍ତ ଚିରାଚରିତ ଢଙ୍ଗରେ ପ୍ରସ୍ତୁତ କରାଯାଇଛି। ଦେଶ ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଏଥିରୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବଜେଟ୍‌ଟି ନିଆଣ୍ଟିଆ ହୋଇଥିବାରୁ ଲୋକଙ୍କ ଉପରେ ଆର୍ଥିକ ବୋଝ ପଡ଼ିବ। ସରକାରୀ ଉଦ୍ୟୋଗଗୁଡିକରୁ ପୁଞ୍ଜି ପ୍ରତ୍ୟାହାର କରିବା ଦୁର୍ଭାଗ୍ୟଜନକ ।

- ଅଲି କିଶୋର ପଟ୍ଟନାୟକ, ସିପିଏମ୍ ନେତା

## “ ନୂଆ ଭାରତ ପରିକଳ୍ପନାକୁ ବାସ୍ତବ ରୂପ ଦେବ



ଆମ ଦେଶର ଆର୍ଥିକ ପ୍ରଗତିକୁ ଆଗେଇ ନେବା ପାଇଁ ଏହା ଏକ କ୍ରାନ୍ତିକାରୀ ବଜେଟ। ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତ ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହି ବଜେଟ ସଫଳ ହେବ। ଓଡ଼ିଶା ପାଇଁ ମଧ ବଡ଼ ଲାଭ ଆଣିବ। ଗ୍ରାମାଞ୍ଚଳରେ ପାଇପ ଯୋଗେ ପିଇବା ପାଣି ପାଇଁ ୩ଲକ୍ଷ କୋଟିରୁ ଅଧିକ ଅର୍ଥ ବରାଦ ହୋଇଛି। ସେହିପରି ପ୍ରତି ଜିଲାରେ ମେଡିକାଲ ପ୍ରତିଷ୍ଠା, ପକ୍କାଘର ନିର୍ମାଣ ପାଇଁ ବ୍ୟାପକ ଅର୍ଥ ବରାଦ ଆଦିର ଲାଭ ଆଗାମୀ ଦିନରେ ରାଜ୍ୟକୁ ମିଳିବ। କୃଷକଙ୍କ ପାଇଁ ୧୬ ସୂତ୍ରୀୟ ଫର୍ମୁଲାରେ ୨.୮୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିମାନରେ କୃଷକଙ୍କ ଚାଷଦ୍ରବ୍ୟ ଯିବ ସେଥିପାଇଁ କୃଷି ଉଡାନ ଯୋଜନା ଆରମ୍ଭ ହେବ।

- ପ୍ରଦୀପ୍ତ କୁମାର ନାଏକ, ବିରୋଧୀ ଦଳ ନେତା

## “ ବଜେଟ ଦିଶାହୀନ



ଚାଷୀଙ୍କ ଆୟକୁ ୨୦୨୨ ସୁଦ୍ଧା ଦୁଇଗୁଣା କରିବା ପ୍ରତିଶ୍ରୁତି ଏକ ଧୁଆଁବାଣ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଭୁଶୁଡ଼ି ଯାଇଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ମୋଟ ଉପରେ କହିବାକୁ ଗଲେ ଏହା ଏକ ଦିଶାହୀନ ବଜେଟ।

- ନାରାୟଣ ରେଡ୍ଡି, ସିପିଆଇ ନେତା

## “ ପୂର୍ବ ବଜେଟର ହିସାବ ଦିଆଯିବା ଦରକାର



ସପ୍ତମ ବେତନ କମିଶନ କାର୍ଯ୍ୟକାରୀ ପରେ ଅଧିକାଂଶ ସରକାରୀ କର୍ମଚାରୀଙ୍କ ଦରମା ବାର୍ଷିକ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହୋଇଛି। ଏଭଳି ସ୍ଥିତିରେ ଆୟକରଦାତାଙ୍କୁ ରିହାତି ଦିଆଯିବା ଦ୍ୱାରା ୪୮ ହଜାର କୋଟି ଟଙ୍କା କ୍ଷତି ଘଟିବ। ଉକ୍ତ ଅର୍ଥକୁ ସରକାର କିପରି ଭରଣା କରିବେ ତାହା ବଡ଼ ପ୍ରଶ୍ନ। ଦେଶରେ ମାତ୍ର ୩ ପ୍ରତିଶତ ଲୋକ ଟିକସ ପଇଠ କରୁଛନ୍ତି। ୫ ଲକ୍ଷରୁ କମ୍ ଆୟ କରୁଥିବା ଲୋକ ଟିକସ ପଇଠ କରୁ ନ ଥିବାବେଳେ ଦେଶରେ ସେହି ବର୍ଗର ସଂଖ୍ୟା ସର୍ବାଧିକ। ତେଣୁ ଯୋଜନା ଅନୁଯାୟୀ ବିକାଶ କାର୍ଯ୍ୟ ସମ୍ଭବ ହୋଇପାରିବ ନାହିଁ। ସେହିପରି ସରକାର ପୂର୍ବ ବଜେଟର ଉତ୍ତରଦାୟୀ ରହି ଜନସାଧାରଣଙ୍କୁ ତାହାର ସମସ୍ତ ହିସାବ ଦେବା ଯଥେଷ୍ଟ ଆବଶ୍ୟକ। ଫଳରେ ମନରୁ ଦ୍ୱନ୍ଦ୍ୱ ଦୂର ହୋଇପାରିବ।

- କମଳାକାନ୍ତ ଦାଶ, ପ୍ରଫେସର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ,କଟକ

## “ ବହୁ ପ୍ରତିଶ୍ରୁତି ରହିଛି



ବଜେଟରେ ବହୁ ପ୍ରତିଶ୍ରୁତି ରହିଛି। ଏହା ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବାଭଳି ରହିଛି। ୨ କୋଟି ନିଯୁକ୍ତିର ସମ୍ଭାବନା ଦେଖାଇଥିବା ସରକାର ବର୍ତ୍ତମାନ ୪କୋଟିର ଦେଖାଇଛନ୍ତି। ତାହା ସାଧାରଣରେ କେତେ ବିଶ୍ୱାସ ସୃଷ୍ଟି କରିପାରୁଛି ତାହା ଦେଖିବାକୁ ହେବ। ସେହିପରି କୃଷିକ୍ଷେତ୍ରରେ ଯାହା ଅନୁଦାନ ରଖିଛନ୍ତି ତାହା କୃଷକଙ୍କ ରୋଜଗାର ବୃଦ୍ଧି ଏବଂ ଫସଲର ଯଥାର୍ଥ ମୂଲ୍ୟ ପାଇବା ପରେ ଜଣାପଡ଼ିବ। ଜନଜାତି କଲ୍ୟାଣ ପାଇଁ ୫୩,୭୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଅନୁସୂଚିତ ଜାତି, ପଛୁଆ ବର୍ଗଙ୍କ ପାଇଁ ୮୫ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗଙ୍କ ସଂଖ୍ୟା ଅନୁଯାୟୀ ସେମାନଙ୍କ ପାଇଁ ଅଧିକ ବ୍ୟବସ୍ଥା ରଖିବାର ଆବଶ୍ୟକତା ଥିଲା। ସଂଖ୍ୟା ଅନୁଯାୟୀ ଏହା ଯଥେଷ୍ଟ ନୁହେଁ।

- ଶଶିଭୂଷଣ ବେହେରା, ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ


## “ ଦରବୃଦ୍ଧି ରୋକିବ ନାହିଁ



ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇଥିବା ସମୟରେ ଏକ ଭଲ ବଜେଟ୍ ଆଶା କରାଯାଉଥିଲା। ହେଲେ କେନ୍ଦ୍ର ବଜେଟ୍‌ରେ ଏହାର ପ୍ରତିଫଳନ ଦେଖିବାକୁ ନାହିଁ। କର୍ପୋରେଟ ଜଗତକୁ ଖୁସ କରାଯାଇଛି। ସାଧାରଣ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ, ଦରବୃଦ୍ଧି ରୋକିବାରେ ଏହି ବଜେଟ୍ ସହାୟକ ହେବ ନାହିଁ। ଏଲ୍ଆଇସି ଏବଂ ଆଇଡିବିଆଇରୁ ପୁଞ୍ଜି ପ୍ରତ୍ୟାହର ନିଷ୍ପତ୍ତି ଦୁର୍ଭାଗ୍ୟଜନକ, ଏହାର ଘରୋଇ କରଣ ବାଟ ଖୋଲିବ।

- ରବି ବେହେରା, ସମାଜବାଦୀ ପାର୍ଟି

## “ ସାମାନ୍ୟ ଭୁଲ୍ ହେଲେ ବହୁ କ୍ଷତି ସହିବାକୁ ପଡ଼ିବ



ଡିଭିଡେଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ଟ୍ୟାକ୍ସକୁ ଉଠାଇ ଦିଆଯାଇଛି। ଡିଭିଡେଣ୍ଡ୍ ଯେତିକି ମିଳିବ ସମସ୍ତଙ୍କ ଉପରେ ଟାକ୍ସ ପଡ଼ିବ, ଟିଡିଏସ୍ ଆସିଯିବ। ଆୟକର ଉପରେ ଏକାଧିକ ଅପ୍ସନ ଲଗାଇବା ଦ୍ୱାରା ଏହା ଆହୁରି ଜଟିଳ ହୋଇଯାଇଛି। ଲୋକମାନେ ବହୁ ସମସ୍ୟାରେ ପଡ଼ିବେ। ଗତବର୍ଷର ରିଟର୍ନ ଏବଂ ଚଳିତବର୍ଷର ରିଟର୍ନ କରିସାରିବା ପରେ କେଉଁ ଅପ୍ସନ ନେଇ ବିଚାର କରିବେ। ବହୁ ଭାବିଚିନ୍ତି ରିଟର୍ନ ଫାଇଲ କରିବାକୁ ପଡ଼ିବ। ସମାନ୍ୟ ଭୁଲ୍ ହେଲେ ବହୁତ କ୍ଷତି ସହିବାକୁ ପଡ଼ିବ। ବଜେଟ୍ ଘୋଷଣା ପରେ ଷ୍ଟକ୍ ମାର୍କେଟ୍ ୯୮୭ ପଏଣ୍ଟ ଖସିଗଲା। କାରଣ ଲୋକ ବୁଝିଲେଣି ଯେ, ଏ ବଜେଟ୍ ସେମାନଙ୍କ ପାଇଁ ଭଲ ନୁହେଁ। ଆୟକରକୁ ଲୋକଙ୍କ ପାଇଁ ସରଳ କରିବା ପରିବର୍ତ୍ତେ ଜଟିଳ କରିଦିଆଯାଇଛି।

- ଏ. କେ. ସାବତ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

## “ ଶିକ୍ଷା ପାଇଁ ଦୁଃଖଦ ବଜେଟ



ଜାତୀୟ ଶିକ୍ଷା ପଲିସିକୁ ସ୍ୱାଗତ କରୁଛୁ। ଶିକ୍ଷା ପଦ୍ଧତିରେ ଏହା ଅନେକ ପରିବର୍ତ୍ତନ ଆଣିପାରିବ। ତେବେ ସାମୂହିକ ଭାବେ ଦେଖିବାକୁ ଗଲେ ଶିକ୍ଷା ପାଇଁ ଦୁଃଖଦ ବଜେଟ ହୋଇଛି। ଶିକ୍ଷା ବଜେଟ ଜିଡିପିର ୬% ହେବା ଉଚିତ। ଜାତୀୟ ଶିକ୍ଷା ପଲିସିକୁ କାର୍ଯ୍ୟକ୍ଷମ କରିବା ଓ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ୯୯,୩୧୧ କୋଟି ଟଙ୍କା ଯଥେଷ୍ଟ ନୁହେଁ। ଯଦି ଏହି ବଜେଟ ଆସନ୍ତା ବର୍ଷରୁ କାର୍ଯ୍ୟ କରିବ ତେବେ ଜାତୀୟ ଶିକ୍ଷା ପଲିସି କାର୍ଯ୍ୟକ୍ଷମ ହେବା ପାଇଁ ୨୦ବର୍ଷ ଲାଗିବ।

- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ

## “ ଅର୍ଥନୀତି ସୁଧୁରିବା ବଦଳରେ ଦୁର୍ବଳ ହେବ



ଚଳିତ ବଜେଟରେ ବେକାରି ସମସ୍ୟାର ସମାଧାନ ସମ୍ପର୍କରେ କୌଣସି ବିନ୍ଦୁବିସର୍ଗ ନାହିଁ। ଶ୍ରମିକମାନଙ୍କ ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା କରାଯାଇନାହିଁ। ବଜେଟ ସମ୍ପୂର୍ଣ୍ଣ ଭାବେ ଶ୍ରମିକ ବିରୋଧୀ। ଏଲ୍ଆଇସି, ଯେଉଁଥିରେ ଦେଶର ସର୍ବାଧିକ ଜମାକାରୀଙ୍କ ଲକ୍ଷାଧିକ କୋଟି ଟଙ୍କା ରହିଛି। ତାକୁ ଘରୋଇକରଣ କରିବା ପାଇଁ ସରକାର ବନ୍ଦୋବସ୍ତ କରିଛନ୍ତି। ଫଳରେ ଭାରତର ଅର୍ଥନୀତି ସୁଧୁରିବା ପରିବର୍ତ୍ତେ ଅତ୍ୟନ୍ତ ଦୁର୍ବଳ ହୋଇଯିବ।

- ପ୍ରଦୀପ୍ତ ନାୟକ ମାନବାଧିକାର କର୍ମୀ, ରାଜ୍ୟ ଆବାହକ ସିଟିଜେନ ଫୋରମ

## “ ମାନ୍ଦାବସ୍ଥାରୁ ଉଦ୍ଧାର ପାଇଁ କିଛି ନାହିଁ



କୃଷି ପାଇଁ ଅନେକ ସୁଚିନ୍ତିତ ପଦକ୍ଷେପ ନିଆଯାଇଛି। ଚାଷୀମାନେ ସେମାନଙ୍କ ଉତ୍ପାଦକକୁ ଠିକ୍ ବଜାରରେ ବିକ୍ରି କରିବାକୁ ସକ୍ଷମ ହେବେ। ପ୍ରତ୍ୟକ୍ଷ କରରେ ସଂସ୍କାର ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। ଯଦିଓ ମଧବିତ୍ତମାନଙ୍କୁ ଫାଇଦା ହେବ ବୋଲି କୁହାଯାଉଛି, କିନ୍ତୁ ତାହା ବାସ୍ତବିକ ନୁହେଁ। କର ଛାଡ଼ ପାଇଁ ପୂର୍ବରୁ ଥିବା ସୁବିଧା ବନ୍ଦ ହେବା ଫଳରେ ବିଶେଷ କିଛି ଫାଇଦା ହେବ ନାହିଁ। ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଲା ଭଳି ସେମିତି କିଛି ପଦକ୍ଷେପ ନିଆଯାଇ ନାହିଁ। ମାନ୍ଦାବସ୍ଥାରୁ ଅର୍ଥନୀତିକୁ ଉଦ୍ଧାର କରିବା ପାଇଁ ମଧ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନି।

- ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର(ଇକୋନୋମିକ୍ସ), ନାଇଜର

## “ ଲାଭାଂଶ ବିତରଣ କର ଉଚ୍ଛେଦ ଭଲ ପଦକ୍ଷେପ



ମଧ୍ୟମ ବର୍ଗକୁ ଖୁସି କରିବା ପାଇଁ ଆୟକର ରିହାତି ଓ ଶିଳ୍ପ ଜଗତକୁ ଉତ୍ସାହିତ କରିବାକୁ ଲାଭାଂଶ ବିତରଣ କର ଉଚ୍ଛେଦ ବଜେଟ୍‌ର ଉଲ୍ଲେଖଯୋଗ୍ୟ ପଦକ୍ଷେପ। ବ୍ୟାଙ୍କ ଜମା ବୀମା ରାଶି ୧ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରି ଅର୍ଥମନ୍ତ୍ରୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଜମାକାରୀଙ୍କ ଭରସା ଅତୁଟ ରଖିଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଉଦ୍ୟୋଗ କ୍ଷେତ୍ର ପାଇଁ ଏ ବଜେଟ ପ୍ରଗତିଶୀଳ, ଉତ୍ସାହଜନକ ହେଲେ ହେଁ ନିଯୁକ୍ତି ସୃଷ୍ଟି, ରପ୍ତାନି ବୃଦ୍ଧି, ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ନୁହେଁ।

- ଉଲ୍ଲାସ ବେହେରା, ଅବସରପ୍ରାପ୍ତ ଶାସନ ସଚିବ, ପୁରୀ

## “ ରାଜସ୍ୱ ଆଦାୟ ହ୍ରାସର ସଙ୍କେତ ଦେଇଛନ୍ତି



ଆର୍ଥିକ ମାନ୍ଦାବସ୍ଥା ଓ ବର୍ଦ୍ଧିଷ୍ଣୁ ବେରୋଜଗାରି ପରିପ୍ରେକ୍ଷୀରେ ସରକାର ନିବେଶ ଖର୍ଚ୍ଚ ବୃଦ୍ଧି କରିବେ ବୋଲି ଆଶା କରାଯାଉଥିଲା ଏବଂ କିଛି ସଂସ୍କାରଧର୍ମୀ ପଦକ୍ଷେପ ନେବେ। ହଁ, କିଛି ସୁଧାରବାଦୀ ପଦକ୍ଷେପ ନିଆଯାଇଛି, ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ମାତ୍ର ବଜେଟ୍ ୨୦-୨୧ରୁ ଯାହା ଜଣାପଡୁଛି, ସରକାର ୨୦୧୯-୨୦ ପାଇଁ ଧାର୍ଯ୍ୟ କରିଥିବା ରାଜକୋଷୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିପାରିଲେ ନାହିଁ। ପୁଞ୍ଜିନିବେଶ ଲକ୍ଷ୍ୟକୁ ଦ୍ୱିଗୁଣିତ କରି ସରକାର ରାଜସ୍ୱ ଆଦାୟ ହ୍ରାସ ପାଇଥିବା ସଙ୍କେତ ଦେଇଛନ୍ତି। ବ୍ୟାଙ୍କିଙ୍ଗ୍, ଅଟୋମୋବାଇଲ, ରିଅଲ ଇଷ୍ଟେଟ୍ ପରି କ୍ଷେତ୍ରଗୁଡ଼ିକ କିଛି ବଡ଼ ପଦକ୍ଷେପର ପ୍ରତୀକ୍ଷା କରୁଥିଲେ। ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି।

- ଚିତ୍ତରଞ୍ଜନ ନାୟକ, ଆସିଷ୍ଟାଣ୍ଟ ପ୍ରଫେସର, ରେଭେନ୍ସା ବିଶ୍ୱବିଦ୍ୟାଳୟ

## “ ଡିଡିଟି ଶିଫ୍ଟ ହେବାଦ୍ୱାରା ଏଫ୍‌ଡିଆଇ ବଢ଼ିବ



ବଜେଟ୍ ୨୦୨୦ ପୂର୍ଣ୍ଣମାତ୍ରାରେ ସ୍ୱାଗତଜନକ। ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବାକୁ ଏହା ହିତକାରକ ଓ ଏକ ଭଲ ବଜେଟ୍। ବିଶେଷକରି ଇନ୍‌କମ୍ ଟ୍ୟାକ୍ସର ସ୍ଲାବ୍ ରେଟ୍‌ରେ ପରିବର୍ତ୍ତନ, ୫ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ରିହାତି ଓ କମ୍ପାନୀ ଟ୍ୟାକ୍ସ ରେଟ୍‌ରେ ପରିବର୍ତ୍ତନ ଦ୍ୱାରା ଅର୍ଥ ବ୍ୟବସ୍ଥାରେ ‘ମନି ସପ୍ଲାଏ’ ବଢ଼ିବ। ଆଗରୁ କମ୍ପାନୀଗୁଡ଼ିକ ଲାଭାଂଶ ଉପରେ ଡିଭିଡେଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ଟ୍ୟାକ୍ସ(ଡିଡିଟି) ଦେଉଥିବା ବେଳେ ଚଳିତ ବଜେଟରେ ଏହା କମ୍ପାନୀମାନଙ୍କଠାରୁ ନିବେଶକାରୀମାନଙ୍କୁ ଶିଫ୍ଟ କରାଯାଇଛି। ଏହାଦ୍ୱାରା ଭାରତରେ ବିଦେଶ ପୁଞ୍ଜିନିବେଶ ବା ଏଫ୍‌ଡିଆଇ ବଢ଼ିବ ଏବଂ ଭାରତର ଇକ୍ୱିଟି ମାର୍କେଟ ଅଧିକ ଆକର୍ଷଣୀୟ ହେବ।

- ଦିଲୀପ ଜେନା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ


## “ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟୟବରାଦ ବଢ଼ିଛି



ଟ୍ରାଭେଲ୍ ଇଣ୍ଡଷ୍ଟ୍ରି ପକ୍ଷରୁ ୨୦୨୦-୨୧ ବଜେଟ୍‌କୁ ମୁଁ ସ୍ୱାଗତ କରୁଛି। ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ୨୦୧୯-୨୦ରେ ମାତ୍ର ୫୭୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଚଳିତ ଆର୍ଥିକବର୍ଷରେ ଏହା ୨୫୦୦ କୋଟିକୁ ବୃଦ୍ଧିପାଇଛି। ହେଲେ ଏହା ବି ଯଥେଷ୍ଟ ନୁହେଁ। ପର୍ଯ୍ୟଟନ କ୍ଷେତ୍ରରୁ ହେଉଥିବା ଲାଭାଂଶକୁ ବିଚାରକୁ ନେଇ ଏହି କ୍ଷେତ୍ରରେ ଅତିକମ୍‌ରେ ୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବାର ଆବଶ୍ୟକତା ରହିଛି। କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ବ୍ୟୟବରାଦକୁ ୮୭୫.୩୩ କୋଟିରୁ ବଢାଇ ୩୧୫୦ କୋଟି କରାଯାଇଛି। ରେଳ, ବିମାନ, ଜାତୀୟ ରାଜପଥ ଓ ଜଳପଥର ଭିତ୍ତିଭୂମି ବିକାଶ ପାଇଁ ୧୦୦ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାରୁ ଏହା ପର୍ଯ୍ୟଟନ ବିକାଶରେ ବିଶେଷଭାବେ ସହାୟକ ହେବ। ପରିବହନ ଭିତ୍ତିଭୂମି କ୍ଷେତ୍ରରେ ୧.୭ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବାରୁ ଏହା ମଧ ପର୍ଯ୍ୟଟନ ଭିତ୍ତିଭୂମିରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

- ଜେ.କେ. ମହାନ୍ତି, ଅବୈତନିକ ସଚିବ, ହୋଟେଲ ଆସୋସିଏଶନ୍ ଅଫ୍ ଇଣ୍ଡିଆ

## “ ଷ୍ଟାର୍ଟଅପ୍ ପାଇଁ ଭଲ ବଜେଟ



ଚଳିତ ବଜେଟ୍‌ରେ ଶିଳ୍ପ ଓ ବାଣିଜ୍ୟର ବିକାଶ ଏବଂ ପ୍ରଚାର ପ୍ରସାର ପାଇଁ ୨୭,୩୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନିବେଶ ମଞ୍ଜୁରୀ ପାଇଁ ରାଜ୍ୟ ଏବଂ ଜାତୀୟସ୍ତରରେ ସ୍ୱତନ୍ତ୍ର ସେଲ୍ କରାଯିବାକୁ ପ୍ରସ୍ତାବ ରହିଥିବା ବେଳେ ଏହା ନିବେଶକାରୀମାନଙ୍କୁ ଆକୃଷ୍ଟ କରିବ। ଷ୍ଟାର୍ଟଅପ୍‌ଗୁଡ଼ିକୁ ଫଣ୍ଡିଂ ଏବଂ ଇଏସ୍‌ଓପି ଟ୍ୟାକ୍ସ ବେନିଫିଟ୍ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଷ୍ଟାର୍ଟଅପ୍‌ଗୁଡ଼ିକର ଟର୍ନଓଭର୍ ଲିମିଟ୍‌କୁ ୨୫ କୋଟିରୁ ୧୦୦କୋଟିକୁ ବୃଦ୍ଧିକରିବା ଏକ ଭଲ ନିଷ୍ପତ୍ତି। ନନ୍-ବ୍ୟାଙ୍କିଙ୍ଗ୍ ଫିନାନ୍ସିଆଲ କମ୍ପାନୀ(ଏନ୍‌ବିଏଫ୍‌ସି)ଗୁଡ଼ିକର ଆର୍ଥିକ ସଙ୍କଟକୁ ଦୂର କରିବାକୁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

- ଜେ.ବି. ପାଣି, ସହ ଅଧ୍ୟକ୍ଷ, ଆଇସିସି ଓଡ଼ିଶା କାଉନ୍‌ସିଲ୍

## “ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ପାଇଁ ସ୍ୱାଗତଯୋଗ୍ୟ



ବଜେଟରେ ଦକ୍ଷ ମାନବସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ପେଶାଲ ସେକ୍ଟର ଇଣ୍ଡଷ୍ଟ୍ରି ପାଇଁ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଫାର୍ମା, ଅଟୋ-କମ୍ପୋନେଣ୍ଟ୍ ଏବଂ ସ୍ପେଶାଲ ଇଞ୍ଜିନିୟରିଂ ସେକ୍ଟରର ବିସ୍ତାର, ଆଧୁନିକୀକରଣ, ଗବେଷଣା ଓ ଉନ୍ନତୀକରଣ ପାଇଁ ସ୍ୱତନ୍ତ୍ର ଇନ୍‌ସେଣ୍ଟିଭ୍ ପ୍ୟାକେଜ୍ ଘୋଷଣା କରାଯାଇଛି। ମ୍ୟାନୁଫ୍ୟାକ୍‌ଚରିଂ ସେକ୍ଟରକୁ ଫୋକସରେ ରଖିଛନ୍ତି। ରାସ୍ତା, ରେଳ ଓ ବିମାନ ଚଳାଚଳ ଭିତ୍ତିଭୂମି ବିକାଶ ପାଇଁ ବଜେଟରେ ଯେଉଁ ବ୍ୟବସ୍ଥା ରହିଛି ତାହାକୁ କାର୍ଯ୍ୟକ୍ଷମ କରିବାର ଆବଶ୍ୟକତା ରହିଛି। ଗତବର୍ଷ ଏଥିପାଇଁ ସମାନ ବ୍ୟୟବରାଦ ହୋଇଥିଲେ ମଧ କିଛି ହୋଇ ନ ଥିଲା।

- ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓଏଏସ୍‌ଏମ୍‌ଇ(ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍)

## ସାପ୍ତାହିକ କାର୍ଯ୍ୟକ୍ରମ

**ରବିବାର (୨ତାରିଖ)**
**ଢେଙ୍କାନାଳ**

■ସନ୍ଧ୍ୟାତାରା ସାହିତ୍ୟ ସଂସଦର ସାରସ୍ୱତ ମହୋତ୍ସବ
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍
ସମୟ:ପୂର୍ବାହ୍ନ ସାଢ଼େ ୧୦ଟା।

■ବଚପନ ସ୍କୁଲର ୧୦ମ ବାର୍ଷିକ ଉତ୍ସବ
ସ୍ଥାନ:କୁଞ୍ଜକାନ୍ତସ୍ଥିତ ବିଦ୍ୟାଳୟ ପରିସର
ସମୟ: ଅପରାହ୍ନ ୪ଟା।

■ବଜରଙ୍ଗ କ୍ଲବର ମେଗା ରକ୍ତଦାନ ଶିବିର
ସ୍ଥାନ: ବନମାଳୀପ୍ରସାଦ ଉପ୍ରା ସ୍କୁଲ
ସମୟ: ପୂର୍ବାହ୍ନ ୯ଟା।

**ହିନ୍ଦୋଳ**

■'ପ୍ରୀତିର ପ୍ରୟାସ'ର ସଂସ୍କରଣ ଉନ୍ମୋଚନ
ସ୍ଥାନ: ଶ୍ରୀରଘୁନାଥଜୀଉ ମନ୍ଦିର ପରିସର
ସମୟ:ପୂର୍ବାହ୍ନ ୧୦ଟା।

**ଅନୁଗୋଳ**

■ଅନୁଗୋଳ ମଲ୍ଟି ଏକ୍ସେଲ୍ ଭେଇକିଲ୍ ଓନର ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର
ସ୍ଥାନ- ହେମସୁରପଡ଼ା ଦୁର୍ଗାମଣ୍ଡପ
ସମୟ- ପୂର୍ବାହ୍ନ ୯ଟା

■ଶିଶୁମନ୍ଦିର ବାର୍ଷିକ ଉତ୍ସବ
ସ୍ଥାନ- ଶୁଶୁଡ଼ା ବିଦ୍ୟାଳୟ ପରିସର
ସମୟ- ଅପରାହ୍ନ ସାଢେ ୩ଟା

**ସୋମବାର (୩ତାରିଖ)**
**ଅନୁଗୋଳ**

■ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ- ବଅଁରପାଳ ବ୍ଲକ କାର୍ଯ୍ୟାଳୟ
ସମୟ- ପୂର୍ବାହ୍ନ ୧୦ ଟା

**ମଙ୍ଗଳବାର (୪ତାରିଖ)**
**ଅନୁଗୋଳ**

■ମ୍ୟୁନିସିପାଲଟି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ
ସ୍ଥାନ- ବିଦ୍ୟାଳୟ ପରିସର
ସମୟ- ଅପରାହ୍ନ ସାଢେ ୨ଟା

**ଶୁକ୍ରବାର (୭ତାରିଖ)**

■୮ମ ଜିଲା ମହୋତ୍ସବ ଉଦ୍‌ଘାଟନ
ସ୍ଥାନ- ଅନୁଗୋଳ ଷ୍ଟାଡ଼ିୟମ
ସମୟ- ଅପରାହ୍ନ ସାଢେ ୫ଟା

**ଶନିବାର (୮ତାରିଖ)**

■ଜିଲା ମହୋତ୍ସବ ଅବସରରେ ଯୋଗ ଶିବିର
ସ୍ଥାନ- ଅନୁଗୋଳ ଷ୍ଟାଡ଼ିୟମ
ସମୟ- ପ୍ରାତଃ ସାଢେ ୫ଟା

# ଭାଜପାର ସମ୍ପର୍କ ଅଭିଯାନ ଆରମ୍ଭ



ଭାଜପା ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ।

**ଅନୁଗୋଳ ଅଫିସ, ୧।୨**

ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶ ଆହ୍ୱାନ କ୍ରମେ ଶନିବାର ରାଜ୍ୟରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ସମ୍ପର୍କ ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟ ଭାଜପା ପକ୍ଷରୁ ଅନୁଗୋଳ ବିଧାନସଭା କ୍ଷେତ୍ରର ସିଏଏ ପ୍ରଭାରୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଏହାର ଶୁଭାରମ୍ଭ କରିଥିଲେ। ଅନୁଗୋଳ ନଗର ୱାର୍ଡ ନଂ. ୧୦ ମିଶ୍ରପଡ଼ାଠାରେ ଡ. ଗୁରୁଚରଣ ପ୍ରଧାନଙ୍କୁ ସିଏଏ ସମ୍ପର୍କରେ ବୁଝାଯିବା ସହ ଏହାକୁ ନେଇ କଂଗ୍ରେସ କିପରି ଦେଶରେ ବିଭ୍ରାନ୍ତି ସୃଷ୍ଟି କରୁଛି ସେ ନେଇ ସୂଚନା ଦିଆଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଘରକୁ ଘର ଯାଇ ନଗରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବ୍ୟବସାୟୀ, ଜନସାଧାରଣଙ୍କୁ ସିଏଏ ସପକ୍ଷରେ ଅବଗତ କରାଇଥିଲେ। ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସିଏଏର ପ୍ରଚାରପତ୍ର ପ୍ରଦାନ କରାଯିବା ସହିତ ନଂ. ୮୮୬୬୨୮୮୬୬୨ ମାଧ୍ୟମରେ ସମର୍ଥନ ପାଇଁ ମିସ୍‌କଲ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଦେବାଶିଷ ମିଶ୍ର, ବରିଷ୍ଠ ନାଗରିକ ହେମନ୍ତ ପାଣିଗ୍ରାହୀ, ରବି ଧଳ, ଗଗନ ରାଉତ, ସେଣ୍ଟ ଜାଭିୟସ ସ୍କୁଲ ଅଧ୍ୟକ୍ଷ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ବୁଦ୍ଧିଜୀବୀମାନଙ୍କୁ ସିଏଏ ନେଇ ଅବଗତ କରାଇଥିଲେ। ଭାଜପା ଜିଲା ସଭାପତି ଦୀଲେଶ୍ୱର ପ୍ରଧାନ, ଚୌଧୁରୀ ପ୍ରଧାନ, ପ୍ରତିମା ମିଶ୍ର, ନଗର ସଭାପତି ନମିତା ଦଳବେହେରା, ସୁଷମା ବେହେରା, ସୁଜାତା ଦାସ, ରୋଜାଲିନ ଦାସ, ଅଖିଲ ସାମଲ, ଶ୍ରୁତିସ୍ମିତା ତ୍ରିପାଠୀ, ମଞ୍ଜୁଲତା ସାହୁ, ସରିତା ମିଶ୍ର, ସମୀର ପରିଡ଼ା, ସିଦ୍ଧାର୍ଥ ରାଉତରାୟ, ଭୁବନା ବେହେରା, ବିଭିଷଣ ସାହୁ, ଅନିଲ ବେହେରା, ସୁଶୀଲ ସାହୁ, ଗୌରୀଶଙ୍କର ସାହୁ ପ୍ରମୁଖ ଏହି ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇବା ଅଭିଯୋଗ

**ବଅଁରପାଳ, ୧।୨(ଡି.ଏନ.ଏ.)**

ବଅଁରପାଳ ବ୍ଲକର ଏକ ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ଯୁବତୀଙ୍କୁ ପିଅନ ଚକ୍ରଧର ମହାପାତ୍ର ଶନିବାର ତାଲା ପକାଇ ଦେଇଥିବା ନାଲ୍‌କୋ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସମ୍ପୃକ୍ତା ଯୁବତୀଙ୍କୁ ଚକ୍ରଧର ଭଲ ପାଉଥିଲେ। ଚକ୍ରଧର ଅନ୍ୟତ୍ର ବିବାହ କରିବାକୁ ଯାଉଥିବା ଖବରପାଇ ଯୁବତୀ ଜଣକ ତାଙ୍କୁ ଫୋନ କରି ପଚାରିଥିଲେ। ଚକ୍ରଧର ତାଙ୍କୁ ଏ ନେଇ ଆଲୋଚନା କରିବାକୁ ପଞ୍ଚାୟତ ଅଫିସକୁ ଡାକିଥିଲେ। ଯୁବତୀ ଜଣକ ସକାଳେ କାର୍ଯ୍ୟାଳୟକୁ ଆସିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଚକ୍ରଧର ତାଙ୍କୁ ଷ୍ଟୋର ରୁମରେ ତାଲା ପକାଇ ଦେଇଥିଲେ। ପ୍ରାୟ ୭ ଘଣ୍ଟା ପରେ ଅପରାହ୍ନ ୩ଟାରେ ଚକ୍ରଧର ତାଲା ଖୋଲି ତାଙ୍କୁ ଅଫିସ୍‌ରୁ ବାହାର କରିଦେଇଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସରପଞ୍ଚ ମଧୁଛନ୍ଦା ସାହୁଙ୍କୁ ପଚାରିବାରେ ସେ ଏ ବିଷୟରେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ଖବରପାଇ ଘଟଣାର ଅନୁଧ୍ୟାନ କରୁଥିବା ସାହୁ କହିଛନ୍ତି। ନାଲ୍‌କୋ ଥାନା ଅଧିକାରୀ ସରୋଜିନୀ ସାମଡା କୁହନ୍ତି, ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ରୋଗୀ କଲ୍ୟାଣ ସମିତି ବୈଠକ




ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି, ଡାକ୍ତର, ସମିତିର କର୍ମକର୍ତ୍ତା।

**ତାଳଚେର, ୧।୨(ନି.ପ୍ର.)**

ତାଳଚେର ଉପଖଣ୍ଡ ଡାକ୍ତରଖାନା ରୋଗୀ କଲ୍ୟାଣ ସମିତି ବୈଠକ ଶନିବାର ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ବ୍ରଜକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷକରି ଡାକ୍ତରଖାନା ପରିସରରେ ୩ ଓ ୪ ଚକିଆ ଯାନ ରଖା ନ ଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାବ୍ୟତୀତ ନୂତନ ବାଇକ୍ ଷ୍ଟାଣ୍ଡ ନିର୍ମାଣ, ପୁରୁଣା ଶଯ୍ୟା ହଟାଯାଇ ରୋଗୀମାନଙ୍କ ନିମନ୍ତେ ନୂତନ ବେଡ୍, ରୋଗୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବା, ବ୍ଲଡବ୍ୟାଙ୍କ ନିର୍ମାଣ, ଏମ୍‌ସିଏଚ୍ ବିଲ୍ଡିଂକୁ ନୂତନ ଲାଇନ ସଂଯୋଗ, ପୁରୁଷ ଓ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। ଏସ୍‌ଡିଏମ୍‌ଓ କର୍ଣ୍ଣରାମ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡାକ୍ତରଖାନା ପରିଚାଳକ ଚିତ୍ତରଞ୍ଜନ ଚାନ୍ଦ ବଜେଟ ଉପସ୍ଥାପନ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିନିୟର ମେଡିକାଲ ଅଫିସର ସସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ରୋଗୀ କଲ୍ୟାଣ ସମିତି ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

## ଉପଜିଲାପାଳଙ୍କ ଅଫିସ୍ ଘେରାଉ ଚେତାବନୀ



ଚାନ୍ଦପଙ୍କ ଗ୍ରାମରେ ଆଦିବାସୀ ମେଳି।

**ପାଲଲହଡ଼ା, ୧।୨(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଡିମିରିଆ ପଞ୍ଚାୟତ ଚାନ୍ଦପଙ୍କ ଗ୍ରାମରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ଗ୍ରାମର ଆଦିବାସୀ ସମ୍ପ୍ରଦାୟର ଲୋକେ ମେଳି କରି ପ୍ରତିବାଦ କରିବା ସହ ଏହାର ତଦନ୍ତ ପାଇଁ ଦାବି କରିଥିଲେ। ଆଦିବାସୀ ସଂଘର ଅଭିଯୋଗ ମୁତାବକ, କିଛି ଦିନ ହେବ ଗ୍ରାମରେ ପଞ୍ଚାୟତ ପକ୍ଷରୁ ରାସ୍ତା ଓ ଖେଳପଡିଆ ଉନ୍ନତୀକରଣ କାର୍ଯ୍ୟ ହୋଇଥିବାବେଳେ ଏଥିରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ପଞ୍ଚାୟତ ଅଧିକାରୀ, ସରପଞ୍ଚଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଚାନ୍ଦପଙ୍କ, ଭେଜିପଡା ଆଦି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଏକତ୍ର ହୋଇ ଏହାର ପ୍ରତିବାଦ କରିଥିଲେ। ଏଥିରେ ଆଦିବାସୀ ନେତା ତଥା ବିର୍ସା ବିକାଶ ସମିତିର ସଭାପତି ଲଛମନ ହେମ୍ବ୍ରମ ଯୋଗ ଦେଇଥିଲେ। ପରେ ଡିମିରିଆ ସରପଞ୍ଚ ରୁକ୍ମିଣୀ ସାହୁ ଖବରପାଇ ମେଳି ସ୍ଥାନରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ତୁରନ୍ତ ଉକ୍ତ କାମର ତଦନ୍ତ କରାଯିବାକୁ ଲୋକେ ଦାବି କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀ ଅକ୍ଷୟ ନାୟକ କହିଛନ୍ତି, କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ। ସମସ୍ତ କାର୍ଯ୍ୟ ଶେଷ କରାଯିବ ଏବଂ ଏହାକୁ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

## ଅଧିକ ମୂଲ୍ୟରେ ମଦ ବିକ୍ରି ନେଇ ଅସନ୍ତୋଷ

**ଟିହିଡ଼ି, ୧।୨(ଡି.ଏନ.ଏ):** ଟିହିଡ଼ି ବଜାରରେ ଥିବା ସରକାରୀ ଦେଶୀମଦ ଦୋକାନରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କାରେ ମଦ ବିକ୍ରି ନେଇ ଅସନ୍ତୋଷ ପ୍ରକାଶ ପାଇଛି। କଂଗ୍ରେସର ବ୍ଲକ ସଭାପତି ସରୋଜ ଦାସ ଏବଂ ଅନ୍ୟ କର୍ମୀମାନେ ଶନିବାର ଏ ସମ୍ପର୍କରେ ଅବକାରୀ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୋକାନରେ ୫୫ ଟଙ୍କା ମୂଲ୍ୟ ଲେଖାଥିବା ମଦକୁ ୭୦ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। କଂଗ୍ରେସ ସଭାପତି ଦାସ ଦୋକାନ କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ପରେ କର୍ମଚାରୀମାନେ ଦୋକାନରେ ତାଲା ପକାଇଥିବା ଜଣାଯାଇଛି।

# ନେସ୍ ପକ୍ଷରୁ ନାଲ୍‌କୋ ଟେକ୍ନିକାଲ ବିଲ୍ଡିଂ ଘେରାଉ

**ବଅଁରପାଳ, ୧।୨(ଡି.ଏନ.ଏ.)**




ନେସ୍ କର୍ମକର୍ତ୍ତା ନାଲ୍‌କୋ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନାଲ୍‌କୋ ଏମ୍ପ୍ଲଇଜ୍ ସଂଘ ନେସ୍ ପକ୍ଷରୁ ବିଭିନ୍ନ ଦାବିରେ ଶନିବାର ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଟେକ୍ନିକାଲ ବିଲ୍ଡିଂ ଘେରାଉ କରାଯାଇଥିଲା। ସଂଘ ସଭାପତି ଦିଲୀପ ମିଶ୍ର ଓ ସାଧାରଣ ସମ୍ପାଦକ ନିର୍ମଳ ସାମଲଙ୍କ ନେତୃତ୍ୱରେ ଓଏଣ୍ଡଏମ ମହାପ୍ରବନ୍ଧକ ଏନ. କେ. ମଣ୍ଡଳ ଓ ସମସ୍ତ ପଦାଧିକାରୀଙ୍କୁ ସଂଘ କର୍ମକର୍ତ୍ତାମାନେ ଘେରାଉ କରିଥିଲେ। ୧୯୯୭ଠାରୁ ୨୦୧୬ ମଧ୍ୟରେ ନାଲ୍‌କୋରେ ଯୋଗ ଦେଇଥିବା ଶ୍ରମିକମାନଙ୍କ ଚୁକ୍ତି ଅନୁଯାୟୀ ୨ ବର୍ଷିୟା ୨ଟି ପଦୋନ୍ନତି, ହାଉସ ପର୍କସ ଉପରେ ଲଗାଯାଇଥିବା ୨ ଗୁଣ ଟିକସକୁ ତୁରନ୍ତ ପ୍ରତ୍ୟାହାର କରଯିବା, ଗ୍ରାଚୁଇଟି କାଲକୁଲେସନରେ ଥିବା ତ୍ରୁଟି ଓ ପିଆରପିର ସମାଧାନ କରାଯିବା, ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣ କରାଯିବାକୁ ଦାବି ହୋଇଥବଲା। ଆସନ୍ତା ୧୩ ତାରିଖରେ ଦାବିଗୁଡିକ ଉପରେ ସଂଘର ସଭ୍ୟମାନଙ୍କ ଉପସ୍ଥିତିରେ ଆଲୋଚନା କରାଯିବ ବୋଲି ନାଲ୍‌କୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ କାର୍ଯ୍ୟକାରୀ ସଭାପତି ମୁରଲୀ ଧର ପଣ୍ଡା, ବିଜନ ଦଳ ବେହେରା, ଯତିନ ମିଶ୍ର, ମଳୟ ସ୍ୱାଇଁ, ଉପେନ୍ଦ୍ର ବେହେରା, ତ୍ରିନାଥ ରାଉତରାୟ, ପ୍ରମୋଦ ପରିଡ଼ା, ବିକ୍ରମ ବେହେରା, ରମାକାନ୍ତ ସାହୁ, ରାମଚନ୍ଦ୍ର ଟୁଡୁନ୍ଦ, ଯଦୁମଣି ପ୍ରଧାନ, ବସନ୍ତ ନାୟକ, ମନୋଜ ସ୍ୱାଇଁ, ଅଟଳ ବିହାରୀ ଷଡଙ୍ଗୀ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ

## ସଂକ୍ଷେପରେ

### ପୋଖରୀରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ଛେଣ୍ଡିପଦା, ୧।୨(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନ ଓଗୀ ଗ୍ରାମର ଘୋସରିଆ ପୋଖରୀରୁ ଶନିବାର ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସେହି ଗ୍ରାମର ଟୁନା ସାହୁଙ୍କ ୮ବର୍ଷର ପୁଅ ମନୋଜ ସାହୁ। ସରସ୍ୱତୀ ପୂଜା ଦିନ ମନୋଜ ବିଦ୍ୟାଳୟ ଯିବାକୁ ବାହାରିଥିଲେ ହେଁ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ମନୋଜଙ୍କ ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ଜରପଡା ପୋଲିସ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ଟ୍ରାକ୍ଟର ଓଲଟି ଚାଳକ ମୃତ

**ତାଳଚେର, ୧।୨(ନି.ପ୍ର)**

ତାଳଚେର ଥାନା ଅନ୍ତର୍ଗତ ଥର୍ମାଲ ଆଶପଣ୍ଡ ରାସ୍ତାରେ ଏକ ଟ୍ରାକ୍ଟର ଓଲଟି ଯିବାରୁ ସନ୍ଥପଡ଼ା ଗ୍ରାମ ସୁନ୍ଦରପଶି ସାହିର ଲୁଲୁ ସାମଲ(୪୩)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ ଲୁଲୁ ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ନେଇ ଥର୍ମାଲ ଆଶପଣ୍ଡ ରାସ୍ତାର ଉଠାଣିରେ ଆସୁଥିଲେ। ହଠାତ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଲୁଲୁ ଟ୍ରାକ୍ଟର ତଳେ ଚାପି ହୋଇ ଯାଇ ମୃତ୍ୟୁବରଣ କରିଥିଲେ। ପୋଲିସ ତାଳଚେର ଉପଖଣ୍ଡ ଡାକ୍ତରଖାନାକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ. ୫୨/୨୦ରେ ମାମଲା ରୁଜୁ କରାଯାଇଛି।

## ଶାଗୁଆନ କାଠ ଜବତ



**କପ୍ତିପଦା, ୧।୨(ଡ଼ି.ଏନ୍.ଏ)**

କପ୍ତିପଦା ରେଞ୍ଜ ଅଧୀନ ଜାମବଣୀ ପଞ୍ଚାୟତ ଧୂମକ୍ଷେତ ଗ୍ରାମ ନିକଟରେ ବନ ବିଭାଗ ୨ଟି ସାଇକେଲରେ ବନ୍ଧା ହୋଇଥିବା ୨ଟି ଶାଗୁଆନ ଚୌଥକୁ ଜବତ କରିଛି। ଅଭିଯୁକ୍ତମାନେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ସାଇକେଲ ଓ କାଠକୁ ଛାଡି ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଜବତ ସାଇକେଲ ଓ କାଠକୁ କପ୍ତିପଦା ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି । ଚଢାଉ ସମୟରେ ଫରେଷ୍ଟର ଶୋଭାକର ସିଂହ, ବନରକ୍ଷୀ ଅଞ୍ଜନ ଲେଙ୍କା ସାମିଲ ଥିଲେ। ଜବତ କାଠର ମୂଲ୍ୟ ୮ ହଜାର ଟଙ୍କା ହେବ ବୋଲି ଜଣାଯାଇଛି।

# ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ରାଜ୍ୟପାଳ ପୁରସ୍କାର ପରୀକ୍ଷା

**ଅନୁଗୋଳ ଅଫିସ୍, ୧।୨**




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

ଅନୁଗୋଳ ଜିଲା ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ରାଜ୍ୟପାଳ ପୁରସ୍କାର ପରୀକ୍ଷା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ଶାରୀରିକ ନିରୀକ୍ଷକ ତଥା ଜିଲା ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ସମ୍ପାଦକ ପ୍ରଶାନ୍ତ କୁମାର ସିହ୍ନା ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୨୨ ଜଣ ସ୍କାଉଟ୍‌ସ୍ ଓ ୮୦ ଜଣ ଗାଇଡ୍‌ସ୍ ଯୋଗଦେଇଥିଲେ। ରାଜ୍ୟ ସ୍କାଉଟ୍‌ସ୍ ସଙ୍ଗଠକ ପ୍ରାଣବନ୍ଧୁ ବେହେରା ଏହି ପରୀକ୍ଷା କରିଥିବା ବେଳେ ଜିଲାର ସମସ୍ତ ସ୍କାଉଟ୍‌ସ୍ ଶିକ୍ଷକ ଓ ଗାଇଡ୍‌ସ୍ କ୍ୟାପଟେନ୍ ସହଯୋଗ କରିଥିଲେ। ଶେଷ ଦିନରେ ସର୍ବଧର୍ମ ପ୍ରାର୍ଥନା ସଭାରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ଚିଫ୍ କମିଶନର ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

# କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ

**ବଇଣ୍ଡା, ୧।୨(ଡି.ଏନ.ଏ.)**



କୃତ୍ତିବାସପୁର ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କିଶୋରନଗର ବ୍ଲକ ଗାଁ ବଇଣ୍ଡା ମା' ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମାନସ ସାହୁ, ବଇଣ୍ଡା ମଣ୍ଡଳ ସଭାପତି ଯଶୋବନ୍ତ ରଣା, ସୁକାନ୍ତ ରଣା ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ବାଳକ ବିଭାଗର ଶୁଭେନ୍ଦୁ ସାହୁ, ବାଳିକା ବିଭାଗର ଲକ୍ଷ୍ମୀପ୍ରିୟା ସାହୁ ଚାମ୍ପିୟନ ହୋଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କୁର୍ତ୍ତିବାସପୁର ହାଇସ୍କୁଲ ଖେଳ ପଡ଼ିଆଠାରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନଳିନୀ ସାହୁ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଅର୍ଜୁନ କୁମାର ପ୍ରଧାନ, କୁଞ୍ଜବିହାରୀ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ପଲେଇ ଖେଳ ପରିଚାଳନା କରିଥିଲେ। ଏଥିସହ ପେଡ଼ିପଥର ହାଇସ୍କୁଲ ପରିସରରେ ଶୁକ୍ରବାର ଓ ଶନିବାର ୨ ଦିନ ଧରି ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଶରତଚନ୍ଦ୍ର ସାହୁ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦଳେଇ, ସରପଞ୍ଚ ଅନ୍ନପୂର୍ଣ୍ଣା ବେହେରା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ପରିଚାଳନା କରିଥିଲେ।

# ଆଇଆଇଏମ୍‌ସି ଛାତ୍ରୀଛାତ୍ରଙ୍କ ସାତକୋଶିଆ ପରିଦର୍ଶନ

**ଅନୁଗୋଳ ସହର, ୧।୨**




ସାତକୋଶିଆ ପରିଦର୍ଶନରେ ଆସିଥିବା ଆଇଆଇଏମ୍‌ସିର ଛାତ୍ରୀଛାତ୍ରମାନେ।

ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସିର ଛାତ୍ରୀଛାତ୍ରମାନେ ଶୁକ୍ରବାର ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ, ସାତକୋଶିଆ ଗଣ୍ଡ, ଟିକରପଡ଼ାର ଘଡ଼ିଆଳ ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବନ୍ୟଜନ୍ତୁ ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ଚଳଣି, ରୋଜଗାର, ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବେସରକାରୀ ସଂସ୍ଥା ନିୟୁଜର ସମ୍ପାଦକ ପ୍ରସନ୍ନ ବେହେରା, ଚାରୁ ମଲ୍ଲିକ ବିକାଶ ପରିଷଦର ସଦସ୍ୟ ସୁଶୀଲ ପ୍ରଧାନ, ଏଫ୍‌ଇଏସ୍‌ର ଟିମ୍ ଲିଡର ଅଶୋକ ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ପରେ ଛାତ୍ରୀଛାତ୍ରମାନେ ଆଠମଲ୍ଲିକ ଉପଖଣ୍ଡ କନ୍ତପଡ଼ା ପଞ୍ଚାୟତକୁ ଯାଇ ଗାଁ ପରିମଳ, ଗାଁରେ ଥିବା ପକ୍ଷୀ ବିହାର ଓ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିରେ କନ୍ତପଡ଼ା ସରପଞ୍ଚ ସୁଜ୍ଞାନୀ ପ୍ରଧାନ, ପୂର୍ବତନ ସରପଞ୍ଚ ପଦ୍ମଲୋଚନ ପ୍ରଧାନ ଉପସ୍ଥିତ ରହି ପଞ୍ଚାୟତର ବିକାଶ ଓ ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

# ପିପିପି ମୋଡ୍‌ରେ ୧୫୦ ଟ୍ରେନ୍



**ପର୍ଯ୍ୟଟନସ୍ଥଳକୁ ଚାଲିବ ତେଜସ୍ ଏକ୍ସପ୍ରେସ**

ସରକାରୀ ଘରୋଇ ଭାଗୀଦାରିତା (ପିପିପି ମୋଡ୍)ରେ ୧୫୦ଟି ଟ୍ରେନ୍ ଚଳାଚଳ କରିବା ସହ ଘରୋଇ କମ୍ପାନୀ ସହାୟତାରେ ୪ଟି ରେଳଷ୍ଟେଶନର ପୁନର୍ବିକାଶ କରାଯିବ। ୫୫୦ଟି ରେଳଷ୍ଟେଶନରେ ୱାଇ-ଫାଇ ସୁବିଧା ଯୋଗାଇଦେବାକୁ ବଜେଟରେ ପ୍ରସ୍ତାବ ରହିଛି।

ତେଜସ୍ ଭଳି ଦ୍ରୁତଗାମୀ ଟ୍ରେନ୍ ଅଧିକ ପ୍ରଚଳନ ପାଇଁ ଅର୍ଥମନ୍ତ୍ରୀ ବଜେଟରେ ପ୍ରସ୍ତାବ ରଖିଛନ୍ତି। ଦେଶର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ତେଜସ୍ ଟ୍ରେନ୍ ଚଳାଚଳ କରିବ।

ଅଣପାରମ୍ପରିକ ଶକ୍ତି ଉତ୍ପାଦନ ବୃଦ୍ଧି ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଗୁରୁତ୍ୱ ଦେଇଛନ୍ତି। ରେଳଧାରଣା ପାର୍ଶ୍ୱରେ ରହିଥିବା ରେଲୱେ ଜମି ଉପରେ ବୃହତ୍ ସୋଲାର ପ୍ୟାନେଲ ଲଗାଇ ସୌରଶକ୍ତି ଉତ୍ପାଦନ କରିବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ୨୦୨୦-୨୧ ବର୍ଷରେ ବିଦ୍ୟୁତ ଓ ଅକ୍ଷୟ ଶକ୍ତି କ୍ଷେତ୍ର ଲାଗି ୨୨,୦୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ରେଲୱେ ପାଇଁ ୭୦ ହଜାର କୋଟି

୨୦୨୦-୨୧ ଆର୍ଥିକ ବର୍ଷ ଲାଗି ରେଲୱେରେ ୧.୬୧ ଲକ୍ଷ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ବଜେଟରେ ୭୦,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପୂର୍ବବର୍ଷ ପୁଞ୍ଜି ବ୍ୟୟ ୧.୫୬ ଲକ୍ଷ କୋଟି ଟଙ୍କା ଥିଲା ବେଳେ ସେଥିରେ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିପରି ଯାତ୍ରୀଭଡ଼ା, ମାଲ ମହାସୁଲ ଓ ଅନ୍ୟାନ୍ୟ ବାବଦରେ ଆୟ ୯.୫ ପ୍ରତିଶତ ବଢ଼ାଇବାକୁ ବଜେଟରେ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ନୂଆ ରେଳଲାଇନ ନିର୍ମାଣ ଲାଗି ୧୨୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଗଜ୍ ପରିବର୍ତ୍ତନରେ ୨୨୫୦ କୋଟି, ରେଳଲାଇନ ଦୋହରୀକରଣ ଲାଗି ୭୦୦ କୋଟି, ରେଳଡବା ଓ ଇଞ୍ଜିନ ନିର୍ମାଣରେ ୫୭୮୬.୯୭ କୋଟି ଏବଂ ସିଗ୍‌ନାଲିଂ ଓ ଟେଲିକମ୍‌ରେ ୧୬୫୦ କୋଟି ଟଙ୍କା ବ୍ୟୟ ହେବ। ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇଦେବା ଲାଗି ୨୭୨୫.୬୩ କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଆର୍ଥିକ ବର୍ଷରେ ଯାତ୍ରୀ ପରିବହନରୁ ୬୧ ହଜାର କୋଟି ଏବଂ ମାଲ୍ ମହାସୁଲ୍‌ରୁ ୧,୪୭,୦୦୦ କୋଟି ଟଙ୍କା ଆୟ ପାଇଁ ଲକ୍ଷ୍ୟ ରଖାଯାଇଛି। ବେଙ୍ଗାଲୁରୁ ଉପସହରାଞ୍ଚଳରେ ୧୪୮ କିଲୋମିଟର ଦୀର୍ଘ ମେଟ୍ରୋ ପ୍ରକଳ୍ପ ନିର୍ମାଣ ଲାଗି ଅର୍ଥମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ଏ ବାବାଦରେ ୧୮,୬୦୦ କୋଟି ଟଙ୍କା ବ୍ୟୟ ହେବ। ଏଥିପାଇଁ କେନ୍ଦ୍ର ସରକାର ୨୦ ପ୍ରତିଶତ ଅଂଶଧନ ସହ ପ୍ରକଳ୍ପ ବ୍ୟୟର ୬୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଯୋଗାଇଦେବେ। ସେହିପରି ପଚନଯୋଗ୍ୟ କୃଷି ସାମଗ୍ରୀଗୁଡ଼ିକର ସୁରକ୍ଷିତ ପରିବହନ ଲାଗି ଅର୍ଥମନ୍ତ୍ରୀ କୃଷି ରେଲ୍ ଚଳାଚଳ ପ୍ରସ୍ତାବ ରଖିଛନ୍ତି। ପିପିପି ମୋଡ଼ରେ ଏହି ରେଳ ଚଳାଚଳ କରିବ। ଏଥିରେ ରେଫ୍ରିଜରେଟେଡ କୋଚ୍ ବ୍ୟବସ୍ଥା ରହିବ। ରେଲୱେ କର୍ମଚାରୀମାନଙ୍କ ବେତନ ବାବଦରେ ୯୨,୯୯୩.୦୭ କୋଟି ଟଙ୍କା ବ୍ୟୟ ହେବା ଆକଳନ କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ୬୦୦୦ କୋଟି ଟଙ୍କା ଅଧିକ। ବେତନ ବାବଦରେ ଅତ୍ୟଧିକ ବ୍ୟୟ ରେଳବାଇ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

## ନିର୍ମାଣ ହେବ ୧୦୦ ବିମାନବନ୍ଦର




ଉଡାନ୍ (ଉଡେ ଦେଶ କା ଆମ୍ ନାଗରିକ) ଯୋଜନାରେ ୨୦୨୪ ସୁଦ୍ଧା ଆଉ ୧୦୦ଟି ବିମାନ ବନ୍ଦର ନିର୍ମାଣ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଛନ୍ତି। ପରିବହନ ଭିତ୍ତିଭୂମିର ବିକାଶ ଲାଗି ୧.୭ ଲକ୍ଷ କୋଟି ବ୍ୟୟବରାଦ କରାଯାଇଛି। ୨୦୨୩ ସୁଦ୍ଧା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍‌ୱେ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଚେନ୍ନାଇ-ବେଙ୍ଗାଲୁରୁ ମଧ୍ୟରେ ନୂଆ ଏକ୍ସପ୍ରେସ୍‌ୱେ କାର୍ଯ୍ୟ ଆରମ୍ଭ କରିବାକୁ ବଜେଟରେ ପ୍ରସ୍ତାବ ରହିଛି।

## ସବୁ ଅଣଗେଜେଟେଡ ପଦବୀ ଲାଗି ଗୋଟିଏ ପରୀକ୍ଷା



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ସମସ୍ତ ଅଣଗେଜେଟେଡ ସରକାରୀ ପଦବୀରେ ନିଯୁକ୍ତି ପାଇଁ ଗୋଟିଏ ପରୀକ୍ଷା ବ୍ୟବସ୍ଥା ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସରକାର ଏକ ଜାତୀୟ ନିଯୁକ୍ତି ସଂସ୍ଥା (ନ୍ୟାଶନାଲ ରିକ୍ରୁଟ୍‌ମେଣ୍ଟ ଏଜେନ୍ସି) ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅଣଗେଜେଟେଡ ପଦପଦବୀରେ ନିଯୁକ୍ତି ଲାଗି ଅନ୍‌ଲାଇନ ପରୀକ୍ଷା ପରିଚାଳନା କରିବ। ସମ୍ପ୍ରତି ଯୁବତୀଯୁବକମାନଙ୍କୁ ବିଭିନ୍ନ ପଦବୀ ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ଦେବାକୁ ପଡୁଛି। ଏଥିପାଇଁ ସେମାନଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିବା ସହ ସମୟ ଓ ଅର୍ଥର ବରବାଦ ହେଉଛି। ଅନଲାଇନ ପରୀକ୍ଷା ଲାଗି ପ୍ରତି ଜିଲାରେ ଗୋଟିଏ ପରୀକ୍ଷା କେନ୍ଦ୍ର ଖୋଲିବାକୁ ସରକାର ଯୋଜନା କରିଥିବା ଅର୍ଥମନ୍ତ୍ରୀ କହିଛନ୍ତି।

## ପିଏମ୍‌ଜେଏୱାଇରେ ସାମିଲ ହେବ ୨୦ ହଜାର ହସ୍ପିଟାଲ

ନୂଆଦିଲ୍ଲୀ, ୧।୨: କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ସ୍ୱାସ୍ଥ୍ୟସେବାର ବିକାଶ ଲାଗି ମୋଟ ୬୯ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗି ବଜେଟରେ ୬,୪୦୦ କୋଟି ଟଙ୍କା ରହିଛି। ଏଥିରେ ୨୦ ହଜାର ହସ୍ପିଟାଲ ସାମିଲ ହୋଇଥିବାବେଳେ ଗରିବ ଓ ଅବହେଳିତଙ୍କ ଚିକିତ୍ସାକୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ସୀତାରାମନ୍ ପ୍ରକାଶ କରିଛନ୍ତି। ଘରୋଇ ଓ ସରକାରୀ ଭାଗୀଦାରିତାରେ ହସ୍ପିଟାଲ ନିର୍ମାଣ କରାଯିବା ସହ ଆବଶ୍ୟକ ଜିଲା ତଥା ଆୟୁଷ୍ମାନ୍ ଭାରତ ଯୋଜନାର ସୁଫଳ ପାଉ ନ ଥିବା ଅଞ୍ଚଳକୁ ପ୍ରଥମେ ଏଥିରେ ଯୋଡ଼ାଯିବ। ଏହା ଯୁବପିଢ଼ିଙ୍କ ଲାଗି ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବ। 'ଟିବି ହାରିବ ଓ ଦେଶ ବଞ୍ଚିବ' କ୍ୟାମ୍ପେନ୍ ଜୋର୍‌ଦାର କରାଯିବ ବୋଲି ଅର୍ଥମନ୍ତ୍ରୀ ସୀତାରାମନ୍ ପ୍ରକାଶ କରିଛନ୍ତି। ୨୦୨୫ ସୁଦ୍ଧା ଟିବିକୁ ସମ୍ପୂର୍ଣ୍ଣ ନିର୍ମୂଳ କରାଯିବ। ଏଥିସହ ଜନଔଷଧୀ କେନ୍ଦ୍ର ଯୋଜନାରେ ସବୁ ଜିଲାକୁ ଯୋଡ଼ାଯିବ ବୋଲି ସେ କହିଛନ୍ତି। ୨୦୨୪ ସୁଦ୍ଧା ସବୁ ଜିଲାକୁ ୨ ହଜାର ମେଡିସିନ, ୩୦୦ ସର୍ଜିକାଲ୍ସ ପ୍ରଦାନ କରାଯିବାକୁ ଯୋଜନା ରହିଥିବା ବଜେଟରେ ଘୋଷଣା କରାଯାଇଛି। ଜନସାଧାରଣ କିପରି ସ୍ୱଳ୍ପ ମୂଲ୍ୟରେ ଔଷଧ ପାଇବେ ତାକୁ ଗୁରୁତ୍ୱ ଦିଆଯିବ। ସ୍ୱାସ୍ଥ୍ୟ ସରଞ୍ଜାମ ଆମଦାନି କ୍ଷେତ୍ରରେ ସ୍ୱଳ୍ପ ସ୍ୱାସ୍ଥ୍ୟ ସେସ୍ ପ୍ରଚଳନ କରାଯିବ। ସ୍ୱାସ୍ଥ୍ୟ ସେବାର ବିକାଶ ଲାଗି ଘରୋଇ ଶିଳ୍ପ ଓ ସ୍ୱାସ୍ଥ୍ୟସେବା ଉତ୍ସକୁ ବଳିଷ୍ଠ କରାଯିବ। ୧୧୨ ଆକାଂକ୍ଷୀ ଜିଲାରେ ହସ୍ପିଟାଲ ନିର୍ମାଣ କରାଯାଇ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ପାର୍ଲାମେଣ୍ଟରେ ଘୋଷଣା କରିଛନ୍ତି। ତେବେ ଗତଥର ଅପେକ୍ଷା ଚଳିତ ଥର ଜାତୀୟ ସ୍ୱାସ୍ଥ୍ୟ ମିଶନରେ ସାମାନ୍ୟ କମ୍ ବ୍ୟୟବରାଦ କରାଯାଇଛି। ଗତଥର ଏଥିଲାଗି ୩୪,୧୧୫ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଚଳିତ ଥର ୩୪, ୨୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।




### ମୁଖ୍ୟାଂଶ

- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗି ୬,୪୦୦ କୋଟି ଟଙ୍କାର ବ୍ୟୟବରାଦ ଲକ୍ଷ୍ୟ।
- ପିଏମ୍‌ଜେଏୱାଇରେ ୧୧୨ଟି ଆକାଂକ୍ଷୀ ଜିଲାର ୨୦ ହଜାର ହସ୍ପିଟାଲ ସାମିଲ ହେବ।
- 'ଟିବି ହାରିବ ଓ ଦେଶ ବଞ୍ଚିବ' କ୍ୟାମ୍ପେନ୍‌କୁ ଜୋର୍‌ଦାର କରାଯିବ।
- ୨୦୨୫ ସୁଦ୍ଧା ଦେଶରେ ଟିବିକୁ ସମ୍ପୂର୍ଣ୍ଣ ନିର୍ମୂଳ କରାଯିବ।
- ଜନଔଷଧି କେନ୍ଦ୍ର ଯୋଜନାରେ ସବୁ ଜିଲାକୁ ଯୋଡ଼ାଯିବ।
- ୨୦୨୪ ସୁଦ୍ଧା ସବୁ ଜିଲାକୁ ୨ ହଜାର ମେଡିସିନ, ୩୦୦ ସର୍ଜିକାଲ୍ସ ପ୍ରଦାନ ଲକ୍ଷ୍ୟ।
- ସ୍ୱାସ୍ଥ୍ୟ ସରଞ୍ଜାମ ଆମଦାନି କ୍ଷେତ୍ରରେ ସ୍ୱଳ୍ପ ସ୍ୱାସ୍ଥ୍ୟ ସେସ୍ ପ୍ରଚଳନ କରାଯିବ।
- ମେଡିକାଲ ଯନ୍ତ୍ରପାତି ନିର୍ମାଣ ଲାଗି ଘରୋଇ ଶିଳ୍ପ ଓ ସ୍ୱାସ୍ଥ୍ୟସେବା ଉତ୍ସକୁ ବଳିଷ୍ଠ କରାଯିବ।
- ୧୧୨ ଆକାଂକ୍ଷୀ ଜିଲାରେ ହସ୍ପିଟାଲ ନିର୍ମାଣ କରାଯାଇ ଗରିବ ଓ ଅବହେଳିତଙ୍କୁ କମ୍ ମୂଲ୍ୟରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।
- ଚଳିତବର୍ଷ କମିଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ୟୟବରାଦ।

## ପ୍ରତିରକ୍ଷାକୁ ୩.୩୭ ଲକ୍ଷ କୋଟି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରତିରକ୍ଷା ବିଭାଗ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ୩.୩୭ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷ ତୁଳନାରେ ସାମାନ୍ୟ ଅଧିକ। ୨୦୧୯-୨୦ ବର୍ଷ ଲାଗି ପ୍ରତିରକ୍ଷା କ୍ଷେତ୍ରକୁ ୩.୧୮ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସୈନ୍ୟବାହିନୀରେ ଦୀର୍ଘଦିନ ଧରି ଅଟକି ରହିଥିବା ଆଧୁନିକୀକରଣ କାର୍ଯ୍ୟକୁ ଆଗେଇନେବା ଲାଗି ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ସେଥିରେ ୧.୧୩ ଲକ୍ଷ କୋଟି ଟଙ୍କା ନୂଆ ଅସ୍ତ୍ରଶସ୍ତ୍ର, ଯୁଦ୍ଧବିମାନ, ଯୁଦ୍ଧଜାହାଜ ଓ ଅନ୍ୟାନ୍ୟ ସାମରିକ ହାର୍ଡୱେର କ୍ରୟରେ ବିନିଯୋଗ କରାଯିବ ବୋଲି ଲୋକ ସଭାରେ ବଜେଟ ଉପସ୍ଥାପନ କଲାବେଳେ ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ବେତନ ଓ ସାମରିକ ପ୍ରତିଷ୍ଠାନଗୁଡ଼ିକର ପରିଚାଳନା ବାବଦରେ ୨.୦୯ ଲକ୍ଷ କୋଟି ବ୍ୟୟ ହେବ। ପ୍ରତିରକ୍ଷା କ୍ଷେତ୍ରକୁ ହୋଇଥିବା ବ୍ୟୟବରାଦ ଜିଡିପିର ପାଖାପାଖି ୧.୫ ପ୍ରତିଶତ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ମହିଳା, ଶିଶୁ ବିକାଶକୁ ପ୍ରାଧାନ୍ୟ

ମହିଳାମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସରକାର ବଜେଟରେ ୨୮,୬୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଥିଲେ, ସରକାରଙ୍କ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏବେ ସବୁସ୍ତରର ଶିକ୍ଷାରେ ଝିଅମାନଙ୍କ ନାମଲେଖା ହାର ପୁଅଙ୍କ ତୁଳନାରେ ଅଧିକ ରହିଛି। ପ୍ରାଥମିକ ଶିକ୍ଷା ସ୍ତରରେ ଝିଅମାନଙ୍କ ହାର ୯୪.୩୨ ପ୍ରତିଶତ ହୋଇଥିବାବେଳେ ପୁଅଙ୍କ ହାର ୮୯.୨୮ ପ୍ରତିଶତ ରହିଛି। ମହିଳାମାନଙ୍କ ଆର୍ଥିକ ବିକାଶ ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମହିଳା ବିଶେଷ କରି ଗର୍ଭବତୀ ଓ ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପ୍ରତି ସରକାର ସର୍ବାଧିକ ପ୍ରାଥମିକତା ଦେଉଥିବା ଅର୍ଥମନ୍ତ୍ରୀ କହିଥିଲେ। ସେହିପରି ଅପପୁଷ୍ଟି ଦୂରୀକରଣ କାର୍ଯ୍ୟକ୍ରମ ଲାଗି ବଜେଟରେ ମୋଟ ୩୫,୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପୋଷଣ ଅଭିଯାନ ଯୋଜନାରେ ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ, କିଶୋରୀ, ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପୁଷ୍ଟିହୀନତା ଯଥେଷ୍ଟ ହ୍ରାସ ପାଇଛି। ଏକ୍ଷେତ୍ରରେ କାର୍ଯ୍ୟ କରୁଥିବା ୬ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀଙ୍କୁ ଅପପୁଷ୍ଟି ସ୍ଥିତି ସମ୍ପର୍କରେ ତଥ୍ୟ ରଖିବା ଲାଗି ସ୍ମାର୍ଟଫୋନ ଯୋଗାଇ ଦିଆଯାଇଛି।

### ଝିଅଙ୍କ ବିବାହ ବୟସ ଧାର୍ଯ୍ୟ ଲାଗି ଟାସ୍କଫୋର୍ସ



ଝିଅମାନଙ୍କ ବିବାହ ବୟସ ସମ୍ପର୍କରେ ସୁପାରିସ କରିବା ଲାଗି ଏକ ଟାସ୍କଫୋର୍ସ ଖୁବଶୀଘ୍ର ଗଠନ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଉଚ୍ଚଶିକ୍ଷା ଓ କ୍ୟାରିୟର କ୍ଷେତ୍ରରେ ମହିଳାମାନଙ୍କ ଲାଗି ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ହେଉଛି। ତେଣୁ ସେମାନଙ୍କ ମାତୃତ୍ୱ ବୟସ କେତେ ହେବା ଉଚିତ ତାହା ଅନୁଧ୍ୟାନ ପାଇଁ ଟାସ୍କଫୋର୍ସ ଗଠନର ପ୍ରସ୍ତାବ ରହିଛି ବୋଲି ଅର୍ଥମନ୍ତ୍ରୀ କହିଥିଲେ। ଟାସ୍କଫୋର୍ସ ୬ ମାସ ମଧ୍ୟରେ ଏନେଇ ସୁପାରିସ କରିବ। ସରକାର ମହିଳା, ଶିଶୁ ଓ ଅବହେଳିତ ବର୍ଗଙ୍କ କଲ୍ୟାଣ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଅପପୁଷ୍ଟି ଦୂରୀକରଣ କାର୍ଯ୍ୟକ୍ରମ ଓ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ନିମନ୍ତେ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ଅନୁସୂଚିତ ଜାତି ଓ ପଛୁଆ ବର୍ଗଙ୍କ କଲ୍ୟାଣ ଲାଗି ୮୫,୦୦୦ କୋଟି ଏବଂ ଅନୁସୂଚିତ ଜନଜାତିଙ୍କ ଲାଗି ୫୩,୭୦୦ କୋଟି ଟଙ୍କା ବଜେଟରେ ବ୍ୟୟବରାଦ ହୋଇଛି।

## ଶିକ୍ଷାକ୍ଷେତ୍ର ଲାଗି ୯୯,୩୦୦ କୋଟି




ନୂଆଦିଲ୍ଲୀ, ୧।୨: ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶିକ୍ଷାକ୍ଷେତ୍ରର ବିକାଶ ଲାଗି ବଜେଟ ୨୦୨୦-୨୧ରେ ମୋଟ ୯୯,୩୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଦେଶରେ ଉନ୍ନତ ଶିକ୍ଷା, ଭିତ୍ତିଭୂମି ବିକାଶ ଓ ବିଭିନ୍ନ ଶିକ୍ଷାଗତ ସମସ୍ୟାର ସମାଧାନ ଲାଗି ସେ ଶନିବାର ବଜେଟରେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଦେଶରେ ୧୫୦ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ନିର୍ମାଣ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଏଥିସହ ଖୁବ୍‌ଶୀଘ୍ର ନୂଆ ଶିକ୍ଷାନୀତି ଅଣାଯିବ ଓ ତଦନୁଯାୟୀ ଶିକ୍ଷା ଢାଞ୍ଚାରେ କେତେକ ପରିବର୍ତ୍ତନ କରାଯିବ ବୋଲି ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି। ମାର୍ଚ୍ଚ ୨୦୨୧ ସୁଦ୍ଧା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଆପ୍ରେଣ୍ଟିସ୍‌ଶିପ ଡିପ୍ଲୋମା ଯୋଗାଇ ଦେବେ। ଯୁବ ଇଞ୍ଜିନିୟରଙ୍କୁ ପ୍ରୋତ୍ସାହନ ଲାଗି ବାର୍ଷିକ ଇଣ୍ଟେନ୍‌ସିଭ୍ ସୁବିଧା ଯୋଗାଇ ଦିଆଯିବ। ଏଥିସହ କ୍ୱାଣ୍ଟମ୍ ଟେକ୍ନୋଲୋଜି ଓ ଆପ୍ଲିକେଶନ ଲାଗି ୫ ବର୍ଷରେ ୮ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ସ୍କିଲ୍ ଡେଭେଲପ୍‌ମେଣ୍ଟ ଲାଗି ବଜେଟରେ ୩ ହଜାର କୋଟି ଟଙ୍କାର ବିନିଯୋଗ କରାଯିବ। ପାଠପଢ଼ା ସାରି ବିଦେଶରେ ଚାକିରି କରିବାକୁ ଇଚ୍ଛା କରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ସ୍ପେସିଆଲ୍ ବ୍ରିଜ୍ କୋର୍ସ କରାଯିବ। ନ୍ୟାଶନାଲ ପୋଲିସ ୟୁନିଭର୍ସିଟି ଓ ନ୍ୟାଶନାଲ ଫୋରେନ୍‌ସିକ ସାଇନ୍ସ ୟୁନିଭର୍ସିଟି ପ୍ରତିଷ୍ଠା କରାଯିବ। ସମାଜର ଗରିବ ଓ ଅବହେଳିତ ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ଡିଗ୍ରୀ ଲେଭଲ ଅନ୍‌ଲାଇନ ଏଜୁକେଶନ ପ୍ରୋଗ୍ରାମ କାର୍ଯ୍ୟକାରୀ ହେବ। ଉଚ୍ଚଶିକ୍ଷା ଲାଗି ଭାରତ ଆସୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ଲାଗି ସ୍କଲାର୍‌ସିପ୍ ଆସେସ୍‌ମେଣ୍ଟ ଟେଷ୍ଟ(ଏସ୍‌ଏଟି) କରାଯିବ। ଦେଶରେ ଦୁଇ ନୂଆ ଅନୁଷ୍ଠାନ ଭାବେ ନ୍ୟାଶନାଲ ପୋଲିସ ଏକାଡେମୀ ଓ ନ୍ୟାଶନାଲ ପୋଲିସ କଲେଜ୍ ପ୍ରତିଷ୍ଠା କରାଯିବ। ୨୦୩୦ ସୁଦ୍ଧା ବିଶ୍ୱରେ ଭାରତ ସବୁଠାରୁ ଅଧିକ କାର୍ଯ୍ୟଶୀଳ ଯୁବତୀଯୁବକ ସୃଷ୍ଟି କରୁଥିବାବେଳେ ସେମାନଙ୍କ ଦକ୍ଷତା ବିକାଶ ସହ ଜୀବନଶୈଳୀରେ ସୁଧାର ଆଣିବା ଲାଗି ନୂଆ ଶିକ୍ଷାନୀତିକୁ ବଳିଷ୍ଠ କରାଯିବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ପ୍ରତି ଜିଲା ହସ୍ପିଟାଲରେ ସରକାରୀ-ଘରୋଇ ଭାଗୀଦାରିରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା କରାଯିବ। ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ କରାଯିବ ଓ ଏଥିଲାଗି ଏଫ୍‌ଡିଆଇକୁ ଅନୁମତି ମିଳିବ ବୋଲି ସୀତାରାମନ୍ ବଜେଟ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଗତ ଥର ବଜେଟରେ ସରକାର ଶିକ୍ଷାକ୍ଷେତ୍ର ଲାଗି ୯୩,୮୪୭ କୋଟି ଟଙ୍କାର ବ୍ୟୟ କରିଥିବାବେଳେ ଚଳିତ ଆର୍ଥିକବର୍ଷ ଲାଗି ଅଧିକ ବ୍ୟୟବରାଦ କରିଛନ୍ତି।

### ବଜେଟରେ ଶିକ୍ଷା ବିକାଶର ଚିତ୍ର

- ୧୫୦ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ନିର୍ମାଣ କରାଯିବ।
- ମାର୍ଚ୍ଚ ୨୦୨୧ ସୁଦ୍ଧା ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଆପ୍ରେଣ୍ଟିସ୍‌ଶିପ ଡିପ୍ଲୋମା ଯୋଗାଇବେ।
- ଖୁବ୍‌ଶୀଘ୍ର ନୂଆ ଶିକ୍ଷାନୀତି ଅଣାଯାଇ ଶିକ୍ଷା ଢାଞ୍ଚାରେ ପରିବର୍ତ୍ତନ କରାଯିବ।
- ଯୁବ ଇଞ୍ଜିନିୟରଙ୍କୁ ପ୍ରୋତ୍ସାହନ ଲାଗି ବାର୍ଷିକ ଇଣ୍ଟେନ୍‌ସିଭ୍ ସୁବିଧା ଯୋଗାଯିବ।
- କ୍ୱାଣ୍ଟମ୍ ଟେକ୍ନୋଲୋଜି ଆଣ୍ଡ୍ ଆପ୍ଲିକେଶନ ଲାଗି ୫ ବର୍ଷରେ ୮ ହଜାର କୋଟି ଟଙ୍କା ବିନିଯୋଗ କରାଯିବ।
- ସ୍କିଲ୍ ଡେଭେଲପ୍‌ମେଣ୍ଟ ଲାଗି ବଜେଟରେ ୩ ହଜାର କୋଟିର ବ୍ୟୟବରାଦ।
- ଜିଲା ହସ୍ପିଟାଲରେ ପିପିପି ମୋଡ୍‌ରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ।
- ପାଠପଢ଼ା ସାରି ବିଦେଶରେ ଚାକିରି କରିବାକୁ ଇଚ୍ଛା କରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ସ୍ପେସିଆଲ୍ ବ୍ରିଜ୍ କୋର୍ସ କରାଯିବ।
- ସମାଜର ଅବହେଳିତ ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ଡିଗ୍ରୀ ଲେଭଲ୍ ଅନ୍‌ଲାଇନ ଏଜୁକେଶନ ପ୍ରୋଗ୍ରାମ କାର୍ଯ୍ୟକାରୀ ହେବ।
- ନ୍ୟାଶନାଲ ପୋଲିସ ୟୁନିଭର୍ସିଟି ଓ ନ୍ୟାଶ୍‌ନାଲ ଫୋରେନ୍‌ସିକ ସାଇନ୍ସ ୟୁନିଭର୍ସିଟି ପ୍ରତିଷ୍ଠା କରାଯିବ।
- ଭାରତକୁ ଆସୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ଲାଗି ସ୍କଲାର୍‌ଶିପ୍ ଆସେସ୍‌ମେଣ୍ଟ ଟେଷ୍ଟ(ଏସ୍‌ଏଟି) କରାଯିବ।
- ନୂଆ ଅନୁଷ୍ଠାନ ଭାବେ ନ୍ୟାଶନାଲ ପୋଲିସ ଏକାଡେମୀ ଓ ନ୍ୟାଶନାଲ ପୋଲିସ କଲେଜ୍ ପ୍ରତିଷ୍ଠା କରାଯିବ।
- ଶିକ୍ଷା କ୍ଷେତ୍ରକୁ ଅଧିକ ପ୍ରଶସ୍ତ କରିବା ଲାଗି ଏଫ୍‌ଡିଆଇକୁ ଅନୁମତି ମିଳିବ।

## ସଂକ୍ଷେପରେ

### ନୃତ୍ୟଶିଳ୍ପୀଙ୍କୁ ବଳାତ୍କାର: ଜଣେ ଗିରଫ

**ବଡ଼ଗାଁ, ୧।୨ (ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଅଞ୍ଚଳର ଜଣେ ଅର୍କେଷ୍ଟ୍ରା କଳାକାର ଯୁବତୀ (୧୯)ଙ୍କୁ ବଳାତ୍କାର କରାଯାଇଛି। ଯୁବତୀ ଜଣକ ଶୁକ୍ରବାର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସୁନ୍ଦରଗଡ଼ ରାନୀବଗିଚା ପଡାର ଅଭିଯୁକ୍ତ ଶ୍ରୀକାନ୍ତ ବେହେରା (୧୯)ଙ୍କୁ ଗିରଫ କରିଛି। ଅନ୍ୟ ଜଣେ ସହଯୋଗୀ ଯୁବକ ଫେରାର୍ ହୋଇଯାଇଛନ୍ତି। ବୁଧବାର ସୁନ୍ଦରଗଡରେ ହେଉଥିବା ଯତ୍ରା ମହୋତ୍ସବରେ ନୃତ୍ୟ କରିବା ପାଇଁ ଯୁବତୀ ଯାଇଥିଲେ। ଶ୍ରୀକାନ୍ତ ମଧ ତାଙ୍କ ସହିତ ଅର୍କେଷ୍ଟ୍ରାରେ ନୃତ୍ୟ କରିଥିଲେ। ସେଠାରୁ ଫେରି ଯୁବତୀ ଜଣକ ଗୁରୁବାର ବଡ଼ଗାଁ ଥାନା ଅଧିନ ମୁଣ୍ଡାଗାଁରେ ହେଉଥିବା ଯାତ୍ରାକୁ ନୃତ୍ୟ କରିବା ପାଇଁ ଯାଇଥିଲେ। ଶ୍ରୀକାନ୍ତଙ୍କ ସହିତ ଯୁବତୀଙ୍କ ପରିଚୟ ଥିବାରୁ ଫୋନରେ କଥା ହୋଇଥିଲେ। ଯୁବତୀଙ୍କୁ ଅନ୍ୟ ଏକ ସ୍ଥାନରେ ନୃତ୍ୟ କରିବାକୁ ଯିବା ପାଇଁ କହିଥିଲେ। ଯୁବତୀ ରାଜି ହେବାରୁ ଶ୍ରୀକାନ୍ତ ଓ ଅନ୍ୟ ଜଣେ ସହଯୋଗୀ ନୃତ୍ୟ ଅଭ୍ୟାସ ପାଇଁ ଆସିବାକୁ କହିଥିଲେ। ଏହା ପରେ ଶ୍ରୀକାନ୍ତ ବାଇକ୍ ନେଇ ମୁଣ୍ଡାଗାଁ ଯାଇ ଯୁବତୀଙ୍କୁ ନେଇଆସିଥିଲେ। ସୁନ୍ଦରଗଡ଼ ଯିବା ବାଟରେ କରମଡିହି ଗାଁ ନିକଟରେ ଅଭିଯୁକ୍ତଦ୍ୱୟ ମଦ ପିଇଲା ପରେ ଢ଼ାବାକୁ ନେଇ ଯୁବତୀଙ୍କୁ ମଦ ପିଆଇଥିଲେ। ତା'ପରେ ଟାଉନ ଥାନା ଅଧିନ ସୁବଳୟା ଗାଁ ନିକଟ ଜଙ୍ଗଲରେ ଶ୍ରୀକାନ୍ତ ବଳାତ୍କାର କରିଥିଲେ। ସେଠାରୁ ସୁନ୍ଦରଗଡ ସ୍ଥିତ କଲ୍ୟାଣ ମଣ୍ଡପକୁ ଯୁବତୀଙ୍କୁ ନେଇ ରଖିଥିଲେ। ସେଠାରେ ମଧ୍ୟ ବଳାତ୍କାର କରିଥିଲେ। ପରେ ଶ୍ରୀକାନ୍ତ ବାହାର ପଟୁ କବାଟ ବନ୍ଦ କରି ଚାଲିଯାଇଥିଲେ। ଯୁବତୀ କବାଟ ବନ୍ଦ ଥିବା ଜାଣି ତାଙ୍କ ବଡ ଭଉଣୀଙ୍କୁ ଖବର ଦେଇଥିଲେ। ସେ ସେଠାକୁ ଯାଇ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପରେ ଶୁକ୍ରବାର ବଡ଼ଗାଁ ଥାନାକୁ ଆସି ଲିଖିତ ଏତଲା ଦେଇଥିଲେ।

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୩ ଲକ୍ଷ ଶ୍ରଦ୍ଧାଳୁ



ତିନି ଠାକୁରଙ୍କୁ ଶୋଭାଯାତ୍ରାରେ ଅଣାଯାଉଛି।

**କୋଣାର୍କ,୧।୨(ଡି.ଏନ.ଏ)**

ପବିତ୍ର ମାଘସପ୍ତମୀରେ ଶନିବାର ପବିତ୍ର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ସୂର୍ଯ୍ୟ ଦେବତାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ପରମ୍ପରା ଅନୁଯାୟୀ ଷଷ୍ଠୀ ରାତ୍ରରେ ମାଧିପୁର ଗ୍ରାମର ଆରାଧ ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ଐଶାନେଶ୍ୱର, କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କୁ ନିଜ ସ୍ଥାନରୁ ବିମାନରେ ବିଜେ କରାଯାଇ ଶୋଭାଯାତ୍ରାରେ ଏନ୍ଏସି ପୂଜାମଣ୍ଡପକୁ ନିଆଯାଇଥିଲା। ଏହି ସମୟରେ ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, ଶଙ୍ଖଧ୍ୱନୀ, ନାଗାନାଚ ଓ ରଙ୍ଗିନ ଆଲୋକ ସାଙ୍ଗକୁ ଆତସବାଜିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ରାତି ୧୧ଟାରେ ପୂଜାମଣ୍ଡପରେ ତିନିଠାକୁର ପହଞ୍ଚିବା ପାଇଁ ସମୟ ନିର୍ଦ୍ଧାରଣ ହୋଇଥିଲେ ମଧ ବହୁ ବିଳମ୍ବରେ ଅର୍ଥାତ୍ ରାତି ପ୍ରାୟ ୧ଟାରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜା, ହୋମ ଓ ଭୋଗ ଲାଗି ହୋଇଥିଲା। ପରେ ତିନି ଠାକୁର କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ କୋଣାର୍କ ପୂର୍ତ୍ତ ବିଭାଗ ନିକଟରେ ଚାଚେରୀ ଭୋଗ ସେବନ କରିଥିଲେ। ସେଠାରୁ ତିନି ଠାକୁର ୨ଟା ୩୦ମିନିଟରେ ଶୋଭାଯାତ୍ରାରେ ବାହାରି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପରେ ଶନିବାର ଭୋର ୪ଟାରେ ପହଞ୍ଚିଥିଲେ। ସ୍ନାନମଣ୍ଡପରେ ତିନି ଠାକୁର ପଦାର୍ପଣ କରିବା ପରେ ମୁଖ୍ୟ ପୂଜକ ଚନ୍ଦ୍ରଭାଗା ପୁଷ୍କରିଣୀରୁ ପବିତ୍ର ଜଳ ଆଣି ଦେବନୀତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପାଦନ କରିଥିଲେ। ପରେ ସାଧୁସନ୍ଥମାନେ ସମୁଦ୍ର ଆଳତି କରିଥିଲେ। ଭୋର ୪ଟା ୩୦ରେ ତୀର୍ଥ ପୁଷ୍କରଣୀରେ ଶ୍ରଦ୍ଧାଳୁମାନଙ୍କୁ ବୁଡ଼ ପାଇଁ ସବୁଜ ସଙ୍କେତ ମିଳିଥିଲା। ସ୍ନାନ ପରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ। ମାଘ ସପ୍ତମୀ ଅବସରରେ କୋଣାର୍କ ସୂର୍ଯ୍ୟମନ୍ଦିର ନିମନ୍ତେ କେନ୍ଦ୍ର ସରକାରଙ୍କ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଥିଲା। ତେଣୁ ସୂର୍ଯ୍ୟମନ୍ଦିର ପରିଦର୍ଶନ ପାଇଁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ନବଗ୍ରହ ମନ୍ଦିରରେ ପୂଜାର୍ଚ୍ଚନା କରି ପରିବାରର ସୁଖ ଓ ଶାନ୍ତି କାମନା କରିଥିଲେ। ଏସ୍ପି ଡ. ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ୨୮ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ହଜିଲା ଖୋଜିଲା ମଞ୍ଚ ଖୋଲାଯାଇ ମେଳାରେ ହଜିଯାଉଥିବା ଲୋକଙ୍କୁ ଖୋଜିବା ପାଇଁ ବ୍ୟବସ୍ଥା ହୋଇଥିଲା।

**■ ସୂର୍ଯ୍ୟ ଦର୍ଶନ ସହ ପୂଜାର୍ଚ୍ଚନା କଲେ**
**■ ଠାକୁରଙ୍କ ସ୍ନାନରେ ବିଳମ୍ବ**

ଜିଲା ସଂସ୍କୃତି ବିଭାଗ ପକ୍ଷରୁ ରାତି ତମାମ ଘୋଡ଼ାନାଚ, ଦାସକାଠିଆ, ସମ୍ବଲପୁରୀ ନୃତ୍ୟ, ଭଜନ ପରିବେଷଣ ସହ ବିଭିନ୍ନ ଚେତନାଧର୍ମୀ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା ସହ ୧୨୦ଟି ଅସ୍ଥାୟୀ ଶୌଚାଳୟ ଖୋଲାଯାଇଥିଲା। ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ହୋଇଥିଲା। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ଧର୍ମରେଖା ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ଚା, ରନ୍ଧାଖାଦ୍ୟ ଆଦି ବଣ୍ଟାଯାଇଥିଲା। ରମାବଲ୍ଲଭ ମଠ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା। ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କାକଟପୁର ତହସିଲଦାର ରୋଜିନା ଦାସ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।

# ଜାପାନରେ ଦୁଇ ଓଡ଼ିଆ ଶ୍ରମିକ ମୃତ

## ମୃତଦେହ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ

**ଭୋଗରାଇ,୧।୨(ଡି.ଏନ.ଏ.)**

ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଆଟକୁ ସହରର ଏକ ଘରୋଇ ହୋଟେଲରେ ରୋଷେୟା ଭାବେ କାମ କରୁଥିବା ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ କସବା କମର୍ଦ୍ଦା ଗ୍ରାମର ସେକ୍ ମନ୍ତାଜ ଓ ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ପଠାନ୍ ମେହେଲ ବସ୍ତିର ସେକ୍ ବାରୁଦ୍ଦିନ। ସେଠାକାର ପ୍ରଶାସନ ଦୁଇ ମୃତଦେହକୁ ଏକ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିବା ବେଳେ ସେମାନଙ୍କର ବିଦେଶୀ ଭିସା ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଇଛି। ବିଷାକ୍ତ ଗ୍ୟାସ ପ୍ରଭାବରେ ସେମାନେ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ ହୋଇଥିବା କୁହାଯାଉଛି।



ସେକ୍ ମନ୍ତାଜ



ସେକ୍ ବାରୁଦ୍ଦିନ

ଏହି ଦୁଇ ଓଡ଼ିଆ ଶ୍ରମିକ ପରିବାର ପ୍ରତିପୋଷଣ ପାଇଁ ରୋଷେୟା ଭାବେ ଦୀର୍ଘବର୍ଷ ଧରି ସେଠାରେ କାର୍ଯ୍ୟ କରିଆସୁଥିଲେ। ଗତ ୨୯ତାରିଖ ରାତିରେ ଦୁଇ ଶ୍ରମିକ ଏକ ବନ୍ଦ ଘରେ ରୋଷେଇ କରୁଥିବା ବେଳେ କାର୍ବନ ମନୋକସାଇଡ଼ ଗ୍ୟାସ୍ ସଂସ୍ପର୍ଶରେ ଆସି ଅଣନିଃଶ୍ୱାସୀ ହୋଇପଡିଥିଲେ। ବନ୍ଦ କୋଠରୀ ଭିତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଖବରପାଇ ମୃତକଙ୍କ ସମ୍ପର୍କୀୟମାନେ ସେଠାକୁ ଯାଇ ମୃତଦେହ ଚିହ୍ନଟ କରିଛନ୍ତି। ଜାପାନରୁ ମୃତଦେହ ଓଡ଼ିଶା ଆଣିବା ପାଇଁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଜାଣିବା ପରେ ପରିବାର ଲୋକେ ଅସମର୍ଥ ଥିବା ପ୍ରକାଶ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ଦୁଇ ମୃତଦେହକୁ ଓଡ଼ିଶା ଫେରାଇ ଆଣିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ଏଥିପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଏମ୍ପି ଓ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ମେଲ୍ ବାର୍ତ୍ତା ପଠାଯାଇଛି।


**GOVT. OF ODISHA**
**OFFICE OF THE COLLECTOR, KANDHAMAL, PHULBANI**
**(ST & SC Development Section)**
**Ph/Fax : 06842-253643, e-mail : dwo.kandhamal@gmail.com**
**No.558/SSD/XVI-04/2019** **Date: 30.01.2020**

**CORRIGENDUM**

No.V-79 :- Category wise vacancy position in the Advertisment published vide No.268/SSD dated.15.01.2019 may read as.

| Category | UR | UR (F) | Total | ST | ST (F) | Total | SC | SC (F) | Total | SEBC | SEBC (F) | Total |
|---|---|---|---|---|---|---|---|---|---|---|---|---|

The number of Sikhya Sahyaka posts and other terms and conditions in the Principal Advertisement remain intact.

**Sd./- Collector, Kandhamal**
**OIPR- 24041/11/0016/1920**



## ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ

D-277

**ନାମ- ବିଶାଳ ଲାଖୁଆ, ବୟସ-୧୪ ବର୍ଷ**
**ପିତା- ଏତଟା ଲାଖୁଆ, ଘର- କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରିପୁଟ, ଥାନା- ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ, ଜିଲ୍ଲା- ଖୋର୍ଦ୍ଧା**

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ଘଟିକା ସମୟରେ ଘରୁ କେଉଁଆଡେ ପଳାଇ ଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।

**ଫୋନ ନମ୍ବର - ୭୭୩୫୪୦୩୭୭୫, ୭୯୭୮୨୫୯୯୦୪, ୯୪୩୭୨୨୦୦୯୪**

**OIPR-12015/11/0030/1920**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR-751001**
**email: ceworldbankprojects@gmail.com**
**ROAD CONNECTIVITY PROJECT OF LEFT WING EXTREMISM AFFECTED AREA (RCPLWEA)**

B-651

**e-Procurement Notice**
**Bid Identification No. CE-WBP(O)-12/2019-20**
**File No- CERP-RCPLWE-PH-2-14/2018**
**2nd Corrigendum to Bid Identification No. CE WBPs-12/2019-20 Dtd.10.01.2020.**

1. The Bid documents will be available in the website: www.tendersodisha.gov.in from 10.00AM of 04.02.2020 to 5.00 PM of 25-02-2020 for online bidding.
2. Bids shall be received only on "on line" on or before 5.00 PM of 25.02.2020.
3. Bids received online shall be opened at 11.30 Hours on 29.02.2020 in the office of the Engineer-in-Chief (Civil), Nirmana Saudha, Unit-V, Bhubaneswar, Odisha.

For further details please log on to www.pmgsytenders.gov.in

**Sd./- Chief Engineer, World Bank Projects, Odisha**
**O/o E.I.C (Civil), Odisha Nirman Soudha, Unit-V, Bhubaneswar-751001**
**OIPR- 34003/11/0026/1920**

**OFFICE OF THE NOTIFIED AREA COUNCIL, NIMAPARA**

**e- Procurement Notice No.220 dt.01.02.2020**
**Tender Reference No.NP-NAC-36/ 2019-20.**

The Nimapara N.A.C. invites online bid in single cover system through e-Procurement.
Total Numbers of work :- 11 (Eleven) Nos.
Value of works Rs.46,428/- to Rs.17,16,875/-
Date and time of availability of bids documents in the portal from 01.02.2020 at 10.00 A.M. upto 15.02.2020 at 5.00 P.M.
Last date of receipt of bids in the portal dt.15.02.2020 up to 5.00P.M.
Last date of submission of original documents in this office is dt.19.02.2020 up to 5.00 P.M.
Date of opening of tender :- dt 20.02.2020 at 11.00 A.M. in N.A.C. Office, Nimapara.
Further details can be seen from the website :- www.tendersorissa.gov.in

**Sd./- Executive Officer**
**N.A.C., Nimapara**

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୂରଭଞ୍ଜ

**ସଂଖ୍ୟା : ୧୧୭୦, ତା ୨୯.୦୧.୨୦୨୦ରିଖ**

No. CAD-892

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ପାଇଁ ବ୍ଲକସ୍ତରୀୟ ଜନଶୁଣାଣି ନିମନ୍ତେ ଧାର୍ଯ୍ୟ ତାରିଖ ୨୦୧୯-୨୦୨୦**

ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଏବଂ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୯-୨୦୨୦ ଆର୍ଥିକ ବର୍ଷର ଏପ୍ରିଲ ମାସ ୨୦୧୯ ମସିହା ଠାରୁ ସେପ୍ଟେମ୍ବର ୨୦୧୯ ମସିହା ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ରାଜ୍ୟ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଦିନ ଧାର୍ଯ୍ୟ କରାଯାଇଛି। ଏହି ଜନଶୁଣାଣି କାର୍ଯ୍ୟ କ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ ହିତାଧିକାରୀ ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ଅନୁରୋଧ କରିବାକୁ ଅନୁରୋଧ।
ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦାନ କରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଏବଂ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରିବା ଏବଂ ଯୋଜନାକୁ ସଫଳତାର ସହିତ ଆଗେଇ ନେବାପାଇଁ ଆପଣମାନଙ୍କର ସହଭାଗିତା ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନା କରିବା ହେବେ।

| କ୍ରମିକ ସଂଖ୍ୟା | ଜନଶୁଣାଣି ଅଧକ୍ଷ / ଅଧକ୍ଷା | ତାରିଖ | ଜନଶୁଣାଣି ପାଇଁ ଧାର୍ଯ୍ୟ ବ୍ଲକର ନାମ |
|---|---|---|---|
| କ | ଖ | ଗ | ଘ |
| ୧ | ଜିଲ୍ଲାପାଳ, ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମୟୂରଭଞ୍ଜ | ୦୯.୦୪.୨୦୨୦ | ଜାମଦା |
| ୨ | ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୂରଭଞ୍ଜ | ୦୯.୦୪.୨୦୨୦ | ବିଜାତଳା |
| | | ୧୫.୦୪.୨୦୨୦ | ମୋରଡା |
| | | ୨୪.୦୩.୨୦୨୦ | ଯଶିପୁର |
| ୩ | ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ | ୨୬.୦୩.୨୦୨୦ | ବାରିପଦା |
| | | ୧୫.୦୪.୨୦୨୦ | କୁଳିଅଣା |
| ୪ | ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ମୟୂରଭଞ୍ଜ | ୧୭.୦୩.୨୦୨୦ | ବଡସାହି |
| | | ୨୫.୦୩.୨୦୨୦ | ବେତନଟୀ |
| ୫ | ଉପଜିଲ୍ଲାପାଳ, ବାରିପଦା | ୧୫.୦୨.୨୦୨୦ | ଖୁଣ୍ଟା |
| | | ୧୯.୦୩.୨୦୨୦ | କପ୍ତିପଦା |
| ୬ | ଉପଜିଲ୍ଲାପାଳ, କରଞ୍ଜିଆ | ୨୧.୦୩.୨୦୨୦ | କରଞ୍ଜିଆ |
| | | ୦୮.୦୪.୨୦୨୦ | ଠାକୁରମୁଣ୍ଡା |
| ୭ | ଉପଜିଲ୍ଲାପାଳ, କପ୍ତିପଦା | ୨୪.୦୩.୨୦୨୦ | ସାରସକଣା |
| | | ୨୧.୦୩.୨୦୨୦ | ବାଙ୍ଗିରିପୋଷି |
| ୮ | ଉପଜିଲ୍ଲାପାଳ, ରାଇରଙ୍ଗପୁର | ୨୭.୦୩.୨୦୨୦ | କୁସୁମୀ |
| | | ୨୯.୦୨.୨୦୨୦ | ବହଳଦା |
| ୯ | ପି.ଏ.ଆଇ.ଟି.ଡି.ଏ, ବାରିପଦା | ୦୮.୦୪.୨୦୨୦ | ଗୋପବନ୍ଧୁ ନଗର |
| | | ୦୭.୦୪.୨୦୨୦ | ଉଦଳା |
| ୧୦ | ପି.ଏ.ଆଇ.ଟି.ଡି.ଏ, କପ୍ତିପଦା | ୨୭.୦୩.୨୦୨୦ | ଶ୍ୟାମାଖୁଣ୍ଟା |
| | | ୧୭.୦୩.୨୦୨୦ | ଶୁଳିଆପଦା |
| ୧୧ | ପି.ଏ.ଆଇ.ଟି.ଡି.ଏ, କରଞ୍ଜିଆ | ୨୯.୦୨.୨୦୨୦ | ଶୁକୁଳି |
| | | ୨୬.୦୩.୨୦୨୦ | ରରୁଆଁ |
| ୧୨ | ପି.ଏ.ଆଇ.ଟି.ଡି.ଏ, ରାଇରଙ୍ଗପୁର | ୦୭.୦୪.୨୦୨୦ | ରାଇରଙ୍ଗପୁର |
| | | ୦୮.୦୪.୨୦୨୦ | ତିରିଙ୍ଗ |
| ୧୩ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୂରଭଞ୍ଜ | ୧୫.୦୨.୨୦୨୦ | ବିଶୋଇ |
| | | ୧୯.୦୩.୨୦୨୦ | ରାସଗୋବିନ୍ଦପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୂରଭଞ୍ଜ

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମୟୂରଭଞ୍ଜ

OIPR-19082/11/0008/1920

**OFFICE OF THE COLLECTOR & DISTRICT MAGISTRATE, NUAPADA**

**(SSD Section)**
**No. 358/ Dt. 01.02.2020**
**ADVERTISEMENT**

Odisha Model Tribal Education Society (OMTES) supported by the ST & SC Development Deptt. invites application from interested and eligible candidate for the following posts at Ekalavya Model Residential School (EMRS), Nuapada. The posts are purely contractual in nature. The details TOR of the posts and the Application form can be obtained from O/o DWO, Nuapada/District website (www.nuapada.nic.in) and OMTES www.omtes.org.

| Name of the post | No. of vacancies |
|---|---|
| 1. PGT (Mathematics) | 01 (Un-Reserved) |
| 2. PGT (Physics) | 01 (Un-Reserved) |
| 3. PGT (Zoology) | 01 (Un-Reserved) |
| 4. PGT Botany | 01 (Un-Reserved) |
| 5. TGT English | 01 (Un-Reserved) |

The application form is to be submitted to the District Welfare Officer, Nuapada on or before 15.02.2020, the application can be submitted by post or in person to the office of District Welfare Officer, Nuapada.

**(By order of Collector, Nuapada)**
**Sd./- District Welfare Officer, Nuapada**

No.: i-61

**Odisha Livelihoods Mission**
**Panchayati Raj & Drinking Water Department**
**Government of Odisha**

**EOI No.: 08/2019-20** **Dated: 01.02.2020**

**REQUEST FOR EXPRESSION OF INTEREST**
**HIRING OF INDIVIDUAL CONSULTANT AS PROJECT CO-ORDINATOR FOR MAHILA KISAN SASHAKTIKARAN PARIYOJANA (MKSP) UNDER ODISHA LIVELIHOODS MISSION**

1. **INTORDUCTION:**
Odisha Livelihoods Mission (OM) is a registered society working under Panchayati Raj Department, Government of Odisha for enhancing the Socio-Economic condition of the rural poor through promotion of Sustainable Livelihoods. The Society is implementing the centrally sponsored scheme "Deendayal Antyodaya Yojana - National Rural Livelihoods Mission" (DAY-NRLM). The project's aim is to enhance Social and Economi status of the rural poor of Odisha in a phased manner through development of self-sustained and community managed institutions.
2. **OBJECTIVE:**
a. MKSP project's main objective is to enhance livelihoods of tribal/rural people through collection, cultivation and commercialization of medicinal plants from eleven blocks in six districts of Odisha State. MKSP have been focusing on Non-Timber Forest Produce (NTFP) which have medicinal value for creating sustainable livelihoods of the women.
b. In order to coordinatre between MART and OLM and further to coordinate between different districts. OLM is seeking to hire a Project Coordinator who will be in charge of assisting our team member in organizing our ongoing activities of the MKSP-Medicinal Plant Project.
c. The individual consultant will be selected in accordance with Individual Consultant Selection (ICS) method set out in the Consultant Guidelines (NRLM Procurement Manual).
d. Further information can be obtained at the address below during the office hours i.e. 10.00 to 17.00 hours and the details TOR and NRLM Procurement Manual can be seen and donwloaded in OLM www.olm.nic.in.
e. In case of any Addendum/Clarification/Extension regarding EOI, the same will be published in the abvoe websites only.
f. Expression of interest in sealed envelope must be delivered in a written form to the address at SMMU office (in Person/Post/Courier) latest by 14.02.2020, 3 P.M. super scribing on the top of the envelope "Name of the applicant with post name".
g. Authority reserves the right to accept or reject any proposal, and to cancel the procurement process and reject all proposals, at any time prior to the award of contract, without assigning any reason thereof.

**Sd./- State Mission Director-cum-CEO**
**SIRD & PR Campus, Unit-VIII, Bhubaneswar-751012, Odisha**
**Tel.: 0674-2560169, e-mail: smmu.olm@gmail.com/procure.olm@gmail.com**
**OIPR - 19001/11/0022/1920**

No. CAD-895

**MARKFED-ODISHA**
**(The Odisha State Cooperative Marketing Federation Ltd.)**
**OLD STATION ROAD, BHUBANESWAR-751006**
Ref. No. 331 [illegible] Date : 31.01.2020

**REQUEST FOR PROPOSAL (RFP)**

MARKFED, Odisha intends to let out its 2 nos. of Multi-Commodity Cold Storage (as is where basis) located at Patia and Rayagada having capacity of 5000 MT each on lease rent basis. Interested professionals/ Societies/Govt. Agencies having experience in the management / operation of Cold Storage may apply in sealed cover super scribing the name of the Cold Storage alongwith RFP number and date addressing to Managing Director, MARKFED so as to reach the same by Speed Post/ Registered Post on or before 12.30 PM of 17.02.2020. Separate RFP is to be submitted for each Cold Storage.
For details please visit Government of Odisha tender website (www.odisha.gov.in) and MARKFED-Odisha website (www. markfedodisha.nic.in.)
Interested parties are advised to visit the aforementioned website for details and other conditions.
Interested bidders are requested to visit tender portal for update information of tender (corrigendum/ addendum etc.).

**Sd/-Managing Director**
OIPR-39017/11/0009/1920

**TENDER NOTICE**

No.:- E-715: The last date of receiving sealed tender by the undersigned for dietary and Miscellaneous articles to be supplied to Govt. T.B. Hospital, Uditnarayanpur, Dist.- Kalahandi for the year 2020-2021, has been fixed to date 25.02.2020 at 4 P.M.
The interested supplier should be registered with Orissa Sales Tax Dept. for Sales Tax or Central Excises of Customs Deptt. for Service Tax wherever applicable. The TI No. (GST) Clearance Certificate must be attached with tender those are required to apply their tender papers to the undersigned prior to the date fixed for tender along with earnest money of Rs.150/- (Rupees One Hundred Fifty Only).

**Sd./- Medical Superintendent**
**Govt. T.B. Hospital, Uditnarayanpur**
**Dist. - Kalahandi**
OIPR - 10047/11/0001/1920

**GOVERNMENT OF ODISHA** No. A-635
**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, BARIPADA IRRIGATION CIRCLE, BARIPADA**
**'e' mail – sebicbpd@gmail.com, Telephone No.06792-240055**
**'e' Procurement Notice No. SEBIC- 01/2019-20**

| Procurement Officer | Name of wok | Bid Identifi-cation No. | Cost of work (Rs. In lakhs) | Bid Security (Rs.) E.M.D. | Cost of bid documents (Rs.) | Class of Contra-ctor | Period of comple-tion | Bid documents available on-line for bidding | | Date of opening of Technical bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Baripada Irrigation Circle, Baripada | Dam protection and Improvement works(DPIW) of Kalo Dam under Mayurbhanj Irrigation Division, Baripada for the year 2019-20 | SEBIC / MID-01 of 2019-20 | 189.92 | 1,90,000/- | 10,000.00 | 'B' Class & 'A' Class' | 6(Six Calendar months) | 05.02.20 from 10..00 AM | 20.02.20 up to 5.00 PM | 24.02.20 at 11.00 AM |

Further details conditions can be seen from the Govt. website www.tendersorissa.gov.in

**Sd./- Superintending Engineer, Baripada Irrigation Circle,Baripada.**
**OIPR-32162/11/0001/1920**

# SUNDAY classifieds




## BRIDE WANTED

Bride wanted for Gudia boy 5'-11" Bank PO, November 1992, established at Bhubaneswar-9938877923. D-68654

Karan (Divorcee) Groom, 35yrs/ 5'6", B.Tech CET Bhubaneswar, MBA XIMB, Manager, Father Doctor, Caste-no-bar, 7008473567. D-67531

Handsome Karan boy 1983/ 5'5", SBI Manager, "VAISNABI", 9238578590, 06742551286. D-68568

**Wanted fair, beautiful Software Engineer Bride for 1982 born fair, handsome, Brahmin Software Engineer working with an MNC in a senior position. Contact: 8658690884.** D-16506

Son Age 30 Cast-no-bar B.Tech, M.Tech, NIT Rourkela Phd work Senior Manager Bajaj Finance at Pune 8144589551. D-16508

Bengali groom 32, 5'10", B.Tech (Electrical) Executive Engineer Jindal, Jajpur required working/ non working bride. Mobile-9853462021. D-69008

## GROOM WANTED

27ବୟସ୍କା Government ଚାକିରି, ଗୋଟିଏ ସନ୍ତାନ ଥିବା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7008080967. D-67929

Govt. Job କରୁଥିବା age- 35 divorcee ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7077495623. D-16446

Bank ଚାକିରିଆ age- 34 ବିଧବା ପୁତ୍ର ସନ୍ତାନ ଥିବା ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। 9178372931. D-16445

Now Matrimonial ads. only on Wednesday & Sunday Book 1 Get 1 FREE

## automobile

## SALE

2017 Swift for sale, immediate at 4.5lakhs fixed price. 8917399909. D-68981

## real estate

## SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/-(installment/ outright)ରେ ମିଳୁଅଛି। 9937025614, 7008390130.** D-68480

SC House ready to move 24,00,000/- Hanspal, Gharabari plot Bhingarpur- 8093465134. D-68653

**4000 sqft. GA plot immediately sale at Surya Nagar, Bhubaneswar, only buyer contact Deepak: 9937329999.** D-68057

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68564

ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି **plot/ AMRI Hospital 30'** ରାସ୍ତାକୁ ଲାଗି କିଣନ୍ତୁ। **9348767829.** D-68482

4/5 BHK Duplex at Balianta. (Construction - 2200 @ 60Lakhs/ 2600 @ 70Lakhs). Finance by Lic. Mplanets: 9938219397, 9861022055. D-16482

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 6ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9777236619. D-16430

30'road boundary, gharabari fully developed plot Gudiapokhari (KEC) 9937166932. D-68565

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର **Tamando** ଥାନାଠାରୁ **1k.m** ଦୂରତାରେ **yellowzone plot** ମିଳୁଅଛି। **8594954102.** D-68485

ନୂଆଗାଁ Petrolpumpରୁ 3km.ରେ ଘରବାରି ପ୍ଲଟ୍ ମିଳୁଛି। 8249776268, 8327774136. D-68566

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ **30'** ରାସ୍ତା **Electricity, boundary plot** ମିଳୁଅଛି। **6372852525.** D-68474

ଭୁବନେଶ୍ୱର କଟଣା ଗେଟ୍ ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

ନୂଆ ତିନିତାଲା ଘର ବିକ୍ରିହେବ। ପ୍ଲଟ୍‌ସାଇଜ୍ 10ft x 43ft ହାତୀଶାଳ, ପୁରୀ। Contact No: 9452684397. D-68569

Book 3BHK duplex having land area 1400 sqft and construction area 2100 sqft, At Nandan Vihar, Patia Bhubaneswar. Price - 77 Lakhs. 9861234908. D-68979

**ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possesion/ registration- 9937819395.** D-68481

1630 sqft residential land for sale, near Police Academy, Dumduma, Near National Highway. Price - 2550 per sqft. Contact : 9861234908. D-68980

**ଭୁବନେଶ୍ୱର ହଂସପାଳଛକରୁ 1.2km. ଦୂରତାରେ ଘରବାରି yellowzone plot 1750sqftକୁ 30,00,000/- ମୌଜା- ହରିଦାସପୁର 9937025111.** D-68484

ବିବାହମଣ୍ଡପ/ Factory କରିବା ପାଇଁ Xavier University, Bhubaneswar ନିକଟରେ 12000 sqft. plot 30,00,000/-ରେ ମିଳୁଛି। 9853150290. D-68567

**In Puri, book a fully furnished flat with modular kitchen just @ 2lakhs. 9078717124.** D-16504

4BHK (2300Sqft) with double parking readymade new luxurious Apartment sale at prime Location of Puri. Please Call : 9438109040, 8144658008. D-16505

Gharabari residential plots eastfacing Tankapaniroad Sai Mandir sqft. 1600/-, possession immediately with boundary walls, booking 2BHK Simplex near BJEM-(2), 16,80,000, 7735738102. D-16483

Email ମାଧ୍ୟମରେ କ୍ଲାସିଫାଏଡ଼ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

## to-let

One Bedroom with attached Kitchen, Toilet near Sailashree Vihar, BBSR. Contact: 7381201037. D-61076

2BHK semi furnished flat on rent in Kalyani Heights, Bhimpur, Pahal, Bhubaneswar. 9437778744. D-68560

Two bedroom ground floor house, Laxmisagar, Bhubaneswar. Contact: 9437075580, 9439205580. D-67282

Area 70x30x16 for godown near Rasulgarh (BBSR). 8917525377. D-16481

## tours & travels

ବୈଷ୍ଣୋଦେବୀ ଓ ଉତ୍ତର ଭାରତ କିମ୍ବା ଶିରିଡିସାଇ, ଶନିମନ୍ଦିର, ଘୃଷ୍ଣେଶ୍ୱର, ତ୍ରୟମ୍ବକେଶ୍ୱର ଓ ବମ୍ବେଦର୍ଶନ ଟ୍ରେନ୍ ଅଥବା ବିମାନଯୋଗେ ମାର୍ଚ୍ଚ ଓ ଏପ୍ରିଲ୍ ପାଇଁ ଯୋଗାଯୋଗ- ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର- 9437090931, 7978044197. D-68333

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-16351

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Rejuvenate and ayurvedic full body massage by smart therapist. 9114402304. D-68946

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Sai herbal spa refresh your body with smart, expert therapist. 7608062524. D-68971

Full body massage with expert therapy gents & ladies 9090377418. D-59944

Refresh your body with smart and expert therapist. Contact: 8457855286. D-68978

Kasturi massage club, fully relaxed by expert lady, home service: 9178845612. D-68771

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Refresh your mind and soul with best therapy at Orchid Salon/Spa. 9937287222. D-68767

Ayurvedic full body massage ladies and gents. Contact: 9861064981. D-68769

Newly open full body massage by ladies, gents therapist. 8018656899 D-60868

Ayurvedic full body massage by ladies, gents therapist. 7008773793 D-60869

Visit now for best Salon Spa Services at Mystic Unisex Spa, Jagamara. 9556978408. D-68982

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

## LOST

ମୁଁ ସୁଚିସ୍ମିତା ସେଠୀ, JNV, ପାଣିକୋଇଲିର ଛାତ୍ରୀ, ମୋର ମାଇଗ୍ରେସନ୍ ସାର୍ଟିଫିକେଟ୍ ନଂ-0780274 ଏବଂ ରୋଲ୍ ନଂ- 6603788 ହଜିଯାଇଛି। ଯେଉଁ ସହୃଦୟ ବ୍ୟକ୍ତି ଏହାକୁ ପାଇବେ ନିମ୍ନ ଫୋନ୍ ନମ୍ବରରେ ଜଣାଇବେ। Ph. No- 9938494964. D-16503

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା



**ସାଇଶ୍ରୀ ସାହୁ**
ଗୋପାଳପୁରପାଟଣା, ସାକ୍ଷୀଗୋପାଳ
ପ୍ରଭୁ ଶ୍ରୀଜଗନ୍ନାଥ, ସାକ୍ଷୀଗୋପୀନାଥ ଓ ଶ୍ରୀରାଧା ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
କେଜେବାପା, କେଜେମା', ଗୁଗୁଲୁ, ବୁବୁଲୁ।
ଧ-୬୭୬୧୪

### ଜନ୍ମଦିନ ଶୁଭେଚ୍ଛା



**ପ୍ରଭାଶିନୀ ଦାଶ**
ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବୋଉ ଦୀର୍ଘାୟୁ ନୀରୋଗୀ ଏବଂ ସୁସର୍ବଦା ଖୁସୀ ରହୁ।
**Happy Birthday Bou**
ଶୁଭେଚ୍ଛା ସହ ଦାଶ ପରିବାର।
ଧ-୧୬୫୦୨

## AFFIDAVIT

I, Saroj Kumar Rout, S/o- Suryamani Rout Residing At-Teldia, PO- Nachhipur, Via- Khaira, Dist- Balasore, Odisha- 756048 that I have changed my name to Smrutiranjan Raut for all future purposes as per vide Affidavit No: 286 Dt:27.01.2020 sworn before Notary N. Behera, Khaira. D-16507

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

### ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



**ସ୍ୱ/କମଳ କୁମାରୀ ବେହେରା (କମଳା)**
ସ୍ୱାମୀ: ଇଂ ରଣଜିତ୍ କୁମାର ବେହେରା
ଏମ୍‌ବି-୯୬, କମଳା ନିଳୟ
ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ : ୦୨.୧୦.୧୯୫୧
ତିରୋଧାନ: ୨୩.୦୧.୨୦୨୦
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
**ଶୋକ ସନ୍ତପ୍ତ**
ସ୍ୱାମୀ, ପୁତ୍ର ଓ ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀମାନେ, ଆତ୍ମୀୟ ସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୬୫୦୧

# ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା



ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟ ଶାସନ ସଚିବ ଆଲୋଚନା କରୁଛନ୍ତି।

## କରୋନା ଭୂତାଣୁ ସଚେତନତା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧।୨(ବ୍ୟୁରୋ)

ରାଜ୍ୟରେ କରୋନା ଭୂତାଣୁ ମୁକାବିଲା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ନେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ଲୋକମାନଙ୍କ ମନରୁ ଭୟ ଦୂର କରିବାକୁ ସଚେତନତା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉପଯୁକ୍ତ ପ୍ରତିରୋଧକ ସତର୍କତା ମାଧ୍ୟମରେ ଏହି ରୋଗକୁ ରୋକାଯାଇ ପାରିବ। ରାଜ୍ୟର ଆଗୁଆ ପ୍ରସ୍ତୁତି ବିଷୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଞ୍ଜ ଧଳ କହିଥିଲେ ଯେ ପ୍ରଥମରୁ ଆକ୍ରାନ୍ତଙ୍କୁ ଚିହ୍ନଟ, ଦୃଢ଼ ପ୍ରତିରୋଧାତ୍ମକ ବ୍ୟବସ୍ଥା ମାଧ୍ୟମରେ ଏହି ରୋଗର ନିରାକରଣ କରାଯାଇ ପାରିବ। ସେହି ଅନୁଯାୟୀ ରାଜ୍ୟର ମେଡିକାଲ କଲେଜଗୁଡ଼ିକରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦେଶାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍‌କୁ ୦୬୭୪-୨୩୯୦୪୬୬ ଏବଂ ମୋବାଇଲ ନଂ-୯୪୩୯୯୯୪୮୫୭ରେ ଯୋଗାଯୋଗ କରିବାକୁ କୁହାଯାଇଛି। ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟକୁ ରୋଗୀ ଚିହ୍ନଟ ଓ ଚିକିତ୍ସା ବିଷୟରେ ଏକ ଗାଇଡଲାଇନ ପଠାଯାଇଛି। ତାଲିମପ୍ରାପ୍ତ ର୍‌ୟାପିଡ ରେସପନ୍ସ ଟିମ୍‌ଙ୍କୁ ପ୍ରସ୍ତୁତ ରଖାଯାଇଛି। ପୁଣେର ଜାତୀୟ ଭୂତାଣୁ ଗବେଷଣା ପ୍ରତିଷ୍ଠାନ(ଏନଆଇଭି) ଏବଂ ଭୁବନେଶ୍ୱରର ଆରଏମ୍‌ଆରସିକୁ ନଭେଲ କରୋନା ପରୀକ୍ଷାର ନୋଡାଲ ସେଣ୍ଟର ଭାବେ ଘୋଷଣା କରାଯାଇଛି। ଚାଇନାରୁ ଭୁବନେଶ୍ୱର ଓ ଝାରସୁଗୁଡା ବିମାନ ବନ୍ଦରକୁ ଆସୁଥିବା ଯାତ୍ରୀମାନଙ୍କୁ ଥର୍ମାଲ ସ୍କ୍ରିନିଂର ବ୍ୟବସ୍ଥା କରାଯାଇଛି। ଚାଇନାରୁ ଆସୁଥିବା ନାଗରିକମାନଙ୍କୁ ପାରାଦୀପ ବନ୍ଦରରେ ଥର୍ମାଲ ସ୍କ୍ରିନିଂ କରାଯାଉଛି। ସେହିପରି ଝାରସୁଗୁଡା ବିମାନ ବନ୍ଦର ଓ ବେଦାନ୍ତ କମ୍ପାନୀରେ ଚାଇନା ନାଗରିକ କାର୍ଯ୍ୟରତ ଥିବାରୁ ସେଠାକାର ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଆଇସୋଲେଶନ ୱାର୍ଡ ଖୋଲାଯାଇଛି।

# ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ସମୀକ୍ଷା ଲାଗି ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୧।୨(ବ୍ୟୁରୋ)

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗ୍ରହ ପ୍ରକାଶ କରିବାପରେ କ୍ୟାବିନେଟ୍ ସଚିବ ରାଜୀବ ଗୌବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବେ। ପ୍ରଧାନମନ୍ତ୍ରୀ ଗତ ୨୨ତାରିଖରେ ପ୍ରଗତି ବୈଠକରେ ଏହି ରେଳ ପ୍ରକଳ୍ପ ସଂକ୍ରାନ୍ତରେ ସମୀକ୍ଷା କରିବାପରେ କାର୍ଯ୍ୟକୁ ତ୍ୱରିତ ଗତିରେ କରିବା ପାଇଁ କହିଥିଲେ। କ୍ୟାବିନେଟ୍ ସଚିବ ଏହି ପ୍ରକଳ୍ପ ନେଇ ରାଜ୍ୟ ସରକାର, ରେଳ ମନ୍ତ୍ରଣାଳୟ ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସହ ସମ୍ପର୍କରେ ଥିବା ଜଣାପଡ଼ିଛି। ଆସନ୍ତା ୨୨ ତାରିଖରେ ଗୌବା ଉକ୍ତ ପ୍ରକଳ୍ପର ସମୀକ୍ଷା କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ପ୍ରସ୍ତାବିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପୂର୍ବ ଓ ପଶ୍ଚିମ ଓଡ଼ିଶା ସହ ଅନ୍ୟ ବିକଶିତ ଅଞ୍ଚଳ ତଥା ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର ଓ ବଲାଙ୍ଗୀରକୁ ସଂଯୋଗ କରିବ। ଶିଳ୍ପ ବିକାଶ କ୍ଷେତ୍ରରେ ଭିତ୍ତିଭୂମି ଯୋଗାଇ ଦେବାକୁ ଏହି ରେଳପଥ ବେଶ୍ ସହାୟକ ହେବ। ବଲାଙ୍ଗୀର ପଟୁ ୩୬ରୁ ୮୦କିମି ପର୍ଯ୍ୟନ୍ତ ରେଳପଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଦଶପଲ୍ଲା-ସୋନପୁର-ବଲାଙ୍ଗୀର ସେକ୍ସନ ଲାଗି ରାଜ୍ୟ ସରକାର ଆଂଶିକ ସହାୟତା ଯୋଗାଉଛନ୍ତି। ଆବଶ୍ୟକ ଥିବା ୬୬୦୦ ହେକ୍ଟର ଜମି ମଧ୍ୟରୁ ୧୭୦୦ ହେକ୍ଟର ଅଧିଗ୍ରହଣ ହୋଇଛି। ଦଶପଲ୍ଲା-ସୋନପୁର-ବଲାଙ୍ଗୀର ସେକ୍ସନ ମିଳିତ ସର୍ଭେକ୍ଷଣ କରାଯାଇଥିବା ସୂଚନା ମିଳିଛି। କ୍ୟାବିନେଟ୍ ସଚିବ ମୁଖ୍ୟତଃ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତି ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଧାର୍ଯ୍ୟ ସମୟରେ କାହିଁକି ପ୍ରକଳ୍ପ କାର୍ଯ୍ୟ ସରୁନି ତା'ର ସମୀକ୍ଷା କରିବେ। ଦଶପଲ୍ଲାଠାରେ ସୃଷ୍ଟି ହୋଇଥିବା ସମସ୍ୟାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଯେହେତୁ ସେଠାରେ ଦଶପଲ୍ଲାରେ ଆବଶ୍ୟକ ପଡୁଥିବା ସମସ୍ତ ଜମି ରେଳବାଇକୁ ହସ୍ତାନ୍ତର କରାସରିଛି ଏହାପରେ କାହିଁକି କାର୍ଯ୍ୟ ଆଗଉ ନାହିଁ ତା'ର ତର୍ଜମା ହେବ। ଫେବୃୟାରୀ ପ୍ରଥମ ସପ୍ତାହରେ କ୍ୟାବିନେଟ୍ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଭୁବନେଶ୍ୱର ଆସିବା ସହିତ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କୁ ଭେଟିବେ। ଏହାସହ କାର୍ଯ୍ୟ ତ୍ୱରିତବେଗ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଦାୟିତ୍ୱ ନେବେ ବୋଲି ଜଣାପଡ଼ିଛି।

# ନନ୍ଦନକାନନ: ମାଣ୍ଡାରିନ ବତକ ମୃତ, ବଜ୍ରକାପ୍ତା ଜନ୍ମ

ବାରଙ୍ଗ,୧।୨(ଡି.ଏନ୍.ଏ.)


ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମାଣ୍ଡାରିନ ବତକର ମୃତ୍ୟୁ ଘଟିଛି। ବିହଙ୍ଗ ସରଣୀର ଏନ୍‌କ୍ଲୋଜର ନଂ. ୭୭(ଏ)ରେ ୮ ମାଣ୍ଡାରିନ ବତକ ରହୁଥିଲେ। ଶନିବାର ସକାଳେ କର୍ମଚାରୀମାନେ ଏନ୍‌କ୍ଲୋଜର ସଫା କରିବାକୁ ଯାଇଥିବାବେଳେ ମାଣ୍ଡାରିନ ବତକଟି ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ସମସ୍ତ ମାଣ୍ଡାରିନ ସୁସ୍ଥ ଥିବାବେଳେ ହଠାତ୍ ଗୋଟିଏର ମୃତ୍ୟୁ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇ ଦେଇଛି। କାରଣ ବର୍ତ୍ତମାନ ବାର୍ଡ ଫ୍ଲୁ ଦେଖାଦେଇଛି। ସଂକ୍ରମଣ ଆଶଙ୍କା କରି କର୍ତ୍ତୃପକ୍ଷ ମଙ୍ଗଳବାରଠାରୁ ପାଦଚଲା ବିହଙ୍ଗ ସରଣୀକୁ ପର୍ଯ୍ୟଟକଙ୍କ ପାଇଁ ସାମୟିକ ଭାବେ ବନ୍ଦ ରଖିଛନ୍ତି। ମାଣ୍ଡାରିନ ବତକଟିର ମୃତ୍ୟୁ ବାର୍ଡ ଫ୍ଲୁ ପାଇଁ ହୋଇଛି ନା ଅନ୍ୟକିଛି କାରଣ ରହିଛି, ତାହା ଜାଣିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛନ୍ତି। ତେବେ ଗୋଟିଏ ମାଣ୍ଡାରିନର ମୃତ୍ୟୁ ପରେ ଏବେ ଏମାନଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ନନ୍ଦନକାନନ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବଜ୍ରକାପ୍ତା ଗୋଟିଏ ଛୁଆ ଜନ୍ମ ଦେଇଛି। ଫଳରେ ଏବେ ବଜ୍ରକାପ୍ତା ସଂଖ୍ୟା ବୃଦ୍ଧି ପାଇ ୨୪ରେ ପହଞ୍ଚିଛି।



ଖୁବ୍‌ଶୀଘ୍ର ଅନୁଷ୍କା ଶର୍ମା ଫିଲ୍ମରେ କ୍ରିକେଟର ଭୂମିକାରେ ନଜରକୁ ଆସିପାରନ୍ତି। ମିଡିଆ ସୂତ୍ର ଅନୁଯାୟୀ, ଭାରତୀୟ ମହିଳା କ୍ରିକେଟ୍‌ର ପୂର୍ବତନ କ୍ୟାପ୍‌ଟେନ୍ ଝୁଲନ୍ ଗୋସ୍ୱାମୀଙ୍କ ଭୂମିକାରେ ଅନୁଷ୍କାଙ୍କୁ ଦେଖିବାକୁ ମିଳିବ। ଏହା ଏକ ବାୟୋପିକ୍ ହୋଇଥିବାବେଳେ ଏନେଇ କୌଣସି ବିଧିବଦ୍ଧ ଘୋଷଣା ହୋଇନାହିଁ।



# ଡବଲ୍ ରୋଲ୍‌ରେ ସିଦ୍ଧାର୍ଥ



**ମୁମ୍ବାଇ:** ଗତ କିଛିବର୍ଷ ହେଲା ବଲିଉଡ୍ ଷ୍ଟାର୍ ସିଦ୍ଧାର୍ଥ ମାଲହୋତ୍ରାଙ୍କ କୌଣସି ଫିଲ୍ମ ବକ୍ସ ଅଫିସ୍‌ରେ ସେଭଳି ଆଖିଦୃଶିଆ ସଫଳତା ହାସଲ କରିପାରିନାହିଁ। ହେଲେ ତାଙ୍କ ହାତରେ ଫିଲ୍ମ ଅଫର୍‌ର ଅଭାବ ନାହିଁ। ଗତବର୍ଷ ତାଙ୍କର ଦୁଇଟି ଫିଲ୍ମ 'ଜବରିୟା ଯୋଡ଼ି' ଏବଂ 'ମର୍‌ଜାୱାଁ' ରିଲିଜ୍ ହୋଇଥିଲା। କିନ୍ତୁ ଦୁଇଟି ଯାକ ଫିଲ୍ମ ଫ୍ଲପ୍ ରହିଲା। ଏହାପରେ ପୁଣି ସିଦ୍ଧାର୍ଥଙ୍କ ହାତରେ ଏକ ବଡ଼ ଫିଲ୍ମର ଅଫର୍ ରହିଛି। ୨୦୧୯ର ସୁପର୍‌ହିଟ୍ ତାମିଲ୍ ଫିଲ୍ମ 'ଥାଡ଼ମ୍'ର ରିମେକ୍‌ରେ ସିଦ୍ଧାର୍ଥଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ସେ ଡବଲ୍ ରୋଲ୍‌ରେ ନଜରକୁ ଆସିବେ। ଫିଲ୍ମ 'ଇତେଫାକ୍' ପରେ ସିଦ୍ଧାର୍ଥଙ୍କ ଏହା ୨ୟ ମର୍ଡର ମିଷ୍ଟ୍ରୀ ଫିଲ୍ମ ବୋଲି କୁହାଯାଉଛି। ଫିଲ୍ମର କାହାଣୀ ଖୁବ୍ ଥ୍ରୀଲିଂ ହୋଇଥିବାବେଳେ ସିଦ୍ଧାର୍ଥ ଏଥିରେ ଦମ୍‌ଦାର ଆକ୍ସନ ଆଉ ଷ୍ଟଣ୍ଟ କରୁଥିବା ମଧ୍ୟ ଦେଖିବାକୁ ମିଳିବ। ପ୍ରଥମଥର ପାଇଁ ଡବଲ୍ ରୋଲ୍‌ରେ ଅଭିନୟ କରୁଥିବା ସିଦ୍ଧାର୍ଥ ଫିଲ୍ମରେ ବ୍ୟବସାୟୀ ଓ ଚୋର ଭୂମିକା ପରଦାକୁ ଆସିବେ। ଏହାବ୍ୟତୀତ ଖୁବ୍‌ଶୀଘ୍ର ଫିଲ୍ମ 'ଶେରଶାହ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି କାର୍‌ଗିଲ୍ ହିରୋ କ୍ୟାପ୍‌ଟେନ୍ ବିକ୍ରମ ବାତ୍ରାଙ୍କ ଜୀବନୀ ଉପରେ ଆଧାରିତ। ଫିଲ୍ମର ପ୍ରଥମ ଲୁକ୍ ରିଲିଜ୍ ହୋଇସାରିଥିବାବେଳେ ଜୁଲାଇ ୩ରେ ଫିଲ୍ମଟି ବଡ଼ପରଦାରେ ରିଲିଜ୍ ହେବ। ଅନ୍ୟପଟେ ଫିଲ୍ମ 'ଥାଡ଼ମ୍' ୨୦୧୯ ମାର୍ଚ୍ଚରେ ରିଲିଜ୍ ହୋଇଥିଲା। ଏଥିରେ ଅରୁଣ ବିଜୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଗତକିଛି ବର୍ଷ ହେଲା ସିଦ୍ଧାର୍ଥଙ୍କ ଫିଲ୍ମଗୁଡ଼ିକୁ ନେଇ ଫ୍ୟାନ୍‌ମାନେ ନିରାଶ ହୋଇରହିଥିବାବେଳେ 'ଶେରଶାହ'କୁ ନେଇ ଅନେକ ଆଶା କରାଯାଉଛି। ସେହିପରି ଅପ୍‌କମିଂ ତାମିଲ୍ ଫିଲ୍ମର ରିମେକ୍ ମଧ୍ୟ ସିଦ୍ଧାର୍ଥଙ୍କ କ୍ୟାରିୟର୍‌କୁ ନୂଆ ଦିଗ ଦେଇପାରେ ବୋଲି ଚର୍ଚ୍ଚା ହେଉଛି।

# ମଦ ପିଇ ବଜେଟ ଉପସ୍ଥାପନ କରିପାରିବେ ମନ୍ତ୍ରୀ




**ନୂଆଦିଲ୍ଲୀ:** ଦେଶରେ ବର୍ଷଯାକର ଖର୍ଚ୍ଚ କେତେ ହେବ ଓ କେଉଁ କେଉଁ କ୍ଷେତ୍ରରେ କରାଯିବ ତାହାର ଏକ ବଜେଟ ପ୍ରସ୍ତୁତ କରିଥାନ୍ତି ପ୍ରାୟ ସବୁଦେଶ। ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାବେଳେ ଭାରତରେ ବଜେଟ ପ୍ରସ୍ତୁତି ଓ ଏହାର ଉପସ୍ଥାପନକୁ ବେଶ୍ ଗୁରୁତ୍ୱ ଦିଆଯାଇଥାଏ। ମାତ୍ର ଏଭଳି ଏକ ଦେଶ ଅଛି, ଯେଉଁଠି ବଜେଟ ଉପସ୍ଥାପନ କରିବା ପୂର୍ବରୁ ଅର୍ଥମନ୍ତ୍ରୀ ଚାହିଁଲେ ମଦ୍ୟପାନ କରିପାରିବେ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ସତ୍ୟ। ବ୍ରିଟେନ୍‌ରେ ଏଭଳି ନିୟମ ରହିଥିବା ଏକ ମିଡିଆ ସୂତ୍ରରୁ ପ୍ରକାଶ। ଏହି ଦେଶର ସଂସଦରେ ବଜେଟ୍ ଉପସ୍ଥାପନ କରୁଥିବା ମନ୍ତ୍ରୀଙ୍କୁ ଚାନ୍‌ସେଲର କୁହାଯାଇଥାଏ। ବ୍ରିଟେନ ସଂସଦ 'ହାଉସ୍ ଅଫ୍ କମନ୍ସ' ପୁସ୍ତକରେ ମନ୍ତ୍ରୀଙ୍କ ମଦ୍ୟପାନକୁ ନେଇ ଏଭଳି କିଛି ନିୟମ ରହିଛି। ଏହି ପୁସ୍ତକରେ ଲେଖାଯାଇଛି ଯେ, ବଜେଟ ଉପସ୍ଥାପନ ପୂର୍ବରୁ କେବଳ ଚାନ୍‌ସେଲର ହିଁ ମଦ୍ୟପାନ କରିପାରିବେ। ତାହା ବି କେବଳ ସେହି ଗୋଟିଏ ଦିନ ପାଇଁ। ଏହାବ୍ୟତୀତ ଅନ୍ୟ କୌଣସି ଦିନ ମଦ୍ୟପାନ କରି ସଂସଦକୁ ଆସିବା ପାଇଁ ତାଙ୍କୁ ଅନୁମତି ନ ଥାଏ। ବହୁବର୍ଷ ପୂର୍ବରୁ ଚାଲି ଆସିଥିବା ଏହି ନିୟମକୁ ସେଠାରେ ଏବେ ଅଯୌକ୍ତିକ ବୋଲି କୁହାଯାଉଛି। ଏହାବ୍ୟତୀତ ସେହି ଦେଶର ଆଉ ଏକ ଆଶ୍ଚର୍ଯ୍ୟଜନକ ଖବର ହେଉଛି, ବ୍ରିଟେନ ସଂସଦରେ ୧୮୬୦ ମସିହାରେ ଚାନ୍‌ସେଲର ୱିଲିୟମ ଗ୍ଲାଡଷ୍ଟୋନ ବଜେଟ ଉପସ୍ଥାପନ କରିବା ପାଇଁ ଏକ ବ୍ରିଫ୍‌କେସ ତିଆରି କରାଇଥିଲେ। ଯାହାକି ୧୦୦ ବର୍ଷ ପର୍ଯ୍ୟନ୍ତ ସଂସଦରେ ବଜେଟ ଉପସ୍ଥାପନ ପାଇଁ ବ୍ୟବହାର କରାଯାଇଥିଲା। ଉକ୍ତ ବ୍ରିଫ୍‌କେସ୍‌ର ନାମ ସ୍କାର୍‌ଲେଟ ଥିଲା।


# କଫିନ୍‌ରୁ ଶୁଭୁଛି 'ମମି'ର ସ୍ୱର

**ନୂଆଦିଲ୍ଲୀ:** ବୁଢ଼ୀ ମା' ଗପପେଡ଼ିରେ ଆପଣ ନିଶ୍ଚୟ ଭୂତପ୍ରେତର କାହାଣୀ ଶୁଣିଥିବେ। ସେହିପରି ହଜାର ହଜାର ବର୍ଷରୁ କଫିନ୍‌ରେ ଥିବା ମମି ହଠାତ୍ ଜିଅନ୍ତା ହୋଇଉଠେ ବା କଥା କହୁଥିବା ଭଳି ଘଟଣା ଫିଲ୍ମରେ ବି ଦେଖିଥିବେ। ଯଦି ଏହି ସବୁ ଘଟଣା ବାସ୍ତବ ଜୀବନରେ ଘଟେ, ନିଃସନ୍ଦେହ ଆପଣ ଡରିଯିବେ। ତେବେ ଏଭଳି କିଛି ଘଟଣା ଦେଖିବାକୁ ମିଳିଛି ବ୍ରିଟେନ୍‌ରେ। ସେଠାରେ କଫିନ୍‌ରେ ଥିବା ମମି ଅଜବ ଗଜବ ସ୍ୱର ବାହାର କରୁଥିବା ଜଣାପଡ଼ିଛି। ଘଟଣାଟି ପ୍ରଘଟ ହେବା ପରେ ବୈଜ୍ଞାନିକମାନେ ମମିର ସ୍ୱରକୁ ରେକର୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରକୃତରେ ବ୍ରିଟେନ୍‌ର ଲୀଡ୍ ସହରସ୍ଥିତ ଏକ ମ୍ୟୁଜିୟମ୍‌ରେ ଏଭଳି ଘଟଣା ସାମ୍ନାକୁ ଆସିଛି। ସେଠାରେ ଏକ ମମି ରଖାଯାଇଛି, ଯାହାର ନାଁ ନିସିୟାମୁନ୍ ଅଟେ। ୩ ହଜାର ବର୍ଷ ପୁରୁଣା ଏହି ମମି ହେଉଛି ମିଶର ରାଜା ଫାରୋ ରାମ୍‌ସେସ୍-୧୧ଙ୍କ ପୂଜାରୀଙ୍କ ମରଶରୀର। ପୂଜାରୀ ଜଣକ ରାଜାଙ୍କ ପାଇଁ ଖବର ଓ ବାର୍ତ୍ତା ଆଣିବା ସହ ଧାର୍ମିକ ସଙ୍ଗୀତ ପରିବେଷଣ କରି ମଧ୍ୟ ଶୁଣାଉଥିଲା। ସେ ରାଜାଙ୍କ ସଚ୍ଚା ସେବକ ଥିଲେ ବୋଲି କଫିନ୍‌ରେ ମଧ୍ୟ ଲେଖାହୋଇଥିବା ଜଣାପଡ଼ିଛି। ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ୍ ମିଡିଆରେ ପ୍ରଘଟ ତଥ୍ୟାନୁଯାୟୀ ଏହା ଲୋକଲୋଚନକୁ ଆସିଛି।



ତେବେ ବୈଜ୍ଞାନିକ ଡେଭିଡ୍ ହାୱାର୍ଡଙ୍କ କହିବା ଅନୁସାରେ, "ଯେତେବେଳେ ମମିକୁ ଛୁଇଁ ପବନ ବହିବା ଆରମ୍ଭ ହୁଏ, ସେତେବେଳେ ଅଜବ ଗଜବ ସ୍ୱର ସୃଷ୍ଟି ହୋଇଥାଏ। ଏଥିପାଇଁ ଆମେ ମମିଠାରୁ ଶୁଣାଯାଉଥିବା ଏହି ସ୍ୱରକୁ ରେକର୍ଡ କରିବାକୁ ସ୍ଥିର କଲୁ। ପ୍ରଥମେ ଆମେ ମମିର କଣ୍ଠର ସିଟି ସ୍କାନ୍ କରାଇଲୁ ଏବଂ ପରେ ଥ୍ରୀ-ଡି-ପ୍ରିଣ୍ଟର ମାଧ୍ୟମରେ ତାଙ୍କର ଭୋକାଲ୍ କର୍ଡ ତିଆରି କଲୁ। ଏହା ପରେ ମମିର କଣ୍ଠରୁ ସ୍ୱର ସୃଷ୍ଟି କରାଗଲା।" ହାୱାର୍ଡ ପୁଣି କହିଛନ୍ତି, "ଏହାଦ୍ୱାରା ମମିର କଣ୍ଠରୁ ହାଇ ମାରିବା ଭଳି ସ୍ୱର ସୃଷ୍ଟି ହୋଇଥିଲା। ଠିକ୍ ଯେପରି ପବନ ବହିଲେ ହାଲୁକା ଶବ୍ଦ ସୃଷ୍ଟି ହୋଇଥାଏ।" ଏହି ସ୍ୱରକୁ ବୈଜ୍ଞାନିକମାନେ ରେକର୍ଡ କରିଥିବାବେଳେ ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ମଧ୍ୟ ଖୁବ୍ ଭାଇରାଲ୍ ହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି, ସିଟି ସ୍କାନ୍ କରାଗଲା ପରେ ଜଣାପଡ଼ିଲା ଯେ, ମମିର ଜିଭର କିଛି ଅଂଶ ନାହିଁ। ତେବେ କାହିଁକି ଜିଭର କିଛି ଭାଗ ଗାଏବ ଥିଲା ତା'ର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ହଜାର ହଜାର ବର୍ଷ ଭିତରେ ମମିର ଜିଭ ହୁଏତ ଶଢ଼ିଯାଇ ଥାଇପାରେ ବୋଲି ଅନୁମାନ କରାଯାଉଛି।

# 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର୍-୩'ରେ ଅଲାୟା



**ମୁମ୍ବାଇ:** ବଲିଉଡ୍‌ରେ ଆଜିକାଲି ଚାଲିଛି ଷ୍ଟାର୍ କିଡ୍‌ଙ୍କ ଜମାନା। ଆଲିୟା ଭଟ୍ଟ, ବରୁଣ ଧାୱନ, ଜାହ୍ନବୀ କପୁର, ସାରା ଅଲି ଖାନ୍, ଅନନ୍ୟା ପାଣ୍ଡେ, ଆର୍ୟ୍ୟନ ଖାନ୍‌ଙ୍କ ଭଳି ଅନେକ ଷ୍ଟାର୍ କିଡ୍ ହିନ୍ଦୀ ସିନେମା ଜଗତରେ ଏବେ ରାଜ୍ କରୁଛନ୍ତି। ଏହି ତାଲିକାରେ ଏବେ ସାମିଲ ହୋଇଯାଇଛି ଆଉ ଏକ ନାମ। ପୂଜା ବେଦୀଙ୍କ ଝିଅ ଅଲାୟା ଫର୍ନିଚରୱାଲା, ଯାହାଙ୍କୁ ନେଇ ବି-ଟାଉନ୍‌ରେ ଖୁବ୍ ଚର୍ଚ୍ଚା। ଖାଲି ବି-ଟାଉନ୍ କାହିଁକି ସୋସିଆଲ୍ ମିଡିଆରେ ମଧ୍ୟ ଅଲାୟା ନିଜ ଗ୍ଲାମର୍ସ ଅବତାରରେ ସମସ୍ତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

ଫିଲ୍ମ 'ଜୱାନୀ ଜାନେମନ'ରୁ ବଲିଉଡ୍ ଡେବ୍ୟୁ କରିଛନ୍ତି ଅଲାୟା ଫର୍ନିଚରୱାଲା। ସୈଫ୍ ଅଲି ଖାନ୍ ଏବଂ ତବୁ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଗତ ୩୧ ତାରିଖରେ ଫିଲ୍ମଟି ରିଲିଜ୍ ହୋଇସାରିଛି। ଯଦିଓ ଫିଲ୍ମଟି ସିନେ କ୍ରିଟିକ୍ସ ଏବଂ ଦର୍ଶକଙ୍କ ମିକ୍ସ ରିଭ୍ୟୁ ହାସଲ କରିବାରେ ସଫଳ ହୋଇପାରିଛି, ହେଲେ ଅଲାୟା କିନ୍ତୁ ନିଜ ଡେବ୍ୟୁ ସହ ଦର୍ଶକଙ୍କ ହୃଦୟ ଜିତିସାରିଛନ୍ତି।

ସେପଟେ ସୋସିଆଲ ମିଡିଆରେ ମଧ୍ୟ ଅଲାୟାଙ୍କ ଗ୍ଲାମ୍ ଲୁକ୍‌କୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରୁଛନ୍ତି। ଏହାସହ ଫିଲ୍ମ ଦୁନିଆରେ ମଧ୍ୟ ତାଙ୍କୁ ଭଲ ରେସ୍ପନ୍ସ ମିଳିଛି। ଏପରି କି ନିର୍ଦ୍ଦେଶକମାନଙ୍କ ନଜର ମଧ୍ୟ ଅଲାୟାଙ୍କ ଉପରେ ରହିଛି। ଆଗକୁ ଅନେକ ଭଲ ଅଫର୍ ଅଲାୟାଙ୍କୁ ମିଳିପାରେ।

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ସିକ୍ୱେଲ୍‌ରେ ଅଲାୟା ନଜରକୁ ଆସିବେ। ଗ୍ରୀଷ୍ମଋତୁରେ ବ୍ୟାଙ୍କକ୍‌ରେ ଫିଲ୍ମର ଶୁଟିଂ ଆରମ୍ଭ ହୋଇପାରେ। ତେବେ 'ଜୱାନୀ ଜାନେମନ' ଫିଲ୍ମଟି ବାପା-ଝିଅଙ୍କ ସମ୍ପର୍କ ଉପରେ ଆଧାରିତ ଥିଲା। ନୀତିନ କକ୍କଡ୍ ଏହାର ନିର୍ଦ୍ଦେଶନା ଦେଇଥିଲେ।

# ଜୈବ ବିବିଧତାର ସଂରକ୍ଷଣ କରେ ଆର୍ଦ୍ରଭୂମି

## ବିଶ୍ୱ ଆର୍ଦ୍ରଭୂମି ଦିବସ

୨ ଫେବୃୟାରୀ ୧୯୭୧ରେ ଇରାନର ରାମସରରେ ବିଭିନ୍ନ ଦେଶ ଏକାଠି ହୋଇ ବିଶ୍ୱର ଆର୍ଦ୍ରଭୂମି ସଂରକ୍ଷଣ ଲାଗି ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିନକୁ ସ୍ମରଣ କରି ଓ ଆର୍ଦ୍ରଭୂମିକୁ ସଂରକ୍ଷଣ କରିବା ପାଇଁ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ କରାଯାଉଛି। ରାମସର ଚୁକ୍ତି ଅନୁସାରେ ବର୍ଷର ୮ ମାସ ସନ୍ତସନ୍ତିଆ ରହୁଥିବା ଅଞ୍ଚଳକୁ ଆର୍ଦ୍ରଭୂମି କୁହାଯାଏ। ଆର୍ଦ୍ରଭୂମିର ସୁରକ୍ଷା ଯୋଗୁ ଜୈବବିବିଧତାର ସୁରକ୍ଷା ହୋଇଥାଏ। ଆର୍ଦ୍ରଭୂମି ମଧ୍ୟ ଜଳକୁ ପ୍ରଦୂଷଣମୁକ୍ତ କରିଥାଏ। ଏହା ମୁଖ୍ୟତଃ ବିଲୁପ୍ତପ୍ରାୟ ପକ୍ଷୀ, ଉଦ୍ଭିଦ ଓ କୀଟଙ୍କର ଆବାସସ୍ଥଳୀ ପାଲଟିଥାଏ। ଏହି ଭୂମି ଶୀତକାଳୀନ ପକ୍ଷୀମାନଙ୍କର ମୁଖ୍ୟ ବାସସ୍ଥଳୀ। ଏଣୁ ଆର୍ଦ୍ରଭୂମିକୁ ବାୟୋଲୋଜିକାଲ ସୁପର୍‌ମାର୍କେଟ କୁହାଯାଏ। ଭୂତଳ ଜଳ ବୃଦ୍ଧିକରିବାରେ ଆର୍ଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅଞ୍ଚଳ ସାମୁଦ୍ରିକ ଝଡ଼ର ପ୍ରକୋପକୁ ହ୍ରାସ କରିଥାଏ।

ଭାରତରେ ଆର୍ଦ୍ରଭୂମି ଜୈବବିବିଧତା ସଂରକ୍ଷଣରେ ପ୍ରମୁଖ ଭୂମିକା ନିଭାଉଛି। ମୋଟରେ ଦେଶରେ ୨୬ଟି ଆର୍ଦ୍ରଭୂମିକୁ ରାମସର ଚକ୍ତି ମୁତାବକ ଅଧିସୂଚିତ କରାଯାଇଛି। ରାମ୍‌ସର ଆର୍ଦ୍ରଭୂମିର ନିୟମ ଅନୁସାରେ ଯେଉଁ ଆର୍ଦ୍ରଭୂମି ବିପଦରେ ରହିଥିବ ତାହାକୁ ଏଥିରେ ସାମିଲ କରାଯାଇପାରିବ। ଏହାକୁ ଲକ୍ଷ୍ୟ କରି ଭାରତ ସରକାର ଏବେ ବିପଦରେ ଥିବା ରାଜସ୍ଥାନର କେବଲାଦେବ ଓ ମଣିପୁରର ଲୋକଟକ ହ୍ରଦକୁ ଏଥିରେ ସାମିଲ କରିଛନ୍ତି। ୧୯୮୩ରେ ଓଡ଼ିଶାର ଚିଲିକା ହ୍ରଦକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ପରେ ଜୈବବିବିଧତାର ମୁଖ୍ୟସ୍ଥଳ ପାଲଟିଥିବା ଚିଲିକା ଦୁଇଥର ରାମସର ପୁରସ୍କାର ଲାଭ କରିଛି। ୨୦୧୧ରେ ଭାରତ ସରକାର ଆର୍ଦ୍ରଭୂମି ସଂରକ୍ଷଣ ଓ ପ୍ରବନ୍ଧନ ଅଧିନିୟମ ୨୦୧୦ର ଅଧିସୂଚନା ଜାରି କରିଛନ୍ତି। ଏହା ଅନୁସାରେ ଦେଶର ଆର୍ଦ୍ରଭୂମିକୁ ୬ ଭାଗରେ ବିଭକ୍ତ କରାଯାଇଛି। ଆର୍ଦ୍ରଭୂମି ନିୟାମକ ପ୍ରାଧିକରଣ ପ୍ରତିଷ୍ଠା ମଧ୍ୟ କରାଯାଇଛି। ଏଥିରେ ଅଧ୍ୟକ୍ଷଙ୍କ ସମେତ ୧୨ ଜଣ ସଦସ୍ୟ ରହିଛନ୍ତି। ଏହି ଅଧିନିୟମ ଅନୁସାରେ ଭାରତରେ ୩୮ଟି ନୂଆ ଆର୍ଦ୍ରଭୂମି ଚିହ୍ନଟ କରାଯାଇଛି। ଜୈବବିବିଧତାର ସଂରକ୍ଷଣ ପାଇଁ କେବଳ ଭାରତ ନୁହେଁ ସାରା ବିଶ୍ୱ ଆର୍ଦ୍ରଭୂମିର ଆବଶ୍ୟକତାକୁ ଭଲ ଭାବେ ଉପଲବ୍ଧି କରିପାରିଛି।



# ମକା ଓ ଗ୍ଲିସେରିନ୍‌ରୁ ପ୍ଲାଷ୍ଟିକ୍



**ରାୟପୁର:** ରାୟପୁରସ୍ଥିତ ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି(ଏନ୍‌ଆଇଟି)ର ତିନିଜଣ ଛାତ୍ର ମକା, ଗ୍ଲିସେରିନରୁ ପ୍ରସ୍ତୁତ କରିଛନ୍ତି ଏକ ପ୍ରକାର ପ୍ଲାଷ୍ଟିକ। ଏହା ମାଟିରେ ବର୍ଷକ ମଧ୍ୟରେ ପୂରା ବିଘଟିତ ହୋଇପାରୁଛି। ଏହି ପ୍ଲାଷ୍ଟିକ ପରିବେଶ ପାଇଁ ବି କୌଣସି କ୍ଷତି ପହଞ୍ଚାଇବ ନାହିଁ ବୋଲି କୁହାଯାଇଛି। ଛାତ୍ରମାନେ ସେମାନଙ୍କ ଟିମ୍‌ର ନାମ ରଖିଛନ୍ତି 'ରିକଭର୍ସ' ଓ ଏହାର ମୁଖ୍ୟ ନିଖିଲ ବର୍ମା ରହିଥିବାବେଳେ ଏଥିରେ କୃଷ୍ଣେନ୍ଦୁ ଓ ନିହାଲ ପାଣ୍ଡେ ରହିଛନ୍ତି। ପରିବେଶକୁ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକ ବଦଳରେ ଏହାକୁ ବ୍ୟବହାର କରିବା ଲକ୍ଷ୍ୟ ନେଇ ସେମାନେ ଏଭଳି ପ୍ଲାଷ୍ଟିକ୍ ଆବିଷ୍କାର କରିଛନ୍ତି ବୋଲି କୁହନ୍ତି ନିଖିଲ। ବଜାରରେ ଉପଲବ୍ଧ ହେଉଥିବା ପ୍ଲାଷ୍ଟିକଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏବେ ଉପଲବ୍ଧ ପ୍ଲାଷ୍ଟିକ୍ ବିଘଟିତ ହେବା ପାଇଁ ଶହେ ବର୍ଷ ଲାଗୁଥିବାବେଳେ ଏହି ପ୍ଲାଷ୍ଟିକ ମାଟିରେ ଶତ ପ୍ରତିଶତ ମିଶିଯିବ ବୋଲି କହିଛନ୍ତି ନିଖିଲ। ଏହାର ଦାମ୍ ବି କମ୍ ରହିବ। ୩ ମାସ ମଧ୍ୟରେ ପ୍ରସ୍ତୁତ କରାଯାଇଥିବା ଏହି ପ୍ଲାଷ୍ଟିକ୍ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବିକଳ୍ପ ହୋଇପାରିବ ବୋଲି କୁହାଯାଇଛି। ଏନ୍‌ଆଇଟି ଲାବରେଟୋରିରେ ଏହାକୁ ପରୀକ୍ଷା କରାଯାଇଛି ଓ ଏଥିରେ ସଫଳତା ମଧ୍ୟ ମିଳିଛି। ଏହି ପ୍ଲାଷ୍ଟିକକୁ ବଜାରରେ ଉପଲବ୍ଧ କରିବା ସେମାନଙ୍କ ଲକ୍ଷ୍ୟ ରହିଛି ବୋଲି କୁହନ୍ତି ନିଖିଲ। ଏହି ଆବିଷ୍କାର ଲାଗି ଏନଆଇଟିରେ ଆୟୋଜିତ ପୁକାର ଗୋ ଗ୍ରୀନ୍ ଫେଷ୍ଟରେ ରିକଭର୍ସଙ୍କୁ ପୁରସ୍କାର ମିଳିଛି।

# ଗୋଲାପର ସୁଗନ୍ଧ ଦିଏ ସ୍ମୃତିଶକ୍ତି, ସୁଖନିଦ୍ରା

**ନୂଆଦିଲ୍ଲୀ:** ଫୁଲର ବାସ୍ନା କାହାକୁ ବା ଭଲ ନ ଲାଗେ। ଏହାକୁ ଦେଖିଦେଲେ ମନରେ ଏକ ସ୍ଫୂର୍ତ୍ତି ଆସିଯାଏ। ହେଲେ ଗୋଲାପ ଫୁଲକୁ ନେଇ ଏବେ ଏକ ନୂତନ ତଥ୍ୟ ସାମ୍ନାକୁ ଆସିଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଗୋଲାପର ସୁଗନ୍ଧ ପାଠପଢ଼ାରେ ଅଧିକ ଆଗ୍ରହ ସୃଷ୍ଟି କରିବା ସହ ସୁଖନିଦ୍ରାରେ ମଧ୍ୟ ସହାୟକ ହୋଇଥାଏ। ଓପନ୍ ଆକ୍ସେସ୍ ଜର୍ନାଲ୍‌ରେ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଏଥିରେ ଦୁଇଟି ଶ୍ରେଣୀର ପିଲାଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା। ପିଲାମାନେ ଇଂଲିଶ୍ ଭୋକାବୁଲାରି ପଢୁଥିବା ସମୟରେ ଗୋଟିଏ ଶ୍ରେଣୀର ପିଲାଙ୍କ ନିକଟରେ ଗୋଲାପ ଫୁଲର ସୁଗନ୍ଧ ଥିବା କାଠି ରଖାଯାଇଥିଲା ଏବଂ ଅନ୍ୟ ଶ୍ରେଣୀର ପିଲାମାନେ ବିନା ସୁଗନ୍ଧରେ ପଢ଼ିଥିଲେ। ଶେଷରେ ଏହା ସ୍ପଷ୍ଟ ହୋଇଥିଲା ଯେ, ସୁଗନ୍ଧିତ ପରିବେଶରେ ପାଠ ପଢ଼ିଥିବା ପିଲାମାନେ ଅନ୍ୟ ଶ୍ରେଣୀ ତୁଳନାରେ ଭୋକାବୁଲାରିକୁ ଅଧିକ ମନେ ରଖିଥିଲେ। ସୁଗନ୍ଧ ତଥା ବାସ୍ନା ଦୈନନ୍ଦିନ ଜୀବନରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ, ଏହା ଏହି ସର୍ଭେରୁ ସ୍ପଷ୍ଟ ହୋଇଥିବା ମୁଖ୍ୟ ଗବେଷକ ଡ. ଜର୍ଜେନ୍ କର୍ନମାୟର୍ ପ୍ରକାଶ କରିଛନ୍ତି। ସର୍ଭେରେ ୫୪ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିଲା। ପିଲାଙ୍କୁ ଭୋକାବୁଲାରି ପଢ଼ିବା ସମୟରେ, ଶୋଇବା ସମୟରେ ଏବଂ ପରୀକ୍ଷା ସମୟରେ ନିଜ ଡେସ୍କ ନିକଟରେ ସୁଗନ୍ଧିତ ଗୋଲାପ କାଠି ରଖିବା ପାଇଁ କୁହାଯାଇଥିଲା। ସୁଗନ୍ଧିତ କାଠି ରଖାଯାଇଥିବା ପିଲାଙ୍କ ପଢ଼ାରେ ୩୦% ଉନ୍ନତି ଘଟିଥିବା ସର୍ଭେ ଟିମ୍‌ର ଫ୍ରାନ୍‌ଜିସ୍କା ନିଉମାନ୍ କହିଛନ୍ତି। ଗୋଲାପର ସୁଗନ୍ଧ ପିଲାଙ୍କ ପରୀକ୍ଷା ସମୟରେ ବ୍ୟବହାର କରିବା ଦ୍ୱାରା ସ୍ମୃତିଶକ୍ତି ବଢ଼ାଇବାରେ ସହାୟକ ହୋଇପାରିବ ବୋଲି ଏଥିରେ ପରାମର୍ଶ ଦିଆଯାଇଛି।



“ଶାକାହାରୀ ଭୋଜନ ଶକ୍ତି ସାମର୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ। ଏହା ମୁଁ ନିଜେ ଅନୁଭବ କରିଛି।

–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି



“ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱଳ୍ପ ବୟସ୍କା ସୋଫିଆ କେନିନଙ୍କଠାରୁ ହାରିଥିଲେ ସୁଦ୍ଧା ମୁଁ ଅନୁତପ୍ତ ନୁହେଁ ।

–ଗାର୍ବାଇନ ମୁଗୁରୁଜା, ସ୍ପାନିଶ ଟେନିସ ଖେଳାଳି



## ସଂକ୍ଷେପରେ

### ଆଣ୍ଡୋରା ପାଇଁ ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଲେ କାସିଣ୍ଟସେଭା

**ମେଲବୋର୍ନ, ୧।୨ (ଏଏଫ୍‌ପି):** ୟୁରୋପର ଅନ୍ୟତମ କ୍ଷୁଦ୍ର ଦେଶ ଆଣ୍ଡୋରା ପାଇଁ ପ୍ରଥମ ଗ୍ରାଣ୍ଡସ୍ଲାମ ସଫଳତା ଆଣିଦେଇଛନ୍ତି ୧୪ ବର୍ଷୀୟା ଭିକ୍ଟୋରିଆ ଜିମେଞ୍ଜ କାସିଣ୍ଟସେଭା। ଶନିବାର ସେ ଅଷ୍ଟ୍ରେଲିଆନ ଓପନ ବାଳିକା ଟୁର୍ନାମେଣ୍ଟ ଜିତିଛନ୍ତି। ଏ ବର୍ଷ ଡ୍ର'ରେ ଜିମେଞ୍ଜ କାସିଣ୍ଟସେଭା ଥିଲେ ସର୍ବ କନିଷ୍ଠା। ଫାଇନାଲରେ ସେ ୧୭ ବର୍ଷୀୟା ପୋଲ୍ ଭିରୋନିକା ବାସ୍‌ଜାକ୍‌ଙ୍କୁ ୫-୭, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୨ଘଣ୍ଟା ଓ ୪ ମିନିଟ୍ ଧରି ଚାଲିଥିଲା। ଟୁର୍ନାମେଣ୍ଟ ମୋ ପାଇଁ କଷ୍ଟକର ଥିଲା। ଏଠାରେ ଟାଇଟଲ ଜିତିବା ମୋ କଳ୍ପନା ବାହାରେ ଥିଲା ବୋଲି ଜିମେଞ୍ଜ କାସିଣ୍ଟସେଭା ପ୍ରକାଶ କରିଛନ୍ତି। ଆଣ୍ଡୋରା ସ୍ପେନ ଓ ଫ୍ରାନ୍ସ ମଧ୍ୟଭାଗରେ ଅବସ୍ଥିତ। ବାର୍ସିଲୋନାଠାରେ ତାଙ୍କ ବାପାଙ୍କର ଏକ ଟେନିସ ଏକାଡେମୀ ରହିଛି।

### ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ବିଜେଇଏମ, କିସ୍ ବିଜୟୀ

**ଭୁବନେଶ୍ୱର, ୧।୨(କ୍ରୀଡ଼ା ପ୍ରତିନିଧି):** ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ବିଜେଇଏମ ଓ କିସ୍ ସ୍କୁଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ବିଜେଇଏମ ୮୫ ରନରେ ବଧିରଙ୍କ ପାଇଁ ଉଦ୍ଦିଷ୍ଟ ବିବିସିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବିଜେଇଏମ ୨୨ ଓଭରରେ ୩ ଉଇକେଟ ହରାଇ ୨୦୩ ରନ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ସ୍ୱାଇଁ ସର୍ବାଧିକ ୯୦ ଓ ପ୍ରିୟବ୍ରତ ଦାସ ୬୯ ରନ କରିଥିଲେ। ଜବାବରେ ବିବିସି ସ୍କୁଲ ୧୮.୫ ଓଭରରେ ୧୧୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଧନଞ୍ଜୟ ଜେନା ୩୧ ଓ ରାହୁଲ ଜେନା ୨୭ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ସୁଦର୍ଶନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କିସ୍ ୨୧୦ ରନରେ ୟଙ୍ଗ୍ ଫୋଏନିକ୍ସ ସ୍କୁଲକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କିସ୍ ରମେଶ ମେଲକା(୬୭ ବଲ୍‌ରୁ ୧୨୫ ରନ)ଙ୍କ ଶତକ ବଳରେ ୨୨ ଓଭରରେ ୨ ଉଇକେଟ ହରାଇ ୨୬୪ ରନ କରିଥିଲା। ଅଶ୍ୱିନି କୁମାର ଦଳାଇ ୮୦ ରନ କରିଥିଲେ। ଜବାବରେ ୟଙ୍ଗ ଫୋଏନିକ୍ସ ୫୪ ରନକରି ଅଲଆଉଟ ହୋଇ ଯାଇଥିଲା। ଦ୍ରୁତ ଶତକୀୟ ଇନିଂସ ପାଇଁ ରମେଶ ମେଲକା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

# କେନିନ୍‌ଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ

**ମେଲବୋର୍ନ,୧।୨(ଏଏଫ୍‌ପି)**



ସୋଫିଆ କେନିନ

୨୧ ବର୍ଷୀୟ ଆମେରିକୀୟ ମହିଳା ଟେନିସ ତାରକା ସୋଫିଆ କେନିନ୍ ଏଥର ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ସେ ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟିନୀ ସ୍ପେନ୍ ଅଭିଜ୍ଞ ଖେଳାଳି ଗାର୍ବାଇନ ମୁଗୁରୁଜାଙ୍କୁ ପରସ୍ତ କରି ଟାଇଟଲ ହାସଲ କରିଛନ୍ତି। ୧୪ତମ ସିଡ୍ କେନିନ ୪-୬, ୬-୨,୬-୨ ସେଟ୍‌ରେ ମୁଗୁରୁଜାଙ୍କୁ ହରାଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇ କେନିନ ବାଜି ମାରିଛନ୍ତି। ବିଜୟୀ ହେବା ପାଇଁ କେନିନ୍‌ଙ୍କୁ ୨ ଘଣ୍ଟା ୩ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳିଭାବେ କେନିନ୍ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ ମଧ୍ୟ ଶେଷରେ ସେ ବାଜି ମାରିଛନ୍ତି।

କେନିନ ଏବେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ସପ୍ତମ ସ୍ଥାନକୁ ଉଠିବା ନିଶ୍ଚିତ ହୋଇଛି। ପୂର୍ବରୁ ଅନ୍ୟତମ ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେମିଫାଇନାଲରେ କେନିନ୍ ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଆଶଲେ ବାର୍ଟିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା।

ଶେଷରେ ସ୍ୱପ୍ନ ପୂରଣ ହୋଇଛି ବୋଲି ବିଜୟ ହାସଲ ପରେ କେନିନ କହିଛନ୍ତି। ବହୁତ ଖୁସି ଅଛି ଓ ଏବେ ଭାବନା ପ୍ରକାଶ କରିପାରିବି ନାହିଁ ବୋଲି ମସ୍କୋ ଜନ୍ମିତ କେନିନ କହିଛନ୍ତି। ସ୍ୱପ୍ନ ସତରେ ପରିଣତ ହୋଇଛି। ତେବେ ସଫଳତା ପାଇଁ ବଡ଼ ସ୍ୱପ୍ନ ଦେଖିବାକୁ ହୁଏ ବୋଲି ସେ କହିଛନ୍ତି। ଅପରପକ୍ଷରେ ୨୬ ବର୍ଷୀୟ ଅଣସିଡ ମୁଗୁରୁଜା ଗତ ୧୮ ମାସ ହେବ ଫର୍ମରେ ନ ଥିଲେ। ମୁଗୁରୁଜା ପୂର୍ବରୁ ୨୦୧୬ ଫ୍ରେଞ୍ଚ ଓପନ ଓ ୨୦୧୭ ୱିମ୍ବଲେଡ଼ନ ଟାଇଟଲ ହାସଲ କରିଥିଲେ। ପରାଜୟରେ ମୁଗୁରୁଜା ଅସନ୍ତୋଷ ଜାହିର କରିଛନ୍ତି। ଫାଇନାଲରେ କେନିନ କିନ୍ତୁ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲେ। ୨୧ ବର୍ଷ ୮୦ ଦିନରେ ପଦାର୍ପଣ କରିଥିବା କେନିନ୍ ଜାପାନର ନାଓମି ଓସାକା ଯେତେବେଳେ ଗତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଥିଲେ ତାଙ୍କଠାରୁ ୨୨ ଦିନ ବୟସରେ ଛୋଟ ହେବେ। ରୁଷିଆର ମାରିଆ ଶାରାପୋଭାଙ୍କ ପରେ କେନିନ୍ ସର୍ବକନିଷ୍ଠ ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ବିବେଚିତ ହୋଇଛନ୍ତି। ଶାରାପାଭା ୨୦୦୮ରେ ମାତ୍ର ୨୦ ବର୍ଷରେ ଏହି ଟାଇଟଲ ହାସଲ କରିଥିଲେ।

## ଜୋକୋଭିଚ୍-ଥିମ୍ ଫାଇନାଲ



ଡୋମିନିକ୍ ଥିମ୍ ଓ ନୋଭାକ ଜୋକୋଭିଚ୍।

**ମେଲବୋର୍ନ,୧।୨(ଏଏଫ୍‌ପି):** ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଟାଇଟଲ ପାଇଁ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଦ୍ୱିତୀୟ ସିଡ ସର୍ବିୟା ତାରକା ଖେଳାଳି ନୋଭାକ ଜୋକୋଭିଚ୍ ଓ ୨୬ ବର୍ଷୀୟ ପଞ୍ଚମ ସିଡ୍ ଅଷ୍ଟ୍ରିଆର ଡେମିନିକ୍ ଥିମ୍ ମୁହାଁମୁହିଁ ହେବେ। ସେମିଫାଇନାଲରେ ଜୋକୋଭିଚ୍ ଅଭିଜ୍ଞ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କୁ ଓ ଥିମ୍ ଜର୍ମାନୀ ଆଲେକଜାଣ୍ଡର ଜେଭରେଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଫାଇନାଲରେ ଜୋକୋଭିଚ୍ ଫେଭରାଇଟ୍ ବିବେଚିତ ହେଉଛନ୍ତି।

୩୨ ବର୍ଷୀୟ ଜୋକୋଭିଚ୍ ଏପର୍ଯ୍ୟନ୍ତ ୭ଟି ଅଷ୍ଟ୍ରେଲିଆନ ଓପନ୍ ଫାଇନାଲ ମ୍ୟାଚ୍ ଖେଳିଛନ୍ତି ଓ ସବୁଥିରେ ବାଜି ମାରିଛନ୍ତି। କ୍ରମାଗତ ୧୨ଟ ମ୍ୟାଚ୍ ଜିତିସାରିଥିବା ଦ୍ୱିତୀୟ ସିଡ୍ ଜୋଭୋଭିଚ୍ ଯଦି ବିଜୟୀ ହୋଇ ଟାଇଟଲ ଜିତନ୍ତି ତା'ହେଲେ ପୁଣି ଥରେ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିବେ। ଅନ୍ୟପଟେ ଯଦି ପଞ୍ଚମ ସିଡ ମାନ୍ୟତା ପାଇଥିବା ଥିମ୍ ସଫଳ ହୁଅନ୍ତି ତା'ହେଲେ ସେ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଜିତିବାର ସୌଭାଗ୍ୟ ଅର୍ଜନ କରିବେ।

ଥିମ ଜଣେ ଉଚ୍ଚକୋଟୀର ଓ ପ୍ରତିଭାବାନ ଖେଳାଳି ବୋଲି ଜୋକୋଭିଚ୍ ସ୍ୱୀକାର କରିଛନ୍ତି। ଫାଇନାଲରେ ପହଞ୍ଚିବା ପୂର୍ବରୁ ଥିମ୍ ୧ ନମ୍ବର ଖେଳାଳି ରାଫାଲ ନାଡାଲଙ୍କ ସମେତ ୪ଜଣ ସିଡେଡ ଖେଳାଳିଙ୍କୁ ପରାସ୍ତ କରି ଶ୍ରେଷ୍ଠ ଫର୍ମରେ ଥିବାର ସୂଚନା ଦେଇଛନ୍ତି। ଥିମ୍ ଦୁଇଥର ୨୦୧୮ ଓ ୨୦୧୯ରେ ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇଥିଲେ। ଅନ୍ୟପଟେ ଜୋଭୋଭିଚ୍ ୧୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି।

## ପୁରୀକୁ ହରାଇ ପାରାଦୀପ ଫାଇନାଲରେ



**ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ**

**କାମାକ୍ଷାନଗର, ୧।୨(ଡି.ଏନ.ଏ.)**

କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡି ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଅଷ୍ଟମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କପ୍ କ୍ରିକେଟ୍ ପ୍ରତିଯୋଗିତାର ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପୁରୀ ପାୟୋନିୟର ଦଳକୁ ହରାଇ ପାରାଦୀପ କ୍ରିକେଟ ଆସୋସିଏଶନ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ପୁରୀ ଟିମ୍ ୨୩ ଓଭରରେ ୧୪୫ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ପାରାଦୀପ ୨୪.୪ ଓଭର ୯ ଉଇକେଟ ହରାଇ ୧୪୮ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଜ୍ୟୋତିପ୍ରକାଶ ମଲ୍ଲିକ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ନକୁଳ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତୋଷ ସାହୁ, ପପୁନି ସାହୁ ଅମ୍ପାୟାର, ଅଭୟ ବେହେରା, ପାପିନା ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜାତୀୟ ଘୋଷକ ବିପିନ ବିହାରୀ ସାହୁ ଧାରାବିବରଣୀ ଦେଇଥିଲେ। ରବିବାର ଫାଇନାଲ ମ୍ୟାଚ୍ ପାରଦୀପ ଏବଂ କଟକ ସୋଲାର ମଧ୍ୟରେ ଖେଳାଯିବ ବୋଲି ଆୟୋଜକ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଭାରତୀୟ ଦଳରେ ଋତୁପର୍ଣ୍ଣା

**ଭୁବନେଶ୍ୱର, ୧।୨(କ୍ରୀଡ଼ା ପ୍ରତିନିଧି):** ଫିଲିପାଇନ୍ସର ମାନିଲାଠାରେ ଏସିଆନ୍ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଫେବୃୟାରୀ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ସ୍ଥାନ ପାଇଛନ୍ତି। ଭାରତର ଦୁଇ ମହିଳା ତାରକା ଖେଳାଳି ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଋତୁପର୍ଣ୍ଣାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। **ଭାରତୀୟ ଦଳ(ମହିଳା):** ମାଳଭିକା ବନସଦ, ଅସ୍ମିତା ଚାଲିହା, ଆର୍କର୍ଷି କାଶ୍ୟପ, ଗାୟତ୍ରୀ, ପୁଲେଲା ଗୋପିଚାନ୍ଦ, କେ. ଅଶ୍ୱିନୀ ଭଟ୍ଟ, ଶିଖା ଗୌତମ, କେ. ମନୀଷା, ଋତୁପର୍ଣ୍ଣା ପଣ୍ଡା। ପୁରୁଷ : କିଡାମ୍ବି ଶ୍ରୀକାନ୍ତ, ଏଚ୍. ଏସ. ପ୍ରଣୟ, ବି. ସାଇ ପ୍ରଣୀଥ, ଶୁଭଙ୍କର ଦେ, ଲକ୍ଷ୍ୟ ସେନ୍, ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ସେଟ୍ଟୀ, ଏମ.ଆର. ଅର୍ଜୁନ, ଧ୍ରୁବ କପିଳା।

## ପୁଣି ସୁପର ଓଭରରେ ଶେଷ ହେଲା ମ୍ୟାଚ୍

**କାନ୍‌ବେରା,୧।୨**



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହେଥର ନାଇଟ୍।

ନିକଟରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି୨୦ ସିରିଜ୍‌ର ଦୁଇ ମ୍ୟାଚ୍‌ର ଫଳାଫଳ ସୁପର ଓଭରରେ ନିର୍ଣ୍ଣୟ ହୋଇଥିଲା। ଶନିବାର ପୁଣି ଏକ ମ୍ୟାଚ୍‌ର ବିଜେତା ସୁପର ଓଭରରେ ବାହାରିଛି। ତେବେ ଏଥର ମହିଳା କ୍ରିକେଟରେ ଏହି ଘଟଣା ଦେଖିବାକୁ ମିଳିଛି। ଚଳିତ ତ୍ରିରାଷ୍ଟ୍ରୀୟ ମହିଳା ଟି୨୦ ସିରିଜ୍‌ରେ ଇଂଲଣ୍ଡ ସୁପର ଓଭରରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୬ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ବେଥ ମୁନି ୬୫, ଆନାବେଲ ସୁଥରଲାଣ୍ଡ ୨୨ ଓ ଏଲିସେ ପେରି ୧୮ରନ୍ କରିଥିଲେ। ବୋଲିଂରେ ନାଟାଲିଆ ସ୍କିଭର ଓ ସାରା ଗ୍ଲେନ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଧିନାୟିକା ହେଥର ନାଇଟଙ୍କ ୭୮ ରନ୍‌ର ଅପରାଜିତ ଅର୍ଦ୍ଧଶତକ ଓ ଫ୍ରାନ ୱିଲସନ୍‌ଙ୍କ ୩୯ ରନ୍‌ର ଇନିଂସ ଯୋଗୁ ଇଂଲଣ୍ଡ ଶେଷ ପର୍ଯ୍ୟନ୍ତ ଖେଳି ୪ ଉଇକେଟ କ୍ଷତିରେ ସମାନ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅନ୍ତିମ ଓଭରରେ ଦଳକୁ ଜିତିବା ପାଇଁ ୧୨ ରନ୍ ଦରକାର ଥିଲା। ମାତ୍ର ଗୋଟିଏ ଚୌକା ଓ ଦୁଇଟି ଡବଲ ରନ୍ ସହାୟତାରେ ୧୧ ରନ୍ କରି ନାଇଟ୍-ୱିଲସନ ମ୍ୟାଚ୍‌କୁ ଡ୍ର' କରି ଦେଇଥିଲେ। ଏହା ପରେ ସୁପର ଓଭରରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ମାତ୍ର ୮ ରନ୍ କରିପାରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ୪ ବଲରେ ୧୦ ରନ୍ କରି ମ୍ୟାଚ୍ ଜିତି ନେଇଛି। ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଏହା ଇଂଲଣ୍ଡର ପ୍ରଥମ ବିଜୟ। ଆସନ୍ତା ୨ ତାରିଖରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଭାରତ-ଏ'ର ସଂଘର୍ଷ

**ଅନ୍‌ଅଫିସିଆଲ ଟେଷ୍ଟ**

**ଖ୍ରୀଷ୍ଟଚର୍ଚ୍ଚ, ୧।୨ (ପି.ଟି.):** ଘରୋଇ ନ୍ୟୁଜିଲାଣ୍ଡ-ଏ' ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ' ଚାପରେ ରହିଛି। ୩୪୬ ରନ୍ ପଛରେ ରହି ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଭାରତ-ଏ' ଶନିବାର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଛି। ପ୍ରିୟଙ୍କ ପାଞ୍ଚାଲ ୬୭ (୯୩ ବଲ, ୪ ଚୌକା, ୩ ଛକା) ଓ ଶୁବମନ ଗିଲ୍ ୩୩ ରନ୍ (୭୮ ବଲ୍, ୨ ଚୌକା) କରି କ୍ରିଜ୍‌ରେ ଅପରାଜିତ ରହିଛନ୍ତି। ଓପ୍‌ନର ଅଭିମନ୍ୟୁ ଈଶ୍ୱରନ ୨୬ ରନ୍ କରିଥିବାବେଳେ ମୟଙ୍କ ଅଗ୍ରୱାଲ ଖାତା ଖୋଲିପାରି ନ ଥିଲେ। ହାତରେ ଆଉ ୮ ଉଇକେଟ ସୁରକ୍ଷିତ ରହିଥିବାବେଳେ ଇନିଂସ୍ ପରାଜୟ ଏଡ଼ାଇବା ପାଇଁ ଭାରତ-ଏ'କୁ ଆହୁରି ୨୧୯ ରନ୍ ଆବଶ୍ୟକ ହେଉଛି। ରବିବାର ମ୍ୟାଚ୍‌ର ଅନ୍ତିମ ତଥା ୪ର୍ଥ ଦିବସ ହୋଇଥିବାରୁ ଫଳାଫଳ ମିଳିବା ସମ୍ଭାବନା ରହିଛି।

ପୂର୍ବରୁ ହନୁମା ବିହାରୀଙ୍କ ନେତୃତ୍ୱାଧୀନ ଭାରତ-ଏ'ର ପ୍ରଥମ ଇନିଂସ୍ ସ୍କୋର ୨୧୬ ରନ୍ ଜବାବରେ ଘରୋଇ ନ୍ୟୁଜିଲାଣ୍ଡ-ଏ' ୭ ଉଇକେଟରେ ୫୬୨ ରନ୍ କରି ପ୍ରଥମ ଇନିଂସ୍ ଘୋଷଣା କରିଥିଲା। ଦଳ ପକ୍ଷରୁ ମାର୍କ ଚାମ୍ପମ୍ୟାନ ୧୧୪ ଓ ଉଇକେଟ୍‌କିପର ଡେନ୍ କ୍ଲେଭର ୧୯୬ ରନ୍‌ର ମାରାଥନ ଇନିଂସ୍ ଖେଳିଥିଲେ। ଭାରତ ପକ୍ଷରୁ ଇଶାନ ପୋରେଲ ଓ ସନ୍ଦୀପ ୱାରିୟର ୨ଟି ଲେଖାଏ ଉଇକେଟ୍ ନେଇଥିଲେ।

## ଅଶରଫ୍, ଅସିଫଙ୍କ ପ୍ରତ୍ୟାବର୍ତ୍ତନ

**ଲାହୋର, ୧।୨:** ଆସନ୍ତା ସପ୍ତାହରେ ବାଂଲାଦେଶ ବିପକ୍ଷରେ ରାୱଲପିଣ୍ଡିଠାରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପାଇଁ ଶନିବାର ପାକିସ୍ତାନ ଦଳ ଘୋଷଣା ହୋଇଛି। ଦଳକୁ ଅଲରାଉଣ୍ଡର ଫହିମ ଅଶରଫ୍ ଓ ଅଫ୍ ସ୍ପିନର ବିଲାଲ ଅସିଫ ଫେରିଛନ୍ତି। ୨୬ ବର୍ଷୀୟ ଅଶରଫ ୨୦୧୮ ବର୍ଷ ଆୟର୍ଲାଣ୍ଡ ବିପକ୍ଷରେ ପଦାର୍ପଣ କରି ୮୩ ରନ୍‌ର ଇନିଂସ ଖେଳିଥିଲେ। କିନ୍ତୁ ଆହତ ସମସ୍ୟା ଯୋଗୁ ସେ ଗତବର୍ଷ ଖେଳି ନ ଥିଲେ। ସେହିଭଳି ୩୪ ବର୍ଷୀୟ ବିଲାଲ ଅନ୍ତିମ ଥର ୨୦୧୮ ଡିସେମ୍ବରରେ ଖେଳିଥିଲେ। ତାଙ୍କୁ ଗତବର୍ଷ କୌଣସି ଫର୍ମାଟ ପାଇଁ ଜାତୀୟ ଦଳରେ ସ୍ଥାନ ମିଳି ନ ଥିଲା। ସିନିୟର ବ୍ୟାଟ୍ସମ୍ୟାନ ଆଜ୍ଜାର ଅଲି ଦଳର ନେତୃତ୍ୱ ନେବେ।

# ଗୀତାଞ୍ଜଳିଙ୍କ ନେତୃତ୍ୱରେ ଖେଳିବ ଓଡ଼ିଶା



କଳିଙ୍ଗ ଷ୍ଟାଡିୟମରେ ଶନିବାର ସମ୍ବର୍ଦ୍ଧିତ ହେବା ଅବସରରେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ଏବଂ କୋଚ୍‌ଙ୍କ ସହ ଗୀତାଞ୍ଜଳିଙ୍କ ନେତୃତ୍ୱାଧୀନ ଓଡ଼ିଶା ଭେଟେରାନ ମହିଳା ଫୁଟବଲ ଦଳ।

**ଭୁବନେଶ୍ୱର, ୧।୨(କ୍ରୀଡ଼ା ପ୍ରତିନିଧି)**

**ନ୍ୟାଶନାଲ ମାଷ୍ଟର୍ସ ଗେମ୍ସ ମହିଳା ଫୁଟବଲ**

ବରୋଦାରେ ନ୍ୟାଶନାଲ ମାଷ୍ଟର୍ସ ଗେମ୍ସର ୩ୟ ସଂସ୍କରଣ ଚଳିତ ମାସ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ମହିଳା ଓ ପୁରୁଷ ଫୁଟବଲ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଓ ଭଲିବଲ ଆଦି ଇଭେଣ୍ଟରେ ଓଡ଼ିଶାଦଳ ଅଂଶଗ୍ରହଣ କରିବ। ପ୍ରତିଯୋଗିତାରେ ଓଡ଼ିଶାର ୧୦୬ ଜଣିଆ ପ୍ରତିନିଧି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାର ପ୍ରଥମ ମହିଳା ଫୁଟବଲ ଅଧିନାୟିକା ଗୀତାଞ୍ଜଳି ସାମନ୍ତରାୟ ଆଗାମୀ ଟୁର୍ନାମେଣ୍ଟରେ ଓଡ଼ିଶା ଦଳର ନେତୃତ୍ୱ ନେବେ। ଅତୀତରେ ଓଡ଼ିଶାରେ ମହିଳା ଫୁଟବଲର ଚିହ୍ନ ନ ଥିବାବେଳେ ସାହସ ଦେଖାଇଥିଲେ ଗୀତାଞ୍ଜଳି। ତାଙ୍କର ବଳିଷ୍ଠ ନେତୃତ୍ୱ ଓଡ଼ିଶାରେ ମହିଳା ଫୁଟବଲର ଭିତ୍ତି ପକାଇଥିଲା। ସେତେବେଳେ ତାଙ୍କର ସେହି ସାହସ ଏବଂ ନେତୃତ୍ୱ ଦକ୍ଷତା ଯୋଗୁ ଜାତୀୟ ଦୃଶ୍ୟପଟରେ ଓଡ଼ିଶା ମହିଳା ଫୁଟବଲ ନିଜର ସ୍ଥିତି ଜାହିର କରିଥିଲା। ଫଳସ୍ୱରୂପ ପରବର୍ତ୍ତୀ ସମୟରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପରି ଅନେକ ଓଡ଼ିଆ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରିବାର ସୁଯୋଗ ପାଇଥିଲେ। ସମ୍ପ୍ରତି ନାଲ୍‌କୋରେ କାର୍ଯ୍ୟରତ ଗୀତାଞ୍ଜଳି ଏବେ ପୁଣିଥରେ ନିଜ ନେତୃତ୍ୱର ଯାଦୁ ଦେଖାଇବାକୁ ଯାଉଛନ୍ତି। ବରୋଦାରେ ମହିଳା ଫୁଟବଲ ଇଭେଣ୍ଟ ଆସନ୍ତା ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶାର ୧୧ ଜଣିଆ ଦଳ ରବିବାର ସକାଳେ ବରୋଦା ଯିବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ାଛାତ୍ରାବାସର ଅନ୍ତେବାସୀ ଏବଂ କୋଚ୍/ଅଫିସିଆଲମାନେ ଗୀତାଞ୍ଜଳିଙ୍କ ଟିମ୍‌କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଦଳରେ ଗୀତାଞ୍ଜଳିଙ୍କ ବ୍ୟତୀତ କଳ୍ପନା ସାହୁ, ପ୍ରଥମା ପ୍ରିୟଦର୍ଶିନୀ, ସରିତା ପଣ୍ଡା, ଦେବୀ ମହାନ୍ତି, ମମ୍‌ତାଜ ବେଗମ୍, ସମସେର ବେଗମ୍, ଦୀପ୍ତି ମିଶ୍ର ପ୍ରମୁଖ ପୁରୁଣା ପ୍ରତିଷ୍ଠିତ ଖେଳାଳିମାନେ ସ୍ଥାନ ପାଇଛନ୍ତି।

### ନୂଆ ଅନୁଭୂତି ହେବ

"ମହିଳା ଫୁଟବଲ ଟିମ୍‌ରେ ସାମିଲ ଥିବା ସମସ୍ତ ଖେଳାଳି ଅଭିଜ୍ଞ। ମାତ୍ର ଦୀର୍ଘଦିନଧରି ଖେଳରୁ ଦୂରେଇ ରହିଥିବାରୁ ଏଥର ଏକ ନୂଆ ଅନୁଭୂତି ହେବ । ଆମେ ଯେତେବେଳେ ୧୯୯୨ରେ ପ୍ରଥମଥରପାଇଁ ଆସାମ ଯାଇଥିଲୁ ସେତେବେଳେ ଠିକ୍‌ଭାବେ ଖେଳିବା ଜାଣି ନ ଥିଲୁ। ଏବେ ସେ ସ୍ଥିତି ଯଦିଓ ନାହିଁ ତେବେ ସେହି ସମୟର କଥା ସ୍ମରଣକୁ ଆସୁଛି। ପୁଣିଥରେ ନୂଆକରି ଖେଳିବାକୁ ଯିବାଭଳି ଲାଗୁଛି। କାରଣ ଏକ ବଡ଼ ବ୍ୟବଧାନରେ ପରେ ମୁଁ ପୁଣି ଓଡ଼ିଶା ଦଳର ନେତୃତ୍ୱ ନେବାକୁ ଯାଉଛି। ଖେଳରୁ ଦୂରରେ ରହିଥିଲେ ହେଁ ମୁଁ ଗେମ୍‌କୁ ସମ୍ପୂର୍ଣ୍ଣ ଛାଡ଼ି ନ ଥିଲି। ମାତ୍ର ଅନ୍ୟ ପିଲାମାନଙ୍କର ଫିଟ୍‌ନେସ ସ୍ତର ସେତେ ଭଲ ନାହିଁ। ପାରିବାରିକ ସମସ୍ୟା ଥିବାଯୋଗୁ କେତେକ ଖେଳାଳି ଯିବା ମଧ୍ୟ ସମ୍ଭବ ହେଉନି। ଦୀର୍ଘ ୧୫-୧୬ ବର୍ଷ ପରେ ପୁଣିଥରେ ଏକ ରାଜ୍ୟ ଦଳର ନେତୃତ୍ୱ ନେଉଛି। ଭଲ ପ୍ରଦର୍ଶନ ପାଇଁ ଆଶା ଅଛି। ନିଯୁକ୍ତିସଂସ୍ଥା ନାଲ୍‌କୋ ଏବଂ ପରିବାରରୁ ସମର୍ଥନ ମିଳିଥିବାରୁ ଏବେ ପୁଣିଥରେ ଖେଳିବାକୁ ବାହାରକୁ ଯିବା ସମ୍ଭବ ହେଉଛି" ବୋଲି ଗୀତାଞ୍ଜଳି ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗୁଜରାଟ ମାଷ୍ଟର୍ସ ଗେମ୍ସ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଆଥଲେଟିକ୍, ହକି, ଶୁଟିଂ, ବାସ୍କେଟବଲ, ଟେବୁଲ ଟେନିସ, ସୁଇମିଂ, ବ୍ୟାଡ୍‌ମିଣ୍ଟନ, କବାଡ଼ି, ଭାରୋତ୍ତୋଳନ, ଆର୍ଚେରୀ, ଭଲିବଲ, ହ୍ୟାଣ୍ଡବଲ, ଫୁଟବଲ ଓ ଲନ୍‌ଟେନିସ ଆଦି ଇଭେଣ୍ଟ ଅନୁଷ୍ଠିତ ହେବ।

ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର ୨ ଫେବୃୟାରୀ, ୨୦୨୦



“ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଭାରତ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଆମେ ଚାପରେ ନ ରହି ସ୍ୱାଭାବିକ ଖେଳିବୁ ।
–ମହମ୍ମଦ ହୁରାଇରା, ପାକିସ୍ତାନ ଓପନର



“ ଅତୀତର ଅଲିମ୍ପିକ୍ସ ଅଭିଜ୍ଞତା ଦୃଷ୍ଟିରୁ ମୀରାବାଈ ଚାନୁ ଟୋକିଓ ଗେମ୍ସରେ ପଦକ ଜିତିବେ ବୋଲି ମୋର ଆଶା ।
–କର୍ଣ୍ଣମ ମାଲେଶ୍ୱରୀ, ପୂର୍ବତନ ଭାରତୀୟ ଭାରୋତ୍ତୋଳିକା



## ସଂକ୍ଷେପରେ

### କରୋନା ଭାଇରସ୍ ଭୟ: ଚାଇନା ମାଷ୍ଟର୍ସ ବାତିଲ

**ବେଜିଂ,୧।୨ (ଏଏଫ୍‌ପି):** ଦେଶରେ କରୋନା ଭାଇରସ୍ କାୟା ବିସ୍ତାର କରିସାରିଛି। ଏହାର ପ୍ରଭାବ କ୍ରୀଡ଼ାଜଗତ ଉପରେ ମଧ ପଡ଼ିଛି। ୨୦୨୦ ବିଶ୍ୱ ଟୁର ସିଜନରେ ଚାଇନାର ପ୍ରଥମ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଚାଇନା ମାଷ୍ଟର୍ସକୁ ବାତିଲ କରାଯାଇଛି। ଏ ନେଇ ଶନିବାର ଆୟୋଜକମାନେ ଘୋଷଣା କରିଛନ୍ତି। ୬ ଦିନ ଧରି ଚାଲିବାକୁ ଥିବା ଏହି ଇଭେଣ୍ଟ ଫେବୃୟାରୀ ୨୫ରୁ ଦେଶର ସାଉଥର୍ନ ହାଇନାନ୍ ଆଇସ୍‌ଲାଣ୍ଡଠାରେ ଖେଳାଯିବାର ଥିଲା। କିନ୍ତୁ ସ୍ୱାସ୍ଥ୍ୟଜନିତ ଭୟ ଓ ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ବାତିଲ ନିଷ୍ପତ୍ତି ନିଆଯାଇଥିବା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଣୁ କିଛି ଖେଳାଳି ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ମାରାତ୍ମକ କରୋନା ଭାଇରସ୍ କେନ୍ଦ୍ର ଚାଇନିଜ ସହର ଉହାନ୍‌ରୁ ଆରମ୍ଭ ହୋଇଛି। ଏହି ଭାଇରସ୍ ଯୋଗୁ ୨୫୯ଙ୍କ ମୃତ୍ୟୁ ଘଟିଲାଣି। ଏବେ ଏହି ଭାଇରସ ୧୨ ଦେଶକୁ ମାଡ଼ି ସାରିଛି। ଉହାନଠାରେ ଆସନ୍ତା ଏପ୍ରିଲରେ ଏସିଆ ଚାମ୍ପିୟନଶିପ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ହେବାର ଅଛି। ଏହା ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ହାସଲ ଲକ୍ଷ୍ୟରେ ଥିବା ଖେଳାଳିଙ୍କ ପାଇଁ ଅନ୍ତିମ ଇଭେଣ୍ଟ। ତେବେ ଏ ନେଇ କିଛି ନିଷ୍ପତ୍ତି ନିଆଯାଇନାହିଁ।

### ଓଡ଼ିଶା ପୋଲିସର ଶୋଚନୀୟ ପରାଜୟ

**ବେଙ୍ଗାଲୁରୁ, ୧।୨ (ପି.ଟି.):** ଇଣ୍ଡିଆନ୍ସ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଦଳକୁ ବୃହତ୍ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଏହି ମ୍ୟାଚ୍‌ରେ ଗୋକୁଲମ୍ କେରଳ ଦଳ ୭-୦ ଗୋଲ୍‌ରେ ଓଡ଼ିଶା ପୋଲିସ ମହିଳା ଫୁଟ୍‌ବଲ ଦଳକୁ ପରାସ୍ତ କରିଛି। ବିଜୟୀ କେରଳ ପକ୍ଷରୁ ସାବିତ୍ରୀ ଭଣ୍ଡାରୀ ଏକାକୀ ୫ଟି ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ୭ମ ମିନିଟ୍‌ରେ ସାବିତ୍ରୀଙ୍କ ଗୋଲ ବଳରେ କେରଳ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଏହି ସ୍ଥିତି ପ୍ରଥମାର୍ଦ୍ଧ ସୁଦ୍ଧା ବଳବତ୍ତର ରହିବାରୁ ମ୍ୟାଚ୍‌ରେ ଓଡ଼ିଶାର ଆଶା ଉଜ୍ଜୀବିତ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଗୋକୁଲମ୍ କେରଳ ୬ଟି ଗୋଲ ଦେଇଥିଲା। ଫଳରେ ଓଡ଼ିଶାକୁ ୭-୦ ଗୋଲ ବ୍ୟବଧାନରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହି ବିଜୟ ସହ ୩ ମ୍ୟାଚ୍‌ରୁ ୯ ପଏଣ୍ଟ ହାସଲ କରି କେରଳ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଓଡ଼ିଶା ୩ ପଏଣ୍ଟ ସହ ଏହି ଗ୍ରୁପ୍‌ର ୫ମ ସ୍ଥାନ ହାସଲ କରିଛି।

### ଚ୍ୟାରିଟି ମ୍ୟାଚ୍ ଖେଳିବେ ଲାରା

**ସିଡ୍‌ନୀ,୧।୨:** କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା ଅଷ୍ଟ୍ରେଲିଆ ଜଙ୍ଗଲରେ ଲାଗିଥିବା ନିଆଁ ଯୋଗୁ କ୍ଷୟକ୍ଷତି ଭରଣା ପାଇଁ ଚ୍ୟାରିଟି ମ୍ୟାଚ୍‌ରେ ଖେଳିବେ। ଷ୍ଟାଇଲିଶ୍ ବାମହାତୀ ବ୍ୟାଟ୍ସମ୍ୟାନ ଅନ୍ତର୍ଜାତୀୟ ସ୍ତରରେ ୧୩୧ ଟେଷ୍ଟ ଖେଳି ୫୨.୮୯ ଆଭରେଜରେ ୧୧,୯୫୩ ରନ୍ କରିଛନ୍ତି। ଦିନିକିଆ ଫର୍ମାଟ୍‌ରେ ୨୯୯ ମ୍ୟାଚ୍‌ରେ ୧୦,୪୦୫ ରନ୍ କରିଛନ୍ତି। ତାଙ୍କ ସହ ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଯୁବରାଜ ସିଂ ଓ କିମ୍ବଦନ୍ତୀ ପାକିସ୍ତାନ ପେସର ୱାସିମ ଆକ୍ରମ ଖେଳିବେ। ଏମାନଙ୍କ ବ୍ୟତୀତ ମାଥ୍ୟୁ ହେଡେନ୍, ରିକି ପଣ୍ଟିଂ, ଶେନ ୱାର୍ନ, ଆଣ୍ଡ୍ର୍ୟୁ ସାଇମଣ୍ଡସ୍, ବ୍ରାଡ୍ ହାଡିନ୍, ମାଇକ୍ ହସି, ଆଡାମ ଗିଲକ୍ରାଇଷ୍ଟ, ବ୍ରେଟ ଲି, ଜଷ୍ଟିନ୍ ଲାଙ୍ଗର, ମାଇକେଲ୍ କ୍ଲାର୍କ, ଶେନ ୱାଟ୍‌ସନ ପ୍ରମୁଖ ଅଷ୍ଟ୍ରେଲିଆନ ଖେଳାଳି ଚ୍ୟାରିଟି ମ୍ୟାଚ୍‌ରେ ଭାଗନେବେ। ବଶଫାୟାର କ୍ରିକେଟ ବାଶ ନାମରେ ନାମିତ ଏହି ମ୍ୟାଚ୍ ଆସନ୍ତା ୮ ତଥା ଅନ୍ତର୍ଜାତୀୟ ମହିଳା ଦିବସ ଦିନ ଖେଳାଯିବ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ମାଉଣ୍ଟ ମାଉଁଗାନୁଇ, ୧।୨(ପି.ଟି.)**

ଟି୨୦ ସିରିଜର ପ୍ରଥମ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ଭ୍ରମଣକାରୀ ଭାରତ ଏବେ ୫-୦ରେ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ରବିବାର ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ। ଆସନ୍ତା ୫ ତାରିଖରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। କ୍ଲିନ୍ ସୁଇପ୍ କରି ଭାରତ ପୂରା ଆତ୍ମବିଶ୍ୱାସ ସହ ଦିନିକିଆ ସିରିଜ ଖେଳିବା ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ପୂର୍ବରୁ ଘରୋଇ ପରିବେଶ୍‌ରେ ନ୍ୟୁଜିଲାଣ୍ଡ କେବେ ୩ କିମ୍ବା ଅଧିକ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜରେ ସବୁ ମ୍ୟାଚ୍‌ରେ ପରାସ୍ତ ହୋଇନାହିଁ। ଅନ୍ତିମ ମ୍ୟାଚ୍‌ରେ ପରାସ୍ତ ହେଲେ ନ୍ୟୁଜିଲାଣ୍ଡ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ହେବ। ୨୦୦୫ ପରଠାରୁ ନ୍ୟୁଜିଲାଣ୍ଡ ଥରେ ମାତ୍ର ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ପରାସ୍ତ ହୋଇଥିଲା। ୨୦୦୮ ଫେବୃୟାରୀରେ ନ୍ୟୁଜିଲାଣ୍ଡ ଘରୋଇ ସିରିଜରେ ଇଂଲଣ୍ଡଠାରୁ ୨-୦ରେ ପରାସ୍ତ ହୋଇଥିଲା। ୫-୦ରେ ସିରିଜ ହାତେଇଲେ ଭାରତ ପାଇଁ ଏକ ବିଶେଷ ଉପଲବ୍ଧି ସାବ୍ୟସ୍ତ ହେବ। ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଏବେ ପଞ୍ଚମ ସ୍ଥାନରେ ରହିଛି। କ୍ଲିନ୍ ସୁଇପ୍ କଲେ ଭାରତ ର୍‍ୟାଙ୍କିଙ୍ଗ୍‌ରେ ଅଗ୍ରଗତି କରିବ। ର୍‍ୟାଙ୍କିଙ୍ଗ୍‌ରେ ପାକିସ୍ତାନ ଶୀର୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି ଭାରତ ଉପରେ ରହିଛନ୍ତି।

ଆଗକୁ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ପରୀକ୍ଷା ନିରୀକ୍ଷା ଜାରି ରଖିବ ବୋଲି ଆଶା କରାଯାଉଛି। ଚତୁର୍ଥ ଟି୨୦ରେ ଏହି ଏକ୍ସପେରିମେଣ୍ଟ କାମ ଦେଇନି। ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଓ ଶିବମ୍ ଦୁବେ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବାରେ ବିଫଳ ହୋଇଛନ୍ତି। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସାମସନ ଆକ୍ରମଣାତ୍ମକ ବ୍ୟାଟିଂ କରିବାକୁ ଯାଇ ସଫଳ ହୋଇପାରିନାହାନ୍ତି। ସାମସନ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ସହ ବଡ଼ ସ୍କୋର ହାସଲ କରନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି। ତେଣୁ ତାଙ୍କୁ ମ୍ୟାନେଜମେଣ୍ଟ ପୁଣି ସୁଯୋଗ ଦେଇପାରେ। ସେହିପରି ଦୁବେଙ୍କ ଫୁଟ୍‌ୱାର୍କରେ ମଧ ଦୁର୍ବଳତା ରହିଛି। ଉଭୟ ଦ୍ରୁତ ବୋଲର ଓ ସ୍ପିନରଙ୍କ ବିପକ୍ଷରେ ତାଙ୍କର ଫୁଟ୍‌ୱାର୍କ ଆଶାନୁରୂପ ହୋଇପାରି ନାହିଁ। ଅନ୍ୟପଟେ ମନୀଷ ପାଣ୍ଡେ ୬ ନମ୍ବରରେ ତାଙ୍କ ସ୍ଥାନ ଦୃଢ଼ କରିବାରେ ସଫଳ ହୋଇଛନ୍ତି। ଏଥର ଶ୍ରେୟାସ ଆୟାରଙ୍କୁ ୩ ନମ୍ବରରେ ବ୍ୟାଟିଂ କରିବାକୁ ସୁଯୋଗ ଦିଆଯାଇପାରେ।

ଲୋକେଶ ରାହୁଲଙ୍କ କାର୍ଯ୍ୟଭାର ବଢ଼ିଛି। ସେ ଆଗାମୀ ଦିନିକିଆ ସିରିଜରେ ମଧ କିପିଂ କରିବେ ବୋଲି ବିରାଟ କୋହଲି ପରୋକ୍ଷରେ ସ୍ପଷ୍ଟ କରିଛନ୍ତି। ରାହୁଲ ଏବେ ଟପ୍ ଫର୍ମରେ ରହିଛନ୍ତି। ତାଙ୍କୁ ବିଶ୍ରାମ ଆବଶ୍ୟକ ହେଉଥିବା କଥା ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି। ତେଣୁ ରାହୁଲଙ୍କ ବଦଳରେ ରିଷଭ ପନ୍ତଙ୍କୁ ଖେଳିବାର ସୁଯୋଗ ମିଳିପାରେ। ସିରିଜ ଜିତିସାରିଥିବାରୁ ଏହି ମ୍ୟାଚ୍‌କୁ ଭାରତ ଆଦୌ ହାଲ୍‌କା ଭାବେ ନେବନାହିଁ।

ଚତୁର୍ଥ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଥିଲା। ଏହି ମ୍ୟାଚ୍‌ରେ କୋହଲି ବିଶ୍ରାମ ନେଇପାରନ୍ତି ଓ ରୋହିତଙ୍କୁ ନେତୃତ୍ୱର ସୁଯୋଗ ଦେଇପାରନ୍ତି। ବୋଲିଂ ବିଭାଗରେ ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇପାରେ ଓ ୩ ଦ୍ରୁତ ବୋଲର ସିଦ୍ଧାନ୍ତ ଅନୁସାରେ ମହମ୍ମଦ ସାମି ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଅଧିନାୟକ ବାମ୍ କାନ୍ଧରେ ଆଘାତ ପାଇଥିଲେ ଓ ସେ ଗତ ମ୍ୟାଚ୍ ଖେଳି ନ ଥିଲେ। ଏବେ ସେ ଫିଟ୍ ହୋଇ ଖେଳିବା ଆଶା କରାଯାଉଛି। ନ୍ୟୁଜିଲାଣ୍ଡ ଭଲ ଆରମ୍ଭ କରୁଥିଲେ ମଧ୍ୟ ମ୍ୟାଚ୍ ଫିନିଶ୍ କରିବାରେ ବିଫଳ ହୋଇଛି। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଏ ନେଇ ଚିନ୍ତିତ ରହିଛି। ଜିତିବା ପରିସ୍ଥିତିରେ ଥିଲେ ମଧ ଗତ ଦୁଇଟି ମୁକାବିଲାରେ ଶେଷ ଦୁଇ ଓଭରରେ ନ୍ୟୁଜିଲାଣ୍ଡ ମ୍ୟାଚ୍ ହାତଛଡ଼ା କରିଥିଲା। ପ୍ରତ୍ୟାବର୍ତ୍ତନ କରି ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍ ଜିତିବା ସହ ଦିନିକିଆ ସିରିଜ ପୂର୍ବରୁ ଆତ୍ମବିଶ୍ୱାସ ଉଚ୍ଚ କରିବା ଲକ୍ଷ୍ୟରେ ରହିଛି।



ରିଷଭ ପନ୍ତ।

### ଅନ୍ତିମ ଟି୨୦ ଆଜି

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ (ଉଇକେଟ କିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।

■ **ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ ଟେଲର, ସ୍କଟ କୁଗେଲେଜିନ, କଲିନ ମୁନରୋ, ଟମ୍ ବ୍ରୁସ୍, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟିମ ସିଫର୍ଟ (ଉଇକେଟକିପର), ହାମିଶ ବେନେଟ, ଇଶ୍ ସୋଧି, ଟିମ୍ ସୌଦି ଓ ବ୍ଲେୟାର ଟିକନର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ନ ୧୨.୩୦ | ମାଉଣ୍ଟ ମାଉଁଗାନୁଇ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱାର୍କ |

### ଟିମ୍ ଇଣ୍ଡିଆକୁ ଅର୍ଥଦଣ୍ଡ

**ୱେଲିଂଟନ,୧।୨(ପି.ଟି.):** ୱେଷ୍ଟପ୍ୟାକ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଧିମା ବୋଲିଂ ପାଇଁ ଟିମ୍ ଇଣ୍ଡିଆକୁ ଅର୍ଥ ଦଣ୍ଡିତ କରାଯାଇଛି। ଦଳୀୟ ଖେଳାଳିଙ୍କ ୪୦ ପ୍ରତିଶତ ମ୍ୟାଚ୍ ଫି' କାଟ କରାଯିବ। ଧାର୍ଯ୍ୟ ସମୟ ସୁଦ୍ଧା ଭାରତୀୟ ଦଳ ଦୁଇ ଓଭର କମ୍ ବୋଲିଂ କରିଥିଲା। ଆଇସିସି ମ୍ୟାଚ୍ ରେଫରି କ୍ରିସ ବ୍ରଡ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳକୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଇସିସି ନିୟମ ଅନୁଯାୟୀ, କୌଣସି ଦଳ ଧାର୍ଯ୍ୟ ସମୟ ସୁଦ୍ଧା ଓଭର ଶେଷ ନ କଲେ ବଳକା ଓଭର ପିଛା ଦଳର ପ୍ରତ୍ୟେକ ଖେଳାଳିଙ୍କ ୨୦ ପ୍ରତିଶତ ମ୍ୟାଚ୍ ଫି' କଟିବ। ଅଧିନାୟକ କୋହଲି ଦଣ୍ଡାଦେଶ ସ୍ୱୀକାର କରିନେଇଥିବାରୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ।

### ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜରୁ ପାଣ୍ଡ୍ୟା ବାଦ୍



**ନୂଆଦିଲ୍ଲୀ, ୧।୨:** ଭାରତୀୟ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟନେସ୍ ହାସଲ କରି ନ ଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରୁ ବାଦ୍ ପଡ଼ିଛନ୍ତି। ପାଣ୍ଡ୍ୟା ଏନ୍‌ସିଏ ମୁଖ୍ୟ ଫିଜିଓ ଆଶିଷ କୌଶିକଙ୍କ ସହ ଲଣ୍ଡନ ଗସ୍ତ କରିଥିଲେ। ସେଠାରେ ସ୍ପାଇନାଲ ସର୍ଜନ ଜେମ୍ସ ଅଲିବୋନଙ୍କୁ ଭେଟିଥିଲେ। ସର୍ଜନଙ୍କ ପରାମର୍ଶ ପରେ ପାଣ୍ଡ୍ୟାଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିବା ବିସିସିଆଇ ସାଧାରଣ ସମ୍ପାଦକ ଜୟ ଶାହା ଏକ ବିବୃତିରେ କହିଛନ୍ତି। ସେ ଏବେ ସମ୍ପୂର୍ଣ୍ଣ ଫିଟନେସ ହାସଲ କରିବା ପର୍ଯ୍ୟନ୍ତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ରହିବେ। ଗତବର୍ଷ ଅକ୍ଟୋବରରେ ପାଣ୍ଡ୍ୟାଙ୍କ ଅଣ୍ଟାରେ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ସେବେଠାରୁ ସେ ପଡ଼ିଆକୁ ଫେରି ନାହାନ୍ତି। ଅନ୍ତିମ ଥର ଭାରତ ପାଇଁ ସେପ୍ଟେମ୍ବରରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ। ଅସ୍ତ୍ରୋପଚାରରୁ ଫେରିବା ପରେ ଗତମାସରେ ପାଣ୍ଡ୍ୟା ବାଧ୍ୟତାମୂଳକ ଫିଟ୍‌ନେସ ଟେଷ୍ଟରେ ଫେଲ୍ ହେବା ପରେ ଭାରତ ଏ' ଦଳରୁ ଓହରି ଯାଇଥିଲେ। ଚୟନକର୍ତ୍ତାମାନେ ତାଙ୍କୁ ରଣ୍‌ଜୀରେ ପରୀକ୍ଷା ନ କରାଇ ସିଧାସଳଖ ଦଳରେ ଚୟନ କରିଥିଲେ। ଫିଟନେସ ଟେଷ୍ଟରେ ପାଣ୍ଡ୍ୟାଙ୍କ ସ୍କୋର ଭଲ ନ ଥିଲା। ଫଳରେ ତାମିଲନାଡୁ ଅଧିନାୟକ ବିଜୟ ଶଙ୍କରଙ୍କୁ ଇଣ୍ଡିଆ ଏ' ଦଳରେ ନିଆଯାଇଥିଲା। ଚଳିତମାସ ୨୧ ତାରିଖରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୱେଲିଂଟନ୍‌ଠାରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ।

## ଦୀପା ପିସିଆଇର ନୂଆ ସଭାପତି

**ନୂଆଦିଲ୍ଲୀ, ୧।୨ (ପି.ଟି.)**

ପାରା ଅଲିମ୍ପିକ ଗେମ୍ସରେ ପଦକ ଜିତିଥିବା ପ୍ରଥମ ଓ ଏକମାତ୍ର ଭାରତୀୟ ମହିଳା ଆଥ୍‌ଲେଟ୍ ଦୀପା ମଲିକ ଭାରତୀୟ ପାରା ଅଲିମ୍ପିକ କମିଟି (ପିସିଆଇ)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୪୯ ବର୍ଷୀୟା ଦୀପା ୨୦୧୬ ରିଓ ପାରା ଅଲିମ୍ପିକ୍ସ ଗେମ୍ସର ଶଟ୍‌ପୁଟ୍ (ଏଫ୍-୫୩) ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ବେଙ୍ଗାଲୁରୁଠାରେ ଅନୁଷ୍ଠିତ ପିସିଆଇ ନିର୍ବାଚନରେ ଏହି ହରିୟାଣା ତାରକା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। 'ପରିବର୍ତ୍ତନ ପାଇଁ ଏହା ମୋ ଲାଗି ଏକ ବଡ଼ ସୁଯୋଗ। ସମସ୍ତଙ୍କ ସମର୍ଥନ ମୋତେ ମିଳିବାର ବିଶ୍ୱାସ ରହିଛି' ବୋଲି ଦୀପା ଟୁଇଟ୍ କରି କହିଛନ୍ତି। ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ରାଜୀବ ଗାନ୍ଧୀ ଖେଳରତ୍ନ' ସମେତ ପଦ୍ମଶ୍ରୀ ପୁରସ୍କାର ମଧ ଦୀପା ଜିତିଛନ୍ତି। ୨୦୧୧ ଆଇପିସି ବିଶ୍ୱ ଚାମ୍ପିୟନଶିପ୍‌ର ଶଟ୍‌ପୁଟ୍ (ଏଫ୍ ୫୨-୫୩)ରେ ମଧ ସେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ୨୦୧୮ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଦୀପା ଉଭୟ ଡିସ୍‌କସ୍ (ଏଫ୍ ୫୨-୫୩) ଓ ଜାଭେଲିନ୍ ଥ୍ରୋ (ଏଫ୍ ୫୩-୫୪)ରେ ମଧ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ।



ଏହି ନିର୍ବାଚନରେ ଦୀପାଙ୍କ ବ୍ୟତୀତ କଭେନ୍ଦ୍ର ଚୌଧାରୀ ଓ ଶଶିରଞ୍ଜନ ପ୍ରସାନ ସିଂ ଉପ ସଭାପତି, ଏମ୍. ମହାଦେବ କୋଷାଧ୍ୟକ୍ଷ ଏବଂ ନେଲ୍ ନନ୍ଦକିଶୋର ବାବୁରାଓ ଓ କାନ୍ତିଲାଲ ପରମାର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କ୍ରୀଡ଼ା ନୀତିର ଉଲ୍ଲଂଘନ ଯୋଗୁ ଗତ ସେପ୍ଟେମ୍ବରରେ କ୍ରୀଡ଼ାମନ୍ତ୍ରୀ ପିସିଆଇ ମାନ୍ୟତା ପ୍ରତ୍ୟାହାର କରିନେଇଥିଲେ।

## ହରିୟାଣାଠାରୁ ହାରିଲା ଓଡ଼ିଶା

**କଟକ ଅଫିସ, ୧।୨:** ମେଘାଳୟର ସିଲଂଠାରେ ଚାଲିଥିବା ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ୍ ଡ. ବି.ସି ରାୟ ଟ୍ରଫିର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ହରିୟାଣାଠାରୁ ଓଡ଼ିଶା ୨-୩ ଗୋଲରେ ପରାସ୍ତ ହୋଇଛି। ଜବାହରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ପ୍ରଥମାର୍ଦ୍ଧର ୭ମ ମିନିଟରେ ଆକାଶ ଦେ ଓଡ଼ିଶା ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୧୪ତମ ମିନିଟରେ ଆକାଶଙ୍କ ତ୍ରୁଟି ଯୋଗୁ ହରିୟାଣାକୁ ସଫଳତା ମିଳିଥିଲା। ଆତ୍ମଘାତୀ ଗୋଲ ଯୋଗୁଁ ସ୍କୋର ୧-୧ସ୍ଥିତିରେ ପହଞ୍ଚିଥିଲା। ୧୭ତମ ମିନିଟରେ ହରିୟାଣା ପକ୍ଷରୁ ପୁଣି ଏକ ଆତ୍ମଘାତୀ ଗୋଲ ହୋଇଥିଲା। ହରିୟାଣାର ଧୀରଜଙ୍କ ଏହି ତ୍ରୁଟି ବଳରେ ଓଡ଼ିଶା ୨-୧ରେ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧରେ ଓଡ଼ିଶା ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ୫୦ତମ ମିନିଟରେ ବିଶାଲ ସିଂ ଓ ୮୯ତମ ମିନିଟରେ ମୋନୁ ଗୋଟିଏ ଲେଖାଏ ଗୋଲ ଦେବା ଫଳରେ ହରିୟାଣା ବିଜୟୀ ହୋଇଥିଲା।

## କ୍ରୀଡ଼ା ପାଇଁ ୨୮୨୬.୯୨ କୋଟିର ବଜେଟ

**ନୂଆଦିଲ୍ଲୀ, ୧।୨ (ପି.ଟି.):** କେନ୍ଦ୍ର ସରକାର କ୍ରୀଡ଼ା ପାଇଁ ୨୮୨୬.୯୨ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ଗତ ବର୍ଷ ତୁଳନାରେ ଏହା ୫୦ କୋଟି ଟଙ୍କା ଅଧିକ। ତୃଣମୂଳ ଏବଂ ଯୁବ ସ୍ତରରେ ଖେଳର ବିକାଶ ଲାଗି ଖେଲୋ ଇଣ୍ଡିଆ ଯୋଜନାରେ ଅଧିକ ୨୯୧.୪୨ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଫଳରେ ଅଲିମ୍ପିକ ବର୍ଷରେ ସରକାର ଅନ୍ୟ ବିଭାଗରେ ଆର୍ଥିକ ମଞ୍ଜୁରୀ ହ୍ରାସ କରିଥିବା ସ୍ପଷ୍ଟ ହୋଇଛି। ପାର୍ଲାମେଣ୍ଟରେ ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଜାତୀୟ ଫେଡରେଶନଗୁଡ଼ିକ ଲାଗି ୨୪୫.୦୦ କୋଟି ଟଙ୍କା ବରାଦ ହୋଇଛି, ଯାହାକି ୨୦୧୯-୨୦ ବର୍ଷ ତୁଳନାରେ ଏହା ୫୫ କୋଟି ଟଙ୍କା କମ୍। କ୍ରୀଡ଼ାବିତ୍‌ଙ୍କ ଲାଗି ଉଦ୍ଦିଷ୍ଟ ପ୍ରୋତ୍ସାହନ ରାଶିର ପରିମାଣ ମଧ ହ୍ରାସ କରାଯାଇଛି। ଏହା ୧୧୧ କୋଟିରୁ ୭୦କୋଟି ଟଙ୍କାକୁ କମାଇ ଦିଆଯାଇଛି। ସେହିପରି ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ବଜେଟର ପରିମାଣ ୫୦.୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ଗତବର୍ଷ ଏବାବଦରେ ୭୭.୧୫ କୋଟି ଟଙ୍କା ବରାଦ କରାଯାଇଥିଲା। ସରକାର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପାଇଁ ୫୦୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ସେହି ତୁଳନାରେ ଗତବର୍ଷ ଏବାବଦରେ ୬୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସାଇ ଷ୍ଟାଡିୟମର ଆଧୁନିକୀକରଣ ପାଇଁ ୭୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଗତବର୍ଷ ସରକାର ଏବାବାଦରେ ୯୬ କୋଟି ଟଙ୍କା ମଞ୍ଜୁର କରିଥିଲେ। କ୍ରୀଡ଼ାବିତ୍‌ମାନଙ୍କ ଲାଗି ଉଦ୍ଦିଷ୍ଟ ଜାତୀୟ କଲ୍ୟାଣ ପାଣ୍ଠି ପାଇଁ ପୂର୍ବ ଭଳି ୨ କୋଟି ଟଙ୍କା ବରାଦ କରାଯାଇଛି। ଜମ୍ମୁ-କଶ୍ମୀରରେ କ୍ରୀଡ଼ାର ବିକାଶ ଲାଗି ପୂର୍ବ ଭଳି ୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଲକ୍ଷ୍ମୀବାଈ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ପାଇଁ ବଜେଟରେ ଗତ ବର୍ଷ ତୁଳନାରେ ୫ କୋଟି ଟଙ୍କା ଅଧିକ ମଞ୍ଜୁର କରାଯାଇଛି। ଯାହା ଫଳରେ ଏହାର ପରିମଣା ୫୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି।



## ସୁପର ସିକ୍ସର କ୍ରିକେଟ:କିଆକଟା ଚାମ୍ପିୟନ

**ମାଧପୁର, ୧।୨**




ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ଦଶମ ସୁପର ସିକ୍ସର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କିଆକଟା ଏବଂ କନ୍ଧପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କିଆକଟା ପ୍ରଥମେ ବ୍ୟାଟିଂ କରି ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ କନ୍ଧପଡା ଦଳ ୬୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ବିକା ପ୍ରସାଦ ଦେହୁରୀ ଏବଂ ଦିଲୀପ ବଘାର ମ୍ୟାଚ ପରିଚାଳନା କରିଥିବାବେଳେ ଶ୍ରୀନିବାସ ପଣ୍ଡା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ ସାହୁ, ଅନ୍ୟତମ ଅତିଥି ଭାବରେ ପୀତାମ୍ବର ଦେହୁରୀ, ଅମ୍ଳାନ ଜ୍ୟୋତି ମିଶ୍ର, କ୍ରୀଡ଼ା ସଂସଦ ସଭାପତି ଅଜିତ ଆଚାର୍ଯ୍ୟ, ସମ୍ପାଦକ ମନୋଜ କୁମାର ପ୍ରଧାନ, ଉପସଭାପତି ଶଶିଭୂଷଣ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହିତ ୧,୧୧୧ ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହିତ ୭,୭୭୭ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। କନ୍ଧପଡା ଦଳର ଆଲୋକ ଭୁକ୍ତା ମ୍ୟାନ ଅଫ ଦି ସିରିଜ ଓ କିଆକଟା ଦଳର ଆଲୋକ ଗୁରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସିଲୁ ସାହୁ, ଅମ୍ପାୟାରିଂ କରିଥିବା ଦିଲୀପ ବଘାର, ସୌରଭ ପଣ୍ଡା, ଅମ୍ବିକା ଦେହୁରୀ, ପ୍ରକାଶ ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଂଶୁ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ସଂସଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କୋହଲି ସ୍ଥିର, ରାହାନେ ଖସିଲେ

**ଦୁବାଇ, ୧।୨ (ପି.ଟି.)**



ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। କୋହଲି ୯୨୮ ପଏଣ୍ଟ ସହ ବ୍ୟାଟିଂ ତାଲିକାରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍‌ଙ୍କ ଉପରେ ରହିଛନ୍ତି। କୋହଲିଙ୍କଠାରୁ ମାତ୍ର ୧୭ ପଏଣ୍ଟ କମ୍ ପାଇ ସ୍ମିଥ୍ (୯୧୧) ତାଲିକାର ୨ୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ତେବେ ଭାରତୀୟ ଟେଷ୍ଟ ଦଳର ଉପଅଧିନାୟକ ଅଜିଙ୍କ୍ୟ ରାହାନେ (୭୫୯) ଗୋଟିଏ ସ୍ଥାନ ତଳକୁ ଖସି ୯ମ ସ୍ଥାନ ହାସଲ କରିଛନ୍ତି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା (୭୯୧) ମଧ ପୂର୍ବଭଳି ୬ଷ୍ଠ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଅପରପକ୍ଷେ ଶୀର୍ଷ ଭାରତୀୟ ବୋଲର ଭାବେ ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ୍ ବୁମ୍‌ରା ବୋଲିଂ ବିଭାଗରେ ୬ଷ୍ଠ ସ୍ଥାନ ଲାଭ କରିଛନ୍ତି। ସେ ୭୯୪ ପଏଣ୍ଟ ପାଇଛନ୍ତି। ସେହିଭଳି ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୮ମରେ ରହିଥିବାବେଳେ ମହମ୍ମଦ ସାମି ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ସେ ବୋଲିଂ ତାଲିକାର ୯ମ ସ୍ଥାନ ଲାଭ କରିଛନ୍ତି। ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ୯୦୪ ପଏଣ୍ଟ ସହ ବୋଲିଂ ବିଭାଗର ସର୍ବାଗ୍ରେ ରହିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା (୪୦୬ ପଏଣ୍ଟ) ୩ୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଅଶ୍ୱିନ (୪ର୍ଥ) କିନ୍ତୁ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ଜାସନ ହୋଲ୍ଡର ଏହି ତାଲିକାର ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି।

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

## ସଂକ୍ଷେପରେ

### ଜଙ୍ଗଲରେ ପଡ଼ିଛି ରକ୍ତ

■ଆହତ ହାତୀର ଅନୁମାନ
■ଡ୍ରୋନ୍‌ରେ ତଲାସ ଜାରି

**ଢେଙ୍କାନାଳ ଅଫିସ, ୧।୨:** ଢେଙ୍କାନାଳ ଜିଲା ସଦର ରେଞ୍ଜ ଓଡ଼ାପଡ଼ା ବ୍ଲକ ୫୫ନଂ. ଜାତୀୟ ରାଜପଥର ପୋଡ଼ାପଡ଼ାରେ ଗୁରୁବାର ଟ୍ରକ୍ ଦୁର୍ଘଟଣାରେ ଏକ ହାତୀର ମୃତ୍ୟୁ ଘଟିଥିଲା। ଏଥିରେ ଗୁରୁତର ହୋଇ ଅନ୍ୟ ଏକ ହାତୀ ଜଙ୍ଗଲକୁ ପଳାଇଥିଲା। ଘଟଣାର ଦୁଇଦିନ ପରେ ହାତୀର ପତ୍ତା ମିଳୁନାହିଁ। ଶନିବାର ମଠରଗଡ଼ି ସଂରକ୍ଷିତ ଜଙ୍ଗଲ (ଏ) ନିକଟ ବହଣ୍ଡେଇ ଗ୍ରାମ୍ୟ ଜଙ୍ଗଲରେ ରକ୍ତଦାଗ ଠାବ କରାଯାଇଛି। ଏହା ଉକ୍ତ ଆହତ ହାତୀର ହୋଇଥାଇପାରେ ବୋଲି ବନ ବିଭାଗ କର୍ମଚାରୀ ଅନୁମାନ କରୁଛନ୍ତି। ଏ ନେଇ କର୍ମଚାରୀମାନେ ଡିଏଫ୍‌ଓଙ୍କୁ ଅବଗତ କରାଇଛନ୍ତି। ଅନ୍ୟପଟେ ଶୁକ୍ରବାର ରାତି ଏବଂ ଶନିବାର ଦିନତମାମ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀକୁ ଠାବ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ଏଥିରେ ସଫଳତା ମିଳିନାହିଁ। ଏ ନେଇ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ବହଣ୍ଡେଇ ଗ୍ରାମ୍ୟ ଜଙ୍ଗଲରେ ରକ୍ତଦାଗ ଦେଖିବାକୁ ମିଳିଛି। ଶନିବାର ରାତି ଏବଂ ରବିବାର ମଧ ଡ୍ରୋନ୍ ସହାୟତାରେ ହାତୀକୁ ଠାବ କରିବାକୁ ଉଦ୍ୟମ କରାଯିବ। ସେହିପରି କପିଳାସ ଚିଡିଆଖାନା ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରକୁ ଅଣାଯାଇଥିବା ନରହନ୍ତା ଦନ୍ତା ଗୋଡ଼ରେ ଶନିବାର ନୂଆ ଶିକୁଳି ଲଗାଯାଇଥିବା ସେ ସୂଚନା ଦେଇଛନ୍ତି।

### ଡିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**କାମାକ୍ଷାନଗର, ୧।୨(ଡି.ଏନ.ଏ.):** କାମାକ୍ଷାନଗର ପଞ୍ଚାୟତିରାଜ ହାଇସ୍କୁଲରେ ଗୁରୁବାର ଡିଇଓ ସୁଧାନନ୍ଦ ପରିଡ଼ାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାମାକ୍ଷାନଗର ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିନୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷା ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ନିମାଇଁ ଚରଣ ସ୍ୱାଇଁ, ମୁଖ୍ୟବକ୍ତା ଜିଲା ପରିଷଦ ଉପାଧକ୍ଷ କୋଦଣ୍ଡଧର ସାହୁ ଯୋଗଦେଇ ବିଦାୟୀ ଡିଇଓଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ଶିକ୍ଷାପ୍ରତି ସମର୍ପିତ ସୁଧାନନ୍ଦ ସବୁବେଳେ ଶିକ୍ଷା ବିଭାଗର ମାର୍ଗଦର୍ଶନ କରିବେ ବୋଲି ଅତିଥିମାନେ ମତ ରଖିଥିଲେ। ବିଇଓ ନିତ୍ୟାନନ୍ଦ ବାରିକ, ଅଜୟ ପାତ୍ର, ହରିହର ଦେହୁରୀ, ଶିକ୍ଷାବିତ୍ ମାୟାଧର ପାଣି, ସରକାରୀ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ପୃଷ୍ଟି, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମାଧ୍ୟମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ବିଭୂତି ସାମଲ, ବ୍ଲକ ଓଷ୍ଟା ସମ୍ପାଦକ ବିନୋଦ ସାହୁ, ଲୋକନାଥ ଷଡ଼ଙ୍ଗୀ, ବଟକୃଷ୍ଣ ଦାସ, ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାୟକ, ଶିକ୍ଷକ ନିରଞ୍ଜନ ସାହୁଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ବିଦାୟୀ ଡିଇଓଙ୍କ ସୁଖମୟ ଜୀବନ କାମନା କରିଥିଲେ। ପଞ୍ଚାୟତିରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଧନ୍ୟବାଦ ଦେଇଥିଲେ।

# ଆଜିଠାରୁ କ୍ରୀଡ଼ା ମହାକୁମ୍ଭ

**କାମାକ୍ଷାନଗର, ୧।୨(ଡି.ଏନ୍.ଏ.)**

■କାମାକ୍ଷାନଗର ସାଜିଛି ଗ୍ରାମାଞ୍ଚଳ କ୍ରୀଡ଼ାର ହବ୍
■୪ଦିନ ଧରି ଆୟୋଜିତ ହେବ ପ୍ରତିଯୋଗିତା
■ପ୍ରତିଭା ପ୍ରଦର୍ଶନ କରିବେ ୨୦୦୦ ଖେଳାଳି

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ରବିବାରଠାରୁ ଆରମ୍ଭ ହେଉଛି କ୍ରୀଡ଼ା ମହୋତ୍ସବ। ୪ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟସ୍ତରରୁ ପ୍ରାୟ ୨୦୦୦ ଖେଳାଳି ଅଂଶଗ୍ରହଣ କରିବେ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାଙ୍କ ବିକାଶ ଲାଗି ୬ବର୍ଷ ହେଲା ଆୟୋଜିତ ହୋଇଆସୁଛି ଏହି ପ୍ରତିଯୋଗିତା। କହିବାକୁ ଗଲେ କାମାକ୍ଷାନଗର ଏବେ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାଙ୍କ ବିକାଶର ହବ୍ ପାଲଟିଛି। ଭଲିବଲ୍, କବାଡ଼ି, ଫୁଟ୍‌ବଲ୍, ଥ୍ରୋବଲ୍ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରୀଡ଼ାବିତ୍ ଏବଂ ଗୁରୁମାନେ ଏକାଠି ହୋଇ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିବା ସହ ନିଜ ନିଜର ଅନୁଭୂତି ବାଣ୍ଟିବେ। ଏଥିରେ ପାରାଦୀପ ପୋର୍ଟ, ରେଳୱେ ବିଭାଗ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଓଡ଼ିଶା ପୋଲିସ ସମେତ ବିଭିନ୍ନ ଜିଲାର କ୍ଲବସ୍ତରୀୟ ଖେଳାଳିମାନେ ଯୋଗଦେବେ। ସମସ୍ତଙ୍କ ରହିବା, ଖାଇବା ଲାଗି ସୁବନ୍ଦୋବସ୍ତ କରାଯାଇଛି। ପ୍ରତିଯୋଗିତା ଶୁଭାରମ୍ଭ ପୂର୍ବରୁ କେତେକ ସ୍ଥାନରୁ ଖେଳାଳିମାନେ ଆସି ପହଞ୍ଚି ସାରିଲେଣି। ଏହାକୁ ନେଇ ସମଗ୍ର ସହରରେ ଭିନ୍ନ ବାତାବରଣ ସୃଷ୍ଟି ହୋଇଛି।

### ମିଳୁଛି ଦକ୍ଷତା ପ୍ରଦର୍ଶନର ସୁଯୋଗ



“କ୍ରୀଡ଼ା ଯେ କେବଳ ମନୋରଞ୍ଜନର ମାଧ୍ୟମ ତାହା ନୁହେଁ। ଶରୀର ସୁସ୍ଥ ରହିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଭଳି ମହୋତ୍ସବ ଆୟୋଜନ ଦ୍ୱାରା ବହୁ ଗ୍ରାମାଞ୍ଚଳର ଖେଳାଳି ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଏହା ସେମାନଙ୍କୁ ଆଗକୁ ବଢ଼ାଇବାରେ ସହାୟକ ହେଉଛି। ଏହାକୁ ଉପଭୋଗ କରିବା ସହ ମହୋତ୍ସବକୁ ସଫଳ କରାଇବା ପାଇଁ ସମସ୍ତଙ୍କୁ ନିବେଦନ କରାଯାଇଛି।

–ଆଦିତ୍ୟ କୁମାର ଆଚାର୍ଯ୍ୟ, ସମ୍ପାଦକ

### ସୃଷ୍ଟି ହେଉଛି ଭ୍ରାତୃଭାବ



“ବିଭିନ୍ନ ସ୍ଥାନରେ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମହୋତ୍ସବ ଆୟୋଜନ କରାଯାଉଛି। ହେଲେ କ୍ରୀଡ଼ା ମହୋତ୍ସବ କ୍ୱଚିତ ଦେଖିବାକୁ ମିଳେ। ଏହି ପ୍ରତିଯୋଗିତାରେ ଯୋଗଦେଉଥିବା ଖେଳାଳିମାନେ ଅନେକ କିଛି ଶିଖିବାର ସୁଯୋଗ ପାଇଥାନ୍ତି। ଏହାଦ୍ୱାରା ଭ୍ରାତୃଭାବ ସୃଷ୍ଟି ହେଉଛି। ଯୁବଗୋଷ୍ଠୀଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ସୃଷ୍ଟି କରିବାକୁ ଏହି କ୍ରୀଡ଼ା ମହୋତ୍ସବ ଆରମ୍ଭ କରାଯାଇଛି।

–ପ୍ରଫୁଲ୍ଲ କୁମାର ମଲ୍ଲିକ,
ମନ୍ତ୍ରୀ ତଥା କ୍ରୀଡ଼ା ମହୋତ୍ସବର ପ୍ରତିଷ୍ଠାତା

### ଉଦ୍ୟମ ପ୍ରଶଂସନୀୟ



“ଏପରି କ୍ରୀଡ଼ା ମହୋତ୍ସବ ଆୟୋଜନ କରିବାରେ ଆୟୋଜକଙ୍କ ଉଦ୍ୟମ ପ୍ରଶଂସନୀୟ। ଉପଖଣ୍ଡ କ୍ରୀଡ଼ା ସଂସଦ ସଭାପତି ଭାବେ ଏହାର ସୁପରିଚାଳନା କରିବା ଗୁରୁଦାୟିତ୍ୱ କାନ୍ଧରେ ରହିଛି। ଏଥିଲାଗି ବିଭିନ୍ନ କମିଟି ଗଠିତ ହୋଇଛି। ବାହାରୁ ଆସୁଥିବା ଖେଳାଳିମାନେ ହେଉଛନ୍ତି ଅତିଥି। ସେମାନଙ୍କ ରହିବା ଏବଂ ଖାଇବାରେ ଯେପରି ସମସ୍ୟା ନ ହୁଏ ସେଥିଲାଗି ପ୍ରଶାସନ ଯତ୍ନବାନ ରହିଛି।

–ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ,
ଉପଜିଲାପାଳ ତଥା ଉପଖଣ୍ଡ କ୍ରୀଡ଼ା ସଂସଦ ସଭାପତି

### ସଫଳ ହେଲେ ଉଦ୍ଦେଶ୍ୟ ସାଧିତ ହେବ



“ଏପରି ପ୍ରତିଯୋଗିତା ଆୟୋଜନ କରିବା ସାଧାରଣ କଥା ନୁହେଁ। ଏହା ସଫଳ ହେଲେ କ୍ରୀଡ଼ା ମହୋତ୍ସବର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ। ଏଥିଲାଗି ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତି ବର୍ଗର ଲୋକଙ୍କ ମତାମତ ନେଇ ଏଥିରେ ସାମିଲ କରାଯାଉଛି। ଶୁଭେଚ୍ଛୁ, ଅଞ୍ଚଳବାସୀ ସହାୟତାର ହାତ ବଢ଼ାଇଲେ ଏଠାରୁ ଜାତୀୟସ୍ତରୀୟ ପ୍ରତିଯୋଗୀ ବାହାରିପାରିବେ।

–ଧର୍ମାନନ୍ଦ ପରିଡ଼ା, ଉପସଭାପତି

## ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା

**ଅନୁଗୋଳ ଅଫିସ, ୧।୨-** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ସଂସଦରେ ଉପସ୍ଥାପନ କରିଥିବା ବଜେଟକୁ ନେଇ ଅନୁଗୋଳବାସୀ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି। ଚଳିତ ବଜେଟ୍‌ରେ ସେପରି କିଛି ଖାସ୍ ନ ଥିଲେ ମଧ ମୋଟାମୋଟି ଭାବେ ମିଶ୍ରିତ ବଜେଟ୍ ବୋଲି ଅନୁଗୋଳବାସୀ ମତ ଦେଇଛନ୍ତି।



ବିଶ୍ୱ ମାନ୍ଦାବସ୍ଥା ଦେଇ ଗତିକରୁଥିବା ବେଳେ ଭାରତୀୟ ବଜେଟ ଏକ ସନ୍ତୁଳିତ ବ୍ୟବସ୍ଥାକୁ ସ୍ଥାନ ଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଉପରେ କେନ୍ଦ୍ର ସରକାରଙ୍କ ଗୁରୁତ୍ୱ ସ୍ୱାଗତଯୋଗ୍ୟ। ଆଶାନୁରୂପ ବଜେଟ ହୋଇ ନ ଥିଲେ ମଧ ଏହା ଏକ ସନ୍ତୁଳିତ ବଜେଟ।

–ସୌମ୍ୟରଞ୍ଜନ ଦାସ, ଯୁବ ବ୍ୟବସାୟୀ



ଚଳିତ ବଜେଟ୍‌ରେ ଶିକ୍ଷା ଓ ସ୍ୱାସ୍ଥ୍ୟରେ ସେପରି ଅଧିକ ଅଭିବୃଦ୍ଧି ନାହିଁ। ସ୍କିଲ ଇଣ୍ଡିଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିନାହିଁ। ଏଥିରେ ମାତ୍ର ୩ ଶହ କୋଟିର ଅଭିବୃଦ୍ଧି ହୋଇଛି। ମାନ୍ଦାବସ୍ଥା ସମୟରେ ଏହା ଏକ ନିରାଶଜନକ ବଜେଟ୍।

–ସୂର୍ଯ୍ୟନାରାୟଣ ନାଥ
ରାଜ୍ୟ ସଂଯୋଜକ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ



କେନ୍ଦ୍ର ସରକାର ଉପସ୍ଥାପନ କରିଥିବା ବଜେଟ୍ ନୈରାଶ୍ୟ ଜନକ। ଏଥିରେ କିଛି ନୂତନତ୍ୱ ନ ଥିବାବେଳେ ପ୍ରତି ଜିଲାରେ ମେଡିକାଲ କଲେଜ୍ ପ୍ରତିଷ୍ଠା କରାଯିବା ନେଇ ସୁନେଲି ସ୍ୱପ୍ନ ଲୋକଙ୍କୁ ଦେଖାଯାଇଛି, ଯାହାକି ଭୂଆଁ ବୁଲାଇବା ସଙ୍ଗେ ସମାନ।

–ବିପ୍ଳବ ଜେନା, କଂଗ୍ରେସ ନେତା



କେନ୍ଦ୍ର ବଜେଟରେ କୃଷି ଉପରେ ଗୁରୁତ୍ୱ ଚାଷୀଙ୍କ ପାଇଁ ଭଲ ଖବର। ସେହିପରି ଘରୋଇ ଓ ସରକାରୀ ଭାଗୀଦାରିତାରେ ହସ୍ପିଟାଲ ନିର୍ମାଣ କରାଯିବା ସହ ଆୟୁଷ୍ମାନ୍ ଭାରତ ଯୋଜନାର ସୁଫଳ ପାଉ ନ ଥିବା ଅଞ୍ଚଳକୁ ଏଥିରେ ଯୋଡ଼ାଯିବା ସ୍ୱାଗତଯୋଗ୍ୟ।

–ବିଶ୍ୱରଞ୍ଜନ ପଟ୍ଟନାୟକ, ବୁଦ୍ଧିଜୀବୀ

## ଓଡ଼ିଆ କଳା ସଂସ୍କୃତି ସୁରକ୍ଷିତ ରହୁ



କାରୁବାକୀ ମହୋତ୍ସବରେ ନୃତ୍ୟଶିଳ୍ପୀ ଲିନା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧।୨**

**କାରୁବାକୀ ମହୋତ୍ସବ ଉଦ୍‌ଘାଟିତ**

ଢେଙ୍କାନାଳ ଦେଉଳସାହିସ୍ଥିତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଶତରୂପା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ କାରୁବାକୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଢେଙ୍କାନାଳ କଳା ସଂସ୍କୃତିର ମାଟି। ଓଡ଼ିଆ କଳା ସଂସ୍କୃତି ଯେପରି ଅପଭ୍ରଂଶ ନ ହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଜରୁରୀ। ଏହାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଆଇଆଇଏମ୍‌ସିର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ବିଶିଷ୍ଟ ବଂଶୀବାଦକ ଗଗନବିହାରୀ ନନ୍ଦ ପ୍ରମୁଖ ଯୋଗଦେଇ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ କାରୁବାକୀ ମହୋତ୍ସବ ଅନ୍ୟତମ ଶ୍ରେଷ୍ଠ ମଞ୍ଚ ବୋଲି ମତ ରଖିଥିଲେ। ଅନୁଷ୍ଠାନର ନୂତନ ସଭାପତି ଭାବେ ଅବସରପ୍ରାପ୍ତ ବିଚାରପତି ବାଦଲ ବିହାରୀ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଚଳିତବର୍ଷ ନୃତ୍ୟଗୁରୁ ଲିନା ନନ୍ଦଙ୍କୁ ରାଜ୍ୟସ୍ତରୀୟ କାରୁବାକୀ ନୃତ୍ୟ ସମ୍ମାନ, ଗୁରୁ ବ୍ରଜବନ୍ଧୁ ରଣସିଂହଙ୍କୁ ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ ଦୀପକ ମିଶ୍ର ସମ୍ବର୍ଦ୍ଧିତ ହୋଇଥିଲେ।

ଅନୁଷ୍ଠାନର ସମ୍ପାଦକ ତିମିରସୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶତରୂପା ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ନାଟ୍ୟକାର ସ୍ୱର୍ଗତ ବିପିନ ବିହାରୀ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଏକଲ ସଞ୍ଚ ସମ୍ମିଳନୀ

**ସାତମାଇଲ, ୧।୨(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ହାଟପଡ଼ିଆରେ ଶୁକ୍ରବାର ଖଜୁରିଆକଟା ଏବଂ ରାସୋଳ ସଞ୍ଚର ମିଳିତ ଆନୁକୂଲ୍ୟରେ ସଞ୍ଚ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ଭାଗ ସଭାପତି ଡା. ସୁଧାକର ପାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ମୁଖ୍ୟବକ୍ତା ଡା. ପ୍ରମୋଦ କୁମାର ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପ୍ରାବନ୍ଧିକ ଦଣ୍ଡଧର ପତି, ସମ୍ଭାଗ ପ୍ରଭାରୀ ଇଂ. ଅଶୋକ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଏକଲ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ପରମ୍ପରା, ସଂସ୍କୃତିକୁ ବଞ୍ଚାଇ ରଖିବାରେ ଏକଲ ଅଭିଯାନ ଭଲ ପ୍ରୟାସ କରୁଥିବା ମତପ୍ରକାଶ ପାଇଥିଲା। ଏହାପରେ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିରଜା ପ୍ରସାଦ ସାହୁ, ରଣଜିତ ବେହେରା, ବାନାମ୍ବର ପତି, ଗିରିଶ ସେଠୀ, ଅକାରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଶାଶୁଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୧।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାଲିଜେରେଙ୍ଗ ଗ୍ରାମର ଶାଶୁ ବୃନ୍ଦାବତୀ ପ୍ରଧାନଙ୍କୁ ତାଙ୍କ ବୋହୂ ଚନ୍ଦ୍ରିକା ପ୍ରଧାନ ମାଡ଼ ମାରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାରିବାରିକ କଳହକୁ ନେଇ ବୃନ୍ଦାବତୀ ଓ ଚନ୍ଦ୍ରିକାଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏଥିରେ ଚନ୍ଦ୍ରିକା ଉତ୍କ୍ଷିପ୍ତ ହୋଇ ଶାଶୁଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ବଇଣ୍ଡା,୧।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମର କର୍ଣ୍ଣ ବେହେରାଙ୍କୁ ସେହି ଗ୍ରାମର ଅରୁଣ ନାୟକ ଏକ ଲୁହା ପାଇପରେ ଆକ୍ରମଣ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୯/୨୦ରେ ଏକ ମାମଲା ରୁଜୁ କରି ଅରୁଣଙ୍କୁ ଶନିବାର ଗିରଫ କରି ଆଠମଲ୍ଲିକ କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଶୁକ୍ରବାର କର୍ଣ୍ଣ ଘରକୁ ଯାଉଥିବାବେଳେ ଅରୁଣ ଧରିଥିବା ଏକ ଲୁହା ପାଇପ ସାହାର୍ଯ୍ୟରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।




## ଦୀପ୍ତିଜ୍ୟୋତି ସୁପର ମଡେଲ



■ଏଆଇଡବ୍ଲ୍ୟୁଏ ପ୍ରତିଯୋଗିତାରେ ବାଜିମାରିଲେ
■ବଢ଼ାଇଲେ ଢେଙ୍କାନାଳ ଜିଲାର ଗୌରବ

**ଭୁବନ, ୧।୨(ଡି.ଏନ.ଏ.)**

ସର୍ବଭାରତୀୟସ୍ତରରେ ଆୟୋଜିତ ଏଆଇଡବ୍ଲ୍ୟୁଏ ସୁପର ମଡେଲ ପ୍ରତିଯୋଗିତାରେ ବାଜିମାତ୍ କରିଛନ୍ତି ଢେଙ୍କାନାଳ ଜିଲା ଭୁବନର ଦୀପ୍ତିଜ୍ୟୋତି ପଟ୍ଟନାୟକ (୨୪)। ବମ୍ବେରେ ଆୟୋଜିତ ଏହି ପ୍ରତିଯୋଗିତାରେ ୬ଜଣ ପୁଅ ଏବଂ ୬ଜଣ ଝିଅଙ୍କୁ ପଛରେ ପକାଇ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି ଦୀପ୍ତିଜ୍ୟୋତି। ଏହାପରେ ତାଙ୍କ ନିକଟକୁ ଛୁଟିଛି ପ୍ରଶଂସାର ସୁଅ।

ଭୁବନ ଏନ୍‌ଏସି ଅଧୀନ ୫ନଂ. ୱାର୍ଡରେ ଦୀପ୍ତିଜ୍ୟୋତି ଘର। ବି–ଟେକ୍ ସାରିବା ପରେ ସେ ଏବେ ଭୁବନେଶ୍ୱରରେ ରହୁଛନ୍ତି। ପିଲାଟି ଦିନରୁ ମଡେଲିଂ ଥିବା ଆଗ୍ରହ ତାଙ୍କୁ ଏହି ସଫଳତା ଆଣିଦେଇଛି। ଏ ନେଇ ଦୀପ୍ତିଜ୍ୟୋତି କହିଛନ୍ତି, ଜେଜେ ମା’ ସରୋଜବାଳା ଓ ଜେଜେ ବାପା ପଦ୍ମନାଭଙ୍କ ପ୍ରେରଣାରୁ ସେ ଏତେ ବାଟ ଆସିପାରିଛନ୍ତି। ଏହି ସଫଳତାରେ ମା’ ମିନତି ଏବଂ ବାପା ପ୍ରଭାତ ଖୁସି ବ୍ୟକ୍ତ କରିଛନ୍ତି। ଭୁବନ ନଟରାଜ କଳାବିକାଶ କେନ୍ଦ୍ରରୁ ନୃତ୍ୟ ପ୍ରଶିକ୍ଷଣ ନେଇ ସେ କଳାନୈପୁଣ୍ୟର ପରିଚୟ ଦେଇଥିଲେ। ତାଙ୍କୁ ଅଞ୍ଚଳର କଳାକାରଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ